# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 7/2025 | Page 20 | ₹ 7.00

୫୨ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 14 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND ®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ | Bhubaneswar, Sunday, December 7/2025 | ପୃଷ୍ଠା-୧




ପୁରୀରେ ଶନିବାର ୨ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍‌କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଜୋଶୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ।

# ୨୦୩୬ ସୁଦ୍ଧା ରାଜ୍ୟ ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ

**ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)**

ଓଡ଼ିଶା ଏବେ ବି ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ରାଜ୍ୟ ସରକାର ଗତ ଦେଢ଼ ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶା ଗ୍ରୀନ୍ ଏନର୍ଜି ହବ୍ ହେବ ବୋଲି ଶନିବାର ପୁରୀରେ ଅନୁଷ୍ଠିତ ୨ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍-୨୦୨୫କୁ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନ୍‌କୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି। ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ହ୍ରାସ କରି ଆମ ରାଜ୍ୟ ଗ୍ରୀନ ଏନର୍ଜି ହବ୍ ଭାବେ ଉଭା ହେବ। ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଶକ୍ତି କ୍ଷେତ୍ରରେ ଓଡ଼ିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି, କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ଓଡ଼ିଶା ପରି ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟିତ୍ୱ ହାସଲ କରିବା ପାଇଁ ଏହାଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ। ୨୦୧୪ ପୂର୍ବରୁ ସାରା ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ ଉତ୍ପାଦନ ଯଥେଷ୍ଟ ନ ଥିଲା। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା। ଏବେ ଏଥିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଓଡ଼ିଶା ସ୍ଥାୟୀ ଭାବେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଆମ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିଶନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଦାୟିତ୍ୱକୁ ହାସଲ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ଶିଳ୍ପନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

## ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍-୨୦୨୫ ଉଦ୍‌ଘାଟିତ

- ସୌରଶକ୍ତି କ୍ଷମତା ୧୧ବର୍ଷରେ ୨.୮ ଗିଗାୱାଟରୁ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି: କେନ୍ଦ୍ରମନ୍ତ୍ରୀ ଜୋଷୀ

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ନବୀକରଣୀୟ ଶକ୍ତି ଓ ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟଘର ଅନୁମୋଦନ ଘୋଷଣା କରିଥିଲେ। ଫଳରେ ରାଜ୍ୟର ୭ରୁ ୮ଲକ୍ଷ ଲୋକ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପର୍ନ୍ନ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ଥିବା୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଯୋଶୀ କହିଛନ୍ତି। ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଗ୍ଲୋବାଲ ଏନର୍ଜି ଲିଡର୍ସ ମିଟ୍ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇ ରହିଛି। ୨୦୩୦ ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ସୁଦ୍ଧା ଓଡ଼ିଶା ୧୦୦ବର୍ଷ ପୂରଣ କରିବ, ତେଣୁ ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସିଂହ ଦେଓ କହିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ୍, ରାଜସ୍ଥାନର ଶକ୍ତି ମନ୍ତ୍ରୀ ହୀରା ଲାଲ୍‌ନାଗର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ ଫର୍ ଗ୍ଲୋବାଲ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେଶନ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ୧୮,୦୦୦ ଟପିବନି ବିମାନ ଭଡ଼ା

ଇଣ୍ଡିଗୋ ବିଭ୍ରାଟ ଯୋଗୁ ୪ ଦିନ ଧରି ଭାରତରେ ବିମାନ ଉଡ଼ାଣ ସେବା ଘୋର ବାଧାପ୍ରାପ୍ତ ହୋଇଛି। ଇଣ୍ଡିଗୋରୁ ସେବା ପାଇପାରୁ ନ ଥିବାରୁ ଯାତ୍ରୀମାନେ ଅନ୍ୟ ଏୟାରଲାଇନ୍ସ ଆଡ଼େ ମୁହାଁଇଛନ୍ତି। 'ମହରଗରୁ ଯାଇ କାନ୍ତାରରେ ପଡ଼ିଲା' ଭଳି ଏୟାରଲାଇନ୍ସଗୁଡ଼ିକ ମନଇଚ୍ଛା ଭଡ଼ା ବଢ଼ାଇ ଚାଲିଥିବା ବେଳେ କେନ୍ଦ୍ର ସରକାର ଏଥିରେ ଅଙ୍କୁଶ ଲଗାଇଛନ୍ତି। ସାଧାରଣ ବିମାନଯାତ୍ରୀ ପାଇଁ ୧୮,୦୦୦ ଟଙ୍କା ମଧ୍ୟରେ ଭଡ଼ାକୁ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଇଣ୍ଡିଗୋ ଏୟାରଲାଇନ୍ସର ପାଇଲଟଙ୍କ ସାପ୍ତାହିକ ବିଶ୍ରାମକୁ ଛୁଟି ବିବେଚନା କରାଯିବ ନାହିଁ ବୋଲି ଡିଜିସିଏ କହିବା ପରେ ପାଇଲଟ ସଂଘ ପ୍ରତିବାଦ ଜଣାଇଛି। ନିର୍ଦ୍ଦିଷ୍ଟ ଏୟାରଲାଇନ୍ସ ପ୍ରତି କୋହଳ ମନୋଭାବକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି।

## ଅଙ୍କୁଶ ଲଗାଇଲା କେନ୍ଦ୍ର

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋର ବିମାନ ଉଡ଼ାଣରେ ଅତ୍ୟଧିକ ବିଳମ୍ବ ସମେତ ଅର୍ଦ୍ଧାଧିକ ବିମାନ ଉଡ଼ାଣ ବାତିଲ ଯୋଗୁ ବିଭିନ୍ନ ବିମାନବନ୍ଦରରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଅନ୍ୟ କେତେକ ଏୟାରଲାଇନ୍ସ ବିମାନ ଭଡ଼ା ଅତ୍ୟଧିକ ବୃଦ୍ଧି କରିଥିଲେ। ଏହାକୁ ନେଇ ଯାତ୍ରୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲାବେଳେ କେନ୍ଦ୍ର ସରକାର ଶନିବାର ଭଡ଼ା ଉପରେ ଅଙ୍କୁଶ ଲଗାଇଛନ୍ତି। ଅସ୍ୱାଭାବିକ ଭଡ଼ା ବୃଦ୍ଧିକୁ ☞ପୃଷ୍ଠା-୨

## ଇଣ୍ଡିଗୋ ପାଇଁ ନିୟମ କୋହଳ ପାଇଲଟ୍ ସଂଘର ପ୍ରତିବାଦ



ALPA
Airline Pilots' Association of India
Member of IFALPA
Date: 05th Dec 2025

To,
The Director General of Civil Aviation
Government of India
New Delhi

Subject: Strong Objection to Selective and Unsafe Dispensation Granted to IndiGo on FDTL CAR Implementation

Sir,
It is with profound concern and deep disappointment that we write to you regarding the recent selective dispensations granted to IndiGo Airlines in respect of the implementation of the revised FDTL CAR (Phase II).

ପାଇଲଟ୍ ସଂଘ ପକ୍ଷରୁ ଡିଜିସିଏକୁ ଦିଆଯାଇଥିବା ପତ୍ର।

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋର ବିମାନ ଉଡ଼ାଣ ୪ ଦିନ ଧରି ବାଧାପ୍ରାପ୍ତ ହେବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର ଉକ୍ତ ଏୟାରଲାଇନ୍ସ ପାଇଁ ଉଡ଼ାଣ ଡ୍ୟୁଟି ସମୟସୀମା (ଏଫ୍‌ଡିଟିଏଲ) ନିୟମକୁ କୋହଳ କରିଥିଲା। ଉକ୍ତ ଏୟାରଲାଇନ୍ସର ପାଇଲଟ୍‌ମାନଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ବିଭାଜନକାରୀ ରାଜନୀତି

**ଆଜିର ମନ୍ତବ୍ୟ**
ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶକୁ ଦାସତ୍ୱ ମାନସିକତାରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ହେବ। ସମ୍ପ୍ରତି ପ୍ରତ୍ୟେକ ସେକ୍ଟର ଉପନିବେଶୀୟ ମାନସିକତା ତ୍ୟାଗ କରିବା ସହିତ ଗର୍ବର ସହ ନୂଆ ସଫଳତା ପାଇଁ ଲକ୍ଷ୍ୟ ରଖୁଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






# ୨ ଡିଗ୍ରୀ ତଳେ ଶିମିଳିପାଳ

## ଥରୁଛି ମୟୂରଭଞ୍ଜ

**ବାରିପଦା,୬।୧୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୨ ଡିଗ୍ରୀ ତଳକୁ ଖସିଆସିଛି। ତାପମାତ୍ରା ହ୍ରାସ ପାଇଥିବାରୁ ବନ୍ୟପ୍ରାଣୀଙ୍କ ଉପରେ ପ୍ରଭାବ ପଡୁଛି। ଏଥିସହ ଅସହ୍ୟ ଶୀତରେ ଲୋକେ ହନ୍ତସନ୍ତ ହେଉଛନ୍ତି। ସନ୍ଧ୍ୟା ପୂର୍ବରୁ ସହର ଜନଶୂନ୍ୟ ହୋଇଯାଉଛି। ଜିଲାରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଲୋକେ ଦିନତମାମ ଶୀତବସ୍ତ୍ର ପରିଧାନ କରୁଛନ୍ତି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ରେକର୍ଡ ହୋଇଛି। ଶନିବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ☞ପୃଷ୍ଠା-୨

# ୧୭ ନୂତନ ପାଠ୍ୟପୁସ୍ତକକୁ ଅନୁମୋଦନ

## ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁହେବ




**ଭୁବନେଶ୍ୱର,୬।୧୨**
**(ସୁଚିସ୍ମିତା ସାହୁ)**

ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଭାବେ ବିକଶିତ ୧୭ଟି ପାଠ୍ୟପୁସ୍ତକକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ପ୍ରଥମଥର ପାଇଁ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅଧୀନରେ ଓଡ଼ିଶା ୫୫ଟି ନୂତନ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଶନିବାର ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ବିକାଶ ସମ୍ପର୍କିତ ଚତୁର୍ଥ କୋର୍ କମିଟି ବୈଠକରେ ୧୭ଟିକୁ ଅନୁମୋଦନ ମିଳିଛି। ଚଳିତବର୍ଷ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପାଠ୍ୟକ୍ରମ ରୂପରେଖ- ୨୦୨୫କୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହା ରାଜ୍ୟର ଆବଶ୍ୟକତା, ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରିବ। ସମସ୍ତ ନୂତନ ପାଠ୍ୟପୁସ୍ତକ ୨୦୨୬-୨୭ ଶିକ୍ଷାବର୍ଷରୁ ସମସ୍ତ ବିଦ୍ୟାଳୟରେ ଲାଗୁ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ରାଜ୍ୟ ପାଠ୍ୟକ୍ରମ ରୂପରେଖ ଓ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପୁସ୍ତକକୁ ଅତି କମ୍ ସମୟ ମଧ୍ୟରେ ବିକଶିତ କରି ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ପାଇଛି। ଏହା ମଧ୍ୟରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଶିକ୍ଷକମାନଙ୍କୁ ରାଜ୍ୟବ୍ୟାପୀ ନୂତନ ପାଠ୍ୟକ୍ରମ ରୂପରେଖ ଏବଂ ନୂତନ ପାଠ୍ୟପୁସ୍ତକର ଶ୍ରେଣୀରେ ସଫଳ ସଞ୍ଚାଳନ ବିଧି ସହିତ ପରିଚିତ କରାଇବା ପ୍ରକ୍ରିୟା ଆରମ୍ଭ କରିସାରିଛି। ପାଠ୍ୟପୁସ୍ତକ ବିକାଶ କରିବା ସମୟରେ ଓଡ଼ିଶାର ଇତିହାସ, ବିଜ୍ଞାନ, ଗଣିତ, ସାହିତ୍ୟ ଏବଂ କଳା ସହ ଜଡିତ ସ୍ଥାନୀୟ ଉଦାହରଣ, କାହାଣୀ ଏବଂ ସନ୍ଦର୍ଭକୁ ଅନ୍ତର୍ଭୁକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦ୍ଧତି ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ କାର୍ଯ୍ୟକଳାପରେ ଅଧିକ ନିୟୋଜିତ କରାଇବ ଓ ଜାତୀୟ ଶିକ୍ଷାନୀତି ୨୦୨୦ରେ ପରିକଳ୍ପନା କରାଯାଇଥିବା ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ ଏବଂ ସ୍ୱଭାବକୁ ସୁଦୃଢ଼ କରିବ। ବୈଠକରେ ବିଭାଗ ଅଧୀନ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।




# ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ | Bhubaneswar, Sunday, December 7/2025 | ପୃଷ୍ଠା-୧




ପୁରୀରେ ଶନିବାର ୨ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍‌କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଜୋଷୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

# ୧୮,୦୦୦ ଟପିବନି ବିମାନ ଭଡ଼ା

## ଅଙ୍କୁଶ ଲଗାଇଲା କେନ୍ଦ୍ର

ଇଣ୍ଡିଗୋ ବିଭ୍ରାଟ ଯୋଗୁ ୪ ଦିନ ଧରି ଭାରତରେ ବିମାନ ଉଡ଼ାଣ ସେବା ଘୋର ବାଧାପ୍ରାପ୍ତ ହୋଇଛି। ଇଣ୍ଡିଗୋରୁ ସେବା ପାଇପାରୁ ନ ଥିବାରୁ ଯାତ୍ରୀମାନେ ଅନ୍ୟ ଏୟାରଲାଇନ୍ସ ଆଡ଼େ ମୁହାଁଇଛନ୍ତି। 'ମହରଗରୁ ଯାଇ କାନ୍ତାରରେ ପଡ଼ିଲା' ଭଳି ଏୟାରଲାଇନ୍ସଗୁଡ଼ିକ ମନଇଚ୍ଛା ଭଡ଼ା ବଢ଼ାଇ ଚାଲିଥିବା ବେଳେ କେନ୍ଦ୍ର ସରକାର ଏଥିରେ ଅଙ୍କୁଶ ଲଗାଇଛନ୍ତି। ସାଧାରଣ ବିମାନଯାତ୍ରା ପାଇଁ ୧୮,୦୦୦ ଟଙ୍କା ମଧ୍ୟରେ ଭଡ଼ାକୁ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଇଣ୍ଡିଗୋ ଏୟାରଲାଇନ୍ସର ପାଇଲଟଙ୍କ ସାପ୍ତାହିକ ବିଶ୍ରାମକୁ ଛୁଟି ବିବେଚନା କରାଯିବ ନାହିଁ ବୋଲି ଡିଜିସିଏ କହିବା ପରେ ପାଇଲଟ ସଂଘ ପ୍ରତିବାଦ ଜଣାଇଛି। ନିର୍ଦ୍ଦିଷ୍ଟ ଏୟାରଲାଇନ୍ସ ପ୍ରତି କୋହଳ ମନୋଭାବକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି।

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋର ବିମାନ ଉଡ଼ାଣରେ ଅତ୍ୟଧିକ ବିଳମ୍ବ ସମେତ ଅର୍ଦ୍ଧାଧିକ ବିମାନ ଉଡ଼ାଣ ବାତିଲ ଯୋଗୁ ବିଭିନ୍ନ ବିମାନବନ୍ଦରରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଅନ୍ୟ କେତେକ ଏୟାରଲାଇନ୍ସ ବିମାନ ଭଡ଼ା ଅତ୍ୟଧିକ ବୃଦ୍ଧି କରିଥିଲେ। ଏହାକୁ ନେଇ ଯାତ୍ରୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲାବେଳେ କେନ୍ଦ୍ର ସରକାର ଶନିବାର ଭଡ଼ା ଉପରେ ଅଙ୍କୁଶ ଲଗାଇଛନ୍ତି। ଅସ୍ୱାଭାବିକ ଭଡ଼ା ବୃଦ୍ଧିକୁ ☞ପୃଷ୍ଠା-୨

### ଇଣ୍ଡିଗୋ ପାଇଁ ନିୟମ କୋହଳ
### ପାଇଲଟ୍ ସଂଘର ପ୍ରତିବାଦ



ALPA
Airline Pilots' Association of India
Member of IFALPA

Date : 05th Dec 2025

To,
The Director General of Civil Aviation
Government of India
New Delhi

Subject: Strong Objection to Selective and Unsafe Dispensation Granted to IndiGo on FDTL CAR Implementation

Sir,
It is with profound concern and deep disappointment that we write to you regarding the recent selective dispensations granted to IndiGo Airlines in respect of the implementation of the revised FDTL CAR (Phase II). This decision, taken despite repeated representations, formal letters, and direct discussions with your esteemed office, has undermined the very spirit of the FDTL regulations and gravely compromised the safety of the flying public.

During our meeting on 24 November 2025, it was unequivocally agreed that no dispensation, exemption, or variation, particularly those motivated by commercial interests would be granted to any operator. The consensus was clear: FDTL norms exist solely to safeguard human life, and any dilution of these limits would expose pilots, passengers, and aircraft to unacceptable risks.

Yet, in complete contradiction to this understanding, your office has extended selective dispensation to IndiGo for Phase II implementation, allowing them to operate beyond the safety envelope prescribed by the CAR.
On the pretext of passenger inconvenience, IndiGo is seeking relief despite having knowingly increased their Winter operations while being fully aware of the Phase II implementation of the FDTL CAR.

What is even more alarming is that Phase II itself already includes many dispensations tailor made to the operators selectively, intended as a transitional relaxation to assist operators. Despite this built-in relief, your office has granted further selective dispensations exclusively to IndiGo, creating a situation where an operator already benefitting from relaxed provisions is given additional layers of relaxation on top of it, without any safety justification. Such a precedent is not only indefensible but also dangerous.

All operators had almost two years to implement the new FDTL, and that too in two phases. Even with this ample time, IndiGo failed to organise its roster and instead increased its operations for Winter 2025 which was approved by your office. It is equally questionable how such large-scale disruptions surfaced 35 days after the implementation of Phase II on 1st November 2025 which was informed to them well in advance. These events raise serious concerns that an artificial crisis was engineered to exert pressure on the government for commercial gain under the pretext of "public inconvenience.

Our strongest objection is to the nature of the dispensations granted. Not only has the night definition been relaxed, but the permitted number of landings encroaching night has been doubled, from two to four, directly contradicting the original CAR issued by the DGCA. Such modifications fundamentally dilute the protective intent of the regulation and jeopardise pilot alertness and flight safety.

By granting these layered, selective dispensations, the DGCA/Government of India has effectively acknowledged that IndiGo pilots will now fly with reduced rest and increased fatigue, placing their passengers at elevated risk compared to passengers of other airlines. Aviation safety norms cannot differ from airline to airline based on commercial interests.

ପାଇଲଟ୍ ସଂଘ ପକ୍ଷରୁ ଡିଜିସିଏକୁ ଦିଆଯାଇଥିବା ପତ୍ର ।

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋର ବିମାନ ଉଡ଼ାଣ ୪ ଦିନ ଧରି ବାଧାପ୍ରାପ୍ତ ହେବା ପରେ ବେସାମରିକ ବମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର ଉକ୍ତ ଏୟାରଲାଇନ୍ସ ପାଇଁ ଉଡ଼ାଣ ଡ୍ୟୁଟି ସମୟସୀମା (ଏଫ୍‌ଡିଟିଏଲ୍) ନିୟମକୁ କୋହଳ କରିଥିଲା। ଉକ୍ତ ଏୟାରଲାଇନ୍ସର ପାଇଲଟ୍‌ମାନଙ୍କ ☞ପୃଷ୍ଠା-୨

# ୨୦୩୬ ସୁଦ୍ଧା ରାଜ୍ୟ ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ

**ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)**

ଓଡ଼ିଶା ଏବେ ବି ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ରାଜ୍ୟ ସରକାର ଗତ ଦେଢ଼ ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶା ଗ୍ରୀନ୍ ଏନର୍ଜି ହବ୍ ହେବ ବୋଲି ଶନିବାର ପୁରୀରେ ଅନୁଷ୍ଠିତ ୨ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍-୨୦୨୫କୁ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନ୍‌କୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି। ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ହ୍ରାସ କରି ଆମ ରାଜ୍ୟ ଗ୍ରୀନ ଏନର୍ଜି ହବ୍ ଭାବେ ଉଭା ହେବ। ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଶକ୍ତି କ୍ଷେତ୍ରରେ ଓଡ଼ିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି, କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ଓଡ଼ିଶା ପରି ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟିତ୍ୱ ହାସଲ କରିବା ପାଇଁ ଏହାଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ। ୨୦୧୪ ପୂର୍ବରୁ ସାରା ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ ଉତ୍ପାଦନ ଯଥେଷ୍ଟ ନ ଥିଲା। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା। ଏବେ ଏଥିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଓଡ଼ିଶା ସ୍ଥାୟୀ ଭାବେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଆମ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିଶନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଦାୟିତ୍ୱକୁ ହାସଲ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ଶିଳ୍ପନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

### ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍-୨୦୨୫ ଉଦ୍‌ଘାଟିତ

- ସୌରଶକ୍ତି କ୍ଷମତା ୧୧ବର୍ଷରେ ୨.୮ ଗିଗାୱାଟରୁ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି: କେନ୍ଦ୍ରମନ୍ତ୍ରୀ ଜୋଷୀ

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ନବୀକରଣୀୟ ଶକ୍ତି ଓ ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟଘର ଅନୁମୋଦନ ଘୋଷଣା କରିଥିଲେ। ଫଳରେ ରାଜ୍ୟର ୭ରୁ ୮ଲକ୍ଷ ଲୋକ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ଥିବା୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଯୋଶୀ କହିଛନ୍ତି। ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଗ୍ଲୋବାଲ ଏନର୍ଜି ଲିଡର୍ସ ମିଟ୍ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇ ରହିଛି। ୨୦୩୦ ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ସୁଦ୍ଧା ଓଡ଼ିଶା ୧୦୦ବର୍ଷ ପୂରଣ କରିବ, ତେଣୁ ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସିଂହ ଦେଓ କହିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ୍, ରାଜସ୍ଥାନର ଶକ୍ତି ମନ୍ତ୍ରୀ ହୀରା ଲାଲ୍‌ନାଗର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ ଫର୍ ଗ୍ଲୋବାଲ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେଶନ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜିର ସମ୍ପାଦକୀୟ
ବିଭାଜନକାରୀ ରାଜନୀତି

### ଆଜିର ମନ୍ତବ୍ୟ
"ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶକୁ ଦାସତ୍ୱ ମାନସିକତାରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ହେବ। ସମ୍ପ୍ରତି ପ୍ରତ୍ୟେକ ସେକ୍ଟର ଉପନିବେଶୀୟ ମାନସିକତା ତ୍ୟାଗ କରିବା ସହିତ ଗର୍ବର ସହ ନୂଆ ସଫଳତା ପାଇଁ ଲକ୍ଷ୍ୟ ରଖିଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






# ୨ ଡିଗ୍ରୀ ତଳେ ଶିମିଳିପାଳ

## ଥରୁଛି ମୟୂରଭଞ୍ଜ

**ବାରିପଦା,୬।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୨ ଡିଗ୍ରୀ ତଳକୁ ଖସିଆସିଛି। ତାପମାତ୍ରା ହ୍ରାସ ପାଇଥିବାରୁ ବନ୍ୟପ୍ରାଣୀଙ୍କ ଉପରେ ପ୍ରଭାବ ପଡୁଛି। ଏଥିସହ ଅସହ୍ୟ ଶୀତରେ ଲୋକେ ହନ୍ତସନ୍ତ ହେଉଛନ୍ତି। ସନ୍ଧ୍ୟା ପୂର୍ବରୁ ସହର ଜନଶୂନ୍ୟ ହୋଇଯାଉଛି। ଜିଲାରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଲୋକେ ଦିନତମାମ ଶୀତବସ୍ତ୍ର ପରିଧାନ କରୁଛନ୍ତି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ରେକର୍ଡ ହୋଇଛି। ଶନିବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ☞ପୃଷ୍ଠା-୨

# ୧୭ ନୂତନ ପାଠ୍ୟପୁସ୍ତକକୁ ଅନୁମୋଦନ

## ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁହେବ



**ଭୁବନେଶ୍ୱର,୬।୧୨ (ସୁଚିସ୍ମିତା ସାହୁ)**

ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଭାବେ ବିକଶିତ ୧୭ଟି ପାଠ୍ୟପୁସ୍ତକକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ପ୍ରଥମଥର ପାଇଁ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅଧୀନରେ ଓଡ଼ିଶା ୫୫ଟି ନୂତନ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଶନିବାର ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ବିକାଶ ସମ୍ପର୍କିତ ଚତୁର୍ଥ କୋର୍ କମିଟି ବୈଠକରେ ୧୭ଟିକୁ ଅନୁମୋଦନ ମିଳିଛି।

ଚଳିତବର୍ଷ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପାଠ୍ୟକ୍ରମ ରୂପରେଖ- ୨୦୨୫କୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହା ରାଜ୍ୟର ଆବଶ୍ୟକତା, ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରିବ। ସମସ୍ତ ନୂତନ ପାଠ୍ୟପୁସ୍ତକ ୨୦୨୬-୨୭ ଶିକ୍ଷାବର୍ଷରୁ ସମସ୍ତ ବିଦ୍ୟାଳୟରେ ଲାଗୁ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ରାଜ୍ୟ ପାଠ୍ୟକ୍ରମ ରୂପରେଖ ଓ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପୁସ୍ତକକୁ ଅତି କମ୍ ସମୟ ମଧ୍ୟରେ ବିକଶିତ କରି ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ପାଇଛି। ଏହା ମଧ୍ୟରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଶିକ୍ଷକମାନଙ୍କୁ ରାଜ୍ୟବ୍ୟାପୀ ନୂତନ ପାଠ୍ୟକ୍ରମ ରୂପରେଖ ଏବଂ ନୂତନ ପାଠ୍ୟପୁସ୍ତକର ଶ୍ରେଣୀରେ ସଫଳ ସଞ୍ଚାଳନ ବିଧି ସହିତ ପରିଚିତ କରାଇବା ପ୍ରକ୍ରିୟା ଆରମ୍ଭ କରିସାରିଛି। ପାଠ୍ୟପୁସ୍ତକ ବିକାଶ କରିବା ସମୟରେ ଓଡ଼ିଶାର ଇତିହାସ, ବିଜ୍ଞାନ, ଗଣିତ, ସାହିତ୍ୟ ଏବଂ କଳା ସହ ଜଡିତ ସ୍ଥାନୀୟ ଉଦାହରଣ, କାହାଣୀ ଏବଂ ସନ୍ଦର୍ଭକୁ ଅନ୍ତର୍ଭୁକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦ୍ଧତି ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ କାର୍ଯ୍ୟକଳାପରେ ଅଧିକ ନିୟୋଜିତ କରାଇବ ଓ ଜାତୀୟ ଶିକ୍ଷାନୀତି ୨୦୨୦ରେ ପରିକଳ୍ପନା କରାଯାଇଥିବା ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ ଏବଂ ସ୍ୱଭାବକୁ ସୁଦୃଢ଼ କରିବ। ବୈଠକରେ ବିଭାଗ ଅଧୀନ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଲ୍ ଓଡ଼ିଶା ଓପନ୍ ୟୋଗାସନସ୍ ଚାମ୍ପିୟନ୍ ୨୦୨୫, ସ୍ଥାନ: ବ୍ଲିସ୍‌ଫୁଲ୍ ୟୋଗା ସେଣ୍ଟର, ସମୟ: ସକାଳ ୮ଟା।
- ଭାଷା ସଂସ୍କୃତି ସମାଜ ପକ୍ଷରୁ ବାର୍ଷିକ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ୟୁନିଟ୍ ୩, ଖାରବେଳ ନଗର, ସମୟ: ସକାଳ ୯ଟା।
- ଓଡ଼ିଶା ବାଗେଶ୍ୱର ଧାମ ପକ୍ଷରୁ ହନୁମାନ ଚାଳିଶା, ସୁନ୍ଦରକାଣ୍ଡ ପାଠ ସହ ବନ୍ଧୁମିଳନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦେଶ୍ୱରୀ ମନ୍ଦିର, ବାଣୀବିହାର ୟୁନିଭର୍ସିଟି କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପବ୍ଲିକ୍ ଲାଇବ୍ରେରି କନ୍‌ଫରେନ୍ସ ୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ଓ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ, ଭଦ୍ରକଙ୍କ ପକ୍ଷରୁ ୩୮ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ୍ ପକ୍ଷରୁ ସୂର୍ଯ୍ୟକ୍ଷେତ୍ର ନ୍ୟାଶନାଲ ଏକ୍ସିଲେନ୍ସି ଆୱାର୍ଡ ୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆରିଫିନ୍ କିଡ୍‌ଜ ପକ୍ଷରୁ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗ ମହୋତ୍ସବ ପାଳନ, ସ୍ଥାନ: ବିପିନ୍ ବିହାରୀ ଚୌଧୁରୀ ଡିଇଏଏଫ୍, ସ୍କୁଲ, ପ୍ରଦର୍ଶନୀ ପଡିଆ ନିକଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ଲାଣ୍ଟ ଲଭର୍ ଆସୋସିଏଶନ୍ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ପେଣ୍ଟିଂ ଏବଂ ପୋଷ୍ଟର ପ୍ରତିଯୋଗିତା, ସ୍ଥାନ: ଇନ୍ଦିରାଗାନ୍ଧୀ ପାର୍କ, ସମୟ: ଅପରାହ୍ନ ୨ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ଅପରାହ୍ନ ୩ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

## କଟକ

- ଗୁଜରାଟ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଦତ୍ତ ପ୍ରାଣୀ ଆମ୍ବୁଲାନ୍ସର ଶୁଭ ଉଦ୍‌ଘାଟନ, ସ୍ଥାନ: ଶହୀଦ ଭବନ, ଚୌଧୁରୀବଜାର, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଦୈନିକ ପୃଷ୍ଠଭୂମିର ୩୧ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସକାଳ ୯ଟା।
- ଦି ୟୁଥ ୱିଙ୍ଗ ଆସୋସିଏଶନ ପକ୍ଷରୁ ବହୁମୁଖୀ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସିଡିଏ ସେକ୍ଟର-୬, ସମୟ: ସକାଳ ୯ଟା ୩୦।
- ଦି ଉତ୍କଳ ପୋଷ୍ଟାଲ ଆଣ୍ଡ ଆର୍‌ଏମଏସ୍ କୋଅପରେଟିଭ ସୋସାଇଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଫ୍ୟାସନ ଡିଜାଇନିଂ ସଂସ୍ଥା 'ସ୍ୱା' ପକ୍ଷରୁ ଏକଦିବସୀୟ ଫ୍ୟାଶନ ଡିଜାଇନ ପ୍ରତିଯୋଗିତା, ସ୍ଥାନ: ଶ୍ରୁତି ବିଲଡିଂ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ବାର୍ଷିକ ସର୍ବଭାରତୀୟ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଉଦ୍‌ଯାପନୀ ସମାରୋହ, ସ୍ଥାନ: ବୁଦ୍ଧିସାହୁ ହାଇସ୍କୁଲ ପଡ଼ିଆ, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରାପ୍ତି ସମ୍ପର୍କରେ ପରିଚାଳନା ବୋର୍ଡର ଏକ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବିନାୟକ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଭୋଲାନାଥ ବିଦ୍ୟାପୀଠ, ସମୟ: ସକାଳ ୮ଟା୩୦।
- ଓଡ଼ିଶା ଆର୍ଟ ଆଣ୍ଡ୍ ଲିଟରେଚର ଫେଷ୍ଟିଭାଲ୍, ସ୍ଥାନ: ସଂସ୍କୃତି ଭବନ, ସମୟ ପୂର୍ବାହ୍ନ ୧୦ଟା।
- କୁରାଳ ମହସଂଘର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୧ ଟା।
- ସିଆଇଟିୟୁର ପୁରୀ ଜିଲା ସମ୍ମିଳନୀ, ସ୍ଥାନ: କୁଳମଣି ଭବନ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ଇ ଅଟୋ ରୋଗୀ ସେବା ଶୁଭାରମ୍ଭ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କୁରାଡ଼ମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜଟଣୀ ପୁସ୍ତକ ମେଳା ସମିତିର ତ୍ରୟୋବିଂଶତିତମ ପୁସ୍ତକ ମେଳା ଶୁଭାରମ୍ଭ, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ଅପରାହ୍ନ ୪ଟା।
- ଗୀତା ଜୟନ୍ତୀ ଉତ୍ସବ, ସ୍ଥାନ: ଗୀତାଭବନ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ୫୯ତମ ଶ୍ରାଦ୍ଧ ସମାରୋହ, ସ୍ଥାନ: ଧୁଷୁରୀ ପୂଜ୍ୟପୂଜା ଭବନ, ଧାମନଗର, ସମୟ: ଅପରାହ୍ନ ୩ଟା ୩୦।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବେତାଳିଗାଁ କଲେଜ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର

- କେନ୍ଦୁଝର ସାହିତ୍ୟ ସଂସ୍କୃତି କଳା ପ୍ରତିଷ୍ଠାନର ସ୍ୱତନ୍ତ୍ର ଆଲୋଚନା ସଭା, ସ୍ଥାନ: ସଂସ୍କୃତି ଭବନ କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘଟଗାଁ ମା' ତାରିଣୀଙ୍କ ସମନ୍ୱିତ ପ୍ରକଳ୍ପର ଶିଳାନ୍ୟାସ ଓ ସାଧାରଣ ସଭା, ସ୍ଥାନ: ଘଟଗାଁ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନସିପାଲିଟି କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ ଟା।
- ସିନେ ତାରକା ପପୁ ପମ୍‌ପମ୍ ଓ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ରାତି ୭ ଟା।

## ବ୍ରହ୍ମପୁର

- ରାଜ୍ୟସ୍ତରୀୟ ଏକବିଂଶ ତମ ସାରସ୍ୱତ ସମାବେଶ, ସ୍ଥାନ: ଭାଷା ଭବନ, ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ୧୦ ଟା।
- ଘରୋଇ ବିଦ୍ୟାଳୟ ମହାସଂଘର ସାଧାରଣ ବୈଠକ, ସ୍ଥାନ: ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବୁଗୁଡ଼ା, ପିପୁଲ୍ଲ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ସକାଳ ୯ ଟା।
- ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହର ଶୁଭ ଉଦ୍‌ଘାଟନ, ସ୍ଥାନ: ବୁଗୁଡ଼ା ପ୍ରାଣୀ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ଟାଉନ୍ ହଲ୍ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର

- ଉର୍ମିଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଶ୍ରମିକ ଭବନ ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବନ୍ଦର ଅର୍ଥ ବିଭାଗ ପକ୍ଷରୁ ନାଟକ 'ଭୟ' ପରିବେଷଣ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତି ଦିବସ, ସ୍ଥାନ: ଦୀନବନ୍ଧୁ ଆଇନ ମହାବିଦ୍ୟାଳୟ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଗୁରୁଚରଣ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ସଭା, ସ୍ଥାନ:ଜିଲା ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ପତ୍ରିକା ଶୁଭ ସକାଳର ଏକାଦଶ ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼

- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସରେ ବୈଦେଶ୍ୱର ବନାମ ଖଳିସାହି, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ସ୍ଥାନ: ଗୁଣପୁର ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବ ତୋଟା, ସମୟ: ସକାଳ ୮ଟା ୩୦।
- ମା ମାଣିକେଶ୍ୱରୀ ସାହିତ୍ୟ-ସଂସ୍କୃତି ଓ କଳା ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଗୁଡାରୀ ମୁଖ୍ୟ ରାସ୍ତା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଖାତିଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଏସ୍‌ଏଫ ପକ୍ଷରୁ ଗଣଦୌଡ଼, ସ୍ଥାନ: ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ସକାଳ ୬ଟା।

## ମାଲକାନଗିରି

- ଚିତ୍ରକୋଣ୍ଡା ନିଗମାନନ୍ଦ ଆଶ୍ରମ ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଚିତ୍ରକୋଣ୍ଡା, ସମୟ: ସକାଳ ୬ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ପଥୋତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡିଏନ୍‌କେ ଛକ, ସମୟ: ସକାଳ ୭ ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା , ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ମେଗା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ମାହେଶ୍ୱରୀ ମହୋତ୍ସବ, ସ୍ଥାନ: କୋଶଳ କଳା ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ରାଉରକେଲା ବ୍ରହ୍ମକୁମାରୀ ପକ୍ଷରୁ ୱାକରାଲି, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦।
- ଭାରତ ବିକାଶ ପରିଷଦ ପକ୍ଷରୁ ଭାରତ କୋ ଜାନୋ କୁଇଜ୍
- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ବିମାନବନ୍ଦର, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

## ବରଗଡ଼

- ଜିଲାସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୮ଟା।
- ବରଗଡ଼ ବିଧାୟକଙ୍କ ଧନୁଯାତ୍ରା ଆଖଡ଼ାଶାଳ ପରିଦର୍ଶନ, ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ବରପାଲି ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ମୂର୍ଚ୍ଛନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ କୁବେର ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ନୀଳଚକ୍ର ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ ପାରିଜାତ ପେଲେସ, ବୌଦ୍ଧ, ସମୟ: ୯ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ : ଦେବଗଡ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଜିଲା ମୁଖ୍ୟଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗରେ ଆଲୋଚନା, ସ୍ଥାନ: ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ , ସ୍ଥାନ: ଦେବଗଡ, ମଠ ସାହି ମା' କନକ ଦୁର୍ଗା ମନ୍ଦିର , ସମୟ : ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ବ୍ଲକ ଛକ ସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣି ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଚିନାଯୁରୀ ପୂଜା ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଅଭିଭାବକଙ୍କ ଶୈକ୍ଷିକ ବୈଠକ, ସ୍ଥାନ: ଡୁଙ୍ଗୁରିପାଲ ଶିଶୁ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୩ଟା୩୦।
- ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମ ଅଲେଖ ମହିମା ଯଜ୍ଞ, ସ୍ଥାନ: ବିନିକା, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କଲେଜ ଖେଳପଡିଆ ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ମହୋତ୍ସବ ପାଇଁ ପ୍ରତିଭା ଚୟନ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କାଞ୍ଚନବେନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ଖରିଆର ରୋଡ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୂଆପଡା ସଦର ବ୍ଲକ ଜାମପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଲିଙ୍ଗଭିତ୍ତିକ ହିଂସା ଦିବସ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ପୂଝାରୀପାଲିଠାରେ ଯକ୍ଷ୍ମା ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କମ୍ୟୁନିଟି ହଲ, ପୂଝାରୀପାଲି, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ମନମୋହନ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ଗୋରୀ କଳା ବେଉସା**
**ନିତି ଖାଉଥାଏ ଟାଙ୍ଗିଆ ପଶା ।**

ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପାଇଁ ଠିକ୍ ସମୟ ରହିଥାଏ। ଜୀବନର ଠିକ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡ଼େ, ବହୁ ଧାଁ ଦୌଡ଼ କରିବାକୁ ପଡ଼ିଥାଏ। ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ ଯୋଗୁ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଲି ଗଲି**
**ଯାହା ଦେଖିଲି ତାହା କହିଲି ।**

ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତକଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପରଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜାନୁଆରୀ ୨୦ରେ ଓଏସ୍‌ଏସ୍‌ଟିଇଟି

**ଆରମ୍ଭ ହେଲା ଫର୍ମପୂରଣ**

**କଟକ,୬।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ୨୦୨୫ ଆସନ୍ତା ଜାନୁଆରୀ ୨୦ରେ ଅନୁଷ୍ଠିତ ହେବ। ଦୁଇଟି ସିଟିଂରେ ପରୀକ୍ଷା ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧.୩୦ ଏବଂ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ୪.୩୦ ଯାଏ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍‌ଲାଇନ ଫର୍ମପୂରଣ ପ୍ରକ୍ରିୟା ଡିସେମ୍ବର ୬ ତାରିଖ ଶନିବାରଠାରୁ ଆରମ୍ଭ ହୋଇଛି। ଫର୍ମପୂରଣ ପ୍ରକ୍ରିୟା ଡିସେମ୍ବର ୧୭ ତାରିଖ ମଧ୍ୟରାତ୍ର ଯାଏ ୨୪ ଘଣ୍ଟିଆ ଚାଲୁରହିବ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଲିଙ୍କ୍ ଉପଲବ୍ଧ ରହିଛି। ଫର୍ମପୂରଣ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା, ପାଠ୍ୟକ୍ରମ ଓ ନିର୍ଦ୍ଦେଶାବଳୀ ମଧ୍ୟ ୱେବ୍‌ସାଇଟ୍‌ରେ ରହିଛି। ସେହିପରି ଜାନୁୟାରୀ ୧୦ରେ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଆଡ୍‌ମିଟ୍ କାର୍ଡ ଯୋଗାଇ ଦିଆଯିବ। ଆବେଦନରେ କୌଣସି ମିଥ୍ୟା ତଥ୍ୟ ଅଥବା ତ୍ରୁଟି ପରିଲକ୍ଷିତ ହେଲେ ଫର୍ମପୂରଣ ନାକଚ ହେବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍‌ଲାଇନ ରେଜିଷ୍ଟ୍ରେଶନ ବେଳେ ପ୍ରଦତ୍ତ ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି, ବିଷୟ ଆଦି ପରବର୍ତ୍ତୀ ସମୟରେ ବଦଳା ଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୧୮,୦୦୦ ଟପିବନି ...

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗମ୍ଭୀରତାର ସହ ନେଇଛି। କୌଣସି ପ୍ରକାର ସୁବିଧାବାଦୀ ଦର ଧାର୍ଯ୍ୟରୁ ଯାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ମନ୍ତ୍ରଣାଳୟ ପଦକ୍ଷେପ ନେଇଛି। ପ୍ରଭାବିତ ହୋଇଥିବା ସମସ୍ତ ରୁଟ୍‌ରେ ନିରପେକ୍ଷ ଏବଂ ଯୁକ୍ତିସଙ୍ଗତ ଭଡ଼ା ସୁନିଶ୍ଚିତ କରିବାକୁ ମନ୍ତ୍ରଣାଳୟ କହିଛି। ସବୁଠୁ କମ୍ ଦୂରତାଠାରୁ ସର୍ବାଧିକ ଦୂରତା ପର୍ଯ୍ୟନ୍ତ ଘରୋଇ ରୁଟ୍ ପାଇଁ ନୂତନ ଭାବେ ଧାର୍ଯ୍ୟ ଭଡ଼ା ୭,୫୦୦ରୁ ୧୮,୦୦୦ ଟଙ୍କା ମଧ୍ୟରେ ସୀମିତ ରଖିବା ନିଷ୍ପତ୍ତିକୁ ସମସ୍ତ ଏୟାରଲାଇନ୍ସ କଡ଼ାକଡ଼ି ପାଳନ କରିବାକୁ ହେବ। ତଦନୁଯାୟୀ, ୫୦୦ କି.ମି. ଦୂରତା ପର୍ଯ୍ୟନ୍ତ ବିମାନଯାତ୍ରା ପାଇଁ ୭,୫୦୦ ଟଙ୍କା ଭଡ଼ା ଦେବାକୁ ହେବ। ସେହିପରି ୫୦୦ରୁ ୧,୦୦୦ କିଲୋମିଟର ପାଇଁ ୧୨,୦୦୦ ଟଙ୍କା, ୧,୦୦୦ରୁ ୧,୫୦୦ କି.ମି. ପର୍ଯ୍ୟନ୍ତ ୧୫,୦୦୦ ଟଙ୍କା ଏବଂ ୧୫,୦୦ କି.ମି.ରୁ ଅଧିକ ଦୂରତା ଯାତ୍ରା ପାଇଁ ବିମାନ ଭଡ଼ା ୧୮,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଭଡ଼ା ବାଦ୍ ୟୁଡିଏଫ୍, ପିଏସ୍‌ଏଫ୍ ଏବଂ ଟିକସ ରହିଛି। ସେହିପରି ବିଜ୍‌ନେସ୍ କ୍ଲାସ୍ ଭଡ଼ା ଏବଂ ଆର୍‌ସିଏସ୍- ଉଡାନ୍ ବିମାନ ସେବାକୁ ମଧ ଉକ୍ତ ଭଡ଼ା ସୀମାରୁ ବାହାରେ ରଖାଯାଇଛି। ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ କରି ଭଡ଼ା ବଢ଼ାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ସ୍ଥିତିରେ ପୂର୍ଣ୍ଣ ସ୍ଥିରତା ଆସିବା ପର୍ଯ୍ୟନ୍ତ ଉକ୍ତ ଦର ସୀମା ବଳବତ୍ତର ରହିବ ବୋଲି ମନ୍ତ୍ରଣାଳୟ କହିଛି।

ସୂଚନାଯୋଗ୍ୟ, ୫ ଦିନ ହେଲା ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବା ଗୁରୁତର ବାଧାପ୍ରାପ୍ତ ହେବା ଫଳରେ ଯାତ୍ରୀମାନଙ୍କ ସମସ୍ୟାରୁ ଫାଇଦା ଉଠାଇବାକୁ ଯାଇ କେତେକ ଏୟାରଲାଇନ୍ସ ଭଡ଼ା ୪ ଗୁଣ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ଦିଲ୍ଲୀରୁ ମୁମ୍ବାଇ ନନ୍‌ଷ୍ଟପ୍ ବିମାନ ଭଡ଼ା ୬୫,୪୬୦ ଟଙ୍କାକୁ ବୃଦ୍ଧି ହୋଇଥିଲା।

### ଇଣ୍ଡିଗୋ ପାଇଁ...

ସାପ୍ତାହିକ ବିଶ୍ରାମକୁ ଛୁଟି ବିବେଚନା କରାଯିବ ନାହିଁ ବୋଲି ଡିଜିସିଏ କହିଥିଲା। ଡିଜିସିଏର ଏଭଳି ନିଷ୍ପତ୍ତିକୁ ଭାରତର ପାଇଲଟ୍ ସଂଘ (ଏପିଏଆଇ) ଦୃଢ଼ ବିରୋଧ କରିଛି। ସଂଶୋଧିତ ଏଫ୍‌ଡିଟିଏଲ୍ ନିୟମ ଲାଗୁ କରିବାରେ ନିର୍ଦ୍ଦିଷ୍ଟ ଭାବେ ଇଣ୍ଡିଗୋ ଏୟାରଲାଇନ୍ସ ପାଇଁ କୋହଳ ନୀତି ଗ୍ରହଣ କରାଯିବା ଦୁଃଖଦାୟକ ବୋଲି ସଂଘ କହିଛି।

ଡିଜିସିଏ ଅଧିକାରୀମାନଙ୍କୁ ବାରମ୍ବାର କହିବା, ଆନୁଷ୍ଠାନିକ ଭାବେ ପତ୍ର ଲେଖିବା ଓ ପ୍ରତ୍ୟକ୍ଷ ଆଲୋଚନା ସତ୍ତ୍ୱେ ଏଫ୍‌ଡିଟିଏଲ୍ ନିୟମାବଳୀରେ କୋହଳ କରି ଯାତ୍ରୀଙ୍କ ସୁରକ୍ଷା ପ୍ରତି ସାଲିସ କରାଯାଇଥିବା ସଂଘ ଦର୍ଶାଇଛି। ଗତମାସ ୨୪ରେ ଡିଜିସିଏ ସହ ବୈଠକରେ କୌଣସି ଏୟାରଲାଇନ୍ସ ପାଇଁ ଏଫ୍‌ଡିଟିଏଲ୍ ନିୟମରେ କୋହଳ କିମ୍ବା ପରିବର୍ତ୍ତନ କରାଯିବ ନାହିଁ ବୋଲି ବିମାନ ଚଳାଚଳ ନିୟନ୍ତ୍ରକ ସ୍ପଷ୍ଟ କରିଥିଲା। ମାନବ ଜୀବନର ସୁରକ୍ଷା ପାଇଁ ଏଫ୍‌ଡିଟିଏଲ୍ ନିୟମାବଳୀ ରହିଛି। ଏହାର ସୀମାରେ କୋହଳ ପାଇଲଟ୍, ଯାତ୍ରୀ ଏବଂ ବିମାନ ପାଇଁ ବିପଦ ସୃଷ୍ଟି କରିବ। ଏହା ସତ୍ତ୍ୱେ ଇଣ୍ଡିଗୋ ପାଇଁ ନିୟମରେ ପରିବର୍ତ୍ତନ ସମ୍ପୂର୍ଣ୍ଣ ବିରୋଧାଭାସ କହି ସଂଘ ଏହାକୁ ନିନ୍ଦା କରିଛି। ଯାତ୍ରୀମାନଙ୍କ ଅସୁବିଧା ପରିପ୍ରେକ୍ଷୀରେ ସେମାନଙ୍କୁ ସହାୟତା ମିଳିବା ଆବଶ୍ୟକ। କାରଣ ବିମାନ ଚଳାଚଳରେ ସମସ୍ୟା ସୃଷ୍ଟି ହେବ ବୋଲି ଇଣ୍ଡିଗୋ ପୂର୍ବରୁ ଜାଣିଥିଲେ ମଧ୍ୟ ଶୀତଋତୁ ପାଇଁ ବିମାନ ଉଡ଼ାଣ ବଢ଼ାଇ ଚାଲିଥିଲା ବୋଲି ଏପିଏଆଇ କହିଛି।

### ୨ ଡିଗ୍ରୀ ତଳେ ...

ଉପରବାରହାକାମୁଡ଼ା ରେଞ୍ଜରେ ସର୍ବନିମ୍ନ ୨ଡିଗ୍ରୀ, ଚହଲାରେ ୪, ବରେହିପାଣିରେ ୭, ଗୁଡୁଗୁଡ଼ିଆରେ ୬, ରାମତୀର୍ଥରେ ୧୨, କିଆଝରୀ ଓ ସାତକୋଶିଆରେ ୧୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତି ଓ ଭୋର୍‌ରେ କୁହୁଡ଼ି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଏପରିକି ଜିଲାରେ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୃଦ୍ଧାବୃଦ୍ଧ, ଶିଶୁ, ଗୃହପାଳିତ ପ୍ରାଣୀ ଓ ବନ୍ୟପ୍ରାଣୀ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟାହେଲେ ଗାଁଗଣ୍ଡାଗୁଡ଼ିକ ଶୂନ୍‌ଶାନ ହୋଇଯାଉଛି। ନିଆଁଜାଳି ଲୋକେ ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଗ୍ରହସ୍ଥିତି ଆପଣଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ କରାଇପାରେ। ଅବଶ୍ୟ ଅଭାବ ରହିବ ନାହିଁ, କିନ୍ତୁ ଆଶଙ୍କା କରି ମନ ଅସ୍ଥିର ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ବୃଷ** – ବୃହସ୍ପତିଙ୍କ ସହ ଚନ୍ଦ୍ର ଆପଣଙ୍କୁ ଘରର ଅଭାବ ଅସୁବିଧା ସୁଧାରିବାରେ ମାନସିକତା ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। କିନ୍ତୁ ଏହାସାଙ୍ଗକୁ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** – କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଶନିଙ୍କ ପ୍ରଭାବରୁ ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କର୍କଟ** – କର୍ମାଧିପତିଙ୍କ ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ। ଶନିଙ୍କ ପ୍ରଭାବରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭଲ କାମ କଲେ ମଧ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ। ଆଜିର ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ ରହିବ।

**ସିଂହ** – ଚତୁର୍ଥସ୍ଥ ଚତୁଃଗ୍ରହ ଯୋଗରୁ ପାରିବାରିକ ସ୍ତରରେ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବାର ସୂଚନା ରହିଛି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।

**କନ୍ୟା** – ସପ୍ତମସ୍ଥ ପାପଗ୍ରହ ଯୋଗୁ ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। କାମରେ ବିଫଳତା ଦେଖି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଉପହସିତ ହେବାକୁ ପଡ଼ିପାରେ।

**ତୁଳା** – କର୍ମ କ୍ଷେତ୍ରରେ ଯାହା ଯେମିତି କଲେ ମଧ ସମାଲୋଚନାର ପାତ୍ର ହେବେ। ରାହୁଜନିତ ପିଲାଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସଭାସମିତି, ରାଜନୀତି, ପ୍ରଶାସନ ପାଇଁ ଭଲ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** – ରାଜଯୋଗ ହେତୁ ଦୀର୍ଘଦିନରୁ ରହିଥିବା ଅବସୋସ ଆଜି ପରିପୂର୍ଣ୍ଣତା ଲାଭ କରିବ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବାର ସୂଚନା ରହିଛି। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବା ସାଙ୍ଗକୁ ପରିବାର ସହ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** – ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଙ୍କୁଚିତ କରି ରଖିବା ସାଙ୍ଗକୁ କାର୍ଯ୍ୟରେ ଅଗ୍ରଗତିକୁ ରୋକି ଦେଇପାରେ। ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେକରିପାରନ୍ତି। ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ। ଘର ସାଜସଜାରେ ସମୟ ଅତିବାହିତ କରିବେ ଏବଂ ଅପରାହ୍ନେ ଶୁଭ ଖବର ପାଇ ଖୁସି ହେବେ।

**ମକର** – ମଙ୍ଗଳଙ୍କ ସ୍ଥିତିଜନିତ ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସାଙ୍ଗକୁ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ରୋଗ, ଋଣ ଓ ଶତ୍ରୁପୀଡ଼ାଜନିତ ଟେନ୍‌ସନ ଲାଗି ରହିବାର ସୂଚନା ରହିଛି।

**କୁମ୍ଭ** – ପାରିବାରିକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ଏକାଧିକ ଗ୍ରହଜନିତ କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଘଟଣା ବିବ୍ରତ କରିପାରେ। ଆଲୋଚନା ପରିସରରେ ଯୁକ୍ତିତର୍କ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ଡିସେମ୍ବର ୭ ତାରିଖ, ପୌଷ କୃଷ୍ଣ ତୃତୀୟା ରବିବାର। ଦାଣ୍ଡପହଁରା ଓ ବାଟଓଷା, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୫ ଗତେ ଘ.୦୯।୦୬ ମଧ୍ୟେ, ଦିବା ଘ.୧୨।୫୯ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୨ ଗତେ ଘ.୦୫।୦୩ ମଧ୍ୟେ ରାହୁକାଳ।

# ଧରିତ୍ରୀ, ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର 'ଶିକ୍ଷିତ ନିବେଶକ ବିକଶିତ ଭାରତ' କର୍ମଶାଳା

କଟକ,୬।୧୨(କାର୍ତ୍ତିକ ସାହୁ)

ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜର ଅର୍ଜିତ ଅର୍ଥକୁ ଖର୍ଚ୍ଚ କରିବା ଜରୁରୀ। ବିଶେଷକରି ପ୍ରଥମେ ସଞ୍ଚୟ ଏବଂ ପରେ ଖର୍ଚ୍ଚ କରିବା ବୁଦ୍ଧିମାନ ପରିଚୟ। କୌଣସି ପ୍ଲାଟ୍‌ଫର୍ମରେ ଅର୍ଥ ବିନିଯୋଗ ବେଳେ ଲୋକଙ୍କ ସେ ବାବଦରେ ସେତିକି ଜ୍ଞାନ ନ ଥାଏ। କିଭଳି କେଉଁ ପ୍ଲାଟ୍‌ଫର୍ମରେ ଅର୍ଥ ବିନିଯୋଗକଲେ ତାହା ସୁରକ୍ଷିତ ରହିବା ସହ ଅଧିକ ଲାଭ ପ୍ରଦାନ କରିବ ତା' ଉପରେ ଧ୍ୟାନଦେବା ଅଧିକ ବାଞ୍ଛନୀୟ। ବିଶେଷକରି ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ର ନିୟମାବଳୀ ଜାଣିବାର ଆବଶ୍ୟକତା ରହିଛି। ଅର୍ଥ ନିବେଶ ବେଳେ ସାଇବର ଅପରାଧ ପ୍ରତି ଧ୍ୟାନ ଦିଆଯିବାର ବିଶେଷ ଆବଶ୍ୟକତା ରହିଛି। ଧରିତ୍ରୀ ଏବଂ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ମିଳିତ ଆନୁକୂଲ୍ୟରେ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଶିକ୍ଷିତ ନିବେଶକ ବିକଶିତ ଭାରତ ଶୀର୍ଷକ କର୍ମଶାଳାରେ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ୍ ଫଣ୍ଡର ଏଭିପି ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏଭିପି ମହମ୍ମଦ ଅମିର୍ ସୁଲେମାନ ମତପ୍ରକାଶ କରିଛନ୍ତି।

ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନକରି କହିଲେ, ଓଡ଼ିଶାବାସୀଙ୍କ ପାଇଁ କିଛି ନୂଆ କରିବାର ଚେଷ୍ଟା କରୁଛୁ। ଓଡ଼ିଶାରେ ନିବେଶ ଶିକ୍ଷା ହୋଇପାରିନାହିଁ। ଯୁବପିଢ଼ି ନିବେଶ ଶିକ୍ଷା ପାଇବାର ଆବଶ୍ୟକତା ରହିଛି। ଭୁବନେଶ୍ୱରରେ ଷ୍ଟକ୍ ଏକ୍ସଚେଞ୍ଜ ବନ୍ଦ ହୋଇଗଲା, ଦୁଃଖ ଲାଗୁଛି। ରାଜ୍ୟରେ ଜମି ଅଧିଗ୍ରହଣ ବେଳେ ଲୋକେ ପାଇଥିବା ଅର୍ଥକୁ ଗାଡ଼ି, ଘର, ଜମି କିଣାରେ ସାରିଦେଲେ। ତା'ପରେ ସେମାନଙ୍କ ଆର୍ଥିକ ଅବସ୍ଥା ଖରାପ ହୋଇଗଲା। ସେମାନଙ୍କର ନିବେଶ ଜ୍ଞାନ ନ ଥିବାରୁ ଏପରି ସ୍ଥିତି ସୃଷ୍ଟିହେଲା। ତେଣୁ ଆଦିତ୍ୟ ବିର୍ଲା ସହ ମିଳିତ ହୋଇ ଧରିତ୍ରୀ ଏଭଳି କାର୍ଯ୍ୟକ୍ରମ ସାରା ରାଜ୍ୟରେ କରିବାର ପ୍ରୟାସ ଆରମ୍ଭ କରିଛି। ଏହାଦ୍ୱାରା ଲୋକେ ଆର୍ଥିକ ଶିକ୍ଷିତ ହୋଇପାରିଲେ କାର୍ଯ୍ୟକ୍ରମ ସଫଳ ହେବ ବୋଲି ସତପଥୀ ଆଶାପୋଷଣ କରିଥିଲେ।

ସମ୍ମାନିତ ବକ୍ତା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍‌ସି ଲିମିଟେଡ୍ ରିଟେଲ ସେଲ୍‌ସର କଟକ ଶାଖା ପ୍ରବନ୍ଧକ ଦେବାଶିଷ ମିଶ୍ର କହିଲେ, କୌଣସି ନିବେଶ ବେଳେ ନିବେଶକ ଉପଯୁକ୍ତ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଯୁବପିଢ଼ି ୨୫ ବର୍ଷ ବୟସରୁ ନିବେଶ ଆରମ୍ଭକଲେ ତାହା ଅଧିକ ଲାଭପ୍ରଦ ହୋଇଥାଏ। ମାତ୍ର ଡେରିରେ ନିବେଶ କମ୍ ଫଳ ଦେଇଥାଏ। ବିଶେଷକରି ମ୍ୟୁଚୁଆଲ ଫଣ୍ଡରେ ଅର୍ଥ ବିନିଯୋଗ ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ବକ୍ତା ଓଡ଼ିଶା କ୍ରାଇମବ୍ରାଞ୍ଚର ଡିଏସ୍‌ପି ଅନୀଳା ଆନନ୍ଦ ଅର୍ଥ ନିବେଶ ବେଳେ ସାଇବର ସୁରକ୍ଷା ପ୍ରତି ଧ୍ୟାନଦେବାକୁ ସଚେତନ କରାଇଥିଲେ। ଦୈନନ୍ଦିନ ଘଟୁଥିବା ବିଭିନ୍ନ ସାଇବର ଅପରାଧକୁ ଉପସ୍ଥାପନକରି ଆମର ଅଜ୍ଞତାରୁ ସାଇବର ଅପରାଧର ଶିକାର ହେଉଛୁ। ବିଶେଷକରି ଶିକ୍ଷିତ ବ୍ୟକ୍ତିମାନେ ଡିଜିଟାଲ ଆରେଷ୍ଟ, ସାଇବର ଠକେଇରେ ବହୁ କୋଟି ଟଙ୍କା ହରାଇବାର ମାମଲା ଓଡ଼ିଶା କ୍ରାଇମବ୍ରାଞ୍ଚରେ ତଦନ୍ତ ପରିସରଭୁକ୍ତ ଥିବା ଡିଏସ୍‌ପି ଆନନ୍ଦ କହିଥିଲେ। ତେବେ ମୋବାଇଲ ବ୍ୟବହାର ବେଳେ ଅନାବଶ୍ୟକ ବ୍ୟବହାର ଓ ଅଜଣା ଆପ୍‌କୁ ନ ଖୋଲିବାକୁ ସେ ପରାମର୍ଶ ଦେଇଥିଲେ। ଅର୍ଥ ବିନିଯୋଗ ବେଳେ ସାଇବର ସୁରକ୍ଷା ପ୍ରତି ସମସ୍ତେ ଶିକ୍ଷିତ ଓ ସଚେତନ ରହିବାକୁ ସେ ଚେତାଇ ଦେଇଥିଲେ।

ଏହି ଅବସରରେ ଏକ ପ୍ୟାନେଲ୍ ଡିସ୍କସନ ହୋଇଥିଲା। ଏଥିରେ ପ୍ୟାନେଲିଷ୍ଟ ଭାବେ ଗିରୀନ୍ଦ୍ର ନାରାୟଣ ଘୋଷ, ଅକ୍ଷୟ କୁମାର ବାରିକ୍, ଦିଲୀପ କୁମାର ସ୍ୱାଇଁ ଏବଂ ମୋଡେରେଟର ଭାବେ ଦେବାଶିଷ ମିଶ୍ର ଭାଗ ନେଇଥିଲେ। ଏହାପରେ ବିଶେଷଜ୍ଞମାନଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଦର୍ଶକମାନେ ଅଂଶଗ୍ରହଣ କରିଥିଲେ। କଟକ ମାରୱାଡ଼ି ସମାଜର ସଭାପତି ସଞ୍ଜୟ ଶର୍ମା, ମହାସଚିବ ଶଙ୍କରଲାଲ ଗୁପ୍ତା, ପୂର୍ବତନ ସଭାପତି କିଶନଲାଲ୍ ମୋଦିଙ୍କ ସମେତ ଉଦ୍ୟୋଗପତି ରମଣ ବାଗେଡ଼ିଆ, ଅର୍ଣ୍ଣଦୀପ ସିଂହ, ଅଭିନେତା ଶକ୍ତି ବରାଳ, ବ୍ୟଙ୍ଗକବି ଡ. ଧର୍ମଛଡ଼ା, ରୋଟାରିଆନ ଆଲୋକ ସାହୁ, ଅଧ୍ୟାପକ ସେକ୍ କଲିମୁଲ୍ଲା ଓ ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ସଞ୍ଜୟ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ଧରିତ୍ରୀ ଏବଂ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ମିଳିତ ଆନୁକୂଲ୍ୟରେ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ 'ଶିକ୍ଷିତ ନିବେଶକ ବିକଶିତ ଭାରତ' ଶୀର୍ଷକ କର୍ମଶାଳା ଉଦ୍‌ଘାଟନ ଅବସରରେ କଟକ ମାରୱାଡ଼ି ସଭାପତି ସଞ୍ଜୟ କୁମାର ଶର୍ମା ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏଭିପି ମହମ୍ମଦ ଅମିର୍ ସୁଲେମାନ୍, କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଅନୀଳା ଆନନ୍ଦ ପ୍ରମୁଖ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ୟାନେଲିଷ୍ଟ।



କର୍ମଶାଳାରେ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏଭିପି ମହମ୍ମଦ ଅମିର୍ ସୁଲେମାନ୍ ଦର୍ଶକଙ୍କୁ ନିବେଶ ଶିକ୍ଷା ଉପରେ ସଚେତନ କରାଉଛନ୍ତି।




# ଟି-୨୦: ବାରବାଟୀକୁ ଗଡ଼ିବ ସ୍ୱତନ୍ତ୍ର 'ଆମ ବସ୍'

ଭୁବନେଶ୍ୱର, ୬।୧୨(ବନ୍ଦନା ସେଠୀ)

ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ଆମ ବସ୍ ସେବା ଆରମ୍ଭ ହେବ। ଏକାଧିକ ସ୍ଥାନରୁ ଚଳାଚଳ ହେବାକୁ ଥିବା ଏହି ସଟଲ୍ ବସ୍ ନିର୍ଦ୍ଦିଷ୍ଟ ସ୍ଥାନରୁ କଟକ ବାରବାଟୀ ଷ୍ଟାଡିୟମ୍ ଯାଏ ଗଡ଼ିବ। କଟକ ରେଳ ଷ୍ଟେଶନରୁ ସିଏନ୍‌ବିସି ଏବଂ ବାରବାଟୀ ଷ୍ଟାଡିୟମ୍ ଅଞ୍ଚଳରେ ଜନଗହଳିର ବାସ୍ତବ ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳର ବ୍ୟବସ୍ଥା ହେବ ବୋଲି ଶନିବାର କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ମ୍ୟାଚ ପୂର୍ବରୁ ଅପରାହ୍ନ ୪ଟାରେ କଟକ ରେଳ ଷ୍ଟେଶନରୁ ସଟଲ୍ ସେବା ଆରମ୍ଭ ହେବ। ମ୍ୟାଚ ଶେଷ ପରେ ଟ୍ରାଫିକ ପ୍ରବାହକୁ ଧ୍ୟାନରେ ରଖି ବାରବାଟୀ ଷ୍ଟାଡିୟମ୍‌ରୁ ସଟଲ୍ ବସ୍ ସେବା ଜାରି ରହିବ। ବାରବାଟୀ ଷ୍ଟାଡିୟମ୍‌ରୁ କଟକ ରେଳଷ୍ଟେଶନକୁ ଯିବା ପାଇଁ ପ୍ରାଥମିକ ସଟଲ୍ ରୁଟ୍ ହେଉଛି ଗଡଗଡିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ ଏକାଡେମୀ, ସିଏନ୍‌ବିସି, ବାଦାମବାଡି, ଲିଙ୍କ୍‌ରୋଡ ଏବଂ ଓଏମ୍‌ପି ଛକ। ଏହି ରୁଟ୍ ମଧ୍ୟ ଦେଇ ବସ୍‌ଗୁଡିକ ରେଳଷ୍ଟେଶନ ଯାଏ ଚଳାଚଳ ହେବ। ସଟଲ ସେବାର ନିର୍ଦ୍ଧାରିତ ଭଡ଼ା ୨୦ ଟଙ୍କା ରହିବ। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଯାତ୍ରା କରୁଥିବା ଦର୍ଶକଙ୍କ ପାଇଁ ମ୍ୟାଚ ଶେଷ ପରେ ଦୁଇଟି ଅସ୍ଥାୟୀ ସ୍ୱତନ୍ତ୍ର ରୁଟ୍ ପରିଚାଳନା ହେବ। ରୁଟ୍-୧ ଭାବେ ବାରବାଟୀ ଷ୍ଟାଡିୟମ୍‌ରୁ ବିଏସ୍‌ଏବିଟି ବରମୁଣ୍ଡା ପର୍ଯ୍ୟନ୍ତ ଆମ ବସ୍ ଚାଲିବ। ଏହା ଜୁଡିସିଆଲ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଚଳାଚଳ କରିବ। ସେହିପରି ରୁଟ୍-୨ରେ ବାରବାଟୀ ଷ୍ଟାଡିୟମରୁ ଭୁବନେଶର ରେଳଷ୍ଟେଶନ ଯାଏ ସେବା ପ୍ରଦାନ କରାଯିବ। ଏହା ସିଏନ୍‌ବିସି, ଲିଙ୍କ୍ ରୋଡ୍, ଜାତୀୟ ରାଜପଥରେ ଚଳାଚଳ କରିବ। ଉଭୟ ରୁଟ୍ ପାଇଁ ଏକ ନିର୍ଦ୍ଧାରିତ ଫ୍ଲାଟ୍ ମୂଲ୍ୟ ୪୦ ଟଙ୍କା ରହିବ ଏବଂ ବସ୍‌ଗୁଡିକ ପ୍ରତି ୨୦ ମିନିଟ ଅନ୍ତରରେ ଚଳାଚଳ ହେବ। ଏହି ସ୍ୱତନ୍ତ୍ର ସେବା ବ୍ୟତୀତ ବର୍ତ୍ତମାନ ପରିଚାଳିତ ଆମ ବସ ରୁଟ୍‌ଗୁଡିକ ଭୁବନେଶ୍ୱର ଏବଂ କଟକ ମଧ୍ୟରେ ପୂର୍ବଭଳି ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।



# ବିଭାଜନକାରୀ ରାଜନୀତି



ଆକାର ପଟେଲ

ଡିସେମ୍ବର ୬ ଆଧୁନିକ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ କଥା ସ୍ମରଣ କରାଇଦିଏ। ରାଜନୀତିକୁ ସବୁଦିନ ପାଇଁ ପରିବର୍ତ୍ତନ କରିଦେଇଥିବା ଏହି ଆନ୍ଦୋଳନ ବିଷୟରେ ଲେଖିବା ଆବଶ୍ୟକ। ଚାଳିଶ ବର୍ଷ ପୂର୍ବେ ଭାଜପା ୧୯୮୪ରେ ୭% ଭୋଟ ପାଇ ଦୁଇଟି ଲୋକ ସଭା ଆସନ ଜିତିଥିଲା। ୧୯୮୬ରେ ଲାଲକୃଷ୍ଣ ଆଡଭାନୀ ଭାଜପା ଦାୟିତ୍ୱ ନେବାବେଳେ ସେ କେବେ ବି ନିର୍ବାଚନ ରାଜନୀତିରେ ଭାଗ ନେଇ ନ ଥିଲେ। ସେ ଆର୍‌ଏସ୍‌ଏସ୍ ପ୍ରଚାରକରେ ଜଣେ ସାମ୍ବାଦିକ ଥିଲେ ଓ ପରେ ରାଜନୀତିରେ ପ୍ରବେଶ କରିଥିଲେ। ରାଜନେତା ଭାବରେ ଦିଲ୍ଲୀ ପରିଷଦ ହେଉ କିମ୍ବା ରାଜ୍ୟ ସଭାରେ ଆଡଭାନୀ ସବୁବେଳେ ଜଣେ ମନୋନୀତ ସଦସ୍ୟ ଥିଲେ। ରାଜନୈତିକ ଗଣ ଆନ୍ଦୋଳନ ତାଙ୍କର କୌଣସି ଅଭିଜ୍ଞତା ନ ଥିଲା ଏବଂ ତାଙ୍କ ଆତ୍ମଜୀବନୀ (୨୦୦୮ରେ ପ୍ରକାଶିତ ମୋ ଦେଶ, ମୋ ଜୀବନ) ଅନୁସାରେ ଏହା କିପରି କାମ କଲା ତାହା ଜଣାପଡୁନାହିଁ। ଅଯୋଧ୍ୟା ପ୍ରସଙ୍ଗ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ନେତୃତ୍ୱରେ ଆର୍‌ଏସ୍‌ଏସ୍ ଭିତରେ ଥିବା ଅଣ-ରାଜନୈତିକ ଗୋଷ୍ଠୀଗୁଡ଼ିକ ଦ୍ୱାରା ଆରମ୍ଭ ହୋଇଥିଲା। ଫେବୃଆରୀ ୧୯୮୯ରେ, ଆହ୍ଲାବାଦ କୁମ୍ଭମେଳାରେ ଭିଏଚ୍‌ପି ନଭେମ୍ବରରେ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିବ ବୋଲି କହିଥିଲା। ଏଥିରେ ସାରା ଦେଶରେ ରାମଙ୍କ ନାମ ଖୋଦିତ ଇଟା ପୂଜା କରାଯିବ ଏବଂ ନଭେମ୍ବରରେ ଅଯୋଧ୍ୟାରେ ଶୋଭାଯାତ୍ରାରେ ନିଆଯିବ। ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଏହି ସମୟ ପର୍ଯ୍ୟନ୍ତ ମୁଖ୍ୟଧାରାର ରାଜନୀତିରେ ଏହା ଏକ ପ୍ରସଙ୍ଗ ହୋଇ ନ ଥିଲା। ଜୁନ୍ ୧୯୮୯ରେ ହିମାଚଳ ପ୍ରଦେଶରେ ଭାଜପାର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଡଭାନୀ ଦଳକୁ ଏହି ପ୍ରସଙ୍ଗରେ ସାମିଲ କରିଥିଲେ। ଭାଜପା ତା' ପ୍ରସ୍ତାବରେ ଦାବି କରିଥିଲା ଯେ, ଏହି ସ୍ଥାନ ହିନ୍ଦୁଙ୍କୁ ହସ୍ତାନ୍ତର କରାଯିବା ଉଚିତ ଏବଂ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରାଯାଉ। କିଛି ମାସ ପରେ ନଭେମ୍ବର ୧୯୮୯ରେ ନିର୍ବାଚନ ହେଲା। ଭାଜପା ଇସ୍ତାହାରରେ ପ୍ରଥମ ଥର ପାଇଁ ଅଯୋଧ୍ୟା ବିଷୟରେ କୁହାଯାଇଥିଲା, '୧୯୪୮ ରେ ଭାରତ ସରକାରଙ୍କ ଦ୍ୱାରା ଯେଭଳି ସୋମନାଥ ମନ୍ଦିର ନିର୍ମାଣ କରାଯାଇଥିଲା ସେହି ଧାରାରେ ଅଯୋଧ୍ୟାରେ ରାମ ଜନ୍ମମନ୍ଦିରର ପୁନଃ ନିର୍ମାଣକୁ ଅନୁମତି ଦିଆ ନ ଯିବାରୁ ଉତ୍ତେଜନା ବୃଦ୍ଧି ପାଇଛି ଏବଂ ସାମାଜିକ ସଦ୍‌ଭାବନା ଗୁରୁତର ଭାବରେ ବିପର୍ଯ୍ୟସ୍ତ ହୋଇଛି।' ଏହା ବାସ୍ତବରେ ଭାଜପା ସମ୍ବିଧାନର ଉଲ୍ଲଂଘନ, କାରଣ ଏହାର ପ୍ରଥମ ପୃଷ୍ଠା ଏବଂ ପ୍ରାରମ୍ଭିକ ଲେଖାରେ ଧର୍ମନିରପେକ୍ଷତାର ନୀତି ପ୍ରତି ବିଶ୍ୱାସ ଏବଂ ନିଷ୍ଠା ରଖିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଭୋଟ ପୂର୍ବରୁ ଭିଏଚ୍‌ପି ସାରା ଭାରତରୁ ଶୋଭାଯାତ୍ରା ଅଯୋଧ୍ୟା ଆଣି ମସ୍‌ଜିଦ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ଏହାର ବିଭାଜନକାରୀ ପ୍ରଚାର ସତ୍ତ୍ୱେ ମୁସଲମାନ ବିରୋଧୀ ଶକ୍ତିକୁ ଆଧାରକରି ଭାଜପା ୮୫ ଟି ଆସନ ଜିତିଥିଲା, ଯାହା ଥିଲା ଗତ ନିର୍ବାଚନରେ ଜନସଂଘ ଏକାକୀ ଲଢ଼ି ପାଇଥିବା ଆସନଠାରୁ ୪ଗୁଣ ଏବଂ ୧୯୮୪ ରେ ବାଜପେୟୀଙ୍କ ନେତୃତ୍ୱରେ ପାଇଥିବା ଆସନ ତୁଳନାରେ ୪୦ଗୁଣରୁ ଅଧିକ। ଫଳରେ ଆର୍‌ଏସ୍‌ଏସ୍‌ର ଆଡଭାନୀ ସବୁଠାରୁ ସଫଳ ରାଜନେତା ପାଲଟିଗଲେ ଏବଂ ନିର୍ବାଚନୀ ସଫଳତାର ଉପାୟ ପାଇଗଲେ। ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହରାଇଲା ଏବଂ ଭି.ପି. ସିଂହଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାର ଆଡଭାନୀଙ୍କ ସମର୍ଥନରେ କ୍ଷମତାକୁ ଆସିଲା, ଯଦିଓ ଏହା ଅଳ୍ପସମୟ ପାଇଁ ତିଷ୍ଠିରହିଥିଲା।

ନିର୍ବାଚନର ୩ ମାସ ପରେ, ଫେବୃଆରୀ ୧୯୯୦ରେ, ଭିଏଚ୍‌ପି ମସ୍‌ଜିଦ ବିରୋଧରେ ପୁନର୍ବାର ଆନ୍ଦୋଳନ ଆରମ୍ଭକରି ଅକ୍ଟୋବରରୁ କାରସେବା ଜାରି ରଖିବ ବୋଲି କହିଥିଲା। ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଜୁନ୍‌ରେ ଲଣ୍ଡନ ଗସ୍ତରେ ଯିବା ପୂର୍ବରୁ ଆର୍‌ଏସ୍‌ଏସ୍ ପତ୍ରିକା ପାଞ୍ଚଜନ୍ୟ ଦ୍ୱାରା ନିଆଯାଇଥିବା ସାକ୍ଷାତ୍କାରରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା ଯଦି ସରକାର ଅଯୋଧ୍ୟା ମାମଲାର ସମାଧାନ କରିବାରେ ବିଫଳ ହୁଅନ୍ତି ତେବେ କ'ଣ ହେବ। ଆଡଭାନୀ କହିଥିଲେ, ୩୦ ଅକ୍ଟୋବରରେ କାରସେବା ଆରମ୍ଭ କରିବାର ନିଷ୍ପତ୍ତିକୁ ତାଙ୍କ ଦଳ ସମର୍ଥନ କରେ ଏବଂ ଯଦି ଏହାକୁ ବନ୍ଦ କରାଯାଏ ତେବେ ଭାଜପା ନେତୃତ୍ୱରେ ଏକ ଜନ ଆନ୍ଦୋଳନ କରାଯିବ। ଆଡଭାନୀ କହିଛନ୍ତି, ସେ ମୁସଲମାନଙ୍କୁ ଏକ ଚୁକ୍ତି ପ୍ରସ୍ତାବ ଦେଇଥିଲେ। ଯଦି ସେମାନେ ବାବ୍ରି ମସ୍‌ଜିଦ ହସ୍ତାନ୍ତର କରନ୍ତି, ତେବେ ସେ ମଥୁରା ଏବଂ ବାରାଣସୀରେ ଥିବା ଅନ୍ୟ ଦୁଇଟି ମସ୍‌ଜିଦ ବିରୋଧରେ ପ୍ରଚାର ନ କରିବା ପାଇଁ ଭିଏଚ୍‌ପିକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିବେ। ଆଡଭାନୀ ଲେଖିଛନ୍ତି, ମୁସଲମାନମାନେ ଏହାକୁ ସନ୍ତୋଷଜନକ ମନେକରୁ ନ ଥିବାରୁ ସେ ଅଧିକ ନିରାଶ ଓ କ୍ରୋଧିତ ଥିଲେ। ଆଡଭାନୀ ଘୋଷଣା କରିଥିଲେ, ସେ ଗୁଜରାଟରେ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜନ୍ମଦିନ ୨୫ ସେପ୍ଟେମ୍ବରରେ ମସ୍‌ଜିଦ ବିରୋଧରେ ତାଙ୍କର ଅଭିଯାନ ଆରମ୍ଭ କରିବେ ଏବଂ 'ରଥ' (ପ୍ରକୃତରେ ଏକ ଟ୍ରକ୍) ଚଢ଼ି ୩୦ ଅକ୍ଟୋବର ୧୯୯୦ ରେ ଅଯୋଧ୍ୟାରେ ପହଞ୍ଚିବେ।

ଆଡଭାନୀ ଲେଖିଛନ୍ତି, ତାଙ୍କ ଅଭିଯାନକୁ ମିଳିଥିବା ପ୍ରତିକ୍ରିୟା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ଲେଖିଛନ୍ତି ,''ମୁଁ କେବେ ଅନୁଭବ କରି ନ ଥିଲି ଯେ ଧର୍ମୀୟତା ଭାରତୀୟଙ୍କ ଜୀବନରେ ଏତେ ଗଭୀର ଭାବରେ ରହିଛି।'' ଆଡଭାନୀ ଆହୁରି ମଧ କହିଛନ୍ତି, ପ୍ରଥମ ଥର ସେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି–'ଧର୍ମ ହେଉଛି ଭାରତର ଆତ୍ମା ଏବଂ ଯଦି ଆପଣ ଭାରତୀୟଙ୍କୁ କୌଣସି ବିଷୟ ଶିକ୍ଷା ଦେବାକୁ ଚାହାନ୍ତି ତେବେ ସେମାନେ ଏହାକୁ ଧର୍ମର ଭାଷାରେ ଭଲ ଭାବରେ ବୁଝନ୍ତି'ର ସତ୍ୟକୁ ବୁଝିପାରିଥିଲେ। ଅଯୋଧ୍ୟା ଯାତ୍ରାର ପ୍ରତ୍ୟେକ ଷ୍ଟପେଜରେ ଆଡଭାନୀ ବାବ୍ରି ମସ୍‌ଜିଦକୁ କାହିଁକି ଭାଙ୍ଗିବାକୁ ପଡ଼ିଲା ସେ ବିଷୟରେ କହୁଥିଲେ। ଆଡଭାନୀଙ୍କ ବାବ୍ରି ମସ୍‌ଜିଦ ବିରୋଧୀ ଅଭିଯାନ ଯୋଗୁ ଘଟିଥିବା ହିଂସାରେ ୩,୪୦୦ ରୁ ଅଧିକ ଭାରତୀୟ ପ୍ରାଣ ହରାଇଥିଲେ, କିନ୍ତୁ ଏହା ଭାଜପାକୁ କ୍ଷମତାର ଦ୍ୱାରଦେଶରେ ପହଞ୍ଚାଇଦେଇଥିଲା। ୧୯୯୧ ମଧ୍ୟଭାଗରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାଜପା ୨୦% ଭୋଟପାଇ ୧୨୦ ଆସନ ଜିତିଥିଲା। ୧୯୯୬ରେ ବାବ୍ରି ମସ୍‌ଜିଦ ଭଙ୍ଗା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଭାଜପା ୧୬୧ ଆସନ ପାଇଥିଲା। ୨୦୦୨ ପରେ ବିଭାଜନକାରୀ ରାଜନୀତି କରିବାକୁ ଇଚ୍ଛୁକ ଏବଂ ଉତ୍ସାହୀ ଥିବା ଭାଜପା ଏକମାତ୍ର ଦଳ ଭାବରେ ନିଜର ସ୍ଥିତିକୁ ଦୃଢ଼ କରିଥିଲା ଏବଂ ଏଥିପାଇଁ ଏହାକୁ ଭଲ ସଫଳତା ମିଳିଛି।

Email:aakar.patel@gmail.com

# ସୃଷ୍ଟିର ଚିରନ୍ତନ ଆଧାର



ଅଧ୍ୟାପକ ଗୋପବନ୍ଧୁ

ମନୁଷ୍ୟର ଉଚ୍ଚତର ଚେତନଶୀଳତା ତାକୁ ବାଧ କରିଛି ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରେ ପ୍ରଶ୍ନ ଉତ୍‌ଥାପନ କରିବା ପାଇଁ। ଏ ଜଗତର ସୃଷ୍ଟି କିପରି ହୋଇଛି, କେହି ଜଣେ ସୃଷ୍ଟି କରିଛନ୍ତି ଅଥବା ଅନ୍ୟ କୌଣସି କାରଣ ରହିଛି ଏହି ସୃଷ୍ଟିର ତା' ଉପରେ ବହୁ ତର୍ଜମା ହୋଇଛି। ଏହାକୁ ନେଇ ଅନେକ ପ୍ରକାରର ମତ ମଧ୍ୟ ଆସିଛି। ଅନେକ ଦାର୍ଶନିକ ଓ ଚିନ୍ତକ ଏହାର ସମାଧାନର ସୂତ୍ର ବାହାର କରିବାକୁ ଚେଷ୍ଟା କରିଛନ୍ତି। ଏପରିକି ବିଭିନ୍ନ ଧର୍ମରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା କରାଯାଇଛି। କାରଣ ଧର୍ମ ପ୍ରଚାରକମାନେ ଏହି ସମାନ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ତାଙ୍କ ଅନୁଗାମୀଙ୍କ ନିକଟରୁ। ମନୁଷ୍ୟର ଜଗତ ସହିତ ସମ୍ବନ୍ଧ ଓ ଜଗତ ତା'ର ସୃଷ୍ଟି ସହିତ କିପରି ଭାବେ ସମ୍ବନ୍ଧିତ ତାହାର ପ୍ରାଞ୍ଜଳ ବ୍ୟାଖ୍ୟା ବିନା କୌଣସି ଧର୍ମ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଣେ ଧର୍ମଗୁରୁ ଶିଷ୍ୟମାନଙ୍କ ଜିଜ୍ଞାସାର ସନ୍ତୋଷଜନକ ଉତ୍ତର ଦେବାକୁ ଚେଷ୍ଟା କରିଛନ୍ତି। ଉତ୍ତର କେତେ ଯୁକ୍ତିସଙ୍ଗତ ଓ ବିଜ୍ଞାନସମ୍ମତ ତାହା ଭିନ୍ନ କଥା।

ଜଗତର ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କଲାବେଳେ ଏ ସମ୍ବନ୍ଧରେ ଚିନ୍ତା କରିଥିବା ଦାର୍ଶନିକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଉଛି ଭାରତୀୟ ଦାର୍ଶନିକ ଓ ଅନ୍ୟଟି ହେଉଛି ପାଶ୍ଚାତ୍ୟ ଦାର୍ଶନିକ। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତୀୟ ଦର୍ଶନ ଧର୍ମଭିତ୍ତିକ ହୋଇଥିବା ବେଳେ ପାଶ୍ଚାତ୍ୟ ଦର୍ଶନ ଧର୍ମଭିତ୍ତିକ ନୁହେଁ। ଅର୍ଥାତ୍ ଭାରତୀୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇଥିବା ବେଳେ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇ ନାହିଁ। ତେବେ ପ୍ରାୟ ସମସ୍ତ ଦାର୍ଶନିକଙ୍କ ସୃଷ୍ଟି ସମ୍ବନ୍ଧୀୟ ମତକୁ ତିନିପ୍ରକାରରେ ସୂଚୀବଦ୍ଧ କରାଯାଏ। ଅର୍ଥାତ୍ ଏମାନଙ୍କ ମଧ୍ୟରୁ କେତେକ ଏକାନ୍ତବାଦରେ, ଆଉ କେତେକ ଦ୍ୱୈତବାଦରେ ଓ ଅନ୍ୟ କେତେକ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି। ହୁଏତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଧାର ଗୋଟିଏ କିମ୍ବା ଦୁଇଟି କିମ୍ବା ଅନେକ। ଏହାକୁ ନେଇ ଦାର୍ଶନିକମାନଙ୍କ ମଧ୍ୟରେ ଅନେକ ମତପାର୍ଥକ୍ୟ ରହିଛି। ସମସ୍ତେ ନିଜ ନିଜ ମତରେ ଅଟଳ ରହିଛନ୍ତି ଓ ସୃଷ୍ଟିତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି।

ଯେଉଁମାନେ ଏକାନ୍ତବାଦୀ, ସେମାନେ ବିଶ୍ୱାସ କରନ୍ତି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଗୋଟିଏ ମୂଳ ଆଧାରରୁ ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ମୋନିଜିମ ବୋଲି କୁହାଯାଇଛି। ଏହି ଏକାନ୍ତବାଦୀମାନେ ପ୍ରାୟତଃ ଆସ୍ତିକ ହୋଇଥାନ୍ତି। ସୃଷ୍ଟିର ଏହି ମୂଳ ଆଧାର ହେଉଛନ୍ତି ଭଗବାନ୍। ଭାରତୀୟ ଦର୍ଶନରେ ବେଦାନ୍ତିକମାନେ ଏକାନ୍ତବାଦୀ। ଏମାନଙ୍କ ମତରେ ବ୍ରହ୍ମ ବା ଭଗବାନ୍ ହେଉଛନ୍ତି ସକଳ ସୃଷ୍ଟିର ମୂଳ ଆଧାର। ସକଳ ସୃଷ୍ଟିର ମୂଳ କାରଣ ଓ ଶେଷ କାରଣ ମଧ୍ୟ। ଭଗବାନ୍ ହେଉଛନ୍ତି ସୃଷ୍ଟିକାରୀ, ପାଳନକାରୀ ଓ ଧ୍ୱଂସକାରୀ। ବ୍ରହ୍ମ ସମସ୍ତଙ୍କ କାରଣ, କିନ୍ତୁ ତାଙ୍କ ସୃଷ୍ଟିର କୌଣସି କାରଣ ନାହିଁ। ସେ ହେଉଛନ୍ତି ଅଜାତ। ସେ ଚିରନ୍ତନ। ସେ ହେଉଛନ୍ତି ଜଗତର ଏକମାତ୍ର ସତ୍ୟ ଉପାଦାନ। ଭାରତବର୍ଷରେ ହିନ୍ଦୁ ଦର୍ଶନ କହିଲେ ବେଦାନ୍ତିକ ଦର୍ଶନକୁ ବୁଝାଇଥାଏ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଏକାନ୍ତବାଦର ସମର୍ଥକ ଓ ଆଦିପ୍ରବର୍ତ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ। ହିନ୍ଦୁଧର୍ମ ସମର୍ଥିତ ସମସ୍ତ ଦାର୍ଶନିକ ଏକାନ୍ତବାଦୀ। ପାଶ୍ଚାତ୍ୟ ଦର୍ଶନରେ ସ୍ପିନୋଜା, ହେଗେଲ, ବାରକ୍ଲେ ପ୍ରମୁଖ ଦାର୍ଶନିକମାନେ ମୋନିଜିମ ବା ଏକାନ୍ତବାଦରେ ବିଶ୍ୱାସ କରନ୍ତି। ଇସାଇ ଧର୍ମାବଲମ୍ବୀମାନେ ଏକାନ୍ତବାଦୀ। ସୃଷ୍ଟିକର୍ତ୍ତା ଭାବେ ସେମାନେ ଈଶରଙ୍କୁ ବିଶ୍ୱାସ କରନ୍ତି। ଇସ୍‌ଲାମ ଧର୍ମାବଲମ୍ବୀମାନେ ମଧ୍ୟ ଏକାନ୍ତବାଦୀ। ଏମାନେ ଆଲ୍ଲାଙ୍କୁ ସୃଷ୍ଟିର ମୂଳ କାରଣ ବୋଲି ଗ୍ରହଣ କରନ୍ତି। ସମସ୍ତ ଆସ୍ତିକ ଏକାନ୍ତବାଦୀ।

ଦ୍ୱୈତବାଦ ଦୁଇଟି ତତ୍ତ୍ୱରେ ବିଶ୍ୱାସ କରେ। ଦ୍ୱୈତବାଦୀମାନେ ଜଗତ ସୃଷ୍ଟିର ଦୁଇଟି କାରଣ ରହିଛି ବୋଲି କହନ୍ତି। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ଡୁଆଲିଜିମ ବୋଲି କୁହାଯାଇଛି, ତାହା ହେଉଛି ମନ ଓ ଶରୀର। ଭାରତୀୟ ଦର୍ଶନରେ ଏହି ଦୁଇ ତତ୍ତ୍ୱ ହେଉଛି 'ପ୍ରକୃତି' ଓ 'ପୁରୁଷ'। ସାଂଖ୍ୟ ଓ ଯୋଗ ଦର୍ଶନ ସୃଷ୍ଟିର ଏହି ଦୁଇ ମୂଳ ଉପାଦାନକୁ ସ୍ୱୀକୃତି ଦିଅନ୍ତି। ଏମାନଙ୍କ ସଂଯୋଗରେ ସୃଷ୍ଟିର ସଂରଚନା ହୁଏ। ଏହି ଦୁଇ ଉପାଦାନ ଚିରନ୍ତନ। ଏମାନେ ଅଜାତ ମଧ୍ୟ। ସଦାସର୍ବଦା ଏମାନେ ବିଦ୍ୟମାନ। ଏହି ଦୁଇଟି ଉପାଦାନକୁ ବସ୍ତୁ ଓ ଚେତନ ବୋଲି ମଧ୍ୟ କୁହାଯାଏ। ପ୍ରକୃତି ହେଉଛି ବସ୍ତୁ ଓ ପୁରୁଷ ହେଉଛି ଚେତନ। ଦୁଇଟିଯାକ ହେଉଛି ମୂଳକାରଣ। ଏମାନଙ୍କ ସଂଯୋଗ ବିନା ଜଗତରେ ସୃଷ୍ଟି ସମ୍ଭବପର ନୁହେଁ। ପାଶ୍ଚାତ୍ୟ ଦର୍ଶନରେ ଡେକାର୍ଟ୍ସ ହେଉଛନ୍ତି ଦ୍ୱୈତବାଦର ଦୃଢ଼ ସମର୍ଥକ। ସେ ମାଇଣ୍ଡ ଓ ବଡି ବା ମନ ଓ ଶରୀରକୁ ଦୁଇଟି ସ୍ୱତନ୍ତ୍ର ଉପାଦାନ ଭାବେ ସ୍ୱୀକୃତି ଦେଇଛନ୍ତି। ଏହାରି ମାଧ୍ୟମରେ ସେ ସୃଷ୍ଟିତତ୍ତ୍ୱକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କ ପୂର୍ବରୁ ପ୍ଲାଟୋ ଓ ଆରିଷ୍ଟଟଲ ଦ୍ୱୈତବାଦର ପ୍ରଚାର କରିଛନ୍ତି। ତାଙ୍କ ପରେ ବି ଅନେକ ଦାର୍ଶନିକ ଆସିଛନ୍ତି, ଯେଉଁମାନେ ସମାନ ବିଚାରକୁ ସମର୍ଥନ କରିଛନ୍ତି। ଦ୍ୱୈତବାଦୀମାନଙ୍କ ମଧ୍ୟରୁ ଅଧିକାଂଶ ନାସ୍ତିକ। ସାଂଖ୍ୟ–ଯୋଗରେ ପୁରୁଷକୁ ସୃଷ୍ଟିକର୍ତ୍ତା ଭାବେ ନୁହେଁ, ବରଂ ସର୍ବୋଚ୍ଚ ସତ୍ତାଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ପୁରୁଷ ପ୍ରକୃତିର ସଂସ୍ପର୍ଶରେ ଆସିଲା ପରେ ହିଁ ସୃଷ୍ଟି ସମ୍ଭବପର ହୁଏ। ବେଦାନ୍ତିକ ଦାର୍ଶନିକମାନେ ଦ୍ୱୈତବାଦକୁ ଅସ୍ୱୀକାର କରୁଥିବା ଯୋଗୁ ତାଙ୍କ ପ୍ରଦତ୍ତ ଏକାନ୍ତବାଦକୁ ଅଦ୍ୱୈତ ବେଦାନ୍ତ ବୋଲି କହନ୍ତି। କାରଣ ବେଦାନ୍ତବାଦର ଉତ୍‌ଥାନ କାଳରେ ଦ୍ୱୈତବାଦୀ ବିଚାର ମୁଖ୍ୟ ପ୍ରତିବନ୍ଧକ ଥିଲା, ମୁଖ୍ୟ ପ୍ରତିରୋଧୀ ଥିଲା।



ଅନେକାନ୍ତବାଦ ସୃଷ୍ଟିର ଅନେକ ଉପାଦାନରେ ବିଶ୍ୱାସ କରେ। ଏହାକୁ ବିଶେଷବାଦ ବୋଲି ମଧ୍ୟ କୁହାଯାଏ। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ପ୍ଲୁରାଲିଜିମ ବୋଲି କୁହାଯାଇଛି। ଏହି ମତବାଦର ସମର୍ଥକମାନେ ଜଗତ ସୃଷ୍ଟିର ମୂଳରେ ଅନେକ ଉପାଦାନ ରହିଛି ବୋଲି କହନ୍ତି। କୌଣସି ଗୋଟିଏ ବା ଦୁଇଟି ଉପାଦାନରେ ଜଗତ ସୃଷ୍ଟି ହୋଇନାହିଁ। ଏହି ଉପାଦାନଗୁଡ଼ିକ ଅମର। ଏହି କ୍ଷୁଦ୍ରତମ ଉପାଦାନଗୁଡ଼ିକୁ ଅଣୁ ବା ଆଟମ୍, ମୋନାଡ, ସାବ୍‌ଷ୍ଟେନ୍ସ ଇତ୍ୟାଦି ବୋଲି କୁହାଯାଇଛି। ଏଗୁଡ଼ିକ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱରେ। ଭାରତୀୟ ଦର୍ଶନରେ ଜୈନ, ଚାର୍ବାକ୍, ନ୍ୟାୟ ଓ ବୈଶେଷିକମାନେ ଏହି ତତ୍ତ୍ୱରେ ବିଶ୍ୱାସ କରନ୍ତି। ଅନେକାନ୍ତବାଦୀମାନେ ସାଧାରଣତଃ ନାସ୍ତିକ। ଜୈନମାନଙ୍କ ମତରେ ଅସଂଖ୍ୟ ଅଣୁ ଓ ଆତ୍ମାକୁ ନେଇ ଜଗତ ସୃଷ୍ଟି ହୋଇଛି। ଏଗୁଡ଼ିକ ଅମର। ପ୍ରତ୍ୟେକ ସୃଷ୍ଟି ଏମାନଙ୍କ ସମ୍ମିଶ୍ରଣରେ ସଂଗଠିତ ହୁଏ। ଚାର୍ବାକ୍‌ମାନେ ଚାରୋଟି ଅନୁଭୂତିସିଦ୍ଧ ଉପାଦାନକୁ ଅମର ବୋଲି ସ୍ୱୀକାର କରନ୍ତି। ସେଗୁଡ଼ିକ ହେଉଛି ମାଟି, ଜଳ, ଅଗ୍ନି ଓ ବାୟୁ। ଏମାନଙ୍କ ସଂଯୋଗରେ ଜଗତ ସୃଷ୍ଟି ହୋଇଛି। ନ୍ୟାୟ–ବୈଶେଷିକମାନେ ମଧ୍ୟ ଅସଂଖ୍ୟ ଉପାଦାନରେ ଜଗତ ସୃଷ୍ଟି ହୋଇଛି ବୋଲି ଯୁକ୍ତି ରଖନ୍ତି। ଅସଂଖ୍ୟ 'ବିଶେଷ କଣା' ଦ୍ୱାରା ଜଗତର ସୃଷ୍ଟି ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଯେଉଁମାନେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି, ସେମାନେ ହେଲେ ଅନକ୍ସାଗୋରସ, ଆରକୁଲେସ, ଜନ ହିକ୍ସ ପ୍ରମୁଖ। ବିଜ୍ଞାନକୁ ବସ୍ତୁର କ୍ଷୁଦ୍ରତମ ଉପାଦାନ ଅଣୁର ଅବଧାରଣା ଏମାନଙ୍କ ନିକଟରୁ ଆସିଛି। ଅଣୁମାନଙ୍କ ସଂଯୋଗରେ ବସ୍ତୁର ସୃଷ୍ଟି ହୁଏ ଓ ଏମାନଙ୍କ ବିଘଟନରେ ବସ୍ତୁର ବିନାଶ।

ଜଗତ ସୃଷ୍ଟିର ମୂଳକାରଣ କ'ଣ, ତାହାର ବାସ୍ତବବାଦୀ ସମାଧନ ଏଯାଏଁ ମିଳିନାହିଁ। ଅବଶ୍ୟ ଯେଉଁମାନେ ଆଧ୍ୟାତ୍ମିକବାଦୀ ଓ ଧର୍ମୀୟ ଅନୁଗାମୀ, ସେମାନେ ଜଗତ ସୃଷ୍ଟିର ମୂଳକାରଣ ଜଣେ ସର୍ବୋଚ୍ଚ ବ୍ୟକ୍ତି ବୋଲି କହି ବିତର୍କ ଓ ଜିଜ୍ଞାସାର ସମାପ୍ତ କରନ୍ତି। ଯେକି ଈଶ୍ୱର, ଗଡ୍, ଆଲ୍ଲା, ବ୍ରହ୍ମ, ଭଗବାନ୍ ଇତ୍ୟାଦି ନାମରେ ସମ୍ବୋଧିତ ହୁଅନ୍ତି। ଏହାସତ୍ତ୍ୱେ ସୃଷ୍ଟିତତ୍ତ୍ୱ ଉପରେ ଜିଜ୍ଞାସା ଓ ବିତର୍କ ଏଯାଏଁ ସମାପ୍ତ ହୋଇନାହିଁ ପରି ମନେହୁଏ। କାରଣ ଏପରି ଧର୍ମୀୟ ମତବାଦକୁ ଅନେକେ ଗ୍ରହଣ କରନ୍ତି ନାହିଁ। ବିଶ୍ୱବ୍ରହ୍ମାଣ୍ଡର ମୂଳସତ୍ୟକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଏବେବି ଅଙ୍କୁରିତ ହେଉଛି।

(ଦର୍ଶନ ବିଭାଗ), ଅବସରପ୍ରାପ୍ତ
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଏକ ପରିବେଶୀୟ ଆହ୍ୱାନ



ବୃହସ୍ପତି ସାମଲ

ୟୁନିଭର୍ସିଟି ଅଫ ଶିକାଗୋର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ (ଏପିକ) ଦ୍ୱାରା ପ୍ରକାଶିତ ୨୦୨୫ ବାୟୁ ଗୁଣବତ୍ତା ଜୀବନ ସୂଚକାଙ୍କ (ଏୟାର କ୍ୱାଲିଟି ଲାଇଫ ଇଣ୍ଡେକ୍ସ ବା ଏକ୍ୟୁଏଲ୍‌ଆଇ) ରିପୋର୍ଟ ଅନୁସାରେ ସମ୍ପୂର୍ଣ୍ଣ ଭାରତରେ ୨୦୨୩ରେ ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ ବା ହୁ) ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ସୀମାର ଆଠଗୁଣାଠାରୁ ଅଧିକ ଥିଲା। ରିପୋର୍ଟ ଏ କଥା ମଧ୍ୟ ସତର୍କ କରାଇ ଦେଇଛି ଯେ ଯଦି ଭାରତ ହୁ'ର ମାନଦଣ୍ଡ ଅନୁସାରେ ପ୍ରଦୂଷଣ କମାଇବାରେ ସକ୍ଷମ ହୁଏ, ତେବେ ଭାରତୀୟମାନଙ୍କ ଆୟୁ ପାଖାପାଖି ୩.୫ ବର୍ଷ ବୃଦ୍ଧି ପାଇପାରିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପରିସ୍ଥିତି ଚିନ୍ତାଜନକ। ୨୦୨୩ରେ ରାଜ୍ୟର ପିଏମ ୨.୫ (୨.୫ ମାଇକ୍ରୋମିଟରରୁ କ୍ଷୁଦ୍ର ପାର୍ଟିକୁଲେଟ ମ୍ୟାଟର ଅର୍ଥାତ ବାୟୁରେ ରହୁଥିବା ସୂକ୍ଷ୍ମ ଧୂଳି, ଧୂଆଁ, ତରଳ କଣିକା, ଧାତୁ ଓ ରାସାୟନିକ କଣିକା ତଥା ଅନ୍ୟାନ୍ୟ ପ୍ରଦୂଷକ ଯାହା ମଣିଷ ଆଖିକୁ ଦେଖାଯାଏ ନାହିଁ), ଶ୍ୱାସରେ ଶରୀରରେ ପଶି ନାକ, ଗଳା, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡର କ୍ଷତିକରେ। ଏହାର ସ୍ତର ପ୍ରତି ଘନ ମିଟର ପିଛା ୩୬.୪ ମାଇକ୍ରୋଗ୍ରାମ ରହିଥିଲା, ଯାହା ହୁ'ର ସୁରକ୍ଷା ମାପଦଣ୍ଡଠାରୁ ଯଥେଷ୍ଟ ବେଶି।

ସାଧାରଣତଃ ସୂକ୍ଷ୍ମ ପ୍ରଦୂଷକ ତତ୍ତ୍ୱକୁ ପିଏମ ୨.୫ ଏବଂ ସ୍ଥୂଳ ପ୍ରଦୂଷକ ତତ୍ତ୍ୱକୁ ପିଏମ ୧୦ ବୋଲି କୁହାଯାଏ। ହୁ' ଦ୍ୱାରା ନିର୍ଦ୍ଧାରିତ ସୀମା ଅନୁଯାୟୀ ପିଏମ ୨.୫ ପ୍ରଦୂଷକ ତତ୍ତ୍ୱର ବାର୍ଷିକ ହାରାହାରି ସୀମା ୫ ମାଇକ୍ରୋଗ୍ରାମ ପ୍ରତି ଘନ ମିଟର ହୋଇଥିବା ବେଳେ ଦୈନିକ ହାରାହାରି ସୀମା ୧୫ ମାଇକ୍ରୋଗ୍ରାମ ପ୍ରତି ଘନ ମିଟର, ଯାହା ପିଏମ ୧୦ କ୍ଷେତ୍ରରେ ଯଥାକ୍ରମେ ୧୫ ଓ ୪୫ ମାଇକ୍ରୋଗ୍ରାମ ପ୍ରତି ଘନ ମିଟର। ରିପୋର୍ଟ ଅନୁଯାୟୀ ଯଦି ପ୍ରଦୂଷଣ ସ୍ତର ହୁ' ଦ୍ୱାରା ନିର୍ଦ୍ଧାରିତ ସୀମାକୁ ଅଣାଯାଏ, ତେବେ ଓଡ଼ିଶାର ଲୋକମାନେ ପାଖାପାଖି ୩.୧ ବର୍ଷ ଅଧିକ ଆୟୁ ଲାଭ କରିପାରିବେ। ଏହି ତଥ୍ୟସମୂହ ସାଧାରଣ ସ୍ୱାସ୍ଥ୍ୟ ସଙ୍କଟକୁ ନେଇ ତୁରନ୍ତ ନିଷ୍ପତ୍ତିମୂଳକ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ। ୨୦୨୫ର ଏକ୍ୟୁଏଲଆଇ ରିପୋର୍ଟ ଅନୁଯାୟୀ ଚିନ୍ତାଜନକ ଭାବେ ଭାରତର ଜନସଂଖ୍ୟା ଅନୁପାତରେ ପିଏମ ୨.୫ ସାନ୍ଦ୍ରତା ୨୦୨୨ର ୩୯ ମାଇକ୍ରୋଗ୍ରାମ ପ୍ରତି ଘନ ମିଟରରୁ ବୃଦ୍ଧି ପାଇ ୨୦୨୩ରେ ୪୧ ମାଇକ୍ରୋଗ୍ରାମ ପ୍ରତି ଘନ ମିଟରରେ ପହଞ୍ଚିଛି। ଯେଉଁଠି ଅନ୍ୟାନ୍ୟ ଦେଶଗୁଡ଼ିକରେ ବାୟୁ ଗୁଣବତ୍ତାରେ କ୍ରମାଗତ ସୁଧାର ଆସିଛି, ସେଠି ଭାରତ ନିୟନ୍ତ୍ରଣ ଲକ୍ଷ୍ୟରେ ଥିଲେବି ପ୍ରଦୂଷଣର ଅବସ୍ଥା ଧୀରେ ଧୀରେ ଖରାପ ହେଉଛି । ଇଂଲଣ୍ଡରୁ ପ୍ରକାଶିତ ସ୍ୱାସ୍ଥ୍ୟ ପତ୍ରିକା 'ଦ ଲାନସେଟ'ରେ ବିଶ୍ୱ ରୋଗ ଭାର ଅଧ୍ୟୟନ (ଗ୍ଲୋବାଲ ବର୍ଡନ ଅଫ ଡିଜିଜ) ଉପରେ ଆଧାରିତ ତଥ୍ୟର ବିଶ୍ଳେଷଣ ଅନୁଯାୟୀ ୨୦୧୭ରେ ଭାରତରେ ପ୍ରଦୂଷଣ ଜନିତ ମୃତ୍ୟୁ ୧୨,୪୦,୫୩୦ (ମୋଟ ମୃତ୍ୟୁର ୧୨.୫%) ଥିଲା ଯାହା କ୍ରମାଗତ ବୃଦ୍ଧି ପାଇ ୨୦୧୯ରେ ୧୬,୭୦,୦୦୦ (ମୋଟ ମୃତ୍ୟୁର ୧୭.୮%) ଓ ୨୦୨୨ରେ ୧୭,୧୮,୦୦୦ରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ ୨୦୧୭ରେ ଓଡ଼ିଶାରେ ଏହି ମୃତ୍ୟୁସଂଖ୍ୟା ଥିଲା ୩୧,୧୧୮, ଯାହା ମୋଟ ମୃତ୍ୟୁସଂଖ୍ୟାର ୬.୩%। ତେଣୁ ପ୍ରଦୂଷଣ ଜନିତ ମୃତ୍ୟୁର ଭୟାବହତା କେତେ ତାହା ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ।



ଭାରତର ଦ୍ରୁତ ସହରୀକରଣ ଏବଂ ଯାତାୟାତର ବୃଦ୍ଧି ଏହି ସମସ୍ୟାକୁ ଆହୁରି ତୀବ୍ର କରିଛି। ଯାନବାହନରୁ ନିର୍ଗତ ଧୂଆଁ ସହ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟକଳାପମାନ ସହରୀ ପ୍ରଦୂଷଣ ସ୍ତରକୁ ବୃଦ୍ଧି କରିଛି। ଓଡ଼ିଶାରେ କୋଇଲା ଆଧାରିତ ଶକ୍ତି ଉତ୍ପାଦନ କେନ୍ଦ୍ର ଥିବା ଶିଳ୍ପାଞ୍ଚଳଗୁଡ଼ିକରେ ପ୍ରଦୂଷଣ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟା ବେଶ୍ ଦୃଶ୍ୟମାନ, ଯାହା ସମ୍ବେଦନଶୀଳ ଲୋକଙ୍କ ମଧ୍ୟରେ ଶ୍ୱାସ ରୋଗର ହାର ବୃଦ୍ଧି ଏବଂ ଜୀବନର ଗୁଣବତ୍ତାକୁ ହ୍ରାସ କରିଛି। ଏହି ସଙ୍କଟକୁ ଠିକ୍ କରିବା ପାଇଁ ପ୍ରତୀକାତ୍ମକ ପଦକ୍ଷେପ ଛାଡ଼ି ବ୍ୟବସ୍ଥାଗତ ବହୁମୁଖୀ ଯୋଜନା ଆପଣେଇବାକୁ ପଡ଼ିବ। ବୃକ୍ଷରୋପଣ ଭଳି ମହତ ପ୍ରୟାସର ଆବଶ୍ୟକତାକୁ ଶକ୍ତି, ଶିଳ୍ପ, ପରିବହନ ଓ ସହରାଞ୍ଚଳ ଯୋଜନା ଭଳି କ୍ଷେତ୍ରରେ ବ୍ୟବସ୍ଥାଗତ ସୁଧାର ସହ ପରିପୂରକ କରାଯିବା ଆବଶ୍ୟକ। ଏଠି କହି ରଖିବା ଉଚିତ ହେବ ଯେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବାୟୁମଣ୍ଡଳର ଗୁଣବତ୍ତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସୁଧାର ଆଣିପାରିବ ନାହିଁ। ବରଂ ଯୋଜନାବଦ୍ଧ ଭାବରେ ହୋଇ ନଥିବା ବୃକ୍ଷରୋପଣ, ଘନ ଜନବସତି ପୂର୍ଣ୍ଣ ତଥା ନିମ୍ନ ବାତାୟନଯୁକ୍ତ ସହରାଞ୍ଚଳରେ ପ୍ରଦୂଷକ କଣିକା ସମୂହକୁ ବାନ୍ଧି ରଖିବାରେ ସକ୍ଷମ ଥିବାରୁ ଅନେକ ସମୟରେ ସେହିସବୁ ଅଞ୍ଚଳର ବାୟୁମଣ୍ଡଳୀୟ ଗୁଣବତ୍ତା ହ୍ରାସ ପାଇଥାଏ। ଏଥିପାଇଁ, ଯୋଜନାବଦ୍ଧ ବୃକ୍ଷରୋପଣ ସହ କୋଇଲା–ଆଧାରିତ ଶକ୍ତି ଉତ୍ପାଦନରୁ ଦୂରେଇ ଯାଇ ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକରେ ଆଧୁନିକ ନିର୍ଗମନ ନିୟନ୍ତ୍ରଣ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସହ ଶୁଦ୍ଧ ଉର୍ଜାର ଅନୁଗମନ କରିବା ଜରୁରୀ। ସଡ଼କ ପରିବହନରୁ ହେଉଥିବା ନିର୍ଗମନକୁ କମେଇବା ପାଇଁ ବିଏସ–୬ ଯାନ ମାନଦଣ୍ଡର କଠୋର ପାଳନ, ସର୍ବସାଧାରଣ ପରିବହନରେ ନିବେଶ ଏବଂ ବିଦ୍ୟୁତ ଚାଳିତ ଯାନ–ଚାଳନା ପାଇଁ ପ୍ରୋତ୍ସାହନ ଅତ୍ୟନ୍ତ ଜରୁରୀ। ଏହାସହ ଧୂଳି–ଧୂଆଁ ନିୟନ୍ତ୍ରଣ ପଦକ୍ଷେପ, ଯନ୍ତ୍ରଚାଳିତ ରାସ୍ତା ସଫେଇ ଏବଂ ନିର୍ମାଣ ନିୟମାବଳୀର କଠୋର ପାଳନ ସହରାଞ୍ଚଳର ପ୍ରଦୂଷିତ କଣିକା ସ୍ତରକୁ କମାଇପାରିବ। ବାୟୁ ପ୍ରଦୂଷଣ କେବଳ ଏକ ପରିବେଶୀୟ ଆହ୍ୱାନ ନୁହେଁ, ବରଂ ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପରିସ୍ଥିତିରେ ପରିଣତ ହୋଇଛି ବୋଲି ଏକ୍ୟୁଏଲଆଇ ୨୦୨୫ ରିପୋର୍ଟ ଚେତାବନୀ ଦେଉଛି।

ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର
ମୋ: ୯୪୩୭୦୨୨୬୬୯

## ଏଇ ଭାରତରେ

ଭାରତର ଗ୍ରାମାଞ୍ଚଳର ବହୁ ମେଡିକାଲରେ ଏବେ ମଧ୍ୟ ଆଇସିୟୁର ଅଭାବ ରହିଛି। ଫଳରେ ଗ୍ରାମାଞ୍ଚଳ ଲୋକମାନେ ଉନ୍ନତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆବଶ୍ୟକ ସ୍ଥଳେ ଆଇସିୟୁ ଥିବା ସହରର ବଡ଼ ହସ୍ପିଟାଲକୁ ଆସି ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନେଇଛନ୍ତି ଡା. ଦିଲୀପ ରମଣ ଏବଂ ଡା. ଧ୍ରୁବ ଯୋଶୀ । ସେମାନେ ଭାରତର ଗ୍ରାମୀଣ ହସ୍ପିଟାଲଗୁଡ଼ିକୁ ଆଇସିୟୁ ସେବା ଯୋଗାଇ ଦେଉଛନ୍ତି। ଆମେରିକାର କ୍ଲିଭେଲାଣ୍ଡ କ୍ଲିନିକ୍‌ର କ୍ରିଟିକାଲ କେୟାରରେ କାର୍ଯ୍ୟ କରୁଥିଲେ ଡା. ଯୋଶୀ ଓ ଡା. ରମଣ। ପରେ ସେମାନେ ଭାରତ ଫେରି 'ଟେଲି ଆଇସିୟୁ ପ୍ଲାଟଫର୍ମ' ଗଠନ କରି ତା' ମାଧ୍ୟମରେ ଏବେ ସୁଦ୍ଧା ୧୭ଟି ରାଜ୍ୟରେ କମ୍ ସମ୍ବଳ ଥିବା ଗ୍ରାମୀଣ ଡାକ୍ତରଖାନାଗୁଡ଼ିକରେ ୪୦,୦୦୦ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇସାରିଲେଣି। ପ୍ଲାଟଫର୍ମର କମାଣ୍ଡ ସେଣ୍ଟର, ଯାହାକୁ କୁହାଯାଉଛି ରାଡାର, ତା' ସହ ଅଂଶୀଦାର ହସ୍ପିଟାଲଗୁଡ଼ିକର ଆଇସିୟୁ ସହ ସଂଯୋଗ କରାଯାଇ ଏକ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଟିମ୍ ଦ୍ୱାରା ସଞ୍ଚାଳନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଡିସେମ୍ବର ୧୯୭୬

- ଜାପାନୀ ପାର୍ଲାମେଣ୍ଟର ତଳ ଗୃହ (ଡାଏଟ୍) ପାଇଁ ହୋଇଥିବା ନିର୍ବାଚନରେ ପ୍ରଧାନମନ୍ତ୍ରୀ ମିକିଙ୍କ ଶାସନ କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟିର ବିପର୍ଯ୍ୟୟ।
- ପାର୍ଲାମେଣ୍ଟର ଉଭୟଗୃହରେ ଗୃହୀତ ହୋଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍, ଓଡ଼ିଶା ଓ ସିକିମ୍ ବିଧାନସଭାରେ ଅନୁମୋଦିତ।
- ବିଶିଷ୍ଟ ଶିକ୍ଷାବିତ୍ ଓ ଗ୍ରନ୍ଥକାର ଅଧ୍ୟାପକ ମଣିମୋହନ ସେନ୍‌ଙ୍କ ୯୨ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 7 | | 8 | | |
| | 4 | | | | | | 6 | |
| | | | 2 | | | | 9 | |
| 3 | | | | | 6 | | | 7 |
| | | | | 5 | 4 | | | |
| | 2 | | | | 3 | | | 8 |
| | | 4 | | | | 2 | | |
| | 9 | | | 1 | 5 | | | |
| 8 | | 5 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 9 | 3 | 5 | 8 | 2 | 1 | 7 |
| 5 | 3 | 2 | 7 | 9 | 1 | 8 | 4 | 6 |
| 8 | 7 | 1 | 4 | 2 | 6 | 9 | 3 | 5 |
| 1 | 4 | 8 | 9 | 7 | 2 | 5 | 6 | 3 |
| 9 | 2 | 6 | 5 | 1 | 3 | 4 | 7 | 8 |
| 7 | 5 | 3 | 6 | 8 | 4 | 1 | 2 | 9 |
| 2 | 1 | 7 | 8 | 6 | 9 | 3 | 5 | 4 |
| 3 | 9 | 5 | 1 | 4 | 7 | 6 | 8 | 2 |
| 6 | 8 | 4 | 2 | 3 | 5 | 7 | 9 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶାଳପତ୍ର ବାସନକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ଭୋଜିଭାତରେ ଯେଉଁ ଖାଇବା ପ୍ଲେଟ୍ ବା ବାସନରେ ଖାଦ୍ୟ ପରସା ଯାଉଛି ତାହା ଅତ୍ୟନ୍ତ ନିମ୍ନମାନର। କର୍କଟବସ୍ତୁକୁ ରୂପାନ୍ତର କରି ଏହି ପ୍ଲେଟ୍‌ମାନ ପ୍ରସ୍ତୁତ କରାଯାଉଛି। ଯଦ୍ୱାରା ସେସବୁ ବାସନରେ ଖାଦ୍ୟ ଖାଇଲା ବେଳେ ଗୋଟେ ପ୍ରକାର ଦୁର୍ଗନ୍ଧ ବାହାରୁଛି। ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ପ୍ଲେଟ୍‌ର ଉପରେ ମଧ୍ୟ ପ୍ଲାଷ୍ଟିକ କୋଟିଂ କରାଯାଉଛି, ଯାହାକି ଅତ୍ୟନ୍ତ ହାନିକାରକ ବସ୍ତୁ। ସେସବୁ ବନ୍ଦ କରାଯାଇ ଶାଳପତ୍ର ତିଆରି ପ୍ଲେଟ୍‌କୁ ଗୁରୁତ୍ୱ ଦିଆଯାଉ। ଶାଳପତ୍ର ପ୍ଲେଟ୍ ସମ୍ପୂର୍ଣ୍ଣ ପ୍ରାକୃତିକ। ଆଗରୁ ମଧ୍ୟ ଏହିସବୁ ବ୍ୟବହାର କରାଯାଉଥିଲା। ଏହି ବାସନ ବ୍ୟବହାର ହେବା ଦ୍ୱାରା ବହୁ ଲୋକେ ଉପକୃତ ହେବା ସଙ୍ଗେ ସଙ୍ଗେ ରୋଜଗାରକ୍ଷମ ହୋଇପାରିବେ। ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ହିତକର। ସରକାର ଏ ଦିଗରେ ଦୃଷ୍ଟିଦିଅନ୍ତୁ।

– ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର

## ଚିରନ୍ତନୀ

ଅଧର ଶୋଭାର ଜଗତେ କାହିଁଛି ମୂଳ
ସବୁ କବିତାର ଛନ୍ଦ ତହିଁରେ ଠୁଳ!
ପାବରେ ଫୁଟାଇ ପୀରତିର ପାରିଜାତ
କେଉଁ ସ୍ୱର୍ଗର ନର୍ତ୍ତକୀ କହ ତୁଲେ!
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଅଙ୍ଗନୱାଡି ନିର୍ମାଣ ପାଇଁ ୨୫ ଲକ୍ଷ ଖର୍ଚ୍ଚ କରିବାକୁ ପ୍ରସ୍ତାବ ଅଛି: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

- ୫୦ ଅନୁମୋଦିତ କେନ୍ଦ୍ରରୁ ଗୋଟିକ କାମ ଆରମ୍ଭ
- ରାଜ୍ୟରେ ୨୦,୧୫୦ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ
- ୧୩ ପିଭିଟିଜି ଅଞ୍ଚଳରେ ନିର୍ମାଣ ହେବ ୯୦ କେନ୍ଦ୍ର

ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର ପ୍ରଥମେ ୫, ପରେ ୭ ଓ ୧୨ ଲକ୍ଷ ଟଙ୍କା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପ୍ରଥମେ ଦେଉଥିଲେ। ଏବେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲାଗି ସରକାର ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ହେଲେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୈଠକ କିଛିଦିନ ତଳେ ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ଲାଗି ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯିବାକୁ ପ୍ରସ୍ତାବ ରହିଛି। ଯେଉଁଠାରେ ଅର୍ଥ ଅଭାବ କାରଣରୁ ଅଧାପନ୍ତରିଆ ଭାବେ ଅଙ୍ଗନୱାଡି କେନ୍ଦ୍ର ପଡ଼ି ରହିଛି। ବିଧାୟକମାନେ ତାଲିକା କରି ସିଡିପିଓଙ୍କ ମାଧ୍ୟମରେ ରିପୋର୍ଟ ପ୍ରଦାନକଲେ ବିଭାଗ ପକ୍ଷରୁ ତା'ର କାର୍ଯ୍ୟ କରାଯିବ। ବିଭାଗ ନିଜ ଅର୍ଥରେ ଜାଗା କିଣି ଅଙ୍ଗନୱାଡି କରିବା ଲାଗି ପ୍ରସ୍ତୁତ ଅଛି, ହେଲେ ବିଧାୟକମାନେ ଯଦି କୌଣସି କମ୍ୟୁନିଟି ସ୍ଥାନ ଚିହ୍ନଟ କରିବେ ତେବେ ସେହି କାର୍ଯ୍ୟ ଆହୁରି ତୁରନ୍ତ ହୋଇପାରିବ। ରାଜ୍ୟରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିବ। ରାଜ୍ୟରେ ସମୁଦାୟ ୭୪,୨୨୪ଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୨୦,୧୫୦ଟି


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବିଧାନସଭାରେ ଶନିବାର ପ୍ରଶ୍ନକାଳ ସମୟରେ ବହୁ ବିଧାୟକ ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କିତ ସମସ୍ୟା ନେଇ ପ୍ରଶ୍ନ କରିଥିଲେ। ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରୁ ମୋଟ୍ ୫୦ଟି ଅଙ୍ଗନୱାଡି କେନ୍ଦ୍ର ଲାଗି ବିଭାଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ଲେଖାଏ ମୋଟ ୬ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ସେଥିରୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ଲାଗି ଜାଗା ଚିହ୍ନଟ ସରିଥିବା ବେଳେ ଗୋଟିଏ କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହୋଇଛି, ବାକି ଖୁବ୍‌ଶୀଘ୍ର ଆରମ୍ଭ ହେବ। ରାଜ୍ୟର ୧୩ଟି ପିଭିଟିଜି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ୯୦ଟି ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ କେନ୍ଦ୍ର ସରକାର ୧୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦେଇଛନ୍ତି। ଯେତେଶୀଘ୍ର ଜାଗା ଚିହ୍ନଟ ହେବ ସେତେଶୀଘ୍ର କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

ଏହି ଅବସରରେ ନିର୍ମାଣ ଏବଂ ପର୍ଯ୍ୟଟନ ବିଭାଗ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ ସାହୁ, ମଙ୍ଗୁ ଖିଲ, ଧ୍ରୁବ ଚରଣ ସାହୁ, ଦୁର୍ଗା ପ୍ରସନ୍ନ ନାୟକ, ଗଣେଶ୍ୱର ବେହେରା, ସରୋଜ ପାଢ଼ୀ, ରମେଶ ଚନ୍ଦ୍ର ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସନ୍ତୋଷ ଖଟୁଆ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

# ଭାଜପାରେ ପ୍ରଫୁଲ୍ଲଙ୍କ ୨ ପୁଅ ଓ ଭଉଣୀ

ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)

ଭଦ୍ରକ ଜିଲାରେ ବିଜେଡି ଗଡ଼ ଧୀରେଧୀରେ ଭୁଶୁଡ଼ିବାରେ ଲାଗିଛି। ପ୍ରତିଦିନ ପଞ୍ଚାୟତରୁ ଆରମ୍ଭକରି ରାଜ୍ୟ ଓ ନିର୍ବାଚନମଣ୍ଡଳୀ ସ୍ତରୀୟ ନେତାମାନେ ବିଜେଡି ଛାଡ଼ି ଭାଜପାରେ ସାମିଲହେବାରେ ଲାଗିଛନ୍ତି। ଶନିବାର ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ୨ ପୁଅ ଓ ଭଉଣୀଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷଙ୍କଠାରୁ ଆରମ୍ଭକରି ଏକାଧିକ ତୃଣମୂଳସ୍ତର ନେତା ଭାଜପାରେ ମିଶିଯାଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଭଦ୍ରକ ଜିଲାର ୪ ବ୍ଲକ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଏବଂ ଜନପ୍ରତିନିଧିମାନେ ବିଜେଡି ଓ କଂଗ୍ରେସ ପରିତ୍ୟାଗକରି ଭାଜପାରେ ମିଶିଛନ୍ତି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲାରୁ ୪ ଜଣ ପୂର୍ବତନ କର୍ପୋରେଟରଙ୍କ ସମେତ ବହୁ ନେତା ଓ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବରେ ଭଦ୍ରକ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପ୍ରୟାସକାନ୍ତି ସାମଲ, ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ପ୍ରଫୁଲ୍ଲଙ୍କ ଭଉଣୀ ତଥା ଭଦ୍ରକ ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ, ଜିଲା ପରିଷଦ ସଦସ୍ୟ ବଦ୍ରି ରାଉତ, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି।

ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ରାଜ୍ୟରେ ଡବଲ ଇଞ୍ଜିନ ସରକାରର ବିକାଶ ମଡେଲ ସମସ୍ତଙ୍କ ମନରେ ନୂଆ ଆଗ୍ରହ ସୃଷ୍ଟି କରିଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ଭାଜପା ସରକାର ୧୭ ମାସ ପୂରଣ କରିଛି। ଇତିମଧ୍ୟରେ ସୁଭଦ୍ରା ଯୋଜନାଠାରୁ ଆରମ୍ଭକରି ଚାଷୀଙ୍କ ରୋଜଗାର ବୃଦ୍ଧି କରିବା ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ବହୁ ଲୋକପ୍ରିୟ ଯୋଜନା କରି ସରକାର ରାଜ୍ୟବାସୀଙ୍କ ହୃଦୟ ଜିଣିପାରିଛି ବୋଲି ସେ କହିଛନ୍ତି।

ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ କହିଛନ୍ତି, ଏଇଟା ତାଙ୍କର ପୁରୁଣା ଦଳ, ଯେତେବେଳେ ଲୋକମାନେ ସରକାର ବଦଳାଉଛନ୍ତି ସେତେବେଳେ ଜନପ୍ରତିନିଧିମାନେ ବଦଳିବାରେ ଅସୁବିଧା କେଉଁଠାରେ। ତାଙ୍କ ବାପାଙ୍କ ରାଜନୈତିକ ଦଳ ଅଲଗା, ସେଥିରେ ପରିବାରର ବିଚାର ଧାରା ଅଲଗା ବୋଲି ସେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିବା ସହ ଭାଜପା ସରକାରର ଲୋକପ୍ରିୟତା ଦିନକୁ ଦିନ ବଢ଼ି ଚାଲିଛ ବୋଲି ସେ କହିଛନ୍ତି।

## ଅଟକାଇ ପାରିଲେନି ବାପା


ଭୁବନେଶ୍ୱର ଯିବା ପାଇଁ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରେ ପ୍ରୟାସକାନ୍ତି ସାମଲଙ୍କ ସହ ଅନ୍ୟ ନେତା ଓ କର୍ମୀ।

ଭଦ୍ରକ,୬।୧୨(ସନାତନ ରାଉତ)

### ଭଦ୍ରକ ବିଜେଡି କନ୍ଦଳ

ଗତ କିଛିଦିନ ଧରି ଭଦ୍ରକ ବିଜେଡିରେ କନ୍ଦଳ ଲାଗି ରହିଥିବା ବେଳେ ଜଣଙ୍କ ପରେ ଜଣେ ଦଳ ଛାଡୁଥିଲେ। ଶେଷରେ ଶନିବାର ଭଦ୍ରକ ବିଜେଡିର କେତେଜଣ ନେତାଙ୍କ ସହ ବିଜେଡିରୁ ଇସ୍ତଫା ଦେଇଥିବା ୪ ବ୍ଲକ୍‌ର ଅଧ୍ୟକ୍ଷା ଅଧ୍ୟକ୍ଷ, କେତେଜଣ ସରପଞ୍ଚ ଓ ସମିତିସଭ୍ୟ ପଦ୍ମ ଧରିଛନ୍ତି। ଭୁବନେଶ୍ୱରଠାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସେମାନେ ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଦଳ ସମ୍ଭାଳିବାର ଦାୟିତ୍ୱ ନେଇଥିବା ବେଳେ ତାଙ୍କ ଦୁଇପୁଅଙ୍କୁ ମଧ୍ୟ ସେ ଅଟକାଇ ପାରିନାହାନ୍ତି। ତାଙ୍କ ବଡ଼ପୁଅ ପ୍ରୟାସକାନ୍ତିଙ୍କ ନେତୃତ୍ୱରେ ସାନପୁଅ ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଭଉଣୀ ତଥା ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଊର୍ମିଳା ନାୟକ ଓ ଭଣଜା ଯୁବନେତା ପ୍ରିୟବ୍ରତ ନାୟକଙ୍କ ସମେତ ଦଳରୁ ଇସ୍ତଫା ଦେଇଥିବା ନେତୃବର୍ଗ ଭାଜପାରେ ସାମିଲ ହୋଇଛନ୍ତି। ଏହାକୁ ନେଇ ଭଦ୍ରକରେ ଦିନତମାମ ଚର୍ଚ୍ଚା ଜୋର ଧରିଛି।

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରେ ସମସ୍ତେ ଏକତ୍ରିତ ହେବା ପରେ ଭୁବନେଶ୍ୱର ଭାଜପା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। କିଛିଦିନ ତଳେ ନାଟକୀୟ ମୋଡ଼ରେ ଭଦ୍ରକ ଜିଲାର ବିଜେଡି ସମର୍ଥିତ ଭଦ୍ରକ, ବନ୍ତ, ବାସୁଦେବପୁର ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ଦଳରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ଭଦ୍ରକ ବିଜେଡିରେ କମ୍ପନ ସୃଷ୍ଟି ହୋଇଥିଲା। ପରେ କେତେଜଣ ସରପଞ୍ଚ ଓ ସମିତିସଭ୍ୟ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ଏହାପରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଭଦ୍ରକର ବରିଷ୍ଠ ନେତା ପ୍ରଫୁଲ୍ଲଙ୍କ ସହ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନାଙ୍କ ସମେତ କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡକାଇ ଆଲୋଚନା କରିଥିଲେ। ପ୍ରଫୁଲ୍ଲଙ୍କୁ ତାଗିଦ୍ କରିବା ସହ ଜିଲାରେ ବିଜେଡିକୁ ସଙ୍ଗଠିତ କରିବା ପାଇଁ ନବୀନ ତାଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନଙ୍କୁ ଅଟକାଇବା ପାଇଁ ବାପାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ଅଟକାଇ ପାରିଲେ ନାହିଁ। ପୁଅ ସମସ୍ତଙ୍କୁ ସାଙ୍ଗରେ ନେଇ ଭାଜପାରେ ମିଶାଇ ଦେଲେ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶଥାଉ କି, ଜିଲାର ସମସ୍ତ ୭ ବ୍ଲକ ଅଧ୍ୟକ୍ଷ ପଦ ଓ ଜିଲା ପରିଷଦ ସଭ୍ୟ ପଦ ବିଜେଡି ଦଖଲରେ ରହିଥିବା ବେଳେ ସରକାର ପରିବର୍ତ୍ତନର ମାତ୍ର ଦେଢ଼ ବର୍ଷରେ ତାସ ପତା ପରି ଭୁଶୁଡ଼ି ଚାଲିଛି। ଆଗକୁ ପ୍ରଫୁଲ୍ଲଙ୍କ ଭୂମିକା କ'ଣ ରହିବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ସରକାରଙ୍କ ପୂର୍ବର ଆଦିବାସୀ ଚିନ୍ତା ଆଉ ନାହିଁ: କାଡାମ

ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)

## ପେସା ଆଇନ ଲାଗୁ କଥା କହି ବର୍ଷିଲେ

ବିରୋଧୀ ଆସନରେ ଭାଜପା ବସିବା ବେଳେ ଆଦିବାସୀଙ୍କ କଥା କହି ବହୁ ଚିନ୍ତା ପ୍ରକଟ କରୁଥିଲା। ସବୁବେଳେ ଆଦିବାସୀଙ୍କ କଥା ହିଁ ସେମାନଙ୍କ ମୁହଁରୁ ଶୁଣିବାକୁ ମିଳୁଥିଲା। ସରକାରକୁ ଆସିବା ପୂର୍ବରୁ ପେସା ଆଇନ ଲାଗୁ କରିବ ଏବଂ ସେମାନଙ୍କୁ ଜଙ୍ଗଲ ଜମି ଅଧିକାର ଦେବ ବୋଲି ରାଜ୍ୟବାସୀଙ୍କ ପାଖରେ ଭାଜପା ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବା କ୍ଷଣି ମଧ୍ୟ ପେସା ଆଇନ ଲାଗୁ କରାଯିବ ବୋଲି କହିଲା, ହେଲେ ଏବେ ଖଣି, ପାଣି ଏବଂ ଜଙ୍ଗଲ ଉପରେ ଆଦିବାସୀଙ୍କର କିଛି ଅଧିକାର ରହୁନାହିଁ। ଓଲଟା ପୁଞ୍ଜିପତି ଏବଂ ସେମାନଙ୍କ କମ୍ପାନୀ ସବୁଜଙ୍ଗଲ, ଜମି ଓ ଖଣି ମାଡ଼ି ବସିବା ଆରମ୍ଭ କରିଦେଲେଣି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ବିଧାନସଭାରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କାଡାମ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନିଜେ ହେଉଛନ୍ତି ଆଦିବାସୀ ନେତା। ସେ ନିଜେ ଯେତେବେଳେ ବିରୋଧୀ ଦଳରେ ବସୁଥିଲେ ଚିତ୍କାର କରି ଆଦିବାସୀଙ୍କ ସୁରକ୍ଷା କଥା ଉଠାଉଥିଲେ, ହେଲେ ଏବେ କ'ଣ ହେଲା। ବର୍ତ୍ତମାନ ପେସା ଆଇନ ଲାଗୁହେବା କ୍ଷେତ୍ରରେ ସବୁ କିଛି ଧିମେଇଯିବାର କାରଣ କ'ଣ ଉତ୍ତର ରଖନ୍ତୁ। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ମଧ୍ୟ ଓଡ଼ିଶାରୁ ଅଟନ୍ତି। ତେଣୁ ୫ ବର୍ଷ କାଳ ଏମାନେ ଆଦିବାସୀଙ୍କୁ ଠକିବା ଏବଂ ଭଣ୍ଡିବା କଥା ଚିନ୍ତା କରିଥିବା ଆଶଙ୍କା କରାଯାଉଛି। ଭାଜପା ଅନୁଗ୍ରହରେ କମ୍ପାନୀଗୁଡ଼ିକ ବାହାର ରାଜ୍ୟରୁ ଆସି ଖଣି ଲୁଟିବା ଆରମ୍ଭ କରିଦେଲେଣି। ଓଡ଼ିଶାରେ ଆଦିବାସୀଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୮ ପ୍ରତିଶତ। ସେମାନଙ୍କୁ ସେମାନଙ୍କ ଅଞ୍ଚଳର ଖଣି, ପାଣି, ଜଙ୍ଗଲ ଉପରୁ ଅଧିକାର ନେବାରୁ ଦୂରେଇ ରଖାଯାଉଛି। ପେସା ଆଇନ ଲାଗୁ ନ ହେଲେ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ। ଆଦିବାସୀମାନେ ନିରୀହ ସତ, ହେଲେ ସେମାନେ ଯେତେବେଳେ ନିଜ ଅଧିକାର ପାଇଁ ଲଢ଼େଇ ଆରମ୍ଭ କରନ୍ତି ସେମାନଙ୍କୁ ଅଟକାଇବା ଏତେ ସହଜ ନୁହେଁ ବୋଲି କାଡାମ କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟରେ ମାନବ ଚାଲାଣ ଏତେ ବଢ଼ିଗଲାଣି ତାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସରକାର ଏ ଦିଗରେ କିଛି ନିର୍ଦ୍ଦିଷ୍ଟ ନିୟମ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଜଣେ ଝିଅ ଯେତେବେଳେ ବାହାରକୁ କାମ କରିବାକୁ ଯିବେ ସେତେବେଳେ ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ସିଡିପିଓଙ୍କ କନ୍‌ସେଣ୍ଟ ନିଆଯିବା କଥା ହେଲେ ତାହା ହେଉ ନାହିଁ। ମାନବ ଚାଲାଣ ରୋକିବା ଉପରେ ସରକାର ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି। ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି, ବିଦ୍ୟାଳୟଗୁଡ଼ିକର ବହୁ ବିକଳ ଚିତ୍ର ବର୍ତ୍ତମାନ ଦୃଷ୍ଟିକୁ ଆସିବାରେ ଲାଗିଛି। ଜଣେ ପିଲା ଦୁଷ୍ଟାମି କଲା ବୋଲି ତାକୁ ସେଠାର ଶିକ୍ଷକ ବେଢ଼ି ପକାଇ ଗୋଟିଏ ରୁମ୍‌ରେ ତାଲା ପକାଇ ରଖିଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ଖବର ପାଇବା ପରେ ପିଲାଟିକୁ ଉଦ୍ଧାରକଲା। ପ୍ରେସର କୁକର ଫାଟି ଜଣେ ପିଲାର କ'ଣ ହେଲା ସେକଥା ସମସ୍ତେ ଦେଖିଛନ୍ତି। ଦଣ୍ଡମୁକ୍ତ ସ୍କୁଲ କେବଳ ଘୋଷଣାରେ ସୀମିତ ରହିଯାଇଛି ବୋଲି ସେ କହିଛନ୍ତି। ଭାଜପା ସଦସ୍ୟ ସନାତନ ବିଜୁଳି କହିଛନ୍ତି, ମୟୂରଭଞ୍ଜ ଜିଲାରେ ଦୀର୍ଘଦିନରୁ ଜାଲ୍ ସାର୍ଟିଫିକେଟ ଦେଇ ବହୁଜଣ ଚାକିରି କରିଛନ୍ତି। ଏହା ଉପରେ ତଦନ୍ତ କେତେବାଟ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ସରକାର ଆସିବାର ୧୮ ମାସ ବିତିଯିବା ସତ୍ତ୍ୱେ ଏଯାଏଁ ଜିଲା ଯୋଜନା କମିଟି ଗଠନ କରାଯାଇପାରିଲା ନାହିଁ। ଫଳରେ ଜିଲା କ୍ରିଟିକାଲ ଫଣ୍ଡ ଜିଲା ଯୋଜନା କମିଟି ଅନୁମୋଦନରେ ପ୍ରଦାନ କରାଯାଇଥାଏ। ଜିଲା ଯୋଜନା କମିଟି ଗଠନ ନ ହେବା ଯୋଗୁ ଏହି ଅର୍ଥ ଖର୍ଚ୍ଚ ହେଇପାରୁନାହିଁ, ଯେଉଁଥିଲାଗି ବଜେଟ ଅର୍ଥ ଖର୍ଚ୍ଚ ନ ହୋଇପାଇବାର ଏକ କାରଣ ହୋଇପାରେ ବୋଲି ଗଣେଶ୍ୱର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଇରାଶିଷ ଆଚାର୍ଯ୍ୟ, ସାରଦା ପ୍ରସନ୍ନ ଜେନା, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସିଦ୍ଧାନ୍ତ ମହାପାତ୍ର, ଅଗସ୍ତି ବେହେରା, ଗଣେଶ୍ୱର ବେହେରା, ରଘୁନାଥ ଜଗଦଲା, ପବିତ୍ର ସାଉଁତା, ଅନନ୍ତ ନାରାୟଣ ଜେନା ଏବଂ ଲକ୍ଷ୍ମଣ ବାଗ ପ୍ରମୁଖ ଶୂନ୍ୟକାଳରେ ନିଜ ଅଞ୍ଚଳର ସମସ୍ୟା ବିଷୟରେ ଉଲ୍ଲେଖ କରିଥିଲେ।

# ବଳିଦାନକୁ ସମ୍ମାନ

### ଆଜି ସଶସ୍ତ୍ର ବାହିନୀ ପତାକା ଦିବସ

ଆମ ଦେଶରେ ଡିସେମ୍ବର ୭ରେ ପାଳନ ହୋଇଆସୁଛି ସଶସ୍ତ୍ର ବାହିନୀ ପତାକା ଦିବସ। ଏହା ଭାରତୀୟ ସେନା, ଭାରତୀୟ ନୌସେନା ଓ ଭାରତୀୟ ବାୟୁସେନାରେ କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସଦସ୍ୟଙ୍କୁ ଦାନ ଏବଂ ସମ୍ପ୍ରଦାୟର ସମ୍ପୃକ୍ତି ମାଧ୍ୟମରେ ସମ୍ମାନିତ କରେ। ଛାତ୍ରୀଛାତ୍ରମାନେ ମର୍ଯ୍ୟାଦା ଏବଂ ଅନ୍ତର୍ଭୁକ୍ତି ପାଳନ କରିବା ସହ ସଚେତନତା ଏବଂ ପାଣ୍ଠି ସଂଗ୍ରହରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଅବଶ୍ୟ ଏହି ଦିବସ ଏକ ଜାତୀୟ କାର୍ଯ୍ୟକ୍ରମ, ଯାହା ଦେଶର ସାମରିକ କର୍ମଚାରୀଙ୍କ ସମର୍ପଣ ଏବଂ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ପାଳନ କରାଯାଏ। ତେବେ ଏହି ଦିବସ ସାଧାରଣ ସଶସ୍ତ୍ର ବାହିନୀ ଦିବସଠାରୁ ଭିନ୍ନ ଏବଂ ଛୋଟ ପତାକା ବଣ୍ଟନ ଓ ସ୍ୱେଚ୍ଛାକୃତ



ଦାନ ସଂଗ୍ରହକରି ପାଳନକରାଯାଏ। ସୂଚନାଯୋଗ୍ୟ, ସଶସ୍ତ୍ର ବାହିନୀ ପତାକା ଦିବସ ପ୍ରଥମେ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ୧୯୪୯ ମସିହାରେ ପ୍ରଚଳନ କରାଯାଇଥିଲା, ଯାହାର ଲକ୍ଷ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ସାମରିକ ବାହିନୀକୁ ସମର୍ଥନ ଏବଂ ସମ୍ମାନ ଦେବାରେ ସାମିଲକରିବା ଥିଲା।

# 'ସମସ୍ତଙ୍କ ପାଇଁ ନିରାପଦ ଆକାଶ ଓ ସ୍ଥାୟୀ ଉଡ଼ାଣ'

୧୯୯୬ରେ ମିଳିତ ଜାତିସଂଘ ସାଧାରଣ ସଭା ଡିସେମ୍ବର ୭ତାରିଖକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ ଭାବେ ସ୍ୱୀକୃତି ଦେଇଥିଲା। ଏହି ଦିବସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସ୍ଥାୟୀ ବିକାଶ ପାଇଁ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳର ଗୁରୁତ୍ୱ ବିଷୟରେ ସଚେତନତାକୁ ଉତ୍ସାହିତ କରେ। ଏଥିସହ ସମସ୍ତଙ୍କ ପାଇଁ ନିରାପଦ ତଥା ପରିବେଶଗତ ଦାୟିତ୍ୱପୂର୍ଣ୍ଣ ବିମାନ ପରିବହନକୁ ପ୍ରୋତ୍ସାହିତ କରିବାରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଙ୍ଗଠନ (ଆଇସିଏଓ)ର ନେତୃତ୍ୱକୁ ସମର୍ଥନ କରେ। ସୂଚନାଯୋଗ୍ୟ, ୧୯୯୪ ମସିହାରୁ ଆଇସିଏଓ ପକ୍ଷରୁ ଡିସେମ୍ବର ୭ରେ




### ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ

ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ ପାଳନ କରାଯାଇଆସୁଛି। ତେବେ ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସମସ୍ତଙ୍କ ପାଇଁ ନିରାପଦ ଆକାଶ ଏବଂ ସ୍ଥାୟୀ ଉଡ଼ାଣ'।

# ବରପଦା କଲେଜ ମାମଲାରେ ବଞ୍ଚିବାକୁ ଭାଜପାରେ ମିଶିଲେ: ବ୍ୟୋମକେଶ

ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)

ଭାଜପାରେ ପ୍ରୟାସକାନ୍ତି ସାମଲ ଓ ପ୍ରଣୀତକାନ୍ତି ସାମଲ ମିଶିବା ପରେ ଚାନ୍ଦବାଲି ବିଜେଡି ବିଧାୟକ ବ୍ୟୋମକେଶ ରାୟ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବରପଦା କଲେଜର ଇଡି ମାମଲାରୁ ବଞ୍ଚିବାକୁ ଏ ଦୁହେଁ ଭାଜପାରେ ମିଶିଛନ୍ତି। ଭାଜପା ବରପଦା କଲେଜ ଘଟଣାକୁ ସବୁବେଳେ ବିରୋଧ କରୁଥିଲା, କିନ୍ତୁ ବର୍ତ୍ତମାନ କାହିଁକି ପ୍ରୟାସକାନ୍ତିଙ୍କୁ ସେମାନେ ଦଳରେ ମିଶାଇଲେ କୁହନ୍ତୁ। ବରପଦା ଇଞ୍ଜିନିୟରିଂ କଲେଜକୁ ନେଇ ହୋଇଥିବା ଇଡି କେସ୍ କ'ଣ ସମାଧାନ ହୋଇଯାଇଛି। ଇଡି କେସ୍‌ରୁ ମୁକୁଳିବା ପାଇଁ ପ୍ରୟାସକାନ୍ତି ଓ ପ୍ରଣୀତକାନ୍ତି ଭାଜପା ସହ ମସୁଧା କରି ଯୋଗ ଦେଇଥିବା ସେ କହିଛନ୍ତି।

# ଧାମରାରେ ବୁଲୁଛି ମହାବଳ ବାଘ

## ଭିଡିଓ ଭାଇରାଲ ପରେ ବନ ବିଭାଗ ନାକେଦମ୍


ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବାଘର ଫଟୋ।

ଚାନ୍ଦବାଲି,୬।୧୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ଅଞ୍ଚଳରେ ଏକ ମହାବଳ ବାଘ ବୁଲୁଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶନିବାର ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଛି।

ସୂଚନା ଅନୁଯାୟୀ, ଧାମରା ବନ୍ଦର ୩ ନଂ. ଗେଟ୍ ଆଗରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ କେହି ଜଣେ ଭାଇରାଲ କରିଛନ୍ତି। ପ୍ରକୃତରେ ସେଠାରେ ବାଘ ଅଛି ନା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ପ୍ରସ୍ତୁତ କରାଯାଇ ଭାଇରାଲ ହୋଇଛି, ତାହାର ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ। ତେବେ ଏହି ଭିଡିଓ ଭାଇରାଲ ହେବା ପରେ ଧାମରା ବନପାଳ କୁମୁଦ ଚନ୍ଦ୍ର ସାହୁ ଏବଂ କରଞ୍ଜମାଳ ବନପାଳ ସନ୍ତୋଷ ମାଝୀ ୫ଜଣ ବନରକ୍ଷୀଙ୍କୁ ନେଇ କଇଥଖୋଲା, କରଞ୍ଜମାଳ ଅଞ୍ଚଳ ବୁଲି ଦେଖିବା ସହ କୌଣସି ସ୍ଥାନରେ ବାଘର ପାଦଚିହ୍ନ ମଧ୍ୟ ପାଇନାହାନ୍ତି। ପ୍ରଥମେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ସିସି କ୍ୟାମେରାରେ ଏହି ଭିଡିଓ କଏଦ ହୋଇଥିବା କଥା ଶୁଣିବାକୁ ମିଳିଥିବା ବେଳେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଶନିବାର ଦିନତମାମ ବନପାଳ ଏବଂ ବନରକ୍ଷୀମାନେ ସମସ୍ତ ସ୍ଥାନ ବୁଲି ଦେଖିଥିଲେ ମଧ୍ୟ ମହାବଳ ବାଘର କୌଣସି ସୁରାକ୍ ପାଇନାହାନ୍ତି। ଏଣୁ କେଉଁ ପରିସ୍ଥିତିରେ ଏବଂ କିଏ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି, ସେଥିପ୍ରତି ଜିଲା ପ୍ରଶାସନ ସଜାଗ ହେବା ସହ ତୁରନ୍ତ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ତେବେ ଭାଇରାଲ ଭିଡିଓକୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏନେଇ ଡିଏଫ୍‌ଓ ସୌଭାଗ୍ୟ ରଞ୍ଜନ ସାହୁ କହିଛନ୍ତି, ଏହା ଏଆଇ ଭିଡିଓ। ଧାମରାକୁ ବାଘ ଆସିବା ପାଇଁ କୌଣସି ଜଙ୍ଗଲ କରିଡର୍ ନାହିଁ। ଏଣୁ ବାଘ ଏଠାକୁ ଆସିବା ଅସମ୍ଭବ। ତଥାପି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଅନୁସନ୍ଧାନ କରାଯାଉଛି।

# ବାବା ସାହେବଙ୍କ ସମ୍ବିଧାନରେ ବସୁଧୈବ କୁଟୁମ୍ବକମ୍

## ମହାନ୍ ସମ୍ବିଧାନକୁ ଭାଜପା ଶେଷ କରିଦେବାକୁ ଚାହୁଁଛି: ଭକ୍ତ



କଂଗ୍ରେସ ଭବନରେ ଆୟୋଜିତ ସାମାଜିକ ନ୍ୟାୟ ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ପ୍ରମୁଖ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୧୨ (ରବିନାରାୟଣ ଜେନା)

ସମ୍ବିଧାନ ପ୍ରଣେତା ତଥା ସାମାଜିକ ନ୍ୟାୟର ପ୍ରତିଷ୍ଠାତା ଭାରତ ରତ୍ନ ଡ. ଭୀମରାଓ ଆମ୍ବେଡ୍‌କରଙ୍କ ପୁଣ୍ୟ ତିଥି ଅବସରରେ ଶନିବାର କଂଗ୍ରେସ ଭବନରେ ଏକ ସାମାଜିକ ନ୍ୟାୟ ସମାବେଶ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଦଳର ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ କହିଥିଲେ, ବାବା ସାହେବଙ୍କ ପ୍ରଣୀତ ସମ୍ବିଧାନ ବସୁଧୈବ କୁଟୁମ୍ବକମ୍ ଦ୍ୱାରା ପ୍ରଭାବିତ। ଆଉ ପଛୁଆବର୍ଗଙ୍କ ନ୍ୟାୟ ପାଇଁ ପ୍ରେରିତ। କିନ୍ତୁ ଦୁଃଖର କଥା ଏହି ମହାନ୍ ସମ୍ବିଧାନକୁ ଭାଜପା ଖଣ୍ଡ ଖଣ୍ଡ କରି ଶେଷ କରିଦେବା ଲାଗି ଚାହୁଁଛି। ମାତ୍ର ସମ୍ବିଧାନକୁ ବଞ୍ଚାଇବା ବର୍ତ୍ତମାନ କଂଗ୍ରେସର ପରମ କର୍ତ୍ତବ୍ୟ ବୋଲି ଭକ୍ତ କହିଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ଶରତ ରାଉତ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ବାବା ସାହେବଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରଶଂସା କରିବା ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ପୂର୍ବତନ ଏମ୍‌ପି ଅନନ୍ତପ୍ରସାଦ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ତୋଷ ସିଂ ସାଲୁଜା, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ଖର୍ଚ୍ଚଦାବିକୁ ମଞ୍ଜୁରୀ

ଭୁବନେଶ୍ୱର, ୬।୧୨ (ସୁନିତ୍ ମିଶ୍ର)

୨୦୨୫-୨୬ ଆର୍ଥିକ ବର୍ଷରେ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରମାନଙ୍କ ମାଟ୍ରିକ ବିଦ୍ୟାବୃତ୍ତି ଲାଗି ଅତିରିକ୍ତ ୧୩୮.୩୯ କୋଟି ଟଙ୍କା ଏବଂ ମାଟ୍ରିକ୍ ପରବର୍ତ୍ତୀ ବିଦ୍ୟାବୃତ୍ତି ପାଇଁ ଅତିରିକ୍ତ ୮ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ପ୍ରସ୍ତାବ ରହିଛି। ପଛୁଆ ବର୍ଗର ଛାତ୍ରୀଛାତ୍ରମାନଙ୍କ ପ୍ରାକ୍ ମାଟ୍ରିକ୍ ବିଦ୍ୟାବୃତ୍ତି ଲାଗି ଅତିରିକ୍ତ ୫ କୋଟି ଟଙ୍କା ଏବଂ ମାଟ୍ରିକ ପରବର୍ତ୍ତୀ ବିଦ୍ୟାବୃତ୍ତି ପାଇଁ ଅତିରିକ୍ତ ୬୫ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ଚଳିତ ବର୍ଷ ୨୦୨୫-୨୬ ପାଇଁ ମୋଟ୍ ୨୧୬.୩୯ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ପହିଲାଠାରୁ ଏହି ଛାତ୍ରବୃତ୍ତିର ହାର ଛାତ୍ରମାନଙ୍କ ପାଇଁ ୧୦ ହଜାର ୫୦୦ରୁ ୧୭ ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ ହଜାର ଟଙ୍କାରୁ ୧୦ ମାସ ପାଇଁ ସର୍ବାଧିକ ୧୭ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ସୁବିଧା ଲାଗି ଅତିଥି ଶିକ୍ଷକଙ୍କ ପାରିଶ୍ରମିକ ଦେୟ ପାଇଁ ଅତିରିକ୍ତ ୨ କୋଟି ୩୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ନିମନ୍ତେ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶନିବାର ବିଧାନସଭାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ପରେ ଏହାକୁ ଗୃହରେ ମଞ୍ଜୁରୀ ମିଳିଛି।

# ଚାଉଳ ରହିଗଲେ ନିଲାମକରି ବିକିବେ ମିଲର୍ସ: ମନ୍ତ୍ରୀ

ଭୁବନେଶ୍ୱର, ୬।୧୨ (ସୁନିତ୍ ମିଶ୍ର)

ରାଜ୍ୟରୁ ଚାଉଳ ଉଠିପାରୁ ନାହିଁ ବୋଲି ବିରୋଧୀ ଅଭିଯୋଗ କରୁଥିଲେ। ହେଲେ ଗୃହକୁ ଜଣାଇଦେବାକୁ ଚାହେଁ, ଗତବର୍ଷ ରାଜ୍ୟରେ ୯୨.୬୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ସେଥିରୁ ୬୩.୪୨ ଲକ୍ଷ ଚାଉଳ ସଂଗ୍ରହ କରାଯାଇଛି। ସେଥିରୁ ୨୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେବ। ତନ୍ମଧ୍ୟରୁ ୬.୭୬ ଲକ୍ଷ ମେଟ୍ରିକ ଟନ୍ ଏଫ୍‌ସିଆଇ ନେଇସାରିଛି। ଆଉ ୬.୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ଡିସେମ୍ବର ସୁଦ୍ଧା ନେବାକୁ କଥାବାର୍ତ୍ତା ହୋଇଛି। ମିଲରମାନଙ୍କ ପାଖରେ ୧୩.୯୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଗଚ୍ଛିତ ଅଛି। ସେମାନଙ୍କଠାରୁ ଅଣାଯିବ। ୨୭.୭୩ ଲକ୍ଷ ମେଟ୍ରିକ ଟନ୍ ପିଡିଏସ୍ ବାବଦକୁ ଖର୍ଚ୍ଚ ହେବ। ସବୁ ହିସାବକଲେ ରାଜ୍ୟ ସରକାରଙ୍କ ନିଜସ୍ୱ ଖର୍ଚ୍ଚ ବାବଦକୁ ୧.୯୯ ଲକ୍ଷ କୁଇଣ୍ଟାଲ ଆବଶ୍ୟକ। ୩ ମାସ ମଧ୍ୟରେ ଅନ୍ୟାନ୍ୟ ବାବଦରେ ୦.୮୮ ଲକ୍ଷ କୁଇଣ୍ଟାଲ ଖର୍ଚ୍ଚ ହେବ। ବିଭିନ୍ନ ଗୋଦାମରେ ୩.୩୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଛି। ଯଦି ଅଧିକ ଚାଉଳ ରହିଯାଏ, ତେବେ ନିଲାମ ଜରିଆରେ ବିକିବାକୁ ମିଲରମାନଙ୍କୁ କୁହାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

## ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ମଞ୍ଜୁର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୨୦୨୫-୨୬ ଆର୍ଥିକ ବର୍ଷର ଅତିରିକ୍ତ ଖର୍ଚ୍ଚ ଦାବିକୁ ଗୃହରେ ମଞ୍ଜୁରୀ ମିଳିଛି। ଏହି ଖର୍ଚ୍ଚଦାବି ଆଲୋଚନା ପରେ ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି, ସମସ୍ତେ ଜାଣିବା ଦରକାର ରାଜ୍ୟରୁ ବହୁ ପରିମାଣର ବାସ୍‌ମତି ଚାଉଳ ବାହାରକୁ ରପ୍ତାନି ହେଉଛି। ବାସ୍‌ମତି ଚାଉଳ ବହୁ ଦାମିକିଆ ଏବଂ ବାହାରେ ଏହାର ଚାହିଦା ମଧ୍ୟ ଅଧିକ। ତେଣୁ ଚାଷୀଙ୍କୁ ଅଧିକ ବାସ୍‌ମତି ଚାଉଳ ଉତ୍ପାଦନ ଲାଗି ସରକାର ପ୍ରୋତ୍ସାହନ ଦେବେ। ଏଥିଲାଗି ପ୍ରତ୍ୟେକ ଜିଲାରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଖୁସିର ବିଷୟ ଗତ ୧୭ ମାସରେ ଜଣେ ବି ଚାଷୀ ରାଜ୍ୟରେ ଆତ୍ମହତ୍ୟା କରିନାହାନ୍ତି। ୨ ଲକ୍ଷ ୧୭ ହଜାର ଚାଷୀ ନୂତନ ଭାବେ ପଞ୍ଜୀକରଣ କରିଛନ୍ତି। ଅର୍ଥାତ୍ ଗତ ସରକାର ସମୟରେ ଯେଉଁ ଚାଷୀମାରଣ ନୀତିରେ ଅତିଷ୍ଠ ହୋଇ କୃଷକମାନେ ଚାଷ ଛାଡ଼ି ଦେଇଥିଲେ ସେମାନେ ଏହି ଭାଜପା ସରକାର ଉପରେ ବିଶ୍ୱାସ କରିପାରିଛନ୍ତି। ବିଗତ ଦିନରେ ଯେତେସବୁ ଚାଷୀ ଆତ୍ମହତ୍ୟା କରିଥିଲେ, ସେଥିଲାଗି ସେତେବେଳେ ଶାସନରେ ଥିବା ସରକାର ଦାୟୀ। ସେହି ପାପ ସେମାନେ ଉଠାଇବେ। ରାଶନ କାର୍ଡରେ ସ୍ୱଚ୍ଛତା ଆସିବା ଯୋଗୁ ୬ ଲକ୍ଷ ୩୯ ହଜାର ନୂଆ ହିତାଧିକାରୀ ରାଶନ କାର୍ଡ ପାଇପାରିଲେ। ଗତ ସରକାର ଦଳୀୟ ଭିତ୍ତିରେ ରାଶନ କାର୍ଡ ବାଣ୍ଟୁଥିଲା। ଯିଏ ସେମାନଙ୍କୁ ଭୋଟ୍ ଦେଉ ନ ଥିଲା ସେମାନଙ୍କ କାର୍ଡକାଟୁଥିଲା ବୋଲି ମନ୍ତ୍ରୀ କହିଛନ୍ତି।

# ଗନି ବ୍ୟାଗ୍ ଓଜନରେ ତ୍ରୁଟି ନେଇ ତଦନ୍ତ କରିବ କମିଟି: ମନ୍ତ୍ରୀ

ଭୁବନେଶ୍ୱର,୬।୧୨ (ସୁନିତ୍ ମିଶ୍ର)

ରାଜ୍ୟକୁ ଯେଉଁ ଗନି ବ୍ୟାଗ୍ ଆସୁଛି ତାହାର ଓଜନ ୫୦୦ ଗ୍ରାମ ରହିଛି। ହେଲେ ସେହି ବସ୍ତାର ଓଜନ ୫୬୦ ଗ୍ରାମ ରହିବା କଥା। ଗନି ବ୍ୟାଗ୍ ଓଜନ କମ୍ ଆସିବା ବିଷୟ ଦୃଷ୍ଟିକୁ ଆସିବା ପରେ ଏନେଇ କୋଲକାତାରେ ଏକ ବୈଠକ ହୋଇଥିଲା। ଏ ବିଷୟରେ ଯେଉଁ ସଂସ୍ଥା ଦେଉଛି ତାକୁ ଜଣାଇଦିଆଯାଇଛି। ଏକ କମିଟି ଆସି ତା'ର ତର୍ଜମାକରି ରିପୋର୍ଟ ଦେବେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଏକ କମିଟିକରି ଏହାର ତଦନ୍ତ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ସୂଚନା ଦେଇଛନ୍ତି। ସେ ଗୃହରେ ଉତ୍ତର ରଖି କହିଛନ୍ତି, ଏହି ଗନି ବ୍ୟାଗ୍ କିଣାଯିବା ବ୍ୟବସ୍ଥା ମଧ୍ୟ ଉତ୍ତରାଧିକାରୀ ସୂତ୍ରରେ ଗତ ସରକାର ଆମକୁ ଦେଇଛି। ଏହି ଗନି ବ୍ୟାଗ୍ କିଣିବା କାର୍ଯ୍ୟ ଗତ ସରକାର ହିଁ କୋଲକାତାର ଏକ ସଂସ୍ଥାକୁ ଦେଇଥିଲା। ସବୁ ଦୁର୍ନୀତି ଗତ ସରକାର ସମୟରେ ହିଁ ହୋଇଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।


## OFFICE OF THE NOTIFIED AREA COUNCIL, KANTABANJI

No.1836/Dt.03.12.2025

NO.C-1689

**e-Procurement Notice**

**Bid Identification No.-NAC-KBJ-003/2025-26**

| | |
|---|---|
| Name of the work for which tender invited | : **Extension of Administrative Building, Sale Counter and Co-compost shed and other ancilary structure inside existing SETP at Notified Area Council Kantabanji** |
| No. of Works | : 1 No. |
| Project Cost | : 64.46 Lakhs |
| Period of Completion | : As per DTCN |
| Date & Time of Availability of RFP in the Online Portal | : From Dt.05.12.2025, 11:00 A.M. to Dt.26.12.2025, 05:00 P.M. |
| Last date & time of receipt of Bid through online Portal | : Dt.26.12.2025 upto 05:00 P.M. |
| Deadline for Submission of Clarification | : From Dt.05.12.2025, 11:00 A.M. to Dt.12.12.2025, 05:00 P.M. |
| Opening of Bid documents | : Dt.30.12.2025 at 11:00 A.M. |
| The bidder has to participate in online bidding only | : https://tendersodisha.gov.in |

Further details are available in the website :

Sd./- Executive Officer
Kantabanji NAC

OIPR-13111/11/0008/2526

## ପୌର ପରିଷଦ ହିଞ୍ଜିଳିକାଟୁ
## HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା - ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ - ୦୬୮୧୧ - ୨୮୦୦୨୫, ଟୋଲ୍‌ଫ୍ରି - ୧୪୪୨୦

At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420

Email : hinjilicutmunicipality@gmail.com

f: Hinjilicut Municipality, : Hinjilicutmunicipality

Letter No. 3111/Dev. Date : 04.12.2025

**E-Procurement Notice No. - HIN-MUN-04/2025/26**

**No.C-1684** : The Executive Officer, Hinjilicut Municipality on behalf of Governor of Odisha invites percentage bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works — 34 Nos.
2. Period of completion — As per DTCN
3. Date & time of availability of Bid Documents in the portal — From 10.00 A.M. of Dt.07.12.2025 to 5.00 P.M. of Dt.18.12.2025 for online bidding
4. Last date of receipt of Bid through Online — Dt.18.12.2025 of upto 5.00 P.M.
5. Date of opening of Bid — Dt.19.12.2025 at 11.00 A.M.

Further details can be seen from the procurement portal : https://tendersodisha.gov.in

Sd./- Executive Officer
Hinjilicut Municipality

OIPR-13105/11/0024/2526

## OFFICE OF THE SUPERINTENDENT, CHC, KUJANGA, JAGATSINGHPUR

**Tender Call Notice for Hiring of RBSK Vehicle**

Advt. No. : 688 Dated : 05.12.2025

**No.E-572** : Sealed Tenders are invited from interested eligible bidders (individuals/Tour Operators / travel Agency) for hiring of vehicles (Mahindra TUV/Bolero/ Scorpio etc.) for CHC Kujanga, Jagatsinghpur on a monthly basis. The eligible criteria, the terms of reference and the formats for submission of bids are available in Jagatsinghpur district website, i.e https://jagatsinghpur.odisha.gov.in The details of proposal(s) complete in all respect super scribing "Tender for hiring of vehicles on rental (Monthly basis) for ______ place/Purpose ____ " on the envelope should reach the office of the Superintendent, CHC Kujanga, Jagatsinghpur on or before **Dt: 19.12.2025 till 5 PM** through speed post / regd. Post / courier only. The technical & Financial bids shall be opened at the office of the Superintendent, CHC Kujanga, Jagatsinghpur on **Dt: 20.12.2025 at 11 AM.** The authority reserves the right to reject any or all proposals without assigning any reason thereof.

Sd./- Superintendent
CHC, Kujanga, Jagatsinghpur

OIPR-10267/11/0002/2526

## PANCHAYAT SAMITI OFFICE, LATHIKATA
### INVITATION FOR BIDS

**Bid Identification No. BDO/LKT/02/2025-26**

Letter No. 3418 Dt.01.12.2025

No. i-410: The Panchayat Samiti Office, Lathikata on behalf of the Govt. of Odisha invites Percentage Rate bids in Single Cover System on Online mode. Bid identification No. BDO/LKT/02/2025-26 for 03 Nos. Civil work with value of Rs.12.76 Lakh to 42.49 Lakh.

1. Bid documents will be available in website **www.tendersorissa.gov.in** from 06.12.2025.
2. Bid must be submitted on "Online" on or before 16.12.2025 by 17.00 hours.
3. Bids shall be opened at 11.00 hours on 18.12.2025 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Block Development Officer, Lathikata

OIPR-19036/11/0007/2526

## OFFICE OF THE MUNICIPAL COUNCIL : JEYPORE

Phone No. : 06854-231098, e-Mail : ulbjeypore@gmail.com

Letter No.5102 Date : 05.12.2025

**Advertisement for Expression of Interest (EOI) for selection of Self-help groups for O&M of ESTP under Jeypore Municipality**

**No.C-1706** : Jeypore Municipality invites Expression of Interest (EoI) in the prescribed format (Annexure-I & II) in sealed cover from the intending SHGS/ ALFs for O&M of ESTP.

| Sl. No. | Particulars | Details |
|---|---|---|
| 1 | Availability of the EOI document and the term and conditions | Download from www.jeyporemunicipality.in |
| 2 | EOI availability on website, Starting date and time | 06.12.2025, 10.00 A.M. |
| 3 | Last date and time of submission of EOI | 20.12.2025, 5.00 P.M. |
| 4 | Start date and time of opening EOI and venue | At the chamber of the Executive Officer of Jeypore Municipality |

- The authority reserves the right to reject any or all the EOIs without assigning any reason thereof.
- Any change, correction/corrigendum in respect of the above shall be placed on the website.

Sd./- Executive Officer,
Jeypore Municipality

OIPR-13079/11/0076/2526

## OFFICE OF THE MUNICIPAL COUNCIL, TALCHER

**'e' - Procurement Notice**

Tender Reference No. TCRM-09/2025-26

Bid Identification No.2025_ORULB_122532

No.4149/Dt.02.12.2025

**No.C-1686** : Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20 website i.e. **www.tendersorissa.gov.in**

1) Name of the Work : Civil work as mentioned in the website
2) No. of works : 16 Nos.
3) Eastimated Cost : Rs.1.25 to 36.12 lakhs
4) Period of Completion : As per DTCN
5) date & time of availability of Bid document in the portal : Dt.04.12.2025 at 4.00 P.M.
6) Last date & time for receipt of Bid in the portal : Dt.15.12.2025 at 5.00 P.M.
7) Date of Opening Bid : Dt.16.12.2025 at 11.00 A.M.
8) Name & Address of the Officer inviting the bid : Executive Officer, Talcher Municipality
9) The bidders have to participate in ONLINE bidding only.

Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Talcher Municipality

OIPR-13077/11/0069/2526

## OFFICE OF THE NOTIFIED AREA COUNCIL, DHARMAGARH

DIST - KALAHANDI, PIN - 766015

**'e'-Procurement NOTICE**

**Bid Identification No. DHM / 03 / 2025-26**

**No.C-1682** : The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **05 (Five) numbers**
2. Estimated Costs : **2.21 Lakh to 11.58 Lakh**
3. Period of Completion : As per NIT
4. Date and time of availability of the bid documents in the Portal : **From 03.00 P.M. of 04.12.2025 to 05.00 PM of 17.12.2025**
5. Last Date/Time for rceceipt of bids in the Portal : **05.00 PM of 17.12.2025**
6. Bids will be opened on : **11.00 AM of Dt.19.12.2025**
7. Name and address of the Officer Inviting Bid : **Executive Officer, Dharmagarh NAC**

Sd./- Executive Officer
Dharmagarh NAC

OIPR-13163/11/0019/2526

## PANCHAYAT SAMITI, BELPADA

Email Id: ori-belpada@nic.in

**E-Procurement Notice**

No. i-412: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Tender Reference No. : 3/2025-26
2. Bid Identificatio No. : 2025_PRBBP_122582_1_1 to 8
3. Name of the work : As mentioned in DTCN
4. No. of Works : 08
5. Estimated Cost : As per DTCN
6. Period of Completion : As per DTCN
7. Date & time of Bidding through online only : 05.12.2025 at 11 A.M. to 15.12.2025 upto 02.00 P.M.
8. Last date & time for receipt of bids in the portal : 15.12.2025 upto 02.00 P.M.
9. Opening of Price Bid : 15.12.2025 at 02.30 P.M.
10. Name and address of the Officer Inviting Bid : Panchayat Samiti, BELPADA

Further details can be seen from the procurement portal i.e. **https://www.tendersorissa.gov.in**.

OIPR-19110/11/0006/2526 Sd./- BDO, Belpada

## idco | ODISHA NEW OPPORTUNITIES

No.CAD-2612

## OFFICE OF THE DIVISIONAL HEAD, WS & EC DIVISION-II, IDCO, IDCO TOWERS, BHUBANESWAR-751022

Tender Call Notice No. WS/EC-II/D-1902/01/2025-26/2048 Dated : 26.11.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of work (Approx) | Period of Completion |
|---|---|---|---|
| 1 | Laying and interconnecting the existing pipeline for water supply to different unita like Mogll lab, Sova Solar & BMDM at AAPPL, Angul | ₹ 22.65 lakhs | 02 (Two) Calendar Months |

**1. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-II, IDCO, IDCO Towers, Bhubaneswar-751022 | BID ID No.- WS & EC-II/D-4/2025-26 | 17:00 Hours of dt.12.12.2025 | 17:00 Hours of dt.23.12.2025 |

Further details can be seen from the e-procurement portal, **www.tendersodisha.gov.in**. Corrigendum or addendum if any will not be published in newspapers and can only be seen in the e-procurement portal **www.tendersodisha.gov.in** as well as IDCO website **www.idco.in**

Sd./- Divisional Head
WS&EC Division-II, IDCO, Bhubaneswar

OIPR-14003/11/0257/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
### (AUCTION SALE NOTICE)

No. 7444 Date: 04.12.2025

No. E-569: Sealed quotations are invited from prospective bidders (have valid PAN & GST Number) for auction sale of different condemned equipment's, furniture, instruments etc. of DHH Dhenkanal as a whole. The prospective bidders can avail the detailed list with term & condition from the Office of the undersigned and inspect the said items (Physically) during office working days from 11 A.M. to 12.00 P.M. The details, terms and conditions, guidelines etc. including bid paper format can be downloaded from the district website **www.dhenkanal.nic.in**. The bidders in the prescribed format along with all relevant documents for DHH, Dhenkanal should reach the office of the undersigned on Dt.15.12.2025, 12.00 P.M. through Speed Post/Courier only. The envelope should be duly superscribed on top of envelope as "Revised auction for different condemned equipment, furniture, instruments etc. of DHH Dhenkanal". The bid will be opened on Dt.16.12.2025 at 11.30 A.M. The undersigned reserves the right to reject any or all the bids/tenders without assigning any reason thereof.

Sd./- Chief District Medical &
Public Health Officer, Dhenkanal

OIPR-10059/11/0028/2526

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Department of Housing & Urban Development, Government of Odisha)

At/PO./PS. : Titilagarh, Dist : Balangir - 767033, e-mail : titilagarhmunicipality@gmail.com

No.3546/Date : 03.12.2025

**QUOTATION CALL NOTICE**

**No.C-1671** : Sealed Quotations are invited from the intending surveyor firm for conducting Drone survey, Hydrographic survey for rejuvenation of water bodies under jurisdiction of Titilagarh Municipality as detail scheduled mentioned below.

1. **Last date of selling of tender document** : **upto 17.00 hrs on dated 11.12.2025**
2. **Last date of offline submission of technical and financial bid receiving of tender document** : **upto 17.00 hrs on dated 12.12.2025**
3. **Date and time of opening of bid** : **At 11.00 hrs on dated 13.12.2025 at Titilagarh Municipality**
4. **Cost of paper** : **Rs.600/- (Non-refundable) (Demand Draft from any scheduled bank should be in favour of Executive Officer, Titilagarh Municipality payable at Titilagarh)**

The details of items, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation and District website also.

The undersigned reserves the right to accept or reject any or all the Quotations without assigning reason thereof.

Sd./- Executive Officer,
Titilagarh Municipality

OIPR-13095/11/0036/2526

E-mail: eemijharsuguda@gmail.com

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

**'e' Procurement Notice**

**Bid Identification No. SE MID JSD 10/2025-26**

eemijharsuguda@gmail.com

No. 3155 // MID // Date: 05.12.2025

No. A-1069: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 04 (Four) Nos.
3. Estimated Cost (Detail list of work annexed) : Rs.88.62 Lakh to Rs.99.97 Lakh
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 08.12.2025 to 17.12.2025 during office hours
7. Last date/time for receipt of bid in the portal : 17.12.2025 during office hours
8. Date/time of opening of Technical Bid : 18.12.2025 at 10.00 A.M. at Office of the S.E., MI Divn., Jharsuguda
9. Date/time of opening of Financial Bid : 20.12.2025 at 10.00 A.M.
10. Lottery Date (if necessary) : 22.12.2025 at 11.30 A.M. at O/o. the Superintending Engineer, M.I. Division, Jharsuguda
11. Name & address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid cost & Bid Security : Online

OIPR-32291/11/0023/2526 Sd./- Superintending Engineer, M.I. Division, Jharsuguda

No.B-771

## Government of Odisha
### "e" Procurement Notice
## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA

E-mail ID : sepwdrgda1@gmail.com

**Bid Identification No. : RC (RANDB) RGD 18/2025-2026**

**(Single Cover-Online tender)**

**File No. E-II-C8-28/2025 No.10711 Dated 28.11.2025**

1. No. of the works : 01 (One) Shifting of Utility Work (Electrical) only
2. Estimated Cost : Rs.47.87 Lakh
3. Cost of document : Rs.6,000/- for each work
4. Bid Security : Rs.47,900/-
5. Class of Conrtractor : 'HT / above'
6. The Bid documents will be available in the website **www.tendersodisha.gov.in from 11.00 Hrs. of dated 09.12.2025 to 17.00 Hrs. of dated 19.12.2025 for online bidding**
7. Last date/Time for receipt of bids in the portal : Upto 17.00 Hrs. of **Dated 19.12.2025**
8. Bids received "on-line" shall be **opened at 17.30 Hours on dated 20.12.2025** in the office of the **Superintending Engineer, Rayagada (R&B) Division No-I**
9. Further details can be seen from the e-Procurement portal : "**www.tendersodisha.gov.in**". Any Addendum/Corrigendum/Cancellation of tender can also be seen in the said website only.

Sd./- Superintending Engineer
Rayagada (R&B) Division No-I

OIPR-34040/11/0018/2526

## OFFICE OF THE NOTIFIED AREA COUNCIL, CHANDBALI

PIN - 756133 (ODISHA)

E-Mail: chandbali.nac@gmail.com

Letter No. 3081 Dt.: 26.11.2025

### CORRIGENDUM

No. C-1592: With reference to the Tender Call Notice No. 2945/CN-01-2025-26, Dt.11.11.2025 for 81 Nos. of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and time of availability of bid documents at the Municipality Office | From 11.00 A.M. of 15.11.2025 to 5.30 P.M. of 27.11.2025 | From 11.00 A.M. of 15.11.2025 to 5.30 P.M. of 06.12.2025 |
| 2 | Last date and time for receipt of bids | 28.11.2025 by 5.30 P.M. | 09.12.2025 by 5.30 P.M. |
| 3 | Date and time of Opening of bids | 29.11.2025 by 11.00 A.M. | 10.12.2025 by 11.00 A.M. |

All other terms and conditions remain unchanged.

Sd./- Executive Officer, Chandbali NAC

OIPR-13129/11/0012/2526

E-mail: eemijharsuguda@gmail.com

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

**'e' Procurement Notice**

**Bid Identification No. SE MID JSD 09/2025-26**

eemijharsuguda@gmail.com

No. 3127 // MID // Date: 05.12.2025

No. A-1063: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 05 (Five) Nos.
3. Estimated Cost (Detail list of work annexed) : Rs.41.03 Lakh to Rs.99.97 Lakh
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 08.12.2025 to 17.12.2025 during office hours
7. Last date/time for receipt of bid in the portal : 17.12.2025 during office hours
8. Date/time of opening of Technical Bid : 18.12.2025 at 10.00 A.M. at Office of the S.E., MI Divn., Jharsuguda
9. Date/time of opening of Financial Bid : 20.12.2025 at 10.00 A.M.
10. Lottery Date (if necessary) : 22.12.2025 at 11.30 A.M. at O/o. the Superintending Engineer, M.I. Division, Jharsuguda
11. Name & address of the Officer Inviting the Bid : Superintending Engineer, M.I. Division, Jharsuguda
12. Mode of Payment of Bid cost & Bid Security : Online

OIPR-32291/11/0025/2526 Sd./- Superintending Engineer, M.I. Division, Jharsuguda

## OFFICE OF THE MUNICIPAL COUNCIL, KEONJHARGARH

email: keonjharm.hud@rediffmail.com

**Invitation for Bids (IFB), 'e' Procurement NOTICE**

**Bid Identification No. ODULB_KGM-19/2025-26**

Letter No. 9633/KGM Date: 05.12.2025

No. C-1700: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single Cover System, through e-Procurement.

| | | | |
|---|---|---|---|
| 1. | Nature of Work | : | Civil Work |
| 2. | No. of Work | : | 45 Nos. |
| 3. | Value of Works | : | Rs.3,55,200/- to 30,48,000/- |
| 4. | Date & time of availability of Bid document in the portal | : | From 08.12.2025 at 11.00 A.M. upto 18.12.2025 at 5.30 P.M. |
| 5. | Date of opening of bid in portal | : | 19.12.2025 at 11.00 A.M. |
| 6. | Name & address of the Officer in Inviting Bid | : | EO, Keonjhargarh Municipality |

Further details can be seen from website: **www.tendersorissa.gov.in**.

Sd./- Executive Officer
Keonjhargarh Municipality

OIPR-13115/11/0055/2526

## OFFICE OF THE NOTIFIED AREA COUNCIL, NILGIRI, DIST-BALASORE

Ph-06782-233259, e-Mail-ID : nilgirinac.balasore@gmail.com

Letter No.5093/Date : 03.12.2025

**EXPRESSION OF INTEREST**

**No.C-1675** : Executive Officer, on behalf of Nilgiri NAC invites Expression of Interest from the Registered/Experienced/Reputed Consultants/Architects having valid Income Tax and GST Registration Certificates for Preparation of Detailed Project Report (DPR) for **"Beautification of Sankarakhunta Pond and surrounding area / Construction of Market Complexes/Construction Town Hall Building & for other Development Work as and when required by Nilgiri NAC" including soil testing if required"**.

Preference shall be given to those consultants who have already rendered similar type of services to various urban local bodies of Odisha State Government. The EOI paper along with all documents shall be received in the office of the Executive Officer, Nilgiri NAC through Regd. Post/Speed post or by person on or before **dt.12.12.2025 up to 4.30 PM and the same will be opened on dt.15.12.2025 at 11.30 AM** in the presence of the quotationer or their authorized representative. The EOI received beyond the schedule date and time will not be considered at all. The interested firm should enclose copy of experience of doing similar nature of work, copy of GST Registration, copy of PAN card and firm Registration certificate. The EOI must be accompanied with Bank Draft amount of Rs. 10000/- (Rupees Ten Thousands) only drawn in favour of the Executive Officer, Nilgiri NAC., towards the cost of Tender paper and EMD @1.0 % of quoted value only in favour of the Executive Officer, Nilgiri NAC payable at any Nationalized Bank.

The undersigned has reserves the rights to accept/cancel/reject any or all the EOI without assigning any reason thereof.

**Exemption in EMD for Micro & Small Enterprises registered with NSIC/MSME:** The micro and small enterprises registered with the NSIC/MSME are exempted from the submission of EMD/ Bid Security Deposit on production of requisite proof in the form of valid certification from NSIC/MSME for the tendered item/services. Micro and small enterprises having Udyog Aadhaar Memorandum are also entitled for the above exemption for which submission of valid memorandum certificate is must.

Further details can be seen from the Nilgiri NAC website www.nilgirinac.in.

Sd./- Executive Officer
Nilgiri NAC

OIPR-13179/11/0041/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER NUAPADA IRRIGATION DIVISION, NUAPADA

**e-Procurement Notice No. (NID) 02/2025-26**

No. A-1055 e-mail address: ee.npd.irr@gmail.com

### PERCENTAGE RATE e-TENDER

1. The Superintending Engineer, Nuapada Irrigation Division, Nuapada, Dist.: Nuapada, PIN - 766105, Odisha on behalf of Governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below, which are eventually to be drawn on P1 agreement.

| | |
|---|---|
| Package No. | BID ID No. (NID) 24/2025-26 |
| Nature of Work | 01 (One) Road Work |
| Approximate value of work | Rs.84.18 lakhs (Excluding GST) |
| Period of Completion | 08 (Eight) Calendar Months |
| Classification of Bidder | 'B' Class Contractor only |
| Bid documents available date and time | From 09.12.2025 10.00 A.M. to 19.12.2025 upto 5.30 P.M. |
| Bid clarification start date & closing date | From 09.12.2025 10.00 A.M. to 19.12.2025 upto 5.30 P.M. |
| Date, time and venue of opening of Technical bid online | 20.12.2025 at 10.00 A.M. in office of the Superintending Engineer, Nuapada Irrigation Division, Nuapada |
| Date/time of opening of Financial Bid online | To be intimated after evaluation of Technical Bid |
| If stipulation arises the tender will be decided through Lottery System | To be intimated after opening of Financial Bid |

Further details can be seen, any addendum/corrigendum/cancellation to the above notice will be published in the Govt. website **www.tendersodisha.gov.in** only.

Sd./- Superintending Engineer
Nuapada Irrigation Division, Nuapada

OIPR-32026/11/0005/2526

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR

No.B-798

E-mail : eeroads.khr@rediffmail.com

No. 6312 Date : 02.12.2025

**Invitation For Bids**

**Bid Identification No. SER&BKHR-17/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate Composite (Civil+EI+PH) bids in Double Cover system in ONLINE MODE only | |
| 2 | Nature of work | Development of Water Sports at Haripur in Lower Indra dam/Renewal coat to Gotma Airstrip |
| 3 | No. of work | 02 Nos. works |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 09.12.2025 to 17.00 hours of 20.12.2025 |
| 7 | Date of opening of Technical Bid | Dt.22.12.2025 at 11:00 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division,
Khariar

OIPR-34062/11/0051/2526

# ଗୋଟିଏ କାର୍ବାଇନ୍ ସମେତ ୧୧ ବନ୍ଧୁକ, ୧୨ ଗୁଳି ଜବତ






ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ ଓ ଗୁଳି।

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

**୨ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ**

- ଅନୁଗୋଳରୁ ବ୍ରହ୍ମପୁରକୁ ଯାଉଥିଲା ଝାଡ଼ଖଣ୍ଡୀ ଓ ବିହାରୀ ବନ୍ଧୁକ
- ୨ମାସରେ ୩୩ ବନ୍ଧୁକ ଜବତ କଲାଣି ସ୍ପେଶାଲ କ୍ରାଇମ୍ ୟୁନିଟ୍

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ପୋଲିସ ହାତରେ ଧରାପଡିଲେ ଆଉ ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ। ଅନୁଗୋଳରୁ ବୋଲେରୋରେ ବ୍ରହ୍ମପୁରକୁ ବନ୍ଧୁକ ଚାଲାଣ ବେଳେ ଭୁବନେଶ୍ୱରର ଖଣ୍ଡଗିରି ଓଭରବ୍ରିଜ୍ ଉପରେ ପୋଲିସ ସେମାନଙ୍କୁ ଗିରଫ କରିବା ସହ ୧୧ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ମୋବାଇଲ ଜବତ କରିଛି। ଜବତ ବନ୍ଧୁକ ଭିତରେ ଗୋଟିଏ କାର୍ବାଇନ୍, ଦୁଇଟି ୯ ଏମ୍ଏମ୍ର ଥିବା ବେଳେ ବାକି ୮ଟି ୭.୬୫ ବନ୍ଧୁକ ରହିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଅନୁଗୋଳ ନୂଆ ହାଟସାହିର ସୁମନ୍ତ ନାୟକ ଏବଂ ଢେଙ୍କାନାଳର ସୌଭାଗ୍ୟ ନାୟକ। ସୁମନ୍ତଙ୍କ ନାମରେ ତାଳଚେର ଓ ଅନୁଗୋଳ ଥାନାରେ ୬ଟି ମାମଲା ଏବଂ ସୌଭାଗ୍ୟଙ୍କ ନାମରେ ୪ଟି ମାମଲା ରହିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କମିଶନରେ କହିଲେ, ଏହି ଦୁଇ ଅପରାଧୀ ପ୍ରଥମେ ଡକାୟତି ଓ ଅନ୍ୟ ଛୋଟ ମାମଲା କରୁଥିଲେ। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭରେ ଚୋରା ବନ୍ଧୁକ କାରବାର କଲେ। ଝାଡ଼ଖଣ୍ଡ ଓ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ରାଉରକେଲାରେ ବିକ୍ରି କରନ୍ତି। ଅର୍ଡର ପାଇ ଶୁକ୍ରବାର ଅପରାହ୍ଣ ୪ଟାରେ ଦୁଇ ଅପରାଧୀ ଅନୁଗୋଳରୁ ବନ୍ଧୁକ ଆଣି ବୋଲେରୋରେ ବ୍ରହ୍ମପୁର ଯାଉଥିଲେ। ଏନେଇ ନିଜ ଗୋଇନ୍ଦା ସୂତ୍ରରୁ ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ଶୁକ୍ରବାର ଅପରାହ୍ଣରୁ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ଜଗି ରହିଥିଲା। ଟାର୍ଗେଟରେ ଥିବା ଓଡି-୧୯ଟି-୭୮୦୨ ନମ୍ବର ବିଶିଷ୍ଟ ବୋଲେରୋଟି ଯାଉଥିବା ଦେଖି ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଦୁଇ ଅଭିଯୁକ୍ତ ଗାଡ଼ିକୁ ଦ୍ରୁତ ଗତିରେ ନେଇ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ପିଛା କରି ଧରିଥିଲା। ପରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିନେବା ସହ ଯାଞ୍ଚବେଳେ ଗାଡି ମଝି ସିଟିରେ ଥିବା ଏକ ବ୍ୟାଗ୍ରେ ୧୧ ବନ୍ଧୁକ ଓ ୧୨ ଗୁଳି ଥିବା ଦେଖି ତାହାକୁ ଜବତ କରାଯାଇଥିଲା।

ପୋଲିସ ସେମାନଙ୍କୁ ପଚରାଉଚରା କରିବା ପରେ ସତ ପଦାକୁ ଆସିଛି। ଅଭିଯୁକ୍ତ ଦ୍ୱୟ ବିହାର ଓ ଝାଡ଼ଖଣ୍ଡ ଯାଇ ୨୦ ହଜାର ଟଙ୍କାରେ ୯ ଏମ୍ଏମ୍ ବନ୍ଧୁକ ଆଣି ଓଡ଼ିଶାରେ ୬୦ରୁ ୮୦ ହଜାରରେ ବିକ୍ରି କରୁଥିଲେ। କାର୍ବାଇନକୁ ୨ରୁ ଅଢେଇ ଲକ୍ଷ ଟଙ୍କାରେ ବିକ୍ରି କରିବା ସହ ଏଥିପାଇଁ ଆଗୁଆ ଅର୍ଡର ଓ ଆଡ୍ଭାନ୍ସ ଦେବାକୁ ପଡୁଥିଲା। ତେବେ ଅଧିକାଂଶ ବନ୍ଧୁକ ସେମାନେ ବ୍ରହ୍ମପୁର ଓ ଭୁବନେଶ୍ୱରରେ ବିକ୍ରି କରିଥିବା କହିଛନ୍ତି। କମିଶନର କହିଛନ୍ତି, ଆମେ ବନ୍ଧୁକ ସପ୍ଲାଏର ଚେନ୍ ଭାଙ୍ଗିବୁ। ଏଥିସହ ବନ୍ଧୁକ ଯେଉଁଠୁ ସପ୍ଲାଏ ହେଉଛି ଆମେ ସେଠାରେ ପହଞ୍ଚିବାକୁ ଚେଷ୍ଟା କରୁଛୁ। ପୂରା ରାକେଟ୍କୁ ସମୂଳେ ନଷ୍ଟ କରିବୁ। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଚଢାଉ କରି ବନ୍ଧୁକ ବେପାରୀଙ୍କୁ ଧରିବୁ। କାର୍ବାଇନ୍ ଜବତକୁ ନେଇ ଭୟଭୀତ ହେବାର କିଛିନାହିଁ। ବାହାର ରାଜ୍ୟ ପାଇଁ ବନ୍ଧୁକ ମାଫିଆମାନେ କାର୍ବାଇନ୍ ଆଣିଥିଲେ। ଓଡ଼ିଶାରେ କେହି ଚୋରା କାର୍ବାଇନ୍ ରଖି ନ ଥିବା ଆମେ ସୂଚନା ପାଇଛୁ। ଏହି ଦୁଇ ବନ୍ଧୁକ ମାଫିଆଙ୍କ ଲିଙ୍କ୍କୁ ଖୋଜୁଛୁ। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଏଥିସହ ସେମାନଙ୍କ ଆର୍ଥିକ କାରବାରର ଖୋଲତାଡ଼ କରାଯାଉଛି। ସେମାନେ ଯଦି ଏହି ବନ୍ଧୁକ କାରବାର ଟଙ୍କାରେ ସମ୍ପତ୍ତି କରିଥାନ୍ତି ତେବେ ତାହାକୁ ଜବତ କରାଯିବ। ୨ମାସରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୩ ବନ୍ଧୁକ ଜବତ କଲାଣି। ଆଗକୁ ଚୋରା ବନ୍ଧୁକ କାରବାରକୁ ରୋକିବାକୁ ଚଢାଉ ଜୋରଦାର କରାଯିବ ବୋଲି କମିଶନର ସିଂ କହିଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ଏଡିଇଓ

ବାରିପଦା,୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଅଭିଯୁକ୍ତ ଏଡିଇଓ ହେମନ୍ତ କୁମାର ବେହେରା।

**ଶ୍ରମ କୋଡ୍ ସୃଷ୍ଟି ନିମନ୍ତେ ୨୫ଶହ ଟଙ୍କା ନେଉଥିଲେ**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ହେମନ୍ତ କୁମାର ବେହେରା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ହିତାଧିକାରୀଙ୍କ ଏମ୍ଜିଏନ୍ଆରଇଜିଏସ୍ ଯୋଜନାର କାର୍ଯ୍ୟ କୋଡ ସୃଷ୍ଟି କରିବା ନିମନ୍ତେ ୨୫ଶହ ଟଙ୍କା ନେଉଥିଲେ।

ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍ଜିଏନ୍ଆରଇଜିଏସ୍)ରେ ମଞ୍ଜୁର ହୋଇଥିବା ଏକ ଫାର୍ମ ପୋଖରୀ ଖୋଳାକୁ ନେଇ ଶ୍ରମ କୋଡ ସୃଷ୍ଟି କରିବାକୁ ଏଡିଇଓ ୨୫ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ହିତାଧିକାରୀ ଚାଷୀ ଜଣକ ଅତ୍ୟନ୍ତ ଗରିବ ହୋଇଥିବାରୁ ଟଙ୍କା ଦେବାକୁ ଅସମର୍ଥ ହୋଇଥିଲେ। ଫଳରେ ହିତାଧିକାରୀ ଜଣକ ଏକ ମାସ ଧରି ବାରମ୍ବାର କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଥିଲେ। ଟଙ୍କା ନ ଦେଲେ କାର୍ଯ୍ୟାଦେଶର କୋଡ ଦିଆଯିବ ନାହିଁ ବୋଲି ଅଭିଯୁକ୍ତ ଏଡିଇଓ ବେହେରା ଜିଦ୍ ଧରିଥିଲେ। ଚାଷୀ ଜଣକ ନିରୁପାୟ ହୋଇ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଲାଞ୍ଚ ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ତାଙ୍କଠାରୁ ରଙ୍ଗବୋଳା ସମସ୍ତ ନୋଟ୍ ଜବତ କରିବା ସହିତ ଆୟ ବହିର୍ଭୁତ ସମ୍ପତ୍ତି ଠୁଳକୁ ନେଇ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୮/୨୫)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନାବାଳକଙ୍କ ଖଣ୍ଡାଚୋଟରେ ବୃଦ୍ଧ ମୃତ

କବିସୂର୍ଯ୍ୟନଗର,୬।୧୨ (କୃପାସିନ୍ଧୁ ସ୍ୱାଇଁ)

**ନେଉଳ ଚିକେନ ତରକାରି ଖାଇଦେବାରୁ ହତ୍ୟାକାଣ୍ଡ**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗାଁରେ ଜଣେ ନାବାଳକଙ୍କ ଖଣ୍ଡା ଚୋଟରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣଚନ୍ଦ୍ର ମହାନ୍ତି (୭୨)। କୃଷ୍ଣଚନ୍ଦ୍ର ନାବାଳକଙ୍କ ପଡୋଶୀ ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି, ଶୁକ୍ରବାର ପଡୋଶୀଙ୍କ ଏକ ପୋଷା ନେଉଳ ବୃଦ୍ଧ କୃଷ୍ଣଚନ୍ଦ୍ରଙ୍କ ଘରେ ପଶି ଚିକେନ ତରକାରି ଖାଇଦେଇଥିଲା। ଏନେଇ କୃଷ୍ଣଚନ୍ଦ୍ର ନେଉଳ ରଖିଥିବା ପଡୋଶୀଙ୍କ ଘରେ ଅଭିଯୋଗ କରି ନେଉଳ ନ ଛାଡିବାକୁ କହିଥିଲେ। ମାତ୍ର ଶନିବାର ସକାଳ ୭ଟାରେ ପୁଣି ନେଉଳ କୃଷ୍ଣଚନ୍ଦ୍ରଙ୍କ ଘରେ ପଶିଥିଲା। କୃଷ୍ଣଚନ୍ଦ୍ର ନେଉଳକୁ ଘଉଡ଼ାଇବା ପାଇଁ ଏକ ବାଡ଼ି ଫୋପାଡି ଥିଲେ। ଏହା ନେଉଳ ଦେହରେ ବାଜିବାରୁ ତା'ର ମୃତ୍ୟୁ ଘଟିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନେଉଳ ରଖିଥିବା ପରିବାରର ନାବାଳକ (୧୫) ଜଣକ କୃଷ୍ଣଚନ୍ଦ୍ରଙ୍କ ନିକଟରେ ପହଞ୍ଚି ତାଙ୍କୁ ଖଣ୍ଡାରେ ମୁଣ୍ଡକୁ ହାଣି ଦେଇଥିଲେ। ଫଳରେ କୃଷ୍ଣଚନ୍ଦ୍ର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବୋହୁଙ୍କ ଏତଲାକ୍ରମେ ନଂ. ୮୨୫/୨୫ରେ ପୋଲିସ ଏକ ମାମଲା ରୁଜୁ କରିଛି। ସମ୍ପୃକ୍ତ ନାବାଳକଙ୍କୁ ଧରିଆଣି ପୋଲିସ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ସ୍ତ୍ରୀ ପାଇଁ ନିଜ ଗଳା କାଟିଲେ ଯୁବକ

ଜି.ଉଦୟଗିରି,୬।୧୨(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର ଡୁଗୁଡ଼ିପାରୀ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ନିଜ ଘରକୁ ନେବାକୁ ଆସି ବିଫଳ ହେବା ପରେ ଜଣେ ଯୁବକ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଖଜୁରିପଡ଼ାର ଶୁଭ୍ରାଂଶୁ ସାହୁ (୨୨)। ଶୁଭ୍ରାଂଶୁ ଡୁଗୁଡ଼ିପାରି ଗ୍ରାମର ଜଣେ ଯୁବତୀ(୨୧)ଙ୍କୁ କଲେଜରେ ପାଠପଢ଼ା ସମୟରେ ଦେଖା ସାକ୍ଷାତରୁ ଭଲପାଇ ବସିଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ପରିବାର ଲୋକଙ୍କ ଅଜାଣତରେ ଶୁଭ୍ରାଂଶୁ ତାଙ୍କୁ ବାହା ହୋଇ ନିଜ ଘରକୁ ନେଇ ଯାଇଥିଲେ। ମାତ୍ର ଝିଅ ଅନ୍ୟ ଜାତିର କହି ଶୁଭ୍ରାଂଶୁଙ୍କ ପରିବାର ଏହି ବିବାହକୁ ସ୍ୱୀକାର କରି ନ ଥିଲେ। ଅନ୍ୟପକ୍ଷରେ ଯୁବତୀ ଜଣକ ଶୁଭ୍ରାଂଶୁଙ୍କ ଘରେ ରହିଥିଲେ ମଧ୍ୟ ମାନସିକ ନିର୍ଯାତନା ପାଇବାରୁ ସେ ନିଜ ବାପଘରକୁ ଫେରିଯାଇଥିଲେ। କିଛିଦିନ ପରେ ଶୁଭ୍ରାଂଶୁ ମଧ୍ୟ ତାଙ୍କ ଘରେ ଆସି ରହୁଥିଲେ।

ଶନିବାର ସକାଳ ସାଢେ ୯ଟାରେ ଶୁଭ୍ରାଂଶୁଙ୍କ ସ୍ତ୍ରୀ ଗାଧୋଇବାକୁ ନିକଟସ୍ଥ ଚୁଆକୁ ଯାଇଥିଲେ। ଶୁଭ୍ରାଂଶୁ ମଧ୍ୟ ତାଙ୍କ ପଛେ ପଛେ ଚୁଆକୁ ଯାଇ ତାଙ୍କୁ ନିଜ ଘର ଖଜୁରିପଡ଼ା ଯିବାକୁ କହିଥିଲେ। ମାତ୍ର ସ୍ତ୍ରୀ ଯିବାକୁ ମନା କରିଥିଲେ। ଏଥିରେ ମର୍ମାହତ ହୋଇ ଶୁଭ୍ରାଂଶୁ ପାଖରେ ରଖିଥିବା ଏକ ବ୍ଲେଡ୍ରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଶୁଭ୍ରାଂଶୁ ତଳେ ପଡ଼ିଯିବା ଦେଖି ତାଙ୍କ ସ୍ତ୍ରୀ ମା'ବାପାଙ୍କୁ ଡାକି ପୋଲିସ ସହ ଯୋଗାଯୋଗ କରିଥିଲେ। ଖବର ପାଇ ଇନ୍ସପେକ୍ଟର ରଞ୍ଜିତା ବେହେରା ପହଞ୍ଚି ଶୁଭ୍ରାଂଶୁଙ୍କୁ ଉଦ୍ଧାର କରି ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଗଳାରେ ୧୮ଟି ଷ୍ଟିଚ୍ ପଡିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର କହିଛନ୍ତି।

# ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା: ପୁଅ ଗିରଫ

ମାଲକାନଗିରି,୬।୧୨(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ପାଙ୍ଗାମ ପଞ୍ଚାୟତ ବଡ଼ାଗୁଡ଼ାରେ ମା'ଙ୍କୁ ଠେଙ୍ଗାରେ ପିଟିପିଟି ପୁଅ ହତ୍ୟା କରିଥିବା ଜଣାପଡ଼ିଛି। ମୃତା ହେଲେ ଦାନେ ଭୂମିଆ। ଏହି ଘଟଣାରେ ମାଥିଲି ପୋଲିସ ଅଭିଯୁକ୍ତ ପୁଅ ମତିସିଂହ ଭୂମିଆ(୨୨)ଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଦାନେ ପ୍ରତିଦିନ ମଦ ପିଇ ଘରକୁ ଆସି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ମଦ ନ ପିଇବାକୁ ସାନ ପୁଅ ମତିସିଂହ ତାଙ୍କୁ ବାରମ୍ବାର ବାରଣ କରି ଆସୁଥିଲେ। ଏହା ସତ୍ତ୍ୱେ ଦାନେ ପୁଅଙ୍କ କଥାକୁ ନ ମାନି ମଦ ପିଇ ଶନିବାର ଘରକୁ ଆସି ବିଶୃଙ୍ଖଳା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମତିସିଂହ ଏକ ଠେଙ୍ଗାରେ ମା'ଙ୍କୁ ପିଟିଥିଲେ। ଏହି ସମୟରେ ଦାନେଙ୍କ ମୃତ୍ୟୁ ହୋଇଥିଲା। ମାଥିଲି ଥାନାଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ।

# ୨ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ୨୦ବର୍ଷ ଜେଲ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

- ଖୋର୍ଦ୍ଧା ଗୋହିରିଆ ଛକରୁ ଗିରଫ କରିଥିଲା ଏସ୍ଟିଏଫ୍
- ଗାଡ଼ିର ସିକ୍ରେଟ ଚାମ୍ବରରୁ ୮୦୬ କେଜି ଗଞ୍ଜେଇ ଜବତ ହୋଇଥିଲା

ଦୁଇଜଣ ଗଞ୍ଜେଇ ମାଫିଆଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି କୋର୍ଟ। ଏସ୍ଟିଏଫ କେସ୍ ନଂ.୧୫/୨୦୨୨ ଏନ୍ଡିପିଏସ୍ ମାମଲାର ଶୁଣାଣିକରି ଭୁବନେଶ୍ୱରର ଅତିରିକ୍ତ ଜିଲା ସେସନ୍ସ କୋର୍ଟ ୨ଗଞ୍ଜେଇ ମାଫିଆଙ୍କୁ ୨୦ବର୍ଷ ଜେଲଦଣ୍ଡ ଶୁଣାଇବା ସହ ଏକ ଲକ୍ଷଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ କୁହାଯାଇଛି। ଜେଲଦଣ୍ଡ ପାଇଥିବା ଅଭିଯୁକ୍ତ ହେଲେ ଅନୀଲ କୁମାର ଏବଂ ଗଣେଶ ଶାହା। ଅନୀଲଙ୍କ ଘର ଉତ୍ତରପ୍ରଦେଶ ହୋଇଥିବାବେଳେ ଗଣେଶଙ୍କ ଘର ଦିଲ୍ଲୀରେ। ବିଚାରପତି ୧୨ ସାକ୍ଷୀଙ୍କ ବୟାନ ଏବଂ ୨୩ ଦସ୍ତାବିଜ୍ ଆଧାର କରି ଏହି ରାୟ ଶୁଣାଇଛନ୍ତି।

ସୂଚନା ଅନୁସାରେ, ଅନୀଲ ଏବଂ ଗଣେଶ ଦୁଇଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ। ସେମାନେ କନ୍ଧମାଳ ଏବଂ କୋରାପୁଟରୁ ଗଞ୍ଜେଇ ଆଣି ବିହାର, ଦିଲ୍ଲୀ ଏବଂ ଉତ୍ତରପ୍ରଦେଶକୁ ଚାଲାଣ କରନ୍ତି। ୨୦୨୨ ଜୁନ୍ ୨୧ରେ ଏକ ଆଇଚର୍ କଣ୍ଟେନରରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିଲେ। ଏନେଇ ଗୋଇନ୍ଦା ଖବର ଆଧାରରେ ଏସ୍ଟିଏଫ୍ ସୂଚନା ପାଇଥିଲା। ତୁରନ୍ତ ଏକ ଟିମ୍ ଟମାଣ୍ଡୋ ଥାନା ଗୋହିରିଆ ଛକ ଏନଏଚ୍-୧୬ରେ ଜଗି ରହିଥିଲେ। ଗାଡ଼ି ଯିବା ସମୟରେ ଏସ୍ଟିଏଫ ଟିମ୍ ଗାଡ଼ିକୁ ଅଟକାଇ ତଲାସୀ କରିବା ପରେ ଗାଡ଼ିର ଏକ ସିକ୍ରେଟ୍ ଚ୍ୟାମ୍ବରରେ ୮୦୬ କେଜି ୯୦୦ ଗ୍ରାମ୍ର ଗଞ୍ଜେଇ ମିଳିଥିଲା। ଦୁଇ ଜଣଙ୍କୁ ଗିରଫ କରାଯିବା ସହ ଗାଡ଼ିକୁ ଜବତ କରାଯାଇଥିଲା। ଜବତ ଗଞ୍ଜେଇକୁ ପରୀକ୍ଷା ପାଇଁ ଫୋରେନ୍ସିକ୍ ଲ୍ୟାବ୍କୁ ପଠାଯାଇଥିଲା। ଜବତ ସାମଗ୍ରୀ ଗଞ୍ଜେଇ ହୋଇଥିବା ଫୋରେନ୍ସିକ୍ ରିପୋର୍ଟ ଦେବା ପରେ ଏସ୍ଟିଏଫ ଚାର୍ଜଶିଟ୍ ଦାଖଲ କରିଥିଲା। ଏହାପରେ କୋର୍ଟଙ୍କ ଅନୁମତି କ୍ରମେ ଗଞ୍ଜେଇକୁ ପୋଡ଼ି ନଷ୍ଟ କରି ଦିଆଯାଇଥିଲା। ଚାର୍ଜଫ୍ରେମ ହେବା ପରେ କୋର୍ଟ ୨ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଦୁଇ ବର୍ଷରେ ଏସ୍ଟିଏଫ୍ର ୩୦ଟି ମାମଲାରେ ୩୮ ଜଣ ନିଶା ମାଫିଆଙ୍କୁ ଦଣ୍ଡାଦେଶ ହେଲାଣି।

# ସ୍ୱାମୀ ହତ୍ୟା ମାମଲା: ଦ୍ୱିତୀୟ ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଆଠଗଡ଼,୬।୧୨(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ.୪ର ଅସବର୍ଣ୍ଣସାହିରେ ୨୦୨୨ ଫେବୃଆରୀ ୯ରେ ଘଟିଥିବା ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଏହାର ଶୁଣାଣି କରି ଉକ୍ତ ସାହିର ମଙ୍ଗୁଳି ନାଏକଙ୍କୁ ହତ୍ୟା ଘଟଣାରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ରୀନା ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଘରୋଇ କଳହ କାରଣରୁ ଅଭିଯୁକ୍ତ ରୀନା ଏକ ଧାରୁଆ ଅସ୍ତ୍ରରେ ସ୍ୱାମୀ ମଙ୍ଗୁଳିଙ୍କ ଗଳା କାଟି ହତ୍ୟା କରିଥିଲେ ବୋଲି ପ୍ରଥମ ସ୍ତ୍ରୀ ମାମି ନାଏକ ଆଠଗଡ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ. ୩୬/୨୨)ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଓକିଲ ଶରତ କୁମାର ଦାଶ, ଦେବାଶିଷ ସିଟ୍ ଓ ଉପନିର୍ଦ୍ଦେଶକ ପବ୍ଲିକ ପ୍ରୋସିକ୍ୟୁଟର ସନ୍.ଏସ୍.କେ. ସାମନ୍ତ ମାମଲା ପରିଚାଳନା କରୁଥିଲେ।

## Business

# ୨୦୪୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୫ ବିମାନବନ୍ଦର

ଭୁବନେଶ୍ୱର,୬।୧୨(ଅନୁରାଧା ମହାରଣା)

ବିକଶିତ ଓଡ଼ିଶା ୨୦୩୬-୪୭ର ଦୃଷ୍ଟିକୋଣ ସହ ଓଡ଼ିଶାର ବିମାନ ଚଳାଚଳ ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଖାରବେଳ ଭବନର ୮ମ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବିମାନ ଚଳାଚଳ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, କମିଶନର-କମ୍- ଶାସନ ସଚିବ ପର୍ଯ୍ୟଟନ ବଳବନ୍ତ ସିଂହ ପ୍ରମୁଖ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। କମିଟି ବିମାନ ଚଳାଚଳ କ୍ଷେତ୍ରରେ ପ୍ରମୁଖ ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲା ଏବଂ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା, ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଏକ ସକ୍ଷମ ନୀତିଗତ ପରିବେଶ ସୃଷ୍ଟିକରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ୨୦୪୭ ସୁଦ୍ଧା ୧୫ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ରାଜ୍ୟର ଦୀର୍ଘକାଳୀନ ଲକ୍ଷ୍ୟ, ଯାହା ଏକ ମାଇଲଖୁଣ୍ଟ ଓ ଓଡ଼ିଶାର ଆଞ୍ଚଳିକ, ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ଢେଙ୍କାନାଳରେ ବିମାନ ଚଳାଚଳ କେନ୍ଦ୍ରର କାର୍ଯ୍ୟକ୍ଷମ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା, ଏହାକୁ ଉଡ଼ାଣ ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିୟାମକ ପ୍ରକ୍ରିୟାକୁ ସୁଗମ କରିବା, ଘରୋଇ ନିବେଶକୁ ଆକର୍ଷିତ କରିବା ଏବଂ ସମଗ୍ର କ୍ଷେତ୍ରରେ ସମାନ ଅଭିବୃଦ୍ଧିକୁ ସହଜ କରିବା ପାଇଁ ଏକ ବ୍ୟାପକ ରାଜ୍ୟ ବିମାନ ଚଳାଚଳ ନୀତି ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସାଧାରଣ ବିମାନ ସଂଯୋଗକୁ ବିସ୍ତାରକରିବା ଏବଂ କ୍ଷୁଦ୍ର ବିମାନଭିତ୍ତିକ ସେବା ମାଧ୍ୟମରେ ଆଞ୍ଚଳିକ ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଗନ୍ତବ୍ୟ ନୀତିର ବିକାଶ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ବିଶେଷକରି ଏହା ଦୂରଦୂରାନ୍ତ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ। ପୁରୀରେ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ବିମାନବନ୍ଦର ଏବଂ ବିମାନଘାଟିର ବିକାଶର ଅଗ୍ରଗତି, ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ପୂର୍ବ ଭାରତରେ ଓଡ଼ିଶାକୁ ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିବେଶ ପାଇଁ ନୂତନ ଦିଗନ୍ତ ଉନ୍ମୋଚନ କରିବା ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ସକ୍ରିୟ ଯୋଜନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଉରକେଲା ଏବଂ ଝାରସୁଗୁଡ଼ାକୁ ସଂଯୋଗୀକରଣ ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା।

# ପତଞ୍ଜଳି ଯୋଗପୀଠ ଏବଂ ରୁଷିଆ ସରକାର ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର,୬।୧୨




ଦିଲ୍ଲୀରେ ପତଞ୍ଜଳି ଗ୍ରୁପ୍ ଏବଂ ରୁଷିଆ ସରକାର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ପତଞ୍ଜଳି ଗ୍ରୁପ୍ ପକ୍ଷରୁ ଯୋଗଗୁରୁ ରାମଦେବ ଏବଂ ମସ୍କୋ ସରକାର ପକ୍ଷରୁ ଇଣ୍ଡୋ-ରୁଷିଆ ବିଜ୍ନେସ୍ କାଉନସିଲର ଚେୟାରମ୍ୟାନ ତଥା ରୁଷିଆର ବାଣିଜ୍ୟ ମନ୍ତ୍ରୀ ସର୍ଗେଇ ଚେରେମିନ ଉକ୍ତ ଏମ୍ଓୟୁରେ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତକରି ରାମଦେବ କହିଛନ୍ତି , ଏହି ଏମ୍ଓୟୁ ସ୍ୱାସ୍ଥ୍ୟ ଏବଂ ୱେଲ୍ନେସ୍ ପ୍ରୋତ୍ସାହନ, ସ୍ୱାସ୍ଥ୍ୟ ଟୁରିଜମ, ଦକ୍ଷ ମାନବ ସମ୍ବଳର ବିନିମୟ ଏବଂ ଗବେଷଣା ସମ୍ବନ୍ଧୀୟ ପଦକ୍ଷେପଗୁଡ଼ିକରେ ଧ୍ୟାନ ଦେଇଛି। ସେ କହିଛନ୍ତି , ଏହି ଏମ୍ଓୟୁର ପ୍ରଥମ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ରୁଷିଆରେ ପତଞ୍ଜଳିର ୱେଲ୍ନେସ୍ ସେବାଗୁଡ଼ିକର ବିସ୍ତାର। ରୁଷିଆ ସହ ମିଶି ବୟସ ବୃଦ୍ଧିକୁ ବିରୋଧ କରିବା ଏବଂ ଦୀର୍ଘାୟୁ ବଢ଼ାଇବା ଉପରେ ଗଭୀର ଗବେଷଣା କରାଯିବ, ଯାହା ମାନବ ଶରୀରରେ ଗମ୍ଭୀର ରୋଗଗୁଡ଼ିକୁ ବର୍ଷ ପୂର୍ବରୁ ଚିହ୍ନଟ କରିବାକୁ ସକ୍ଷମ କରିବ। ଏହାସହ ଭାରତର ଆଧ୍ୟାତ୍ମିକ ଜ୍ଞାନ, ସଂସ୍କୃତି, ଯୋଗ, ଆୟୁର୍ବେଦ ଏବଂ ଅମୂଲ୍ୟ ଐତିହ୍ୟକୁ ରୁଷିଆ ସହ ବାଣ୍ଟିବ। ଏହି ଅବସରରେ ସର୍ଗେଇ ଚେରେମିନ କହିଛନ୍ତି, ସେମାନେ ପତଞ୍ଜଳି ସହ ଆମର ଭାଗୀଦାରିତାକୁ ମଜଭୁତ କରିବେ। ସେ କହିଛନ୍ତି , ପତଞ୍ଜଳିର ଯୋଗ, ଆୟୁର୍ବେଦ ଏବଂ ନାଚୁରୋପାଥିକୁ ଗ୍ରହଣକରି ସେମାନେ ରୁଷିଆର ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ଏବଂ ସେମାନଙ୍କୁ ଅଧିକ ସ୍ୱାସ୍ଥ୍ୟବାନ୍ ଏବଂ ରୋଗମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ରିଲାଏନ୍ସ ଜିଓର 'ସମସ୍ତଙ୍କ ପାଇଁ ଏଆଇ ଅଭିଯାନ'

ଭୁବନେଶ୍ୱର,୬।୧୨

'ସମସ୍ତଙ୍କ ପାଇଁ ଏଆଇ' ଅଭିଯାନରେ ରିଲାଏନ୍ସ ଜିଓ ସାରା ଓଡ଼ିଶାରେ କଲେଜ ଛାତ୍ରୀଛାତ୍ରମାନଙ୍କୁ ଗୁଗଲ ଜେମିନି ପ୍ରୋ ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର ଦିଗରେ ସଚେତନ କରୁଛି। ବର୍ତ୍ତମାନ ସୁଦ୍ଧା ୬୦୦ରୁ ଅଧିକ କଲେଜ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଜିଓ ପକ୍ଷରୁ ସ୍ୱତନ୍ତ୍ର ଅଧିବେଶନ କରାଯାଇଛି। ଜିଓର ବରିଷ୍ଠ କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ଗୁଗଲର ସବୁଠାରୁ ସକ୍ଷମ ଏଆଇ ସିଷ୍ଟମ ଗୁଗଲ ଜେମିନି ସହ ପରିଚିତ କରାଇବା ପାଇଁ ଅଭିନବ ଆଲୋଚନାଭିତ୍ତିକ ସେସନରେ ଭାଗନେଇ ଏଆଇ ଜରିଆରେ ଶିକ୍ଷାଗତ ଉତ୍କର୍ଷ, ବୈଷୟିକ ଦକ୍ଷତା, ସୃଜନଶୀଳତା ଏବଂ ଦକ୍ଷତା ଶିକ୍ଷା ପାଇଁ ବ୍ୟବହାରିକ ପ୍ରୟୋଗ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ସହାୟତା କରୁଛନ୍ତି। ଛାତ୍ରୀଛାତ୍ରୀମାନଙ୍କୁ ଏଆଇ ଜରିଆରେ ନୋଟ୍ ପ୍ରସ୍ତୁତ କରିବା ଏବଂ ଆସାଇନମେଣ୍ଟ ଲେଖିବା, କୋଡିଂ, ପ୍ରୋଜେକ୍ଟ ପରିକଳ୍ପନା, ଡିଜାଇନ, ସାକ୍ଷାତ୍କାର ପ୍ରସ୍ତୁତି ଇତ୍ୟାଦି ପାଇଁ ନୋଟ୍ବୁକ୍ ଏଲ୍ଏମ୍ ଭଳି ଏଆଇ ଟୁଲସ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ହାସଲ କରିବା ଉପରେ ଆଲୋକପାତ କରାଯାଇଛି। ଏହି ମିଶନର ସହାୟତା ପାଇଁ ଗୁଗଲ ଜେମିନି ପ୍ରୋ ପ୍ଲାନ୍ ସମସ୍ତ ସକ୍ରିୟ ଜିଓ ଅନ୍ଲିମିଟେଡ୍ ୫ଜି ଉପଭୋକ୍ତାମାନଙ୍କ ପାଇଁ ମାଗଣାରେ ଉପଲବ୍ଧ, ଯାହା ୩୫,୧୦୦ ଟଙ୍କା ମୂଲ୍ୟର ୧୮ ମାସର ସବ୍ସ୍କ୍ରିପସନ ମାଗଣାରେ ପ୍ରଦାନ କରୁଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ଶିଶୁ ସଞ୍ଜୀବନୀ'



ନୂଆ ଭୁବନେଶ୍ୱର,୬।୧୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ କାଶୀପୁର ଏବଂ ଭବାନୀପାଟଣାର ୨୫ଟି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ସଞ୍ଜୀବନୀ ନାମକ ଏକ ପୁଷ୍ଟିକର ପରିପୂରକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଏହାଦ୍ୱାରା ୩ରୁ ୬ବର୍ଷ ବୟସର ୬୦୦ରୁ ଅଧିକ ପିଲା ଉପକୃତ ହେଉଛନ୍ତି। ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଦ୍ୱାରା ବିକଶିତ ଶିଶୁ ସଞ୍ଜୀବନୀ ଆଇସିଏମଆର୍-ଏନ୍ଆଇଏନ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ନିରାପଦ ଏବଂ ନିୟମିତ ପୁଷ୍ଟିକର ଖାଦ୍ୟ ଗ୍ରହଣ ସୁନିଶ୍ଚିତ କରିଥାଏ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ପଦକ୍ଷେପ ଶୈଶବ ପୋଷଣକୁ ମଜଭୁତ କରିବା ଏବଂ ସାମଗ୍ରିକ ଗୋଷ୍ଠୀ ବିକାଶକୁ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ରାୟଗଡ଼ାର କାଶୀପୁର ଶିଶୁବିକାଶ କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନା ବାରିକ କହିଛନ୍ତି, ବେଦାନ୍ତର ଏଭଳି ପଦକ୍ଷେପ ପିଲାମାନଙ୍କ ପାଇଁ ବହୁ ସହାୟକ ହୋଇଛି। ଲଡ୍ଡୁ ପୁଷ୍ଟିକର ଏବଂ ପିଲାମାନେ ଏହାକୁ ଆଗ୍ରହର ସହ ଗ୍ରହଣ କରନ୍ତି ଏବଂ ଆମେ ଅନୁଭବ କରୁଛୁ ଯେ ସେମାନେ ଅଙ୍ଗନୱାଡିରେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ପାଉଛନ୍ତି।

# 'ଟ୍ରେଣ୍ଡସ ପାର୍ଟି କ୍ରାସର୍ସ' କ୍ୟାମ୍ପେନ ଆରମ୍ଭ

ଭୁବନେଶ୍ୱର, ୬।୧୨




ବେଙ୍ଗାଲୁରୁ ଭିତ୍ତିକ ଏଜେନ୍ସି ଫାଣ୍ଟମ ଆଇଡିଆଜ ସହ ମିଶି ଟ୍ରେଣ୍ଡସ ନିଜର ନୂଆ କ୍ୟାମ୍ପେନ 'ଟ୍ରେଣ୍ଡସ ପାର୍ଟି କ୍ରାସର୍ସ: ଫ୍ୟାଶନ ଦାଟ୍ ଗେଟ୍ସ ୟୁ ଇନ୍' ଲଞ୍ଚ କରିଛି। ବ୍ରାଣ୍ଡର ନୂଆ ଆମ୍ବାସାଡର ଆନୀତ ପାଡ୍ଡା ଏହି କ୍ୟାମ୍ପେନର ମୁଖ୍ୟ ଆକର୍ଷଣ ରହିଛନ୍ତି। ବିବାହ ପାର୍ଟି, ବ୍ରଞ୍ଚ ପାର୍ଟି ଏବଂ ହାଉସ ପାର୍ଟି ପାଇଁ ଏହି କ୍ୟାମ୍ପେନ ଅଧୀନରେ ସ୍ୱତନ୍ତ୍ର ଆଉଟଫିଟ୍ ଉପଲବ୍ଧ ହୋଇଛି। ଟ୍ରେଣ୍ଡସ ଭାରତରେ ୧୦୦୦ରୁ ଅଧିକ ସହରରେ ୨୦୦୦ରୁ ଅଧିକ ଷ୍ଟୋର୍ ନେଟ୍ୱର୍କ ସହ ଉପସ୍ଥିତ। ଏହା ମହିଳା, ପୁରୁଷ ଏବଂ ଶିଶୁ କାଟେଗୋରିରେ ୧୦୦ରୁ ଅଧିକ ନ୍ୟାଶନାଲ ଏବଂ ଇଣ୍ଟରନ୍ୟାଶନାଲ ବ୍ରାଣ୍ଡ ଏବଂ ୨୦ ନିଜସ୍ୱ ବ୍ରାଣ୍ଡ ରଖିଛି। ଡିସେମ୍ବରରେ ବିବାହ, ବଡ଼ଦିନ, ନୂଆବର୍ଷ ଆଦିକୁ ଦୃଷ୍ଟିରେ ରଖି ଏହି କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଟ୍ରେଣ୍ଡସର ବିଜ୍ନେସ ହେଡ୍ ନୀତିନ ସେହଗାଲ କହିଛନ୍ତି, ଏହି କ୍ୟାମ୍ପେନ ଦର୍ଶାଉଛି , ଆମେ ଯୁବକଙ୍କ ପସନ୍ଦ ଜାଣୁ ଏବଂ ଆଧୁନିକ ଭାରତର ଅଲ-ଅକେଜନ ଷ୍ଟାଇଲିଷ୍ଟ ଭାବେ ବ୍ରାଣ୍ଡର ସ୍ଥିତିକୁ ସୁଦୃଢ଼ କରୁଛୁ। ଫାଣ୍ଟମ ଆଇଡିଆଜର ଫାଉଣ୍ଡର ଏବଂ ଚିଫ୍ କ୍ରିଏଟିଭ ଅଫିସର୍ ରୋବି ଆଣ୍ଟୋନି କହିଛନ୍ତି, ଟ୍ରେଣ୍ଡସର ଆଧୁନିକ ପାର୍ଟିୱେୟାର୍ ଷ୍ଟାଇଲ ଓ ଆନୀତଙ୍କ ଚାର୍ମ ଗ୍ରାହକଙ୍କୁ ଆକୃଷ୍ଟ କରୁଛି।

# ସେଫ୍ ୱିଣ୍ଟର ଟ୍ରାଭେଲ



**ଶୀତଦିନ ଆସିଲେ ଥଣ୍ଡା ଥଣ୍ଡା ପାଗରେ ବୁଲାବୁଲିର ମଜା ବଢ଼ିଯାଏ। ଯେଉଁଥିପାଇଁ ନା କେବଳ ଟୁରିଷ୍ଟ ସ୍ପଟ୍‌ଗୁଡ଼ିକରେ ଗହଳି ବଢିଯାଏ, ବରଂ ବିଭିନ୍ନ ସ୍ଥାନରେ ପିକ୍‌ନିକ୍‌ର ଆସର ବି ବେଶ୍ ଜମେ। ହେଲେ ଏଦିନେ ଘନକୁହୁଡ଼ି ଯୋଗୁ ରାସ୍ତାଘାଟ ଭଲ ଭାବେ ଦେଖାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇଥାଏ। ତେଣୁ ନିଜର ୱିଣ୍ଟର ଟ୍ରାଭେଲକୁ ନିରାପଦ ଓ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...**



ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ମୁତାବକ, ବର୍ତ୍ତମାନ ସମଗ୍ର ପୃଥିବୀରେ ୮ମ ସର୍ବାଧିକ ମୃତ୍ୟୁସଂଖ୍ୟାର କାରଣ ସାଜିଛି ସଡ଼କ ଦୁର୍ଘଟଣା। ଆଉ ଶୀତଦିନେ ଏହି ସଂଖ୍ୟା ଅଧିକ ଥାଏ। କାରଣ ଶୀତଦିନେ ବାୟୁମଣ୍ଡଳରେ ସାଧାରଣଠାରୁ ଯଥେଷ୍ଟ ଅଧିକ ପରିମାଣରେ ଜଳୀୟବାଷ୍ପ ରହିଥାଏ, ଯାହାକି ଥଣ୍ଡା ହେବା ଦ୍ୱାରା ଘନୀଭୂତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠରେ ଭାସିବୁଲେ। ବର୍ତ୍ତମାନ ହେଉଥିବା ବାୟୁପ୍ରଦୂଷଣ ହେତୁ କୁହୁଡ଼ିରେ ଧୂଆଁ ମିଶି ଘନକୁହୁଡ଼ି ବା ସ୍ମଗ୍ ସୃଷ୍ଟି କରିଥାଏ। ଏମିତିରେ ରାସ୍ତାଘାଟ ଭଲଭାବେ ଦେଖାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇଥାଏ। ତେଣୁ ଶୀତରେ ଗାଡ଼ି ଚଲାଇବା ସମୟରେ ବିଶେଷକରି ସକାଳେ କିମ୍ବା ରାତିରେ କେଉଁଆଡ଼େ ଟ୍ରାଭେଲ କରୁଥିଲେ ସୁରକ୍ଷା ଦୃଷ୍ଟିରୁ ଅନେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...

**ସ୍ପିଡ୍ କଣ୍ଟ୍ରୋଲ୍ ଜରୁରୀ:** ବର୍ତ୍ତମାନ ଅଧିକାଂଶ ଦୁର୍ଘଟଣାର ମୂଳ କାରଣ ସାଜିଛି ହାଇ ସ୍ପିଡ୍‌ରେ ଗାଡ଼ି ଚଲାଇବା। କାରଣ ସ୍ପିଡ୍‌ରେ ଗାଡ଼ି ଚଲାଇବା ଦ୍ୱାରା ଆଗରେ କୌଣସି ଗାଡ଼ି, ମଣିଷ କିମ୍ବା ପଶୁ ଆସିଗଲେ ପିଟି ହୋଇଯାଏ କିମ୍ବା ହଠାତ୍ ବ୍ରେକ୍ କରିବା ଦ୍ୱାରା ଗାଡ଼ି ଭାରସାମ୍ୟ ହରାଇ ପଡ଼ିଯାଏ। ବିଶେଷକରି ଶୀତଦିନେ କୁହୁଡ଼ି ଥିବାରୁ ସକାଳ ଏବଂ ସନ୍ଧ୍ୟା ସମୟରେ ସ୍ପିଡ୍ ଗାଡ଼ି ଚଲାଇଲେ ଦୁର୍ଘଟଣା ଆଶଙ୍କା ବଢ଼ିଯାଏ। ତେଣୁ ନିଜ ୱିଣ୍ଟର ଟ୍ରାଭେଲ୍‌କୁ ସୁରକ୍ଷିତ ଏବଂ ନିରାପଦ କରିବାକୁ ହେଲେ ଗାଡ଼ିର ସ୍ପିଡ୍ ସବୁବେଳେ ମଧ୍ୟମ ତଥା ନିୟନ୍ତ୍ରଣରେ ରଖନ୍ତୁ। ଅନ୍ୟ ଗାଡ଼ିଗୁଡିକଠାରୁ ଆବଶ୍ୟକ ଦୂରତା ରକ୍ଷା କରନ୍ତୁ। ବିଶେଷକରି ଟର୍ନିଂ ବା ବୁଲାଣି ସ୍ଥାନରେ ଗାଡ଼ି ଧୀରେ ଚଲାନ୍ତୁ ଏବଂ ଲମ୍ବା ହର୍ନ ଦିଅନ୍ତୁ।

**ବ୍ୟବହାର କରନ୍ତୁନି ଫୋନ୍:** ବର୍ତ୍ତମାନ ବେପରୁଆ ଗାଡ଼ିଚାଳନା ସାଙ୍ଗକୁ ଗାଡ଼ିରେ ମୋବାଇଲ ଫୋନ୍ ବ୍ୟବହାର ଦିନକୁଦିନ ସଡ଼କ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ବୃଦ୍ଧି କରୁଛି। ନ୍ୟାଶନାଲ ସେଫ୍ଟି କାଉନ୍‌ସିଲ ରିପୋର୍ଟ ଅନୁଯାୟୀ, ଯୁବାବସ୍ଥାରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ସର୍ବାଧିକ କାରଣ ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ବୋଲି ଜଣାପଡ଼ିଛି। କେବଳ ମୋବାଇଲ୍‌ରେ କଥା ହେବା ଯୋଗୁ ନୁହେଁ, ବରଂ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଗାଡ଼ି ଚଲାଇବା ବେଳେ ଦେଖିବାକୁ ମିଳୁଥିବା ସେଲ୍‌ଫି ନେବା, ଭିଡିଓ ଶୁଟ୍ କରିବାର କ୍ରେଜ୍ ବି ଆକ୍ସିଡେଣ୍ଟ ହେବାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ ଶୀତଦିନେ କୁହୁଡ଼ିରେ ଗାଡ଼ି ଚଲାଉଥିବା ସମୟରେ ମୋବାଇଲ୍‌ରେ ଆଦୌ କଥା ହୁଅନ୍ତୁ ନାହିଁ। ଏପରିକି ଇୟରଫୋନ୍ କିମ୍ବା ବ୍ଲୁଟୁଥ୍ ବ୍ୟବହାର କରିବା ମଧ୍ୟ ବିପଜ୍ଜନକ। ଏହାଦ୍ୱାରା ନା କେବଳ ଆପଣ ଅନ୍ୟମନସ୍କ ହେବା କିମ୍ବା ପଛ ଗାଡ଼ିଗୁଡିକର ହର୍ନ ନ ଶୁଣି ପାରିବା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି ବରଂ କୁହୁଡ଼ି ସଂସ୍ପର୍ଶରେ ଆସି ମୋବାଇଲ୍ ଖରାପ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଗାଡ଼ି ଚଲାଇବା ବେଳେ କଲ୍ ଆସୁଥିଲେ ରାସ୍ତା କଡ଼ରେ ଡ୍ରାଇଭିଂ ବନ୍ଦ କରି କଥା ହୁଅନ୍ତୁ କିମ୍ବା ପହଞ୍ଚିବା ପରେ କଲ୍‌ବ୍ୟାକ୍ କରନ୍ତୁ। ଯଦି ନିଜେ ଡ୍ରାଇଭ ନ କରୁଛନ୍ତି, ତେବେ ଗାଡ଼ି ଚାଲିଥିବା ବେଳେ ଫଟୋ, ଭିଡିଓ ଉଠାଇବା, ଜୋର୍‌ରେ ଗୀତ ଲଗାଇ ନାଚିବା ଆଦି କାର୍ଯ୍ୟ କରି ଡ୍ରାଇଭର୍‌ଙ୍କୁ ଡିଷ୍ଟର୍ବ କରନ୍ତୁ ନାହିଁ।



**ମାନନ୍ତୁ ସେଫ୍ଟି ଟିପ୍ସ ଏବଂ ଟ୍ରାଫିକ୍ ନିୟମ:** ଶୀତରେ ସାଙ୍ଗସାଥି ଏକାଠି ବାଇକ୍ ଧରି ବୁଲିଯିବାକୁ ବେଶ୍ ପସନ୍ଦ କରନ୍ତି। ହେଲେ ଥଣ୍ଡା ପବନର ମଜା ନେବା ଆଳରେ ଅନେକେ ହେଲ୍‌ମେଟ୍ ଲଗାନ୍ତି ନାହିଁ। ଫଳରେ କୁହୁଡିରେ ଦୁର୍ଘଟଣା ହେଲେ ମୁଣ୍ଡରେ ଆଘାତ ଲାଗିବା ସହ ମୃତ୍ୟୁ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ଦୁଇଚକିଆ ଯାନ ଚଲାଇବା ବେଳେ ଟ୍ରାଫିକ୍ ନିୟମ କିମ୍ବା ଫାଇନ୍ ଦେବା ଡରରେ ନୁହେଁ ବରଂ ନିଜ ସୁରକ୍ଷା ପାଇଁ ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ମଧ୍ୟ ହେଲ୍‌ମେଟ୍ ନିହାତି ପିନ୍ଧିବା ଆବଶ୍ୟକ। ମନେ ରଖନ୍ତୁ କୁହୁଡ଼ିରେ ବାରମ୍ବାର ହେଲ୍‌ମେଟ୍ ଗ୍ଲାସ୍‌ରେ କୁହୁଡ଼ି ଲାଗି ଅସ୍ପଷ୍ଟ ହୋଇ ଦେଖିବାରେ କଷ୍ଟ ହୋଇଥାଏ ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିପାଇଥାଏ। ତେଣୁ ମଝିରେ ମଝିରେ ଏହାକୁ କଟନ୍ କପଡ଼ାରେ ପୋଛନ୍ତୁ। ସେହିପରି ୪ ଚକିଆ ଗାଡ଼ି ଚଲାଇବା ବେଳେ ସିଟ୍‌ବେଲ୍ଟ ବାନ୍ଧନ୍ତୁ। କୁହୁଡ଼ି ସମୟରେ ଡିଫ୍ରଷ୍ଟର ବ୍ୟବହାର କରନ୍ତୁ। କାରଣ କୁହୁଡ଼ି ଗାଡ଼ିର ୱିଣ୍ଡସିଲ୍ଡରେ ଜମା ହେବା ଦ୍ୱାରା ଦେଖାଯିବା କଷ୍ଟ ହୋଇଥାଏ। ଆବଶ୍ୟକ ସ୍ଥଳେ ୱାଇପର ମଧ୍ୟ ବ୍ୟବହାର କରନ୍ତୁ। ଅଧିକ କୁହୁଡ଼ିରେ ସକାଳ ସମୟରେ ବି ସୂର୍ଯ୍ୟକିରଣ ଢାଙ୍କି ହୋଇ ରାସ୍ତାଘାଟ ଅନ୍ଧାରିଆ ଲାଗିଥାଏ। ତେଣୁ ଗାଡ଼ି ଚଲାଇବା ସମୟରେ ଅଧିକ କୁହୁଡ଼ି ସ୍ଥାନରେ କୁହୁଡ଼ିଜନିତ ଦୁର୍ଘଟଣା ହ୍ରାସ କରିବା ଲାଗି ବର୍ତ୍ତମାନ ଗାଡ଼ିଗୁଡିକରେ ଦିଆଯାଉଥିବା ସ୍ପେଶାଲ ଫଗ୍ ଲାଇଟ୍ (ହଳଦିଆ ଆଲୁଅ) ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।

**ଓଭରଲୋଡ୍:** ବାଇକ, କାର୍ ହେଉ ଅବା ବସ୍ କିମ୍ବା ଟ୍ରାଭେଲର୍‌ରେ ଯାଉଥିଲେ ଆଦୌ ଆବଶ୍ୟକତାଠାରୁ ଅଧିକ ଜଣ ଯାଆନ୍ତୁ ନାହିଁ। କାରଣ ଏହାଦ୍ୱାରା କେବେକେବେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।







## ୟୁଥ୍ ଫ୍ୟାଶନ୍

# ଇୟରମଫ୍ ଟ୍ରେଣ୍ଡ

**ଶୀତଦିନେ କାନକୁ ଥଣ୍ଡା ପବନରୁ ରକ୍ଷା କରିବା ଲାଗି କିଏ ମଫ୍‌ଲର୍ ତ କିଏ ସ୍କାର୍ଫ କିମ୍ବା ଉଲେନ୍ କ୍ୟାପ୍ ବ୍ୟବହାର କରିଥାଆନ୍ତି। ହେଲେ ବର୍ତ୍ତମାନ ବିଭିନ୍ନ ଆଟ୍ରାକ୍ଟିଭ୍ ଡିଜାଇନ୍ ଓ କଲରର ଇୟରମଫ୍ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି...**

**ବନି ଇୟରମଫ୍:** ବର୍ତ୍ତମାନ ବନି ଇୟରମଫ୍ ଉଭୟ ଯୁବପିଢ଼ି ଏବଂ ପିଲାଙ୍କ ମଧ୍ୟରେ ସବୁଠୁ ପପୁଲାର ପାଲଟିଛି। ଏହା ଦେଖିବାକୁ ଯେତିକି ଆଟ୍ରାକ୍ଟିଭ୍ ପିନ୍ଧିବାକୁ ସେତିକି ଆରାମଦାୟକ ମଧ୍ୟ। ଏହା ଶୀତରେ କାନକୁ ଉଷୁମ ରଖିଥାଏ। ଡ୍ରେସ୍ ସହିତ ଏହାର ମାଚିଂ କଲର ମଧ୍ୟ ମିଳିଯାଉଛି, ଯାହା ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରୁଛି। ତା'ଛଡ଼ା ବର୍ତ୍ତମାନ ମାର୍କେଟ୍‌ରେ କାନ ହଲାଇ ପାରୁଥିବା ଇୟରମଫ୍ ମିଳୁଛି, ଯାହାକି ରିଲ୍ସ ଭିଡିଓ କରିବା ଲାଗି ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ ପାଲଟିଛି।

**ପଫି ଏବଂ ଫୁଲ୍‌ଫର୍ ଇୟରମଫ୍:** ଏହି ଇୟରମଫ୍ କାନକୁ ଭଲ ଭାବେ କଭର କରି ଥଣ୍ଡା ପବନରୁ ରକ୍ଷା କରେ ଏବଂ ଉଷୁମ ରଖିଥାଏ। ଏହା ଦେଖିବାକୁ ଅପେକ୍ଷାକୃତ ଟ୍ରେଣ୍ଡି ଲାଗିଥାଏ। ଏହାକୁ ଆଉଟିଂରେ ଯିବା ବେଳେ ହେଉ କିମ୍ବା ପାର୍ଟି ଫଙ୍କସନ୍‌ରେ ପିନ୍ଧିଲେ କ୍ଲାସି ଲୁକ୍ ଦେଇଥାଏ। ଏହାର ମଧ୍ୟ ପ୍ରାୟ ସବୁ କଲର ମାର୍କେଟ୍‌ରେ ଉପଲବ୍ଧ ହେଉଥିବାରୁ ଯୁବପିଢ଼ିଙ୍କୁ ନିଜ ୱିଣ୍ଟର ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କରିବା ସହଜ ହୋଇପାରୁଛି।





**ଫର୍ମାଲ୍ ଏବଂ ସିମ୍ପଲ୍ ଇୟରମଫ୍:** ଏହି ଇୟରମଫ୍ ଦେଖିବାକୁ ସିମ୍ପଲ୍ ଏବଂ ସୁନ୍ଦର। ଯାହାକୁ ଯୁବପିଢ଼ି ମୁଖ୍ୟତଃ କଲେଜ୍ କିମ୍ବା ଅଫିସ୍ ଯିବା ସମୟରେ କାନକୁ ଥଣ୍ଡା ପବନରୁ ରକ୍ଷା କରିବା ଲାଗି ଅଧିକ ବ୍ୟବହାର କରୁଛନ୍ତି। ଏହା ଖୁବ୍ ହାଲୁକା ହୋଇଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପିନ୍ଧିଲେ ବି ଆରାମ ଲାଗିଥାଏ। ତା'ଛଡ଼ା ଏହାକୁ ଯେକୌଣସି ଆଉଟ୍‌ଫିଟ୍ ସହିତ ମିକ୍ସ ମ୍ୟାଚ୍ କରି ପିନ୍ଧିଲେ ବି ଭଲ ଲାଗିଥାଏ।



**କ୍ଲାସିକ୍ ଇୟରମଫ୍:** ଏହା ଯୁବକମାନଙ୍କର ଅଧିକ ପସନ୍ଦ। ଏହା ମୁଖ୍ୟତଃ ୩ ପ୍ରକାରର, ଯଥା– ଓଭର ଦ ହେଡ୍, ବିହାଇଣ୍ଡ ଦ ହେଡ୍ ଏବଂ ଇୟର ୱାର୍ମର ହେଡ୍‌ବ୍ୟାଣ୍ଡ। ଏହା ଅନ୍ୟ ଡିଜାଇନ୍ ଇୟରମଫ୍ ଭଳି କାନଠୁ ବାହାରକୁ ବାହାରି ନ ଥାଏ। ଏହା ପତଳା ହୋଇ କାନରେ ଲାଗି ରହୁଥିବାରୁ ଏହା ଉପରେ ହେଲ୍‌ମେଟ୍ ପିନ୍ଧିବା ବି ସହଜ ହୋଇଥାଏ। ତେଣୁ ଶୀତରେ ଗାଡ଼ି ଚଲାଇ ବେଳେବେଳେ ଅଧିକାଂଶ ଯୁବପିଢ଼ି ଏହି ଇୟରମଫ୍ ବ୍ୟବହାର କରିଥା'ନ୍ତି।

**ମଲ୍ଟି କଲର ଇୟରମଫ୍:** ବର୍ତ୍ତମାନ ଅନେକେ ମଲ୍ଟିକଲର ଉଲେନ୍ ଇୟରମଫ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି, ଯାହାକି କାନକୁ ଅପେକ୍ଷାକୃତ ଅଧିକ ଉଷୁମ ରଖିବାରେ ସାହାଯ୍ୟ କରୁଛି ଏବଂ ସବୁ କଲର ଡ୍ରେସ୍ ସହିତ ସହଜରେ ମ୍ୟାଚିଂ ବି କରିହେଉଛି।

## ଏ ସପ୍ତାହର ପ୍ରଶ୍ନ ?

୧– ରତ୍ନମହଲ ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ............ ରାଜ୍ୟରେ ଅବସ୍ଥିତ ?
୨– ଜାଭେଲିନ୍ ମିସାଇଲ୍ ............. ଦେଶ ନିର୍ମାଣ କରିଛି ?
୩– ଆଇଏଫ୍ଏସ୍‌ର ଫୁଲ୍‌ଫର୍ମ ............ ?
୪– ମଦର ମେରୀ କମ୍‌ସ ଟୁ ମି ପୁସ୍ତକ .............. ଲେଖିଛନ୍ତି ?
୫– ସାମ୍ବାଦିକତା କ୍ଷେତ୍ରରେ ଦିଆଯାଉଥିବା ପୃଥିବୀର ସର୍ବୋଚ୍ଚ ପୁରସ୍କାର ............ ?

## ଗତ ଥରର ଉତ୍ତର

୧ ଶ୍ରୀଲଙ୍କାର ୟୁନିଭର୍ସିଟି ଅଫ୍ କଲମ୍ବୋ
୨ ୟୁନାଇଟେଡ୍ ଆରବ ଏମିରେଟ୍ସ
୩ ମଣିପୁର
୪ କଞ୍ଜ୍ୟୁମର ଆଫାୟାର୍ସ, ଫୁଡ୍ ଆଣ୍ଡ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ୍
୫ ଜାପାନ

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଦିନେଶ ନାୟକ, କେନ୍ଦୁଝର

## ଟପ୍ ଟେନ୍ ୧୦

### ସର୍ବବୃହତ୍ ପାଣିଜାହାଜ–୨୦୨୫

| | |
|---|---|
| ୧ . ସିୱାଇଜ୍ ଜିଆଣ୍ଟ | ୪୫୮.୪୬ ମିଟର |
| ୨. ବାଟିଲସ୍ କ୍ଲାସ୍ | ୪୧୪.୨୨ ମିଟର |
| ୩. ଇସୋ ଆଟ୍‌ଲାଣ୍ଟିକ୍/ଇସୋ ପାସିଫିକ୍ | ୪୦୬.୫୭ ମିଟର |
| ୪. ଭେଲ୍‌ମ୍ୟାକ୍ସ | ୩୬୦–୩୬୨ ମିଟର |
| ୫. ଓଆସିସ୍ କ୍ଲାସ୍ | ୩୬୦–୩୬୨ ମିଟର |
| ୬. ପାୟୋନିଅରିଂ ସ୍ପିରିଟ୍ | ୩୮୨ ମିଟର |
| ୭. କ୍ୱାଣ୍ଟମ କ୍ଲାସ୍ | ୩୪୭.୦୬– ୩୪୮ ମିଟର |
| ୮. କ୍ୱିନ୍ ମ୍ୟାରୀ ୨ | ୩୪୫.୦୩ ମିଟର |
| ୯. ବର୍ଗ ଷ୍ଟାଲ୍ | ୩୪୨ ମିଟର |
| ୧୦. ଏମ୍‌ଓଏଲ୍ ଟ୍ରାଇଅମ୍ଫ୍ କ୍ଲାସ୍ | ୪୦୦ ମିଟର |

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ–ମେଲ୍ ଠିକଣା:** dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ

**ପୃଥିବୀର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହା ସମ୍ପର୍କରେ ଜାଣନ୍ତୁ ବିଭିନ୍ନ ରୋଚକ ତଥ୍ୟ...**

★ଯୁକ୍ତରାଷ୍ଟ୍ର ଆମେରିକାରେ ଉଚ୍ଚ ଶିକ୍ଷା ଲାଗି ୧୬୩୬ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ସ୍ଥାପନା କରାଯାଇଥିଲା।

★ଏହି ବିଶ୍ୱବିଦ୍ୟାଳୟର ନାମ ଜନ୍ ହାର୍ଭର୍ଡଙ୍କ ନାମରେ ରଖାଯାଇଥିଲା। ସେ ନିଜ ସମ୍ପତ୍ତିର ଅଧା ସହ ନିଜର ୪୦୦ ବହିଥିବା ଏକ ଲାଇବ୍ରେରି ଏବଂ ୭୭୯ ଡଲାର ମୁଦ୍ରା ଏହି ଅନୁଷ୍ଠାନକୁ ଦାନ କରିଥିଲେ।

★ପ୍ରତିବର୍ଷ ଏହି ୟୁନିଭର୍ସିଟିରେ ୨୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆଡ୍‌ମିଶନ୍ ନେଇଥା'ନ୍ତି, ଯାହା ମଧ୍ୟରୁ ୭ ହଜାର ହେଉଛନ୍ତି ବିଦେଶୀ।

★ଏହା ମଧ୍ୟରେ ରହିଛି ଏଠାକାର ସବୁଠୁ ପୁରୁଣା ବା ଐତିହାସିକ ସ୍ଥାନ ହାର୍ଭାର୍ଡ ୟାର୍ଡ, ଯାହାକୁ ବିଶ୍ୱବିଦ୍ୟାଳୟର ହୃଦୟ ବୋଲି କୁହାଯାଏ। ଏଠାରେ ଛାତ୍ର, ଶିକ୍ଷକ ଏବଂ ବାହାରୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ସଭାସ୍ଥଳ ରହିଛି।

★ହାର୍ଭାର୍ଡ ଲାଇବ୍ରେରିରେ ୭୦ରୁ ଅଧିକ ପୁସ୍ତକାଳୟ ରହିଛି, ଯାହାକୁ ପୃଥିବୀର ସବୁଠୁ ବଡ଼ ଶୈକ୍ଷଣିକ ପୁସ୍ତକାଳୟମାନଙ୍କ ମଧ୍ୟରେ ଗଣାଯାଏ। ଏଥିରେ ବହି, ପାଣ୍ଡୁଲିପି, ଡିଜିଟାଲ୍ ପଢ଼ା ସାମଗ୍ରୀର ଏକ ବିଶାଳ ସଂଗ୍ରହାଳୟ ରହିଛି।

★ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ପରିସରରେ ମେମୋରିଆଲ୍ ହଲ୍, ହାର୍ଭାର୍ଡ କଳା ସଂଗ୍ରହାଳୟ ଭଳି ବିଭିନ୍ନ ପ୍ରତିଷ୍ଠିତ ସ୍ଥଳ ରହିଛି।

★ଏହି ବିଶ୍ୱବିଦ୍ୟାଳୟର ଆଥ୍‌ଲେଟିକ୍ ଟିମ୍ ହାର୍ଭାର୍ଡ କ୍ରିମ୍‌ସନ୍ ନାମରେ ପରିଚିତ। ଏଠାରେ ଫୁଟ୍‌ବଲ୍, ବାସ୍କେଟ୍‌ବଲ୍, ରୋଇଂ ସହିତ ଅନେକ କ୍ରୀଡ଼ାକ୍ଷେତ୍ରରେ ଦକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ।

★କେବଳ ଏତିକି ନୁହେଁ, ଏଠାରେ ଥିବା ଛାତ୍ର କ୍ଲବ୍ ଏବଂ ସଙ୍ଗଠନଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମୁଦାୟିକ ସେବା ଭଳି ଏକାଧିକ ଅବସର ପ୍ରଦାନ କରିଥାଏ, ଯାହାକି ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିଗତ ବିକାଶରେ ବହୁତ ସାହାଯ୍ୟ କରିଥାଏ।

★ଏହି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଲ ସ୍କୁଲ୍‌କୁ ବିଶ୍ୱର ସର୍ବବୃହତ୍ ଲ' ସ୍କୁଲ୍‌ର ମାନ୍ୟତା ମିଳିଛି।

★ଏଠାରେ ପାଠ ପଢ଼ିଥିବା ପୁରାତନ ଛାତ୍ରୀଛାତ୍ରଙ୍କ ତାଲିକାରେ ଅନେକ ସଫଳ ବ୍ୟକ୍ତିତ୍ୱଙ୍କ ନାମ ରହିଛି। ଯାହା ମଧ୍ୟରେ ଆମେରିକାର ୮ ଜଣ ରାଷ୍ଟ୍ରପତି, ଅନେକ ନୋବେଲ ଏବଂ ପୁଲିଜର ଭଳି ବିଶ୍ୱର ସର୍ବବୃହତ୍ ପୁରସ୍କାର ବିଜେତାଙ୍କ ନାମ ସାମିଲ ରହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଖି ବୁଜିଲେ ନିଆଁରେ ପୋଡ଼ିଯାଇଥିବା ଜ୍ୟୋତ୍ସ୍ନାରାଣୀ

**ତିହିଡ଼ି,୬।୧୨(ସଞ୍ଜିତ ବଳ)**

ଜୀବନ ସହ ୩ ଦିନ ସଂଗ୍ରାମ କରି ଶନିବାର ଆଖି ବୁଜିଛନ୍ତି ନିଆଁରେ ପୋଡ଼ିଯାଇ ଗୁରୁତର ଥିବା ବୃଦ୍ଧା ଜ୍ୟୋତ୍ସ୍ନାରାଣୀ ନାୟକ। ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଲଣା ପଞ୍ଚାୟତ ଗଳଗଣ୍ଡପୁର ଗ୍ରାମର ଜ୍ୟୋତ୍ସ୍ନାରାଣୀ ଗୁରୁବାର ସକାଳେ ନିଆଁରେ ପୋଡ଼ିଯାଇ ଗୁରୁତର ହେବା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ମା'ଙ୍କ ଦେହରେ ପେଟ୍ରୋଲ ପକାଇ ଜାଳି ଦେଇଥିବା ସନ୍ଦେହରେ ଜ୍ୟୋତ୍ସ୍ନାରାଣୀଙ୍କ ପୁଅ ୩ ଦିନ ହେଲା ଥାନାରେ ଅଟକ ଅଛନ୍ତି। ତାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଏତଲା ଦିଆଯାଇ ନ ଥିବାବେଳେ ପୋଲିସ ଘଟଣାର ସତ୍ୟାସତ୍ୟ ଜାଣିବାକୁ ତଦନ୍ତ ଚଳାଇଛି।

**ଜାଳିଥିବା ସନ୍ଦେହରେ ୩ ଦିନ ହେଲା ପୁଅ ଥାନାରେ ଅଟକ**

# ଟ୍ରଲର ଜବତ, ୧୮ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୬।୧୨ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଟ୍ରଲର ଜବତ କରିବା ସହିତ ଏଥିରେ ଥିବା ୧୮ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଗରନାସୀ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ଅଞ୍ଚଳର ମା' କାଳିଜାଈ ନାମକ ଟ୍ରଲରକୁ ଜବତ କରାଯାଇଛି। ଗିରଫମାନେ ହେଲେ ବୁଲୁ ସିଂ, ଜିତେନ୍ଦ୍ର ସିଂ, ମୁନା ସିଂ, ବଚନ ସିଂ, ଶ୍ୟାମ ସିଂ, ବଙ୍ଗୁ ସିଂ, ରାଜା ସିଂ, ରବିଶଙ୍କର ସିଂ, ମଙ୍ଗଳ ସିଂ, କୁଶା ସିଂ, କାଳିରାମ ସିଂ, ବିଜୟ ହେମ୍ବ୍ରମ, କାର୍ତ୍ତିକ ସିଂ, ଗଲୁ ସୋରେନ, ଶିବ ସିଂ, ଦୀପୁ ସୋରେନ, ରାମ ସିଂ ଓ ଶ୍ରୀନାଥ ପଢିରିଆଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରରେ ଥିବା ୧ ଜିପିଏସ୍, ୨ ଭିଏଚଏଫ୍, ଗିଲ୍ ନେଟ ୩ଟି, କାଣି ନେଟ୍ ୧, ଲାଡେନ୍ ନେଟ ୧, ଟୋନ୍ ନେଟ ୧ , ୧୩.୫୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ନିରଞ୍ଜନ ମଣ୍ଡଳଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲା।

# ୩୧୪ ଓଏଭିରେ ନିଯୁକ୍ତ ହେବେ ଓଡ଼ିଆ ଶିକ୍ଷକ

**ଭୁବନେଶ୍ୱର,୬।୧୨(ସୁଚିସ୍ମିତା ସାହୁ)**

ରାଜ୍ୟର ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଓଡ଼ିଆ ଶିକ୍ଷକ ନିଯୁକ୍ତ ହେବେ। ସମସ୍ତ ଓଏଭିରେ ଜଣେ ଲେଖାଏ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତିପାଇଁ ନୂତନ ପଦ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ପୂର୍ବରୁ ଥିବା ଲାଇବ୍ରେରିଆନ୍ ପଦକୁ ଉଚ୍ଛେଦ କରି ଓଡ଼ିଆ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏଫ୍ଏ କମ୍ ସ୍ପେଶାଲ ସେକ୍ରେଟାରି ଶିବାଶିଷ ଧଳ ରାଜ୍ୟର ପ୍ରଧାନ ମହାଲେଖାକାର (ଏଜି)ଙ୍କୁ ଅବଗତ କରିଛନ୍ତି।

ତେବେ ଲାଇବ୍ରେରିଆନ୍ ପଦ ଉଚ୍ଛେଦ କରିବା ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଓଡ଼ିଶା ଲାଇବ୍ରେରି ମୁଭ୍‌ମେଣ୍ଟ (ଓଏଲ୍ଏମ୍) ଆବାହକ ସୁନୀଲ କୁମାର ମିଶ୍ର କହିଛନ୍ତି, ନୂତନ ସରକାର ଆସିବାର ଦେଢ଼ବର୍ଷ ବିତି ଯାଇଥିଲେ ସୁଦ୍ଧା ଏଯାବତ୍ ନୂତନ ନିଯୁକ୍ତି ପାଇଁ ଆଶାନୁରୂପ ବିଜ୍ଞପ୍ତି ବାହାରିଲା ନାହିଁ। ସରକାର ନୂତନ ପଦ ସୃଷ୍ଟି କରିବା ପରିବର୍ତ୍ତେ ପୁରୁଣା ପଦଗୁଡିକୁ ଉଚ୍ଛେଦ କରୁଛନ୍ତି। ଗ୍ରନ୍ଥାଗାରିକ ଆଶାୟୀମାନେ ବାରମ୍ବାର ଆନ୍ଦୋଳନ ଓ ଦାବି କରିବା ସତ୍ତ୍ୱେ ସେମାନଙ୍କୁ ନିଯୁକ୍ତି ନ ଦେଇ ସମ୍ପୂର୍ଣ୍ଣ ପଦକୁ ଉଚ୍ଛେଦ କରିବା ନିଷ୍ପତ୍ତି ସମସ୍ତଙ୍କୁ ନିରାଶ କରିଛି। ଗ୍ରନ୍ଥାଗାରିକ ପଦ ରହିବା ସହ ନୂତନ ଭାବେ ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରାଯାଇ ପାରିଥାନ୍ତା। ହେଲେ ସରକାର ସେପରି ନ କରି ସିବିଏସ୍ଇ ନିୟମକୁ ଉଲ୍ଲଂଘନ କରୁଛନ୍ତି ବୋଲି ସେ କହିଛନ୍ତି।

**ଲାଇବ୍ରେରିଆନ୍ ପଦ ଉଚ୍ଛେଦ, ସୃଷ୍ଟି ହେଲା ଓଡ଼ିଆ ଶିକ୍ଷକ ପଦ**


# Classified Everyday

0674-2580101, 9692975378




**BRIDE WANTED**

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

**Bride required for a 64-year-old Khandayat, retired, divorced defence officer. Please send details to 7383974671.** D-2734

**GROOM WANTED**

Good Looking Bania girl 1997, 5'3", MBA, Bank PO. 9853366347. D-2775

Proposals invited from Bank officers State/ Central Govt./ psu Engineers for an Asst. manager (SBI) Brahmin bride, 27 years, 5'7". Contact No.- 8280857693. D-2776




**SALE**

READY TO MOVE 3BHK DUPLEX BUNGALOW AT BOTANDA, SUNDARAPADA, BHUBANESWAR RANGING Rs 1.25CR. CONTACT: 9040521173/ 9861125539. D-76083

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days. 7809525452. D-220




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

ମୁଁ ଭାଗେଶ୍ୱରୀ ସାହୁ ଶ୍ରୀ ଥାନୁରାମ ସାହୁଙ୍କ ଝିଅ, ବାସସ୍ଥାନ- 3, ନୂଆପଡା, ସାଲେଭଟା, ନାୱାପାରା, ଟାନୱାଟ ନୂଆପଡା, ଓଡ଼ିଶା- 733105 ବର୍ତ୍ତମାନ ଦିଲ୍ଲୀରେ ରହୁଛି। ମୋର ସମସ୍ତ କାଗଜପତ୍ର ପାଇଁ ଭବିଷ୍ୟତରେ ମୋର ନାମ ଭାଗ୍ୟଶ୍ରୀ ସାହୁ ରଖିବି। D-2775

By virtue of an affidavit sworn before the Executive Magistrate, Birmaharajpur, date 24.11.2025, I, Srikara Padhan, S/o. Sarjan Padhan, R/o. Village- Barghat, P.O.- Khandhata, P.S.- Subalaya, Dist.- Subarnapur declare that I have changed my name from Shrikar Padhan to Srikara Padhan and DOB from 15.04.2005 to 20.01.2005. Henceforth, I shall be known as Srikara Padhan, DOB- 20.01.2005 for all purposes.
Srikara Padhan
D-2771

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Balangir, dated 03.12.2025, I, Praveen Kumar, Address- At: Gandhinagarpada, P.O./P.S./Dist.- Balangir, (Odisha) declare that I have changed my name from Praveen Kumar Singh to Praveen Kumar. Henceforth, I shall be known as Praveen Kumar for all purposes.
Praveen Kumar
D-2772

By virtue of an affidavit sworn before Executive Magistrate, Bhuban, dated- 18.07.2018, I, Mandir Pradhan, Vill.- Murdanga, P.O.- Mahulpal, P.S.- Bhuban, Dist.- Dhenkanal, Odisha declare that my correct name is Mandir Pradhan mentioned in my Aadhaar, but in Govt. voter list my name is wrongly reflected as Manorama Pradhan instead of Mandir Pradhan. So both Manorama Pradhan and Mandir Pradhan is one and same person. D-2773

By virtue of an affidavit sworn before the Executive Magistrate, Boudh, No.1644, Dtd. 04.12.25, I Sunil Behera, R/o. Village- Kamapadar, P.O.- Tilipanga, P.S./ Dist.- Boudh, (Odisha), PIN- 762015 declare that I have changed my name from Peter Behera to Sunil Behera. Henceforth, I shall be known as Sunil Behera for all purposes.
Sunil Behera
D-2774

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ମନେ ପଡ଼ନ୍ତି

ଊନବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



✓ ଆଶାଲତା ମିଶ୍ର
୯୧- ବାପୁଜୀନଗର, ଭୁବନେଶ୍ୱର
ତିରୋଧାନ: ୦୭।୧୨।୨୦୦୬
ପୁଷମାସ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି
ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ନିର୍ମଳ ଚନ୍ଦ୍ର ଷଡ଼ଙ୍ଗୀ
ବିଶିଷ୍ଟ: ସମାଜ ସେବୀ
ଆବିର୍ଭାବ: ୦୬/୦୭/୧୯୭୧ ତିରୋଧାନ: ୨୬/୧୧/୨୦୨୫
ବନମାଳୀପୁର ଶାସନ, ତୁଳାମାଳ, ଜିଲ୍ଲା- ପୁରୀ
ଆପଣଙ୍କ ସ୍ନେହ, ସରଳତା, ସଚ୍ଚୋଟତା ଓ ନିସ୍ୱାର୍ଥ ମଣିଷପଣିଆଁ ଆମମାନଙ୍କ ପାଇଁ ଚିରନ୍ତନ ସ୍ମୃତି ଓ ପଥ ପ୍ରଦର୍ଶକ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସାନ ଭାଇ-ରାମଚନ୍ଦ୍ର ଷଡ଼ଙ୍ଗୀ, ବନ୍ଧୁ ଓ ପରିବାର ବର୍ଗ

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପ୍ରଫୁଲ୍ଲ କୁମାର ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୨୩.୦୫.୧୯୨୩
ତିରୋଧାନ :୧୬.୧୨.୨୦୧୬
ଏହା ଭିତରେ ନଅ ବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ : ପୁତ୍ର-ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବିଦ୍ୟୁଲତା ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୫.୧୯୩୪
ତିରୋଧାନ :୧୪.୧୨.୨୦୧୫
ଏହା ଭିତରେ ୧୦ବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମ ଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲ ପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁତ୍ର-ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

# LEGAL NOTICE

Letter No.- 2083, dtd.- 04.12.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଓ.ଏସ୍.ଏସ୍. କେସ୍ ନମ୍ବର- ୧୧୨୪/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ସଞ୍ଜୁଲତା ମିଶ୍ର .........ବାଦୀ

ବନାମ

ବନ୍ଦୋବସ୍ତ ଅଧିକାରୀ ଏବଂ ଅନ୍ୟମାନେ .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ୩. ନବଘନ ସତପଥୀ, ପିତା- ପରୀକ୍ଷିତ ସତପଥୀ, ଠିକଣା- ତୁରିନତାରା, ଥାନା- ବାଲିପାଟଣା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୧୦୧, ୬. ଯୋଗୀ ହରିଚନ୍ଦନ, ପିତା- ବୀରବର ହରିଚନ୍ଦନ, ୭. ନାଗା ହରିଚନ୍ଦନ, ପିତା- ନାଥ ହରିଚନ୍ଦନ, ୮.ଝରି ହରିଚନ୍ଦନ, ପିତା- ନାଥ ହରିଚନ୍ଦନ, ୯. ଗୋଲେଖ ହରିଚନ୍ଦନ, ପିତା- ବିସି ହରିଚନ୍ଦନ, ୧୦. ବ୍ରଜ @ ବ୍ରଜବିହାରୀ ହରିଚନ୍ଦନ, ପିତା- କ୍ଷେତ୍ରବାସି ହରିଚନ୍ଦନ, ୧୧. ମହେନ୍ଦ୍ର @ ମହେନ୍ଦ୍ରନାଥ ହରିଚନ୍ଦନ, ପିତା- କୈଳାସ ହରିଚନ୍ଦନ, ୧୨. ଭାସ୍କର ହରିଚନ୍ଦନ, ପିତା- କୈଳାସ ହରିଚନ୍ଦନ, ୧୩. ଦେବରାଜ ହରିଚନ୍ଦନ, ପିତା- ଅଧିକାରୀ ହରିଚନ୍ଦନ, ୧୪. ବିଷ୍ଣୁ ହରିଚନ୍ଦନ, ପିତା- ଅଧିକାରୀ ହରିଚନ୍ଦନ, ୧୫. ନବ ହରିଚନ୍ଦନ, ପିତା- ଅଧିକାରୀ ହରିଚନ୍ଦନ, ୧୬. ରାଜା ହରିଚନ୍ଦନ, ପିତା - ଅଧିକାରୀ ହରିଚନ୍ଦନ, ୧୭. ହାଡ଼ିବନ୍ଧୁ ହରିଚନ୍ଦନ, ପିତା- ଧନୀ ହରିଚନ୍ଦନ, ୧୮. ପଠାଣି ହରିଚନ୍ଦନ, ପିତା- ଅଇଁଠୁ ହରିଚନ୍ଦନ, ୧୯, ସାହାବାନି ହରିଚନ୍ଦନ, ପିତା - ଅଇଁଠୁ ହରିଚନ୍ଦନ, ୨୦. ରତ୍ନାକର ବଳିଆରସିଂହ, ପିତା- ଦୀନବନ୍ଧୁ ବଳିଆରସିଂହ, ୨୧. ନୀଳମଣି ହରିଚନ୍ଦନ, ପିତା- ବିସି ହରିଚନ୍ଦନ, ପ୍ରତିବାଦୀ ୬ରୁ ୨୧ ଗ୍ରାମ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭୫୪୦୦୫, ୨୨. ଶ୍ରୀଧର ସାହୁ, ପିତା- ଚୈତନ୍ୟ ସାହୁ, ଗ୍ରାମ- ରାବଣ, ଥାନା- ଢୁବୁରି, ଜିଲ୍ଲା- ଯାଜପୁର, ୭୫୫୦୨୬, ୨୩. ଚୌଧୁରୀ ଶ୍ରୀକାନ୍ତ ମିଶ୍ର, ପିତା- ଚୌଧୁରୀ ତ୍ରିଲୋକନାଥ ମିଶ୍ର, ଜେଲ ରାସ୍ତା, ଦରଘା ବଜାର, ଜିଲ୍ଲା- କଟକ, ୭୫୩୦୦୧, ୨୪.ବିଶ୍ୱନାଥ ରାଉତ, ପିତା- ଜୟରାମ ରାଉତ, ପ୍ଲଟ୍ ନମ୍ବର- 60, ସେକ୍ଟର- 5, ନୀଳାଦ୍ରି ବିହାର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୭୫୧୦୨୧, ୨୫. ଜୀବନ କୁମାର ପାଢ଼ୀ, ପିତା- ମହେନ୍ଦ୍ର ପାଢ଼ୀ, ଗ୍ରାମ- ପ୍ରତାପନଗରୀ, ଥାନା- କଟକ ସଦର, ଜିଲ୍ଲା- କଟକ, ୭୫୩୦୦୧, ୨୬. ଏସ୍.ସୌଭାଗ୍ୟମୟୀ, ପିତା- ସୁରେନ୍ଦ୍ର ସେଠୀ, ଗ୍ରାମ- ବାଲିଆପାଳ, ଥାନା-ମହାକାଳପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ା, ୭୫୪୦୨୬, ୨୮. ଭଗବାନ ପ୍ରଧାନ, ପିତା- ପର୍ଶୁ ପ୍ରଧାନ, ଗ୍ରାମ- ଗୁଣ୍ଡିଚାବାଡ଼ି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୬୧୧୨୬, ୨୯. ରମେଶ ଚନ୍ଦ୍ର ପଲେଇ, ପିତା- ଲକ୍ଷ୍ମୀଧର ପଲେଇ, ଗ୍ରାମ- ନୂଆଗାଁ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ୭୫୪୧୦୩, ୩୦. ମୀନାକ୍ଷୀ ରାଣୀ ପ୍ରଧାନ, ସ୍ୱାମୀ- କୃଷ୍ଣ ଚନ୍ଦ୍ର ପ୍ରଧାନ, ଗ୍ରାମ- ସୁନାକେରା, ଥାନା- ବାଣପୁର, ଖୋର୍ଦ୍ଧା, ୭୫୨୦୧୪, ୩୪. ବସନ୍ତ କୁମାର ଦାସ, ପିତା- ଉପେନ୍ଦ୍ର କୁମାର ଦାସ, ଗ୍ରାମ- ମୁଶାଦିଆ, ଥାନା- ପାଟକୁରା, କେନ୍ଦ୍ରାପଡ଼ା, ୭୫୪୨୨୮, ୩୫. ବିଜୟ କୁମାର ବେହେରା, ପିତା- କୃଷ୍ଣ ଚନ୍ଦ୍ର ବେହେରା। ଗ୍ରାମ- ନଳପଡ଼ା, ଥାନା- ମହାକାଳପଡ଼ା, କେନ୍ଦ୍ରାପଡ଼ା, ୭୫୪୨୨୪, ୩୭, ଗୋଲେଖ ବିହାରୀ ଦାସ, ପିତା- ଭାଗୀରଥି ଦାସ, ଗ୍ରାମ- ନାନ୍ଦପୁର, ଥାନା- ତିଗିରିଆ, କଟକ, ୭୫୪୦୩୦, ୩୯. ମନୋଜ କୁମାର ଛୁଆଲସିଂହ, ପିତା- ଯୁଧିଷ୍ଠିର ଛୁଆଲସିଂହ, ଗ୍ରାମ- ସାନନୂଆଗାଁ, ଥାନା- ଭୁବନେଶ୍ୱର, ଖୋର୍ଦ୍ଧା, ୪୦. ଅନସୂୟା ସେଠୀ, ସ୍ୱାମୀ- ରଞ୍ଜିତ ସେଠୀ, ଗ୍ରାମ- ବଡହାଟ, ଥାନା- ତିଗିରିଆ, କଟକ, ୭୫୪୦୪୦, ୪୧. ଆମତୁଲ କୟୁମ, ସ୍ୱାମୀ- ଶେଖ ଅବଦୁଲ ୱାସିମ, ଗ୍ରାମ- କରଡ଼ାପଲ୍ଲୀ, ଥାନା- ତିଗିରିଆ, କଟକ, ୭୫୪୦୩୦, ୪୨. ଅରୁନ୍ଧତୀ ସାମଲ, ସ୍ୱାମୀ- ରଘୁନାଥ ସାମଲ, ଗ୍ରାମ- ଗାହାଗା, ଥାନା ନରସିଂହପୁର, କେନ୍ଦ୍ରାପଡ଼ା, ୭୫୪୨୧୯, ବର୍ତ୍ତମାନ ଠିକଣା:- ଘର ନମ୍ବର MIG-2, ୧୮/୪୪, ତୁଳସୀପୁର, କଟକ, ୪୩. ଦେବାଶିଷ ବାରିକ, ପିତା- ଜୟକୃଷ୍ଣ ବାରିକ, ଗ୍ରାମ- ସୂର୍ଯ୍ୟପୁରମ, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, ୭୫୬୧୧୭, ୪୪. ନିରାକାର ସାମଲ, ପିତା- ବୈଦ୍ୟନାଥ ସାମଲ, ଗ୍ରାମ- ନୂଆଶାସନ, ଥାନା- ମଙ୍ଗଳପୁର, ଜିଲ୍ଲା- ଯାଜପୁର, ୭୫୫୦୧୧, ୪୬. ରାଜକିଶୋର ଦାସ, ପିତା- ଅଗାଧୁ ଦାସ, ଗ୍ରାମ- ତରଡାପଡ଼ା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ, ୭୫୨୧୦୬, ୪୯. ପ୍ରିୟଦର୍ଶୀ ପଟ୍ଟନାୟକ, ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ଗ୍ରାମ/ଥାନା/ପୋଷ୍ଟ- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୭୫୭୦୪୩, ୫୦. ପ୍ରତିଦର୍ଶୀ ପଟ୍ଟନାୟକ, ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ଗ୍ରାମ/ଥାନା/ପୋଷ୍ଟ- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୭୫୭୦୪୩, ୫୧. ବସନ୍ତ କୁମାର ମହାନ୍ତି, ପିତା- ଗୋପବନ୍ଧୁ ମହାନ୍ତି, ଗ୍ରାମ- ପୁହାଲ, ଜିଲ୍ଲା- କଟକ, ୫୨. ମନୋରମା ମହାନ୍ତି, ସ୍ୱାମୀ- କୀର୍ତ୍ତନ ସାହୁ, ଗ୍ରାମ- ଘଣ୍ଟାପଡ଼ା, ଥାନା- ନରସିଂହପୁର, ଜିଲ୍ଲା- କଟକ, ୭୫୪୦୩୨, ୫୪. ବିପିନ ବିହାରୀ ମହାନ୍ତି, ପିତା- ଆର୍ତ୍ତବନ୍ଧୁ ମହାନ୍ତି, ଗ୍ରାମ- ଡଗାରସାହି, ଥାନା- ନିମାପଡା, ଜିଲ୍ଲା- ପୁରୀ, ୭୫୨୧୦୬, ୫୬. ବୀରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ, ପିତା- ରାମଚନ୍ଦ୍ର ଦାସପଟ୍ଟନାୟକ, ଗ୍ରାମ- ଯମୁନା, ଥାନା- ବାଡିସାହି, ମୟୂରଭଞ୍ଜ, ବର୍ତ୍ତମାନ ଠିକଣା:- ପ୍ଲଟ୍ ନମ୍ବର ୨, ସାଇ ରୋଡ୍ ଆପାର୍ଟମେଣ୍ଟ, ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୫୯. ରବିନ୍ଦ୍ରନାଥ ଜେନା, ପିତା- ଅଗନି ଚନ୍ଦ୍ର ସାହୁ, ଗ୍ରାମ- ତାଳଧାନନ୍ଦ, ଥାନା ବାଲିଆପାଳ, ଜିଲ୍ଲା- ବାଲେଶ୍ୱର, ୭୫୬୦୨୬, ୬୨. ପ୍ରଜ୍ଞାପରମିତା ପଣ୍ଡା, ସ୍ୱାମୀ- କଳ୍ପଜିତ ପଣ୍ଡା, ଗ୍ରାମ- ଶେରଗଡ଼, ଥାନା- ଖଣ୍ଟପଡ଼ା, ଜିଲ୍ଲା- ବାଲେଶ୍ୱର, ୭୫୬୦୪୩, ୬୩. ଶରତ ମହାନ୍ତି, ପିତା- ଦିଗମ୍ବର ମହାନ୍ତି, ଗ୍ରାମ- ମାଳିଞ୍ଚା, ସ୍ଥାନ/ଜିଲ୍ଲା- ଜଗତ୍‌ସିଂହପୁର, ୬୮. ସୂର୍ଯ୍ୟନାରାୟଣ ଦାସ, ପିତା- ଗୌରୀ ଶଙ୍କର, ଘର ନମ୍ବର ୧୪/୫, ୟୁନିଟ-୮, ଡେଲ୍‌ଟା କଲୋନି, ଭୁବନେଶ୍ୱର, ଖୋର୍ଦ୍ଧା, ୭୦. ମଧୁସ୍ମିତା ବେହେରା, ସ୍ୱାମୀ- ମଙ୍ଗରାଜ ବେହେରା, ଗ୍ରାମ- କୁମୁରିସିଂହ, ପୋଷ୍ଟ- ବାଲିସିଂହା, ଜିଲ୍ଲା- ଢେଙ୍କାନାଳ, ୭୫୯୦୩୯, ୭୧. ମନୋରମା ବାରିକ, ସ୍ୱାମୀ- ଦୁର୍ଯ୍ୟୋଧନ ବାରିକ, ଗ୍ରାମ- ମୁକୁନ୍ଦପୁର, ପୋଷ୍ଟ/ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ, ୭୫୨୦୧୧, ୭୩. ପ୍ରମିଳା ବେହେରା, ସ୍ୱାମୀ- ଦେବେନ୍ଦ୍ର ବେହେରା, ଗ୍ରାମ- ଆଇନତାଲାଙ୍ଗା, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ୭୪. ପ୍ରଭାତ ନଳିନୀ ପଟ୍ଟନାୟକ, ସ୍ୱାମୀ- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ/ପୋଷ୍ଟ/ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୫. ପ୍ରତିମା ମହାନ୍ତି, ପିତା- ପ୍ରାଣବନ୍ଧୁ ସାହୁ, ଗ୍ରାମ- କୁଆଲେ, ପୋଷ୍ଟ/ଥାନା- ପର୍ଜଙ୍ଗା, ଜିଲ୍ଲା- ଢେଙ୍କନାଳ, ପିନ୍- ୭୫୯୧୨୦, ୭୭. ପୁଷ୍ପାରେନୁ ଛୁଆଲସିଂହ, ସ୍ୱାମୀ- ଯୋଗେନ୍ଦ୍ର ମଲ୍ଲିକ, ଗ୍ରାମ- ଛାଦେଶ, ଡାକ/ଥାନା/ଜିଲ୍ଲା- କେନ୍ଦ୍ରାପଡା, ୮୦. ବବିନା ମହାନ୍ତି, ସ୍ୱାମୀ- ଗଦାଧର ମହାନ୍ତି, ଗ୍ରାମ- ସୁବଳପୁର, ଥାନା/ଜିଲ୍ଲା- ପୁରୀ, ୮୩. କରୁଣାକର ବିଶ୍ୱାଳ, ପିତା- ମହେଶ୍ୱର ବିଶ୍ୱାଳ, ଗ୍ରାମ- ରଘୁନାଥପୁର, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୮୬. ବିଷ୍ଣୁପ୍ରିୟା ମହାରଣା, ସ୍ୱାମୀ- ତ୍ରିନାଥ ମହାରଣା, ଗ୍ରାମ- ଦିଳିବା, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୯୨. ଅଲେଖ ପରିଡ଼ା, ପିତା- ଶଙ୍ଖୁ ଚରଣ ପରିଡ଼ା, ଗ୍ରାମ- ଲେଙ୍ଗୁଡିପଡ଼ା, ଥାନା/ଜିଲ୍ଲା- ନୟାଗଡ଼, ୯୩. ଶ୍ୟାମ ସୁନ୍ଦର ପଟ୍ଟନାୟକ, ପିତା- କାହ୍ନୁ ଚରଣ ପଟ୍ଟନାୟକ, ଗ୍ରାମ- ସାଦେଇପୁର, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୭୫୪୧୦୩, ୯୫. ବିଶ୍ୱନାଥ ପଟ୍ଟନାୟକ, ପିତା- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୬୧୧୩୧, ୯୬. ରାଜକିଶୋର ପଣ୍ଡା, ପିତା- ମୁରଲୀଧର ପଣ୍ଡା, ଗ୍ରାମ- ଦାରୋଡା, ଥାନା- ଆଠଗଡ଼, ଜିଲ୍ଲା- କଟକ, ୭୫୪୦୨୯, ୯୭. ବାସନ୍ତୀଲତା ସ୍ୱାଇଁ, ସ୍ୱାମୀ- ଅକ୍ରୂରା ସ୍ୱାଇଁ, ଗ୍ରାମ- ଏଣ୍ଡୁରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୨୧୦୨, ୯୮. ବିଦ୍ୟୁତଲତା ପ୍ରଧାନ, ସ୍ୱାମୀ- ଅକ୍ରୁର ପ୍ରଧାନ, ଗ୍ରାମ- ଏଣ୍ଡୁରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୧୦୨, ୯୯. ସୁରେଶ କୁମାର ପ୍ରଧାନ, ପିତା- ସନାତନ ପ୍ରଧାନ, ଗ୍ରାମ- ବିନ୍ଧାନିମା, ଥାନା- ତିଗିରିଆ, ଜିଲ୍ଲା- କଟକ, ପିନ- ୭୫୪୦୩୦, ୧୦୦. ବାଳକୃଷ୍ଣ ହରିଚନ୍ଦନ, ପିତା- କୃପାସିନ୍ଧୁ ହରିଚନ୍ଦନ, ଗ୍ରାମ-ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ୧୦୨. ସର୍ବେଶ୍ୱର ହରିଚନ୍ଦନ, ପିତା- ବାଉରୀବନ୍ଧୁ ହରିଚନ୍ଦନ, ୧୦୦ ଏବଂ ୧୦୨ ଙ୍କ ଠିକଣା ଗ୍ରାମ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୪୦୦୫, ୧୦୩. ମେନକା ସିଂହ, ସ୍ୱାମୀ - କୃପାସିନ୍ଧୁ ଚାନ୍ଦ, ଗ୍ରାମ- ଲକ୍ଷ୍ମୀନାରାୟଣପୁର, ଜିଲ୍ଲା- କେନ୍ଦ୍ରାପଡ଼ା, ୧୦୪. ରିତାଞ୍ଜଳି ପଣ୍ଡା, ସ୍ୱାମୀ- ରଙ୍କନିଧି ପଣ୍ଡା, ଗ୍ରାମ- କୁଲାଡ଼ା, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ପିନ୍- ୭୬୧୧୩୧

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୨।୦୧।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ପଥରଗାଡିଆ ସାବକ: ଖାତା ନମ୍ବର- ୧୦୫, ପ୍ଲଟ୍ ନମ୍ବର- ୫୮୯, କିସମ- ବଗାୟତ ଦୁଇ, ରକବା- ମୋଟ ଏ.୫.୮୯୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୧୫୫୭, ପ୍ଲଟ୍ ନମ୍ବର- ୨୮୯୪, କିସମ- ପତିତ, ରକବା- ମୋଟ ଏ.୦.୬୦୦ ଡେସିମିଲରୁ ଏ.୦.୦୭୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର




# ଓଡ଼ିଶାର ତନ୍‌ଭୀଙ୍କୁ ଦ୍ୱିମୁକୁଟ


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ
## ଡବଲ୍‌ସ୍‌ରେ ସ୍ୱାତୀ-ନିମିଶା ରନରଅପ୍

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାର ଉଭୟ ୧୫ ଓ ୧୭ ବର୍ଷରୁ କମ ବାଳିକା ସିଙ୍ଗଲ୍‌ସରେ ଚାମ୍ପିୟନ ହୋଇ ଦ୍ୱିମୁକୁଟ ହାସଲ କରିଛନ୍ତି ଓଡ଼ିଶାର ତନ୍‌ଭୀ ପତ୍ରୀ। ସେ ୧୫ବର୍ଷରୁ କମ୍ ବର୍ଗ ଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦଙ୍କୁ ୨୧-୯ ଓ ୨୧-୧୩ ପଏଣ୍ଟରେ ହରାଇଛନ୍ତି। ସେହିପରି ୧୭ ବର୍ଷରୁ କମ ବାଳିକା ବର୍ଗ ଫାଇନାଲରେ ତନ୍‌ଭୀ ତାମିଲନାଡୁର ଦୀକ୍ଷା ଏସ. ଆର୍‌ଙ୍କୁ ୨୦-୨୧, ୨୧-୧୭ ଓ ୨୨-୨୦ ପଏଣ୍ଟରେ ପରାସ୍ତ କରିଛନ୍ତି। ବାଳକ ୧୫ ବର୍ଷରୁ କମ୍ ବିଭାଗ ଫାଇନାଲରେ କର୍ନାଟକର ପୁଷ୍କର ଦିଲ୍ଲୀର ହର୍ଷିତ କ୍ଷତ୍ରୀଙ୍କୁ ୨୧-୧୭, ୨୧-୧୨ରେ ହରାଇ ଟାଇଟଲ ହାସଲ କରିଛନ୍ତି। ୧୫ବର୍ଷରୁ କମ୍ ବାଳିକା ଡବଲ୍‌ସ ଫାଇନାଲ୍‌ରେ ଓଡ଼ିଶା ଯୋଡ଼ି ସ୍ୱାତୀ ନାୟକ ଓ ନିମିଶା ଓଝା ମହାରାଷ୍ଟ୍ର ଯୋଡ଼ି ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କଠାରୁ ୧୫-୨୧,୧୪-୨୧ରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ୧୭ ବର୍ଷ କମ୍ ବାଳକ ସିଙ୍ଗଲ୍‌ସରେ ଟପ୍ ସିଡ୍ ଜଗସେର ସିଂ ଖାଙ୍ଗୁରା ନିଜ ରାଜ୍ୟର ବିରାଜ ଶର୍ମାଙ୍କୁ ୨୧-୧୨,୨୧-୧୩ରେ ହରାଇ ଚାମ୍ପିୟନ ହୋଇଛନ୍ତି । ୧୫ ବର୍ଷରୁ କମ୍ ବାଳକ ଡବଲ୍‌ସ ଫାଇନାଲରେ ପଶ୍ଚିମବଙ୍ଗ-ଉତ୍ତରାଖଣ୍ଡ ଯୋଡ଼ି ସ୍ୱୟଂଦ୍ୟୁତି ଘୋଷ ଓ ସୌର୍ଯ୍ୟ ସିଂ ରଣା ହରିୟାଣା-ଦିଲ୍ଲୀ ଯୋଡ଼ି ଜୟବର୍ଦ୍ଧନ ହୁଡା ଓ ହର୍ଷିତ କ୍ଷତ୍ରୀଙ୍କୁ ୨୧-୧୮,୧୯-୨୧ ଓ ୨୧-୧୪ରେ ହରାଇ ଟାଇଟଲ ଜିତିଛନ୍ତି। ୧୫ ବର୍ଷରୁ କମ ମିକ୍ସଡ୍ ଡବଲ୍‌ସ ଫାଇନାଲ୍‌ରେ ତାମିଲନାଡୁ-ଆନ୍ଧ୍ର ଯୋଡି ନିଥିନ ପ୍ରକାଶ ଓ ବିଜୟ ତେଜସ୍ୱିନୀ ପଶ୍ଚିମବଙ୍ଗ -ତାମିଲନାଡୁ ଯୋଡି ସ୍ୱୟଂଦ୍ୟୁତି ଘୋଷ ଓ ନେହା ଏସ୍‌ଙ୍କୁ ୨୧-୧୧,୧୯-୨୧ ଓ ୨୧-୧୩ ପଏଣ୍ଟରେ ପରାସ୍ତ କରିଛନ୍ତି। ୧୭ ବର୍ଷରୁ କମ ମିକ୍ସଡ ଡବଲ୍‌ସ ଫାଇନାଲରେ କର୍ନାଟକ ଯୋଡି ପୁନିଥ ଏସ୍ ଓ ଦୀପକ ରାଜ ଅଦିତି ରାଜସ୍ଥାନ ତାମିଲନାଡୁ ଯୋଡି ଅର୍ନବ ଶର୍ମା ଓ ଅଞ୍ଜନା ମାଣିକନ୍ଦନଙ୍କୁ ୨୧-୧୬, ୨୧-୧୪ରେ ହରାଇ ଚାମ୍ପିୟନ ହୋଇଛନ୍ତି।

୧୭ ବର୍ଷରୁ କମ୍ ବାଳକ ଡବଲ୍‌ସ ଫାଇନାଲରେ କର୍ନାଟକ ଯୋଡି ପବନ ଏସ୍ ଓ ପୁନିଥ ଏସ୍ ଏବଂ ବାଳିକାରେ ଦୀପକ ରାଜ ଅଦିତି ଓ ପୋନାମ୍ମା ବି. ଭି. ଚାମ୍ପିୟନ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଉନ୍ନୟନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ, ଶିଳ୍ପ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନର୍ବୋଣେ, ବାଇ ଉପସଭାପତି ତଥା ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ଶେଖର ବିଶ୍ୱାସ, ପର୍ଯ୍ୟବେକ୍ଷକ କେ. କେ. ଶର୍ମା, ଓସବା ସମ୍ପାଦକ ତଥା ଆୟୋଜନ କମିଟି ସମ୍ପାଦକ ନିଲିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ତନ୍‌ଭୀ ପତ୍ରୀଙ୍କୁ ୫ ଲକ୍ଷ ଓ ନିମିଶା ଓଝା-ସ୍ୱାତି ନାୟକଙ୍କୁ ଅଢ଼େଇ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଓସବା ସଭାପତି ତଥା ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏହି ଅବସରରେ ଘୋଷଣା କରିଥିଲେ।

# ୨୦୨୬ ଫିଫା ବିଶ୍ୱକପ୍ ଲାଗି ଡ୍ର'

**ୱାଶିଂଟନ, ୬।୧୨(ଏପି)**

ଆସନ୍ତା ବର୍ଷ ଆମେରିକା, କାନାଡା ଓ ମେକ୍ସିକୋରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍ ଲାଗି ଶନିବାର ଡ୍ର' ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଶ୍ୱକପ୍‌ରେ କେଉଁ ଦଳ ଗ୍ରୁପ୍ ପର୍ଯ୍ୟାୟରେ କେବେ କାହାକୁ ଭେଟିବ, ତାହା ସ୍ପଷ୍ଟ ହୋଇଛି। ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ୪୮ ଦେଶ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଫାଇନାଲ ସମେତ ୧୦୪ ମ୍ୟାଚ୍ ଖେଳାଯିବ। କେନେଡି ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ମେକ୍ସିକୋର ରାଷ୍ଟ୍ରପତି କ୍ଲାଉଡିଆ ସେଇବାଉମ ଓ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାରନି ଯୋଗ ଦେଇଥିଲେ। ୩ ଥରର ଚାମ୍ପିୟନ ଆର୍ଜେଣ୍ଟିନା ଜୁନ ୧୬ ତାରିଖରେ ଆଲଜେରିଆକୁ ଭେଟିବ। ଟାଇଟଲ ଡିଫେଣ୍ଡିଂ ଲକ୍ଷ୍ୟରେ ଥିବା ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଗ୍ରୁପ୍-ଜେ'ର ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଅଷ୍ଟ୍ରିଆ ଓ ଜୋର୍ଡାନକୁ ଭେଟିବ। ଟୁର୍ନାମେଣ୍ଟ ବେଳେ ୩୯ ବର୍ଷରେ ପାଦ ଦେବାକୁ ଯାଉଥିବା ମେସି ଏଥିରେ ଖେଳିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଆୟୋଜକ ଆମେରିକା ଗ୍ରୁପ୍ ଡି'ରେ ସ୍ଥାନ ପାଇଛି ଏବଂ ଏହି ଦଳ ଜୁନ ୧୨ ପାରାଗୁଏକୁ ତା'ର ପ୍ରଥମ ମ୍ୟାଚ୍ ଭେଟିବ। ୧୯୬୬ରେ ଏକମାତ୍ର ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଗ୍ରୁପ୍-ଏଲ୍‌ରେ କ୍ରୋଏସିଆ, ଘାନା ଓ ପାନାମା ଭଳି ଦଳ ସହିତ ରହିଛି। ସେହିଭଳି ଗ୍ରୁପ୍ ସି'ରେ ପାଞ୍ଚ ଥରର ଚାମ୍ପିୟନ ବ୍ରାଜିଲ, ମରକୋ, ହାଇତି ଓ ସ୍କଟଲାଣ୍ଡ ସ୍ଥାନ ପାଇଥିବାବେଳେ ଟପ୍ ର୍ୟାଙ୍କ ସ୍ପେନ ସହିତ କେପ ଭର୍ଡି, ସାଉଦି ଆରବିଆ, ଉରୁଗୁଏ ଗ୍ରୁପ୍-ଡି'ରେ ସ୍ଥାନ ପାଇଛନ୍ତି।

# ସମୀକ୍ଷା କଲେ ପୋଲିସ ଡିଜି, ଅଗ୍ନିଶମ ଡିଜି


ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୬।୧୨(ଶିକ୍ସା ପ୍ରିୟଦର୍ଶିନୀ)**

- ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୨ ଦିନ
- ତିନିଘଣ୍ଟା ପୂର୍ବରୁ ଆସିବାକୁ ଡିଜିଙ୍କ ପରାମର୍ଶ
- ଖେଳାଳିଙ୍କ କାରକେଡ ରିହର୍ସଲ

ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ଏବେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପହଞ୍ଚି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଯେପରି ମ୍ୟାଚ୍ ସମୟରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ନ ହୁଏ ଏହା ଉପରେ ବିଶେଷ ଭାବେ ଧ୍ୟାନ ଦିଆଯାଇଛି। ବିଶେଷକରି ଦର୍ଶକଙ୍କ ପ୍ରବେଶ ଓ ପ୍ରସ୍ଥାନ ପଥ ତଦାରଖ କରାଯିବା ସହ କିପରି ଶାନ୍ତିଶୃଙ୍ଖଳାର ସହ ମ୍ୟାଚ୍ ଉପଭୋଗ କରିବେ ଏବଂ ପାର୍କିଂ ଓ ଟ୍ରାଫିକ ସୁପରିଚାଳନା, ଷ୍ଟାଡିୟମ ପରିସରରେ ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା, ଜନଗହଳି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଖେଳାଳି ଏବଂ ଦର୍ଶକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଡିଜିପି କହିଛନ୍ତି। କ୍ରୀଡ଼ାପ୍ରେମୀମାନେ ଏକ ସୁନ୍ଦର ଅନୁଭୂତି ନେଇ ଖେଳ ଉପଭୋଗ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ। ଏପରି କି ମ୍ୟାଚ୍ ଆରମ୍ଭ ହେବାର ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକ ଷ୍ଟାଡିୟମ ଆସିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଅଗ୍ନିଶମ ବିଭାଗ ପକ୍ଷରୁ ଷ୍ଟାଡିୟମର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଇଛି। ଯଦି କୌଣସି ପ୍ରକାର ଅଗ୍ନି ନିରାପତ୍ତା ସଂକ୍ରାନ୍ତୀୟ ଅଘଟଣ ଘଟେ କିପରି ଦ୍ରୁତ ଏହାକୁ ସାମ୍ନା କରାଯାଇପାରିବ, ଏହା ଉପରେ ଅଗ୍ନିଶମ ଡିଜି ତଦାରଖ କରିଛନ୍ତି। ମ୍ୟାଚ୍ ବେଳେ ପ୍ରତ୍ୟେକ ଷ୍ଟାଣ୍ଡରେ ଅଗ୍ନିନିରାପତ୍ତା ବାହିନୀର କର୍ମଚାରୀ ମୁତୟନ ରହିବେ। ଷ୍ଟାଡିୟମ ବାହାରେ ଅତ୍ୟାଧୁନିକ ଯାନ ରଖାଯାଇ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଶନିବାର ବାରବାଟୀ ଷ୍ଟାଡିୟମକୁ ଖେଳାଳିଙ୍କ କାର୍‌କେଡ୍ ରିହରସାଲ କରାଯାଇଥିଲା। ଖେଳାଳି ଓ ସେମାନଙ୍କ ସହଯୋଗୀ ଷ୍ଟାଫ୍ କିପରି ହୋଟେଲରୁ ଆସି ଷ୍ଟାଡିୟମରେ ଅଭ୍ୟାସ କରିବେ ଏବଂ ମ୍ୟାଚ୍ ଖେଳିବେ ଏନେଇ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ଖେଳାଳିଙ୍କ ଆସିବା ସମୟରେ ସୁରକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଖେଳାଳିଙ୍କ ଗାଡ଼ି କିପରି ସୁରକ୍ଷିତ ଭାବେ ଅଣାଯିବ ତାହାର ରିହରସାଲ କରାଯାଇଛି।

**ଇନୋଭାରେ କପ୍ କ୍ରିକେଟ**

# ଇନ୍‌ଫୋସିସ୍ ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୬।୧୨ (ବିଜୟ ରଣା)**

ଇଡ୍‌କୋ ଷ୍ଟାଡିୟମରେ ଚାଲିଥିବା ଇନୋଭାରେ କପ୍ ୨୦୨୫ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଇନ୍‌ଫୋସିସ୍ ୧୦ ଉଇକେଟରେ ଓଡ଼ିଶା ଲୟର୍ସ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଲୟର୍ସ ଦଳ ୧୮.୧ ଓଭରରେ ୭୯ ରନ କରି ଅଲଆଉଟ ହୋଇଯାଇଥିଲା। ଇନଫୋସିସ୍ ୧୦.୫ ଓଭରରେ ବିନା କୌଣସି ଉଇକେଟରେ ୮୦ ରନ କରି ମ୍ୟାଚ ଜିତି ନେଇଥିଲା। ଏହି ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଇନୋଭାରେ କ୍ଲାଉଡ୍ସ ୨୭ ରନରେ ରୟାଲ ଷ୍ଟ୍ରାଇକର୍ସଙ୍କୁ ପରାସ୍ତ କରିଛି। ବିଜୟୀ ଦଳର ଅବିନାଶ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଅନ୍ୟପକ୍ଷରେ ସୋଆ ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ରୟାଲ ରେଞ୍ଜର୍ସ ବିପକ୍ଷରେ ସୋଆ ୫ଉଇକେଟରେ ବିଜୟ ଲାଭ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରୟାଲ ରେଞ୍ଜର୍ସ ନିର୍ଦ୍ଧାରିତ ୨୦ ଓଭରରେ ୧୬୬ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ସୋଆ ୧୯.୩ ଓଭରରେ ୫ଉଇକେଟ ବିନିମୟରେ ୧୬୮ରନ କରି ମ୍ୟାଚ ଜିତିଥିଲା। ସୁଶିଲ ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ସିସିସି ୧୦ ଉଇକେଟରେ ଆସେଞ୍ଚରକୁ ପରାସ୍ତ କରିଛି। ବିଜୟୀ ଦଳର ଦୀପ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

# ଜାନୁଆରୀ ୧୫ରୁ ପ୍ରୋ ରେସ୍‌ଲିଂ ଲିଗ୍

**ନୂଆଦିଲ୍ଲୀ, ୬।୧୨ (ପି.ଟି.)**

ପ୍ରୋ-ରେସ୍‌ଲିଂ ଲିଗ୍ (ପିଡବ୍ଲ୍ୟୁଏଲ୍) ଆସନ୍ତାବର୍ଷ ଜାନୁଆରୀ ୧୫ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ସମସ୍ତ ମ୍ୟାଚ ନଏଡା ଇନ୍‌ଡୋର ଷ୍ଟାଡିୟମରେ ହେବ ବୋଲି ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଘୋଷଣା କରିଛି। ଲିଗ୍ ପାଇଁ ଦିଲ୍ଲୀ ଏକମାତ୍ର ଭେନ୍ୟୁ ବୋଲି ଆୟୋଜକଗଣ ପୂର୍ବରୁ ଘୋଷଣା କରିଥିଲେ। ମାତ୍ର କୋଭିଡ୍-୧୯ ମହାମାରୀ ଯୋଗୁ ଏହି ଇଭେଣ୍ଟ ୪ଟି ସିଜନ ସସ୍‌ପେଣ୍ଡ ରହିଥିଲା। ପିଡବ୍ଲ୍ୟୁଏଲ୍ ପାଇଁ ୨୦ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ କୁସ୍ତିଯୋଦ୍ଧା ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି।

# ଷ୍ଟାର୍କଙ୍କ ଅଲରାଉଣ୍ଡ ପ୍ରଦର୍ଶନ

**ବ୍ରିସ୍‌ବେନ୍ (ଅଷ୍ଟ୍ରେଲିଆ), ୬।୧୨ (ଏପି)**

ମିଚେଲ ଷ୍ଟାର୍କ ଚଳିତ ଆଶେସ କ୍ରିକେଟ ଟେଷ୍ଟ ସିରିଜରେ କେବଳ ପ୍ରଭାବୀ ବୋଲିଂ ନୁହେଁ ଚମତ୍କାର ବ୍ୟାଟିଂ କରି ଇଂଲଣ୍ଡ ଶିବିରରେ ଚହଳ ସୃଷ୍ଟି କରିଛନ୍ତି। ଏଠାରେ ଖେଳାଯାଉଥିବା ଦିବା-ରାତ୍ର ଦ୍ୱିତୀୟ ମ୍ୟାଚର ତୃତୀୟ ଦିବସରେ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭୮/୬ରେ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୫୧୧ ରନରେ ଅଲଆଉଟ ହୋଇଯାଇଥିବା ବେଳେ ପ୍ରଥମ ଇନିଂସରେ ୧୭୭ ରନରେ ପଛୁଆ ଥିବା ଭ୍ରମଣକାରୀ ଦଳ ଶନିବାର ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୧୩୪ ରନ କରିଛି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ ଅଲରାଉଣ୍ଡର ୱିଲ୍ ଜ୍ୟାକ୍ସ ଉଭୟ ୪ରନ ଲେଖାଏ କରି ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆକୁ ପୁଣି ଥରେ ବ୍ୟାଟିଂ କରାଇବାକୁ ହେଲେ ଆହୁରି ୪୩ ରନ ଆବଶ୍ୟକ ପଡୁଛି। ଗତ ମାସରେ ପର୍ଥଠାରେ ସିରିଜ ଓପନରରେ ଅଷ୍ଟ୍ରେଲିଆର ୮ ଉଇକେଟ ବିଜୟରେ ଷ୍ଟାର୍କ ତାଙ୍କ ୧୦ ଉଇକେଟ ସଫଳତା ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବ୍ରିସ୍‌ବେନ ଦିବାରାତ୍ର ଟେଷ୍ଟରେ ମଧ୍ୟ ସେ ଆଉ ଏକ ପୁରସ୍କାର ଦୌଡ଼ରେ ରହିଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସରେ ୬ଉଇକେଟ ଅକ୍ତିଆର କରିଥିବା ଷ୍ଟାର୍କଙ୍କ ୭୭ରନ ଯୋଗୁ ଅଷ୍ଟ୍ରେଲିଆ ଶନିବାର ଅପରାହ୍ନରେ ଏହାର ପ୍ରଥମ ଇନିଂସରେ ୫୧୧ରନ କରିପାରିଛି। ପରେ ନାଇଟ ସେସନ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ସେ ଦୁଇଟି ଉଇକେଟର ପତନ ଘଟାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୩୪

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୧୧ (ମିଚେ ଷ୍ଟାର୍କ-୭୭, ଜେକ୍ ୱିଥରାଲ୍ଡ-୭୨, ଆଲେକ୍ସ କାରେ-୬୩, ଷ୍ଟିଭେନ ସ୍ମିଥ୍-୬୧ ; ବ୍ରାଇଡନ କାର୍ସି-୪/୧୫୨, ବେନ୍ ଷ୍ଟୋକ୍ସ-୩/୧୧୩)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୩୪/୬ ( ଜ୍ୟାକ୍ କ୍ରଲି-୪୪, ଓଲି ପୋପ୍-୨୬ ; ମାଇକେଲ ନେସେର-୨/୨୭, ସ୍କଟ ବୋଲାଣ୍ଡ-୨/୩୩, ମିଚେଲ ଷ୍ଟାର୍କ-୨/୪୮)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା-୧୨+୮

ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 7/2025 | Page 20 | ₹ 7.00

୫୨ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 14 | ମୂଲ୍ୟ ₹୭/-




ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

# ସିରିଜ୍ ଜିତିଲା ଭାରତ

**ବିଶାଖାପାଟଣା,୬।୧୨**

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଶୋଚନୀୟ ପରାଜୟ ବରଣ କରିଥିବା ଭାରତୀୟ ଦଳ ଦିନିକିଆ ସିରିଜ୍ ଜିତି ପ୍ରତିଶୋଧ ନେଇଛି। ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବଙ୍କ ଘାତକ ବୋଲିଂ ପରେ ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଏଠାରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ଓପନର ରୋହିତ ଶର୍ମା ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦ. ଆଫ୍ରିକା ପ୍ରଥମ ଓଭରରେ ହିଁ ଓପନର ରିଆନ ରିକଲଟନ(୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ଡି କକ୍ ଓ ଅଧିନାୟକ ଟେମ୍ବା ବଭୁମା ଦ୍ୱିତୀୟ ଉଇକେଟରେ ୧୧୩ ରନ ଯୋଡ଼ିଥିଲେ। ବଭୁମା ୪୮ (୫ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ବ୍ରିଜକେଙ୍କ ସହ ଡି କକ୍ ମିଶି ଦଳୀୟ ସ୍କୋରକୁ ୧୬୦ ପାର କରାଇଥିଲେ। ହେଲେ ପ୍ରସିଦ୍ଧ କ୍ରିଷ୍ଣା ୨୯ତମ ଓଭରରେ ବ୍ରିଜକେ (୨୪) ଓ ଏଡେନ ମାରକ୍ରାମ (୧)ଙ୍କୁ ପାଭିଲିଅନ ପଠାଇ ଦେଇଥିଲେ। ଦଳୀୟ ସ୍କୋର ୧୯୯ ରନ ହୋଇଥିବା ବେଳେ ଡି କକ୍‌ଙ୍କୁ ପ୍ରସିଦ୍ଧ କ୍ଲିନ ବୋଲ୍ଡ କରିଥିଲେ। ଆଉଟ୍ ହେବା ପୂର୍ବରୁ ଡି କକ୍ ୮୯ ବଲରେ ୮ ଚୌକା ଓ ୬ ଛକା ସହିତ ୧୦୬ ରନ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଦ. ଆଫ୍ରିକା ୪୭.୫ ଓଭରରେ ୨୭୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟିମ୍ ଇଣ୍ଡିଆକୁ ☞ ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାକୁ ଅନୁମୋଦନ

**ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)**

## କ୍ୟାବିନେଟ୍‌ରେ ୬ ପ୍ରସ୍ତାବକୁ ମଞ୍ଜୁରୀ

### ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ ଯୋଜନା, ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରସ୍ତାବକୁ ଅନୁମୋଦନ

ରେଶମ ଶିଳ୍ପକୁ ଅଧିକ ସଶକ୍ତ ଏବଂ ସମ୍ପ୍ରସାରିତ କରିବା ଲାଗି ରାଜ୍ୟ ସରକାର ସ୍ଥିରକରି ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି କରିଛନ୍ତି। ଏହି ଯୋଜନା ଜରିଆରେ ରେଶମକୀଟର ବିହନ ପ୍ରସ୍ତୁତି, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକତା ଉପାୟରେ କରୁଣା ରେଶମର ଉତ୍ପାଦନ କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ। ରେଶମ ଚାଷୀମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ, କାର୍ଯ୍ୟକାରୀ ମୂଳଧନ ସହାୟତା ପ୍ରଦାନ ଏବଂ ସମବାୟ ସମିତି ଜରିଆରେ ରେଶମ ଉତ୍ପାଦନର ବଜାରୀକରଣ କରି ସେମାନଙ୍କୁ ଉଚିତ ମୂଲ୍ୟ ଯୋଗାଇଦେବା ଲାଗି ଠିକ୍ ବାତାବରଣ ସୃଷ୍ଟି ସହ ଅଭାବୀ ବିକ୍ରିରୁ ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇପାରିବ। ଏହି ଯୋଜନା ମାଧ୍ୟମରେ ଆସନ୍ତା ୫ ବର୍ଷରେ ସମୁଦାୟ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନର ୩ୟ ମହଲାଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ୍ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଞ୍ଜୁରୀ ପାଇଥିବା ୬ ପ୍ରସ୍ତାବ ☞ ପୃଷ୍ଠା-୭

# ରାତିଅଧରେ ନାବାଳିକାଙ୍କ ଆତ୍ମାହୁତି ଉଦ୍ୟମ

**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୬।୧୨ (ଜୟନାରାଣ ମେଣ୍ଡୁଲି/ଅଶୋକ ପାଣି)**

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଜଣଙ୍କୁ ବାନ୍ଧିଲା ପୋଲିସ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଗ୍ରାମର ଜଣେ ନାବାଳିକା ଶୁକ୍ରବାର ବିଳମ୍ବିତ ରାତିରେ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଇସ୍ପାତ୍ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ଛାତ୍ରୀଙ୍କ ଶରୀରର ୯୦ ଭାଗ ଜଳିଯାଇଥିବା ଜଣାପଡ଼ିଛି।

ଚିକିତ୍ସାଧୀନ ଛାତ୍ରୀଙ୍କ ବୟସ ୧୭ ବର୍ଷ ୮ ମାସ ହେବ। ସେ ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁତ୍ରା ଥାନା ଅଞ୍ଚଳର ନିଲେସ ସାହୁ। ଏନେଇ ପୋଲିସ ଏକ ମାମଲା ନଂ.୬୪/୨୫ ରୁଜୁ କରି ଘଟଣାର ତଦନ୍ତ ☞ ପୃଷ୍ଠା-୭




# ୩୩ ବର୍ଷ ପରେ ପୁଣି 'ବାବ୍ରି ମସ୍‌ଜିଦ'

**୧୯୯୨ ଡିସେମ୍ବର ୬ରେ ଉତ୍ତର ପ୍ରଦେଶର ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦକୁ କାରସେବକମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରେ ଦେଶରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୨,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଉକ୍ତ ଘଟଣାକୁ ଶନିବାର ୩୩ ବର୍ଷ ପୂରିଥିବାବେଳେ ଅଯୋଧ୍ୟା ସମେତ ଦେଶର ବିଭିନ୍ନ ଭାଗରେ ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟହେବା ଆଶଙ୍କାରେ ଶୋଭାଯାତ୍ରା ବିକ୍ଷୋଭ ଆଦି ଉପରେ ରୋକ ଲଗାଯାଇଛି। କିନ୍ତୁ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ରେଜିନଗରରେ ମୁଣ୍ଡ ଟେକିଛି ଆଉ ଏକ 'ବାବ୍ରି ମସ୍‌ଜିଦ', ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ରାଜନୀତି ସରଗରମ ହୋଇଛି।**

ମୁର୍ଶିଦାବାଦ/ଅଯୋଧ୍ୟା,୬।୧୨



ପଶ୍ଚିମବଙ୍ଗରେ ଆସନ୍ତା ମାର୍ଚ୍ଚ-ଏପ୍ରିଲ ଆଡ଼କୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ବିଧାୟକ ହୁମାୟୁନ୍ କବିର ରେଜିନଗରରେ ଡିସେମ୍ବର ୬ରେ ଏକ ବାବ୍ରି ମସ୍‌ଜିଦର ମୂଳଦୁଆ ପକାଇବା ନେଇ ପୂର୍ବରୁ ଘୋଷଣା କରିଥିଲେ। ଭରତପୁରରୁ ପ୍ରତିନିଧିତ୍ୱ କରୁଥିବା ହୁମାୟୁନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି କାରଣରୁ ଗତ ଗୁରୁବାର ନିଲମ୍ବନ କରିଥିଲା। ହୁମାୟୁନ୍ ନିଜ ପ୍ରତିକ୍ରିୟାରେ କହିଥିଲେ, ସେ ଆସନ୍ତା ୨୨ରେ ଟିଏମ୍‌ସିରୁ ଇସ୍ତଫା ଦେଇ ଏକ ନୂଆ ଦଳ ଗଠନ କରିବେ। ୩ ବର୍ଷ ମଧ୍ୟରେ ମୁର୍ଶିଦାବାଦ ବାବ୍ରି ମସ୍‌ଜିଦ ନିର୍ମାଣ ଶେଷ ହେବ ବୋଲି ହୁମାୟୁନ୍ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ବିବାଦ କଲିକତା ହାଇକୋର୍ଟରେ ପହଞ୍ଚିଛି। ସାମ୍ପ୍ରଦାୟିକ ଉତ୍ତେଜନା ଏଡ଼ାଇବା ପାଇଁ ସବୁ ପ୍ରକାର ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଶନିବାର ସମ୍ପୃକ୍ତ ଅଞ୍ଚଳରେ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ପଶ୍ଚିମବଙ୍ଗ ପୋଲିସ, ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ଏବଂ କେନ୍ଦ୍ରୀୟ ବଳର ପ୍ରାୟ ୩,୫୦୦ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ହୁମାୟୁନ୍ ରେଜିନଗରକୁ ଯାଇ ସେଠାରେ ଆଉ ଏକ ବାବ୍ରି ମସ୍‌ଜିଦ ନିର୍ମାଣ ପାଇଁ ଫିତା କାଟିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସାଉଦି ଆରବ ସମେତ ଦେଶର ବିଭିନ୍ନ ଭାଗରୁ ଆସିଥିବା ଅନେକ ଇସ୍‌ଲାମିକ୍ ବିଦ୍ୱାନ ଉପସ୍ଥିତ ଥିଲେ। ମୁସଲମାନ ସମ୍ପ୍ରଦାୟର ବହୁ ଲୋକ ମୁଣ୍ଡରେ ଇଟା ବୋହି ନିର୍ମାଣସ୍ଥଳକୁ ଯାଇଥିଲେ। ସେମାନେ 'ନାରା-ଇ-ତକ୍‌ବୀର, ଆଲ୍ଲାହୁ ଆକବର' ସ୍ଲୋଗାନ ଦେଇଥିଲେ। ହୁମାୟୁନ୍ କହିଥିଲେ, ସେ କୌଣସି ଅସାମ୍ବିଧାନିକ କାର୍ଯ୍ୟ କରୁନାହାନ୍ତି। ଉପାସନାସ୍ଥଳ ନିର୍ମାଣ ଏକ ସାମ୍ବିଧାନିକ ଅଧିକାର। ବାବ୍ରି ମସ୍‌ଜିଦ କୌଣସି ପ୍ରକାରେ ନିର୍ମାଣ କରାଯିବ। ମୋଟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏଥିପାଇଁ ଆର୍ଥିକ ପ୍ରତିବନ୍ଧକ ରହିବ ନାହିଁ। ନିର୍ମାଣ ଲାଗି ଜଣେ ଶିଳ୍ପପତି ୮୦ କୋଟି ଟଙ୍କା ଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରି କି ମସ୍‌ଜିଦ ନିକଟରେ ଏକ ହସ୍ପିଟାଲ, ମେଡିକାଲ କଲେଜ, ୟୁନିଭର୍ସିଟି, ହୋଟେଲ ଓ ହ୍ୟାଲିପ୍ୟାଡ୍ ମଧ୍ୟ ନିର୍ମାଣ କରାଯିବା ନେଇ ଯୋଜନା ରହିଥିବା ଟିଏମ୍‌ସିରୁ ନିଲମ୍ବିତ ବିଧାୟକ ସୂଚନା ଦେଇଛନ୍ତି।



" ୩୨ ବର୍ଷ ପୂର୍ବେ ମୁସଲମାନମାନଙ୍କ ହୃଦୟରେ ଏକ ଗଭୀର କ୍ଷତ ସୃଷ୍ଟି କରାଯାଇଥିଲା। ଆଜି ଆମେ ସେହି ଘା'ରେ ମଲମ ଲଗାଉଛୁ। ତମାମ ଧମକଚମକ ସତ୍ତ୍ୱେ ବାବ୍ରି ମସ୍‌ଜିଦ ନିର୍ମାଣ କରାଯିବ।

**-ହୁମାୟୁନ୍ କବିର,**
**ଟିଏମ୍‌ସିରୁ ନିଲମ୍ବିତ ବିଧାୟକ**

" ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସି ଧ୍ରୁବୀକରଣକୁ ପ୍ରୋତ୍ସାହନ ଦେଉଛି। ହୁମାୟୁନ୍ କବିରଙ୍କ ତଥାକଥିତ ମସ୍‌ଜିଦ ନିର୍ମାଣ ଉଦ୍ୟମ ଶାସକ ଦଳର ଏକ ରାଜନୈତିକ ପ୍ରକଳ୍ପ, ଯହିଁରେ ସ୍ଥାନୀୟ ପୋଲିସ ପ୍ରଶାସନର ସମର୍ଥନ ରହିଛି।

**-ଅମିତ୍ ମାଲବ୍ୟ, ଭାଜପା ନେତା**

" ୧୯୯୨ ଡିସେମ୍ବର ୬ରେ ବାବ୍ରି ସ୍‌ଜିଦକୁ ଭଙ୍ଗାଯାଇ ନ ଥିଲା, ବରଂ ଭାରତୀୟ ସମ୍ବିଧାନକୁ ଦୁର୍ବଳ କରି ଦିଆଯାଇଥିଲା। ଭାରତ ଓ ସମ୍ବିଧାନ ପାଇଁ ଏହା ଏକ 'କଳାଦିବସ' ଥିଲା।

**-ଅସାଦୁଦ୍ଦିନ ଓୱାଇସି,**
**ଏଆଇଏମ୍‌ଆଇଏମ୍ ମୁଖ୍ୟ**

" ବିଧାନସଭା ନିର୍ବାଚନ ପୂର୍ବରୁ ମୁର୍ଶିଦାବାଦରେ ମସ୍‌ଜିଦ ନିର୍ମାଣ କରୁଥିବା ଲୋକେ ରାଜନୈତିକ ଲାଭ ପାଇଁ ଉଦ୍ୟମ ଚଳାଇଛନ୍ତି। ଡିସେମ୍ବର ୬କୁ ସୁସ୍ଥ ଓ ଉତ୍ତମ ବାତାବରଣରେ ସଦ୍‌ଭାବନା ଦିବସ ଭାବେ ପାଳନ କରିବା ଉଚିତ।

**-ଶତ୍ରୁଘ୍ନ ସିହ୍ନା, ଟିଏମ୍‌ସି ଏମ୍‌ପି**

## ଭାଜପା ପାଳିଲା ଶୌର୍ଯ୍ୟ ଦିବସ

ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାର ୩୩ ବର୍ଷପୂର୍ତ୍ତି ଅବସରରେ ଶନିବାର ଦେଶର ବିଭିନ୍ନ ସ୍ଥାନରେ ମୁସଲମାନ ସଙ୍ଗଠନଗୁଡ଼ିକ 'କଳାଦିବସ' ପାଳିଥିବାବେଳେ ଭାଜପା ପକ୍ଷରୁ ଶୌର୍ଯ୍ୟ ଦିବସ ପାଳନ କରାଯାଇଛି। ପଶ୍ଚିମବଙ୍ଗ ମୁର୍ଶିଦାବାଦରେ ପୁଣି ଏକ ବିବାଦୀୟ ମସ୍‌ଜିଦ ନିର୍ମାଣର ଶୁଭ ଦିଆଯାଇଥିବାବେଳେ କୋଲକାତା ସମେତ କେତେକ ସହରରେ ଭାଜପା ଶୋଭାଯାତ୍ରା କରି ଶୌର୍ଯ୍ୟ ଦିବସ ପାଳିଛି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅଯୋଧ୍ୟାରେ ଏକ କଳଙ୍କିତ ଢାଞ୍ଚାକୁ ହଟାଇ ଐତିହ୍ୟକୁ ପୁନଃ ଅବସ୍ଥାପିତ କରାଯାଇଛି। ରାମମନ୍ଦିର ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ସନାତନୀମାନଙ୍କୁ ଶୌର୍ଯ୍ୟ ଦିବସରେ ଭାଜପା 'X' ରେ ପୋଷ୍ଟ କରି ଶ୍ରଦ୍ଧାଞ୍ଜଳି ଦେଇଛି।



ଅଯୋଧ୍ୟା ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାକୁ ଶନିବାର ୩୩ ବର୍ଷ ପୂରିଥିବାବେଳେ କୋଲକାତାରେ ଭାଜପା ସଦସ୍ୟ ଓ ଅନ୍ୟମାନେ 'ଶୌର୍ଯ୍ୟ ଦିବସ' ପାଳନ ଅବସରରେ ଶୋଭାଯାତ୍ରା କରୁଛନ୍ତି। (ଫଟୋ: ପି.ଟି.)

## ଭାରତକୁ ୪୦,୦୦୦ ଏଲ୍‌ଏମ୍‌ଜି ଯୋଗାଇବ ଇସ୍ରାଏଲୀ କମ୍ପାନୀ

ଜେରୁଜେଲମ୍ ,୬।୧୨

ଇସ୍ରାଏଲ୍‌ର ଏକ ପ୍ରମୁଖ ପ୍ରତିରକ୍ଷା କମ୍ପାନୀ ଭାରତକୁ ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ହାଲୁକା ମେସିନ୍ ଗନ୍ (ଏଲ୍‌ଏମ୍‌ଜି) ଯୋଗାଇବାକୁ ଯାଉଛି। ଆସନ୍ତାବର୍ଷ ପ୍ରଥମ ଭାଗରୁ ଏହି ଯୋଗାଣ ଆରମ୍ଭ ହେବ। ପାଖାପାଖି ୧,୭୦,୦୦୦ ଅତ୍ୟାଧୁନିକ କାର୍ବାଇନ୍ ଯୋଗାଣ ପାଇଁ ଚୁକ୍ତି ସ୍ୱାକ୍ଷର ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଭାରତକୁ ପିସ୍ତଲ, ରାଇଫଲ ଏବଂ ମେସିନ୍ ଗନ୍ ଆଦି ଯୋଗାଇବା ପାଇଁ ଇସ୍ରାଏଲ୍ ୱେପନ୍ ଇଣ୍ଡଷ୍ଟ୍ରିଜ୍ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମେତ ବିଭିନ୍ନ ସଂସ୍ଥା ସହ ଏକାଠି କାର୍ଯ୍ୟ କରୁଥିବା ଏହାର ସିଇଓ କହିଛନ୍ତି। ଗତବର୍ଷ ହୋଇଥିବା ଚୁକ୍ତି ଅନୁଯାୟୀ ଆମେ ପ୍ରଥମେ ୪୦ ହଜାର ଏଲ୍‌ଏମ୍‌ଜି ଯୋଗାଇବାକୁ ଯାଉଛୁ ବୋଲି ସେ ସୂଚନା ଦେଇଛନ୍ତି।

## ୧୦ରୁ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,
୬।୧୨(ପି.ଟି.)

ପ୍ରସ୍ତାବିତ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଉପରେ ୩ ଦିନିଆ ଆଲୋଚନା ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା କେତେକ ସୂତ୍ରରୁ ଜଣାପଡ଼ିଛି। ଆମେରିକା ବାଣିଜ୍ୟ ବିଭାଗ ଉପପ୍ରତିନିଧି ରିକ୍ ସୁଇଜରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତରେ ଆସୁଛନ୍ତି। ଆଲୋଚନାରେ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ ହେବା ଆଶା କରାଯାଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୫% ଟାରିଫ୍ ଲଗାଇବା ଏବଂ ଅତିରିକ୍ତ ୨୫% ଦଣ୍ଡାତ୍ମକ ଶୁଳ୍କ ପରେ ଏହା ଆମେରିକା ପ୍ରତିନିଧି ଦଳର ଦ୍ୱିତୀୟ ଭାରତ ଗସ୍ତ।

## ପ୍ରିଟୋରିଆରେ ଗୁଳି: ୧୧ ମୃତ, ୧୪ ଆହତ

ନୂଆଦିଲ୍ଲୀ,୬।୧୨

ଦକ୍ଷିଣ ଆଫ୍ରିକାର ପ୍ରଶାସନିକ ରାଜଧାନୀ ପ୍ରିଟୋରିଆରେ ଶନିବାର ଭୋର ସମୟରେ ଗୁଳିକାଣ୍ଡ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଛନ୍ତି। ସହରର ଆଟେରିଜ୍‌ଭିଲ୍ଲେରେ ଥିବା ସାଉଲ୍ସଭିଲ୍ଲେ ହଷ୍ଟେଲରେ ଚାଲିଥିବା ବେଆଇନ ମଦ୍ୟଶାଳାରେ ଲୋକେ ମଦ ପିଉଥିବାବେଳେ ଗୁଳିକାଣ୍ଡ ଘଟିଥିଲା। ୩ ଜଣ ବନ୍ଧୁକଧାରୀ ହଷ୍ଟେଲରେ ଧସେଇ ପଶିବା ସହ ଆଖିବୁଜା ଗୁଳି ଚଳାଇଥିଲେ ବୋଲି କୁହାଯାଉଛି।

## ଡିପ୍‌ଫେକ୍ ନିୟନ୍ତ୍ରଣ ପାଇଁ ବିଲ୍ ଲୋକ ସଭାରେ ଆଗତ

ନୂଆଦିଲ୍ଲୀ,୬।୧୨

ଡିପ୍‌ଫେକ୍‌କୁ ନିୟନ୍ତ୍ରଣ କରିବା ନିମନ୍ତେ ଲୋକ ସଭାରେ ଶନିବାର ଏକ ପ୍ରାଇଭେଟ ମେମ୍ବର ବିଲ୍ ଆଗତ ହୋଇଛି। ଶିବସେନା ନେତା ଶ୍ରୀକାନ୍ତ ଶିନ୍ଦେ ଏହି ରେଗୁଲେଶନ ଅଫ୍ ଡିପ୍‌ଫେକ୍ ବିଲ୍‌କୁ ଗୃହରେ ଉପସ୍ଥାପନ କରିଛନ୍ତି। ଡିପ୍‌ଫେକ୍‌କୁ ନେଇ ଅସୁବିଧାର ସମ୍ମୁଖୀନ ହେଉଥିବା ନାଗରିକମାନଙ୍କୁ ସୁରକ୍ଷା ଦେବା ଏହି ବିଲ୍‌ର ଉଦ୍ଦେଶ୍ୟ। ଉତ୍ପୀଡ଼ନ, ଧୋକା ଏବଂ ଭୁଲ୍ ସୂଚନା ପ୍ରସାର ପାଇଁ ଡିପ୍‌ଫେକ୍‌ର ଦୁରୁପଯୋଗ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ଜରୁରୀ ପଦକ୍ଷେପର ଆବଶ୍ୟକତା ରହିଥିବା ଶିନ୍ଦେ କହିଛନ୍ତି। ସେହିପରି ଏନ୍‌ସିପି ସଦସ୍ୟ ସୁପ୍ରିୟା ସୁଲେ ରାଇଟ୍ ଟୁ ଡିସ୍‌କନେକ୍ଟ ବିଲ୍, ୨୦୨୫ ଲୋକ ସଭାରେ ଆଣିଛନ୍ତି। କର୍ମଚାରୀ ମଙ୍ଗଳ କର୍ତ୍ତୃପକ୍ଷ ସ୍ଥାପନ କରିବା ପାଇଁ ଏଥିରେ ପ୍ରସ୍ତାବ ରହିଛି। କର୍ମଚାରୀମାନଙ୍କୁ କାର୍ଯ୍ୟ ସମୟ ଶେଷ ହେବା ପରେ ଏବଂ ଛୁଟିଦିନରେ କାର୍ଯ୍ୟ ସମ୍ପର୍କିତ ଫୋନ୍ କଲ୍ ଏବଂ ଇମେଲ୍ ଚାପରୁ ରକ୍ଷା କରିବା ଏହି ବିଲ୍‌ର ଉଦ୍ଦେଶ୍ୟ।

## ଏୟାରବସ୍ ଏ୩୨୦ରେ ଗୁଣବତ୍ତା ସମସ୍ୟା

ପ୍ୟାରିସ୍,୬।୧୨

ଏୟାରବସ୍ ଏ୩୨୦ ବିମାନଗୁଡ଼ିକରେ ସଫ୍ଟୱେର ସମସ୍ୟା ଦେଖାଦେବା ପରେ ଗତ ମାସରେ କମ୍ପାନୀ ସେଗୁଡ଼ିକର ସମାଧାନ କରିଥିଲା। ସଫ୍ଟୱେର ଅପ୍‌ଡେଟ୍ ପାଇଁ ଅନେକ ହଜାର ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏବେ କେତେକ ଏ୩୨୦ ବିମାନର ମେଟାଲ ପ୍ୟାନେଲରେ ଗୁଣବତ୍ତା ସମସ୍ୟା ଦେଖାଦେଇଛି। ଫଳରେ ଏ୩୨୦ ବର୍ଗର ଅନେକ ବିମାନର ଫ୍ୟୁଜ୍‌ଲେଜ୍ ପ୍ୟାନେଲ ପ୍ରଭାବିତ ହେବା ସହ ବିମାନ ଡେଲିଭରି କରିବାରେ ବିଳମ୍ବ ହେଉଛି। ଏୟାରବସ୍ ଏବେ କେତେକ ବିମାନର ଯାଞ୍ଚ କରୁଛି। ତେବେ ସୀମିତ ସଂଖ୍ୟକ ବିମାନରେ ଏଭଳି ସମସ୍ୟା ଦେଖାଦେଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରଭାବିତ ହେବା ସମ୍ଭାବନା ଥିବା ସମସ୍ତ ବିମାନକୁ ଯାଞ୍ଚ କରାଯାଉଛି। ୬୦୦ ବିମାନକୁ ଯାଞ୍ଚ କରାଯିବା ଆବଶ୍ୟକ। ତେବେ ସବୁଗୁଡ଼ିକର ପ୍ୟାନେଲରେ ତ୍ରୁଟି ଥିବ ବୋଲି ଆଶା କରାଯାଉ ନାହିଁ। ନୂଆ ତିଆରି ହୋଇଥିବା ପ୍ୟାନେଲଗୁଡ଼ିକରେ ଏଭଳି ସମସ୍ୟା ରହିଥିବା ଚିହ୍ନଟ ହୋଇଛି।

## ନେହେରୁଙ୍କ ଲିଗାସି ଧ୍ୱଂସ ଭାଜପାର ଲକ୍ଷ୍ୟ: ସୋନିଆ

ନୂଆଦିଲ୍ଲୀ,୬।୧୨

ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଲିଗାସିକୁ ଧ୍ୱଂସକରିବାକୁ ଚାହୁଁଥିବାରୁ ତାଙ୍କୁ ଗାଳି କରୁଛି। ଏପରି କି ଭାରତର ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ନିର୍ମାଣରେ ମଧ୍ୟ ନେହେରୁଙ୍କ ଭୂମିକାକୁ ଗୌଣ କରିଦେବା ପାଇଁ ଶାସକ ଦଳ ଉଦ୍ୟମ ଚଳାଇଥିବା କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଦେଶର ଅନେକ ଐତିହାସିକ ଭୁଲ୍ ପାଇଁ ନେହେରୁଙ୍କୁ ଦାୟୀ କରିଛି। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ନୂଆଦିଲ୍ଲୀସ୍ଥିତ ଜବାହର ଭବନର ନେହେରୁ ସେଣ୍ଟର ଇଣ୍ଡିଆରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାଜପାକୁ ଟାର୍ଗେଟ କରିଛନ୍ତି। ଭାଜପା କିମ୍ବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ନାମ ନ ନେଇ ସୋନିଆ କହିଛନ୍ତି, ଶାସକ ବର୍ଗ ଉଦ୍ଦେଶ୍ୟମୂଳକ ଭାବେ ନେହେରୁଙ୍କୁ ବଦନାମ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ନେହେରୁଙ୍କୁ କେବଳ ଜନମାନସରୁ ହଟାଇବା ନୁହେଁ, ବରଂ ରାଷ୍ଟ୍ରନିର୍ମାଣ ଲାଗି ତାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ମୂଳଦୁଆକୁ ଧ୍ୱଂସ କରିବା ବୋଲି ରାଜ୍ୟ ସଭା ସଦସ୍ୟା ସୋନିଆ ସମାଲୋଚନା କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନେହେରୁଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟର ଦିନକ ପରେ ସୋନିଆ ଏପରି କହିଛନ୍ତି। ରାଜନାଥ କହିଥିଲେ, ନେହେରୁ ସରକାରୀ ଅର୍ଥରେ ବାବ୍ରି ମସ୍‌ଜିଦ ନିର୍ମାଣ କରିବାକୁ ଚାହୁଁଥିଲେ। କିନ୍ତୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହି ପଦକ୍ଷେପକୁ ରୋକିଥିଲେ। ରାଜନାଥଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ଧ୍ରୁବୀକରଣ ଉସୁକାଇବା ପାଇଁ ଉଦ୍ଦିଷ୍ଟ ମିଛ ବୋଲି ସମାଲୋଚନା କରିଥିଲା। ଅନ୍ୟପକ୍ଷେ ଭାଜପା ମୁଖପତ୍ର ଗୌରବ ଭାଟିଆ କହିଛନ୍ତି, ସୋନିଆ ଧ୍ୱଂସ କଥା କହୁଛନ୍ତି। କିନ୍ତୁ ବାସ୍ତବରେ ତାଙ୍କ ପୁଅ ରାହୁଲ ଗାନ୍ଧୀ ଆଜିର ଦିନରେ ଭାରତୀୟ ରାଜନୀତିର ଜଣେ ଭସ୍ମାସୁର। ରାହୁଲ ଯେଉଁମାନଙ୍କ ସହ ମଞ୍ଚ ଶେୟାର କରୁଛନ୍ତି, ସେମାନଙ୍କ ରାଜନୈତିକ ପତନ ଘଟୁଛି।



ସୋନିଆ ଗାନ୍ଧୀ

**ଦେଶର ଅନେକ ଐତିହାସିକ ଭୁଲ୍ ପାଇଁ ନେହେରୁ ଦାୟୀ: ଭାଜପା**

DSPL - 398



ସତ୍ୟମେଵ ଜୟତେ

**ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି । ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି । ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ ।

ଜୟ ହିନ୍ଦ୍ ।

(ହରି ବାବୁ କମ୍ଭମ୍ପାଟି)



**ବାର୍ତ୍ତା**

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ । ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ । ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି । ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା ।

ଜୟ ହିନ୍ଦ୍ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0006/2526

**ଇଣ୍ଡିଗୋ ସଙ୍କଟ**

# ଆଜି ସୁଦ୍ଧା ଦେୟ ଫେରସ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋରେ କର୍ମଚାରୀ ସଙ୍କଟ ଯୋଗୁ ୫ ଦିନ ହେଲା ବିମାନସେବା ଗୁରୁତର ବାଧାପ୍ରାପ୍ତ ହୋଇଥିବାବେଳେ ଅନେକ ହଜାର ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ବାତିଲ ହୋଇଥିବା ବିମାନଗୁଡ଼ିକର ଯାତ୍ରୀମାନଙ୍କୁ ସେମାନଙ୍କ ଟିକେଟ ଅର୍ଥ ରବିବାର ରାତି ୮ଟା ସୁଦ୍ଧା ଫେରସ୍ତ କରିବା ନିମନ୍ତେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶନିବାର ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଏଥିସହିତ ଆସନ୍ତା ୨ ଦିନ ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କ ଲଗେଜ୍ ଫେରାଇଦେବାକୁ କୁହାଯାଇଛି।

ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ଡିଜିସିଏ ଶନିବାର ଇଣ୍ଡିଗୋର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ପିଟର ଏଲ୍‌ବେର୍ସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ୨୪ ଘଣ୍ଟା ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛି। ସପ୍ତାହବ୍ୟାପୀ ବିମାନ ଚଳାଚଳରେ ଦେଖାଦେଇଥିବା ସମସ୍ୟା ପାଇଁ ସିଇଓଙ୍କୁ ଉତ୍ତରଦାୟୀ କରାଯାଇଛି। ପାଇଲଟ୍‌ଙ୍କ ପାଇଁ ସଂଶୋଧିତ ଏଫ୍‌ଡିଟିଏଲ୍ ଲାଗୁ ନିମନ୍ତେ ଇଣ୍ଡିଗୋ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାରେ ବିଫଳ ହେବାରୁ ବିମାନ ଉଡ଼ାଣରେ ସଙ୍କଟ ସୃଷ୍ଟି ହେଲା ବୋଲି ଡିଜିସିଏ କହିଛି। ଏଲ୍‌ବେର୍ସଙ୍କୁ ବିଦା କରାଯିବା ସହ ଉକ୍ତ ଏୟାରଲାଇନ୍ସ ଉପରେ ବଡ଼ ଧରଣର ଜରିମାନା ଲଗାଇପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି। ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ରବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ସୂଚନା ଦେଇଥିଲେ। ଉଚ୍ଚସ୍ତରୀୟ ତଦନ୍ତ କମିଟି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଦେଶର ସର୍ବବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋର ୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ଶୁକ୍ରବାର ବାତିଲ ହୋଇଥିବାବେଳେ ଶନିବାର ମଧ୍ୟ ୮୦୦ରୁ ଅଧିକ ବିମାନ ଉଡ଼ାଣ ବନ୍ଦ ରହିଛି। ଗତ ମଙ୍ଗଳବାରଠାରୁ ଏଭଳି ସମସ୍ୟା ଲାଗିରହିଛି। ଟିକେଟ ଅର୍ଥ ଫେରସ୍ତରେ ବିଳମ୍ବ କିମ୍ବା ନ ଫେରାଇଲେ ଡିଜିସିଏ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ କହିଛି। ଉଡ଼ାଣ ବାତିଲ ଯୋଗୁ ପ୍ରଭାବିତ ଯାତ୍ରୀ ଅନ୍ୟ ତାରିଖରେ ଯାତ୍ରା ପାଇଁ ଚାହିଁଲେ, ସେମାନଙ୍କଠାରୁ କୌଣସି ପୁନଃନିର୍ଦ୍ଧାରଣ ଶୁଳ୍କ ନ ନେବା ଲାଗି ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଯାତ୍ରୀଙ୍କ ସହାୟତା ଏବଂ ରିଫଣ୍ଡ ସୁବିଧା ପ୍ରକୋଷ୍ଠ ସ୍ଥାପନ ପାଇଁ ଇଣ୍ଡିଗୋକୁ କୁହାଯାଇଛି। ଉକ୍ତ ପ୍ରକୋଷ୍ଠ ପ୍ରଭାବିତ ଯାତ୍ରୀମାନଙ୍କ ସହ ଯୋଗାଯୋଗରେ ରହି ସେମାନେ ଟିକେଟ ଅର୍ଥ ଫେରିପାଇଲେ କି ନାହିଁ, ତାହା ସୁନିଶ୍ଚିତ କରିବ। ବିମାନ ଉଡ଼ାଣ ସ୍ଥିତିରେ ସମ୍ପୂର୍ଣ୍ଣ ସ୍ଥିରତା ଆସିବା ପର୍ଯ୍ୟନ୍ତ ରିଫଣ୍ଡ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।


ବିମାନ ଉଡ଼ାଣ ବିଳମ୍ବ ଯୋଗୁ ଯାତ୍ରୀମାନେ ଜମ୍ମୁ ଏୟାରପୋର୍ଟରେ ଅପେକ୍ଷା କରିଛନ୍ତି।

### ଏୟାରଲାଇନ୍ସ ସିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍


ପିଟର ଏଲ୍‌ବେର୍ସ

### କେନ୍ଦ୍ରକୁ ଦାୟୀ କଲା କଂଗ୍ରେସ, ସିପିଏମ୍‌ର ଜେପିସି ତଦନ୍ତ ଦାବି

ଇଣ୍ଡିଗୋ ବିମାନସେବାରେ ଗୁରୁତର ସଙ୍କଟକୁ ନେଇ ଶନିବାର ରାଜନୀତି ଜୋର୍ ଧରିଛି। ଏହି ଅଚଳାବସ୍ଥାକୁ ସରକାରୀ ବିପର୍ଯ୍ୟୟ ବୋଲି କଂଗ୍ରେସ କହିଛି। ତ୍ରୁଟିପୂର୍ଣ୍ଣ ନୀତି, ଅବହେଳା ଏବଂ ପକ୍ଷପାତରୁ ଏଭଳି ସଙ୍କଟ ସୃଷ୍ଟି ହୋଇଥିବା ବିରୋଧୀ ଦଳ କହିଛି। ବିମାନସେବା ସଙ୍କଟ ଏବଂ ଅତ୍ୟଧିକ ଭଡ଼ା ବୃଦ୍ଧି ଘଟଣାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଇବା ଦାବିରେ ସିପିଆଇ(ଏମ୍) ରାଜ୍ୟ ସଭା ସଦସ୍ୟ ଜନ୍ ବ୍ରିଟ୍ଟାସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ସଙ୍କଟ ଅଚାନକ ଘଟିନାହିଁ। ଉକ୍ତ ସେକ୍ଟରକୁ ୨ଟି କମ୍ପାନୀ ନିୟନ୍ତ୍ରଣରେ ରଖିବା ପାଇଁ ଭାଜପା ସରକାରଙ୍କ ଉଦ୍ୟମରୁ ଏଭଳି ପରିଣତି ହୋଇଥିବା କଂଗ୍ରେସ ଏମ୍‌ପି ଶଶିକାନ୍ତ ସେନ୍ଥିଲ ଗଣମାଧ୍ୟମକୁ କହିଛନ୍ତି।

## ସିମୋନ ଟାଟାଙ୍କ ପରଲୋକ



**ନୂଆଦିଲ୍ଲୀ,୬।୧୨**

ଲାକ୍‌ମେକୁ ଭାରତର ଏକ ପ୍ରମୁଖ ପ୍ରସାଧନ କମ୍ପାନୀରେ ପରିଣତ କରିବାରେ ମୁଖ୍ୟ ଭୂମିକା ନେବା ସହ ପରେ ୱେଷ୍ଟସାଇଡ୍ ରିଟେଲ ଚେନ୍ ପ୍ରତିଷ୍ଠା କରିଥିବା ସିମୋନ ଟାଟାଙ୍କର ଶୁକ୍ରବାର ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସୁଇଜରଲାଣ୍ଡର ଜେନେଭାରେ ଜନ୍ମିତ ସିମୋନ ୧୯୫୩ରେ ଜଣେ ପର୍ଯ୍ୟଟକ ଭାବେ ଭାରତ ଆସିଥିବାବେଳେ ନାଭାଲ ଟାଟାଙ୍କ ସହ ତାଙ୍କର ଭେଟ ହୋଇଥିଲା। ୧୯୫୫ରେ ଉଭୟ ବିବାହ କରିବା ସହ ସିମୋନ ମୁମ୍ବାଇକୁ ନିଜର ସ୍ଥାୟୀ ବାସସ୍ଥାନ କରିଥିଲେ। ୮୦ ଦଶକରୁ ସେ ଲାକ୍‌ମେ ଅଧ୍ୟକ୍ଷା ରହିଥିଲେ। ଏହି ସମୟରେ ସାରା ଭାରତରେ ଲାକ୍‌ମେ ଏକ ପରିଚିତ ନାମରେ ପରିଣତ ହୋଇଥିଲା। ୧୯୯୬ରେ ଟାଟା ଗ୍ରୁପ୍ ଲାକ୍‌ମେକୁ ହିନ୍ଦୁସ୍ତାନ ୟୁନିଲିଭରକୁ ବିକ୍ରି କରିଦେଇଥିଲା। ପରେ ସିମୋନ ଟ୍ରେଣ୍ଟ ଅଧୀନରେ ୱେଷ୍ଟସାଇଡ୍ ଆରମ୍ଭ କରିଥିଲେ, ଯାହା ଭାରତର ଅନ୍ୟତମ ସଫଳ ରିଟେଲ ଶୃଙ୍ଖଳରେ ପରିଣତ ହୋଇଥିଲା।

## ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସରେ ନୀତୀଶ

**ପାଟନା,୬।୧୨**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୈଶ୍ୱିକ ସ୍ୱୀକୃତି ପାଇବାକୁ ଯାଉଛନ୍ତି। ସ୍ୱାଧୀନ ଭାରତର କୌଣସି ରାଜ୍ୟରେ ୧୦ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାରେ ନୀତୀଶ ଏକମାତ୍ର ବ୍ୟକ୍ତି ଭାବେ ଲଣ୍ଡନର ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସ (ଡବ୍ଲ୍ୟୁବିଆର୍)ରେ ସ୍ଥାନ ପାଇଛନ୍ତି। ଦଶମ ଥର ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ରେକର୍ଡ ସୃଷ୍ଟି କରିଥିବା ନୀତୀଶଙ୍କୁ ଡବ୍ଲ୍ୟୁବିଆର୍ ଅଭିନନ୍ଦନ ଜଣାଇଛି। ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ମାଇଲଖୁଣ୍ଟ, ଯାହା ନେତୃତ୍ୱର ବିରଳ ନିରନ୍ତରତାର ପ୍ରତିଫଳନ। ଏହା ନୀତୀଶଙ୍କ ପ୍ରତିଶ୍ରୁତିବଦ୍ଧତା, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ତାଙ୍କ ପ୍ରତି ବିହାର ଜନସାଧାରଣଙ୍କ ଅତୁଟ ବିଶ୍ୱାସକୁ ସୂଚିତ କରୁଛି। ୧୦ ଥର ଗୋଟିଏ ରାଜ୍ୟର ନେତୃତ୍ୱ ନେବା କେବଳ ଏକ ଉଲ୍ଲେଖନୀୟ ବ୍ୟକ୍ତିଗତ ସଫଳତା ନୁହେଁ ବରଂ ସମଗ୍ର ଦେଶ ପାଇଁ ଏକ ସମ୍ମାନର ମୁହୂର୍ତ୍ତ ବୋଲି ଡବ୍ଲ୍ୟୁବିଆର୍ କହିଛି।


ନୀତୀଶ କୁମାର

## ସୁଦାନ ସ୍କୁଲରେ ଡ୍ରୋନ୍ ଆକ୍ରମଣ

### ୪୩ ପିଲାଙ୍କ ସମେତ ୭୯ ମୃତ

**କାଏରୋ,୬।୧୨**

ସୁଦାନର ଅର୍ଦ୍ଧସାମରିକ ବଳ ରାପିଡ୍ ସପୋର୍ଟ ଫୋର୍ସେସ୍ (ଆର୍‌ଏସ୍‌ଏଫ୍) ଏବଂ ସେନା ମଧ୍ୟରେ ୨ ବର୍ଷ ଧରି ଚାଲିଥିବା ସଂଘର୍ଷ ଉଗ୍ରରୂପ ଧାରଣ କରିଛି। ଆର୍‌ଏସ୍‌ଏଫ୍ ପକ୍ଷରୁ ସାଉଥ୍ କୋର୍ଡୋଫାନ୍ ରାଜ୍ୟର କାଲୋଗି ସହରରେ ଥିବା ଏକ କିଣ୍ଡରଗାର୍ଟେନ ସ୍କୁଲରେ ଗୁରୁବାର ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିରେ ୪୩ ପିଲା ଓ ୬ ମହିଳାଙ୍କ ସମେତ ୭୯ ଜଣଙ୍କ ମୃତ୍ୟୁ ଘଟିଛି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ତେବେ ଯୋଗାଯୋଗ ସମ୍ଭବ ହୋଇପାରୁ ନ ଥିବାରୁ ମୃତାହତଙ୍କ ପ୍ରକୃତ ସଂଖ୍ୟା ସାମ୍ନାକୁ ଆସିପାରିନାହିଁ। ସୁଦାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ଆର୍‌ଏସ୍‌ଏଫ୍ ଆତଙ୍କବାଦୀମାନେ ସାଧାରଣ ନାଗରିକଙ୍କ ଗଣହତ୍ୟା କରୁଥିବାବେଳେ ସ୍କୁଲର ଛୋଟପିଲାଙ୍କୁ ମଧ୍ୟ ଛାଡୁନାହାନ୍ତି। ସ୍ଥାନୀୟ ଲୋକେ ପିଲାଙ୍କୁ ବଞ୍ଚାଇବାକୁ ଯାଇଥିବାବେଳେ ରକେଟ୍ ଲଞ୍ଚରରେ ସେମାନଙ୍କୁ ମଧ୍ୟ ଡ୍ରୋନ୍ ଆକ୍ରମଣ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ବିବୃତିରେ ଦର୍ଶାଯାଇଛି।

## ଜାନୁଆରୀରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

**ନୂଆଦିଲ୍ଲୀ,୬।୧୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ଷିକ ପରୀକ୍ଷା ପେ ର୍ଚ୍ଚାର ୯ମ ସଂସ୍କରଣ ଆସନ୍ତାବର୍ଷ ଜାନୁଆରୀରେ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଜୀକରଣ ଜାନୁଆରୀ ୧୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତ ଏବଂ ବିଦେଶରୁ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକ ଏଥିରେ ଭାଗନେଇ ପ୍ରଧାନମନ୍ତ୍ରୀଙ୍କ ସହ ପରୀକ୍ଷାଜନିତ ଚାପ ଉପରେ ଆଲୋଚନା କରିବେ। ପରୀକ୍ଷା ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହାକୁ ଉତ୍ସବ ଭାବେ ପାଳନ କରିବା ନେଇ ପ୍ରଧାନମନ୍ତ୍ରୀ ବିଭିନ୍ନ ଉପାଦେୟ ଉପଦେଶ ପ୍ରଦାନ କରିବେ। ଅଂଶଗ୍ରହଣକାରୀ ଚୟନ ଲାଗି ଡିସେମ୍ବର ୧ରୁ ଜାନୁଆରୀ ୧୧ ମଧ୍ୟରେ ଅନ୍‌ଲାଇନରେ ପ୍ରତିଯୋଗିତା ହେବ।

## ଦୀପିକାଙ୍କ ପ୍ରଶଂସା

**ମୁମ୍ବାଇ:** ମା' ହେବା ପରେ ବଦଳିଗଲେଣି ଅଭିନେତ୍ରୀ ଦୀପିକା ପାଦୁକୋନ୍। ସେ ଏବେ ନିଜ କ୍ୟାରିୟର ନୁହେଁ, ଝିଅ ଦୁଆକୁ ଅଧିକ ସମୟ ଦେଉଛନ୍ତି। ଏସବୁ ଭିତରେ ସ୍ୱାମୀ ରଣବୀର ସିଂଙ୍କୁ ପ୍ରଶଂସା କରିବାକୁ ମଧ୍ୟ ଭୁଲୁନାହାନ୍ତି। ନିକଟରେ ରଣବୀରଙ୍କ ଫିଲ୍ମ 'ଧୁରନ୍ଧର' ସିନେମା ହଲ୍‌ରେ ମୁକ୍ତିଲାଭ କରିଛି। ରିଲିଜ ପରଠାରୁ ଏହି ଫିଲ୍ମଟି ପ୍ରଶଂସା ସାଉଁଟିଛି। ଦୀପିକା ମଧ୍ୟ ଏହି ଫିଲ୍ମକୁ ପସନ୍ଦକରିବା ସହ ରଣବୀରଙ୍କ ଅଭିନୟକୁ ପ୍ରଶଂସା କରି ତାଙ୍କ ଇନ୍‌ଷ୍ଟାଗ୍ରାମରେ 'ଧୁରନ୍ଧର'ର ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ମୁଁ ଧୁରନ୍ଧର ଦେଖିଛି ଏବଂ ଏହାର ପ୍ରତ୍ୟେକ ମିନିଟ୍ ଚମତ୍କାର।






## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ବେଶ ମାରା

ପୁରୁଣା ଭୁବନେଶ୍ୱର,୬ା୧୨(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶନିବାର ଜଣେ ଅଣ ସେବାୟତ ତଥା ଯାତ୍ରୀ ଅରଗଳି ଦେଇ ପ୍ରବେଶ କରିବାରୁ ଠାକୁରଙ୍କ ବେଶ ମାରା ହୋଇଥିଲା। ପ୍ରାତଃରୁ ଦୈନିକ ନୀତି ଆଳତି, ଅବକାଶ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ବଲ୍ଲଭ ବେଳେ ସମ୍ପୃକ୍ତ ଯାତ୍ରୀ ଜଣଙ୍କ ହଠାତ୍ ଅରଗଳି ଦେଇ ଭିତରକୁ ପଶି ଯାଇଥିଲେ। ଏହା ଦେଖି ଅନ୍ୟ ସେବାୟତମାନେ ତାଙ୍କୁ ଅଟକାଇଥିଲେ। ତେବେ ଠାକୁରଙ୍କ ବେଶ ମାରା ହୋଇଥିବାରୁ ବିଧି ମୁତାବକ ପୁନଃ ମହାସ୍ନାନ ଦିଆଯାଇ ଶୁଦ୍ଧି କରାଯାଇଥିଲା। ପୁନର୍ବାର ଦିଅଁଙ୍କ ବେଶ କରାଯାଇଥିଲା। ଅପରାହ୍ନ ୨ଟା ୨୦ରେ ପୁଣି ସକାଳ ଧୂପ କରାଯାଇ ପରବର୍ତ୍ତୀ ନୀତି ହୋଇଥିଲା। ଅରଗଳି ନିକଟରେ ଚର୍ଚ୍ଛେଇତ ସେବାୟତ ଏବଂ ଆଡକାଠ ଠାରୁ ଦ୍ୱାରପାଳ ଯାଏ ଭିତର ଖୁଣ୍ଟିଆ ସେବାୟତ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କୁ ସଚେତନତା କରିବା ଭଳି ସେବା ରହିଥିବାବେଳେ ସମ୍ପୃକ୍ତ ପାଳିଆ ସେବାୟତମାନେ ଅନୁପସ୍ଥିତ ରହୁଥିବାରୁ ଏଭଳି ଘଟଣା ଘଟୁଛି ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏଥିସହ ସେ ମନ୍ଦିର ପ୍ରଶାସନର ଅବହେଳାକୁ ମଧ୍ୟ ଦାୟୀ କରିଛନ୍ତି।

### ଦେଶୀ ମଦ ଜବତ, ୩ ଗିରଫ

ବାଲୁଗାଁ/ବାଣପୁର,୬ା୧୨ (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ): ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଶନିବାର ପୃଥକଭାବେ ୩ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ମୋଟ୍ ୮୯ଲିଟର ଦେଶୀ ମହୁଲି ମଦ ସମେତ ଦୁଇ ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଥିବା ବେଳେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଣପୁର ଥାନା ଅନ୍ତର୍ଗତ କୋଷରଡ଼ା ଗ୍ରାମର ଜୟ ଶବର, ବାଲିପଦର ଗ୍ରାମର କାଳିଆ ପ୍ରଧାନ ଏବଂ ବାଲୁଗାଁ ଥାନା ଚାଷଙ୍ଗରା ଗ୍ରାମର ବିକାଶ ବାରିକ। ବାଣପୁର କେନାଲ ରୋଡ୍‌ରୁ କାଳିଆ ପ୍ରଧାନଙ୍କଠାରୁ ୩୪ ଲିଟର ମହୁଲି ମଦ ସମେତ ଏକ ସ୍କୁଟି, କୋଷରଡ଼ା ରାସ୍ତା ଘଣ୍ଟଶିଳା ପାହାଡ଼ ନିକଟରୁ ଜୟ ଶବରଙ୍କଠାରୁ ୩୨ ଲିଟର ମଦ ସମେତ ଗୋଟିଏ ବାଇକ୍ ଏବଂ ବାଲୁଗାଁ ନିକଟ ଚାଷଙ୍ଗରା ରାସ୍ତାରେ ବିକାଶ ବାରିକଙ୍କଠାରୁ ୨୩ଲିଟର ମଦ ସମେତ ଏକ ବାଇକ ଜବତ କରାଯାଇଛି। ବିଭାଗ ପକ୍ଷରୁ ତିନିଟି ମାମଲା (ନଂ.୨୧୯, ୨୨୦, ୨୨୧/୨୫)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ମୀନକେତନ ମହାଳିକ, କନଷ୍ଟେବଲ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

### କଣ୍ଠଶିଳ୍ପୀ ଡ. ମିତାଲି ପାଇବେ 'ସୁର ତରଙ୍ଗ ଶୀର୍ଷ ସମ୍ମାନ'

ଭୁବନେଶ୍ୱର,୬ା୧୨(ସୌମ୍ୟରଞ୍ଜନ ରାଉତ): ସୁର ତରଙ୍ଗର ୩୨ତମ ବାର୍ଷିକ ଉତ୍ସବ ଆସନ୍ତା ୧୯ ତାରିଖରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ କଣ୍ଠଶିଳ୍ପୀ ଡ. ମିତାଲି ଚିନାରାଙ୍କୁ 'ସୁର ତରଙ୍ଗ ଶୀର୍ଷ ସମ୍ମାନ' ପ୍ରଦାନ କରାଯିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏଥିସହ କଣ୍ଠଶିଳ୍ପୀ ସ୍ୱର୍ଗତ ଶ୍ରୀକାନ୍ତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସ୍ମୃତିରେ ଶ୍ରୀକାନ୍ତ' ପରିବେଷଣ କରାଯିବ।

# ଗୃହରକ୍ଷୀଙ୍କ ସେବା, ସମର୍ପଣ ପ୍ରଶଂସନୀୟ

**୬୩ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ**

ଖୋର୍ଦ୍ଧା,୬ା୧୨(ପ୍ରଭାତ ପାଣିଗ୍ରାହୀ)




୬୩ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଶନିବାର ତରତୁଆସ୍ଥିତ ରିଜର୍ଭ ପଡ଼ିଆରେ ଗୃହରକ୍ଷୀ ବାହିନୀର ୬୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ତଥା ହୋମ୍‌ଗାର୍ଡ କମାଣ୍ଡାଣ୍ଟ ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଏହି ଅବସରରେ ଏସ୍‌ପି ଶର୍ମା କହିଥିଲେ, ୧୯୪୬ ମସିହାରେ ବମ୍ବେ ସହରରେ ପୋଲିସକୁ ସହାୟତା ନିମନ୍ତେ ଏକ ସ୍ୱେଚ୍ଛାସେବୀ ବାହିନୀ ଭାବେ ଗୃହରକ୍ଷୀ ବାହିନୀ ଆଜିର ଦିନରେ ଆରମ୍ଭ ହୋଇଥିଲା। ସେଥିଲାଗି ପ୍ରତିବର୍ଷ ଡିସେମ୍ବର ୬କୁ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି। ଏହା ଏକ ସ୍ୱେଚ୍ଛାକୃତ ସେବାସଂସ୍ଥା। ଏହି ସଂସ୍ଥା ଭାରତବର୍ଷର ବିଭିନ୍ନ ରାଜ୍ୟରେ ପୋଲିସ ସହ ମିଶି ଜନସାଧାରଣଙ୍କ ସେବାରେ ନିୟୋଜିତ ରହି ବିଭିନ୍ନ ସେବା ପ୍ରଦାନ କରୁଛି। ସମ୍ପ୍ରତି ନକ୍ସଲ ଦମନ କାର୍ଯ୍ୟରେ ପରୋକ୍ଷରେ ନିୟୋଜିତ ହୋଇ ଅନେକ ଗୃହରକ୍ଷୀ ସେମାନଙ୍କ ଉତ୍ସର୍ଗୀକୃତ ସେବା କାଳରେ ପ୍ରାଣବଳୀ ମଧ୍ୟ ଦେଇଛନ୍ତି। ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୋଲିସ, ଅଗ୍ନିଶମ ସେବାସଂସ୍ଥା ଏବଂ ଜିଲା ପ୍ରଶାସନ ସହ ମିଶି ଜନସାଧାରଣଙ୍କୁ ସେବା ପ୍ରଦାନ କରିଆସୁଛନ୍ତି। ଗୃହରକ୍ଷୀଙ୍କ ସେବା ଓ ସମର୍ପଣ ଭାବ ପ୍ରଶଂସନୀୟ ବୋଲି କହିଥିଲେ। ଆଗାମୀ ଦିନରେ ଆହୁରି କର୍ତ୍ତବ୍ୟନିଷ୍ଠା, ସେବା ପରାୟଣ, ଉତ୍ତମ କାର୍ଯ୍ୟକରି ଜନସାଧାରଣଙ୍କ ଆସ୍ଥାଭାଜନ ହେବା ଲାଗି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ହେଡ୍‌କ୍ୱାର୍ଟର ଡିଏସ୍‌ପି ଅନିଲ ମହାନ୍ତି, ଯୁଗଳ କିଶୋର ମଲ୍ଲିକ, ସଦର ଡିଏସ୍‌ପି ନୀହାର ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାଚୋଟ

ଭୁବନେଶ୍ୱର,୬ା୧୨(ତ୍ରିନାଥ ମହାନ୍ତି)

**ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ**

ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାରେ ଚୋଟ ମାରିବା ଘଟଣାରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଘମାରିର ମହେଶ୍ୱର ସାହୁ। ପୋଲିସ ତାଙ୍କ ନିକଟରୁ ଖଣ୍ଡା, ଲୁହାରଡ଼ ଜବତ କରିଛି। ସୂଚନାଯୋଗ୍ୟ, ୨୦୨୪ ଏପ୍ରିଲ୨୭ ରାତି ପ୍ରାୟ ୧୦ଟା ସମୟରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଦିନବନ୍ଧୁ ସାମଲ ତାଙ୍କ ପାନ ଦୋକାନରେ ବସିଥିଲେ। ଅଭିଯୁକ୍ତ ମହେଶ୍ୱରଙ୍କ ସହିତ ବିଜେବି ନଗରର ମଇଁଷିଖାଲ ଅଞ୍ଚଳର କେତେଜଣ ଯୁବକ ଦିନବନ୍ଧୁଙ୍କ ଦୋକାନରୁ ସିଗାରେଟ କିଣି ପିଇବା ସହ ଟଙ୍କା ନ ଦେଇ ପଳାଉଥିଲେ। ଏହି ସମୟରେ ଦିନବନ୍ଧୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଦିନବନ୍ଧୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଖଣ୍ଡା ଓ ଲୁହା ରଡ ସାହାଯ୍ୟରେ ଆକ୍ରମଣ କରି ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଘଟଣାସ୍ଥଳକୁ ଅଭିଯୋଗକାରିଣୀ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ଜାତିଭିତ୍ତିକ ଅପମାନକର ମନ୍ତବ୍ୟ କରିଥିଲେ ଏବଂ ତାଙ୍କ ଶାଢ଼ିକୁ ଟାଣି ଉଲଗ୍ନ କରିଥିଲେ। ସେମାନେ ତାଙ୍କ ସ୍ୱାମୀ ଓ ପୁଅଙ୍କୁ ମଧ୍ୟ ଆକ୍ରମଣ କରି ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ମହେଶ୍ୱରଙ୍କୁ ଗିରଫ କରିଛି।

# ଖବରଦାତାଙ୍କୁ ମିଳିବ ରାଶନ କାର୍ଡ : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୬ା୧୨ (ସୌମ୍ୟରଞ୍ଜନ ରାଉତ)

**'ବିଶ୍ୱବାଣୀ'ର ୨୦ତମ ବାର୍ଷିକ ଉତ୍ସବ**

ତ୍ରିଭାଷୀ ଦୈନିକ ଖବରକାଗଜ 'ବିଶ୍ୱବାଣୀ'ର ୨୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଲେ, ସତ୍ ପଥରେ ଯାଉଥିବା ବ୍ୟକ୍ତିମାନେ ସବୁବେଳେ କଣ୍ଟକିତ। ମୁଖ୍ୟବକ୍ତା ଭାବେ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ରାଜ୍ୟର ସମସ୍ତ ଖବରଦାତାଙ୍କୁ ରାଶନ କାର୍ଡ ଯୋଗାଇ ଦେବା ପାଇଁ ମୁଁ ଉଦ୍ୟମ କରୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଲେ, ଛପା ଗଣମାଧ୍ୟମ ମଣିଷ ସମାଜ ପାଇଁ ଅପରିହାର୍ଯ୍ୟ। ସୂର୍ଯ୍ୟ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଛପା ଗଣମାଧ୍ୟମ ରହିବ ବୋଲି ସେ କହିଥିଲେ। ସେହିଭଳି ଅନ୍ୟତମ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ଚିର୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଭାଜପା ନେତା ସମୀର ମହାନ୍ତି, ବିଶ୍ୱବାଣୀର ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅର୍ଜୁନ ମୁଦୁଲି ଧନ୍ୟବାଦ ଦେଇଥିଲେ।

# ସ୍ନାତକମାନେ ନୈତିକତା, ନିଷ୍ଠା, କରୁଣା ବଜାୟ ରଖନ୍ତୁ




ଛାତ୍ରୀଙ୍କୁ ଡିଗ୍ରୀ ଏବଂ ପଦକ ପ୍ରଦାନ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର,୬ା୧୨(ସୁଚିସ୍ମିତା ସାହୁ)

ପ୍ରଯୁକ୍ତିବିଦ୍ୟା ଶିଳ୍ପକୁ ପରିବର୍ତ୍ତନ କରିପାରେ, କିନ୍ତୁ ଏହା ମାନବିକ ଗୁଣଗୁଡ଼ିକୁ ବଦଳାଇପାରିବ ନାହିଁ। ତେଣୁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ପାଦ ଥାପୁଥିବା ସ୍ନାତକମାନେ ନୈତିକତା, ନିଷ୍ଠା ଓ କରୁଣା ବଜାୟ ରଖନ୍ତୁ। ସହାନୁଭୂତି, ସୃଜନଶୀଳତା ଏବଂ ନୈତିକ ମୂଲ୍ୟବୋଧ ଆଗାମୀ ଦିନରେ ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର କରିବ। ବିଫଳତା ହିଁ ନିଜର ଦୃଢ଼ ମନୋବଳ ସହିତ ପୁନର୍ବାର ଉଠିବାକୁ ପ୍ରସ୍ତୁତ କରିଥାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଶନିବାର ଭୁବନେଶ୍ୱର ଗୋଠପାଟଣାସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଯୋଗଦେଇ କହିଲେ, କୃତ୍ରିମ ବୁଦ୍ଧିମତା, ଡିଜିଟାଲ ଉପକରଣ, ସ୍ୱୟଂଚାଳିତ ଏବଂ ନିରନ୍ତର ଆହ୍ୱାନ ଦ୍ୱାରା ପରିଚାଳିତ ବିଶ୍ୱସ୍ତରୀୟ ଦୃଶ୍ୟପଟରେ ସ୍ନାତକମାନେ ପ୍ରବେଶ କରୁଛନ୍ତି। ଏହି ଯୁଗରେ ଶିକ୍ଷାକୁ କେବଳ ନିଯୁକ୍ତିର ପ୍ରବେଶପଥ ଭାବେ ନୁହେଁ, ବରଂ ଜୀବନବ୍ୟାପୀ ଶିକ୍ଷା, ନୈତିକ ନେତୃତ୍ୱର ଭିତ୍ତିଭୂମି ଭାବେ ଦେଖାଯିବା ଉଚିତ ବୋଲି କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ମେଧାବୀ ସ୍ନାତକମାନଙ୍କୁ ଡିଗ୍ରୀ ଏବଂ ପଦକ ପ୍ରଦାନ କରିଥିଲେ। ଉତ୍ସବରେ କେପିଏମ୍‌ଜି ଇନ୍ ଇଣ୍ଡିଆର ନ୍ୟାଶନାଲ ଲିଡର-ଏଜୁକେଶନ ଆଣ୍ଡ୍ ସ୍କିଲ ଡେଭଲପମେଣ୍ଟ, ଗଭର୍ଣ୍ଣମେଣ୍ଟ ଆଣ୍ଡ୍ ପବ୍ଲିକ ସର୍ଭିସେସ ନାରାୟଣନ ରାମସ୍ୱାମୀ ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ ଉପସ୍ଥିତ ଥିଲେ। ୟୁନିଭର୍ସିଟିର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ଡକ୍ଟର ପି. କେ. ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ପ୍ରତି ସୋମବାର ବିଏମ୍‌ସି, ବିଡିଏ, ସ୍ମାର୍ଟସିଟିର ମିଳିତ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୬ା୧୨(ବନ୍ଦନା ସେଠୀ)

ପ୍ରତି ସୋମବାର (କାର୍ଯ୍ୟ ଦିବସ)ରେ ବିଏମ୍‌ସି, ବିଡିଏ ଓ ସ୍ମାର୍ଟସିଟିର ମିଳିତ ଅଭିଯୋଗ ଶୁଣାଣି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ତେଣୁ ଅନ୍‌ଲାଇନ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ କରିଥିବା ବ୍ୟକ୍ତି/ଅନୁଷ୍ଠାନମାନେ ସୋମବାର ପୂର୍ବାହ୍ନ ୧୦ଟାରେ ବିଏମ୍‌ସି କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଦାଖଲ ବା ଶୁଣାଣିରେ ଅଂଶ ଗ୍ରହଣ କରିପାରିବେ। ଏ ସମ୍ପର୍କରେ ବିଏମ୍‌ସି ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

### ବାଗ୍‌ଦେବୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାଲିପାଟଣା,୬ା୧୨(ଅଭିମନ୍ୟୁ ନାୟକ): ବାଲିପାଟଣା ସ୍ଥିତ ବାଗ୍‌ଦେବୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଉଚ୍ଚଡିଆଁ, ଲମ୍ଫଡିଆଁ, ମାଳିଗୁନ୍ଥା, ଲେମ୍ବୁ ଚାମଚ ଦୌଡ଼, ଗଣିତ ଦୌଡ଼, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାମନ୍ଦିର ଅଧକ୍ଷା ସୁଶ୍ରୀ ପବିତ୍ରା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଅଭିମନ୍ୟୁ ନାୟକ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଖେଳକୁଦ କଲେ ସେମାନଙ୍କର ଶାରିରୀକ ବିକାଶ ଘଟିଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଓକିଲୁନ ନିଶାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ, ଛବିତା ମହାପାତ୍ର, ରଞ୍ଜୁଲତା ସାହୁ, ଉର୍ମିଳା ସେନାପତି, ସବିତା ଲେଙ୍କା, ସବିତା ମୁଖି ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଗଙ୍ଗାଧର ଓଝା ପରିଚାଳନା କରିଥିଲେ।

# ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରି, ମେଗା ପାନୀୟ ଜଳ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୬ା୧୨(ସୁଚିସ୍ମିତା ସାହୁ)

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ନାଏକ ଏମ୍‌ଜିଏନ୍‌ଆରଇଜିଏ ସ୍କିମ୍‌ର ସମୀକ୍ଷା କରି ଦାଦନ ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱ ଦେବା ସହ ଯୋଜନାରେ କାମ କରୁଥିବା ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରୀ ପ୍ରଦାନ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ଏଥିସହ ଗୁଣାତ୍ମକ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି କରିବା, ଶ୍ରମିକଙ୍କ ପାଇଁ ସ୍ଥାୟୀ ଜୀବିକା ବୃଦ୍ଧି ନିମନ୍ତେ ପ୍ରଥମ ୧୦୦ ଦିନ ପାଇଁ ୯୮ ଟଙ୍କା ଓ ପରବର୍ତ୍ତୀ ୨୦୦ ଦିନ ପାଇଁ ୩୭୧ ଟଙ୍କା ଅତିରିକ୍ତ ରାଜ୍ୟ ସହାୟତା ଜାରି ରଖିବାକୁ କହିଥିଲେ। ଏଥିସହ ସମସ୍ତ ଯୋଗ୍ୟ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରିବା ସହ ସେମାନଙ୍କୁ ସ୍ୱଚ୍ଛ ଭାବେ ସମସ୍ତ ସୁବିଧା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ମାର୍ଚ୍ଚ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ଲାଗି ଚାଲିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ପିଏମ୍‌ଏୱାଇର କାର୍ଯ୍ୟାନ୍ୱୟନ ସ୍ଥିତି ଏବଂ ବିକଶିତ ଗାଁ ବିକାଶ ଓଡ଼ିଶା କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କହିଲେ, ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ୧.୬୮ ଲକ୍ଷ ଘର ଯୋଗାଇ ଦିଆଯାଇଛି। ସେସବୁର ନିର୍ମାଣ ଗୁଣବତ୍ତା ତଦାରଖ ଉପରେ ଗୁରୁତ୍ୱାରୋପ କରିବା ସହିତ ଅବଶିଷ୍ଟ ହିତାଧିକାରୀଙ୍କୁ ଠିକ ଭାବରେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବିଭାଗରେ ଖାଲି ପଦବୀ ପୂରଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ନୂତନ ପଦବୀ ସୃଷ୍ଟି ନିମନ୍ତେ ପ୍ରସ୍ତାବ ଦେବାକୁ କହିଥିଲେ। ହାଇକୋର୍ଟରେ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ପାଇଁ ନିୟୋଜନକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଶିବିର

ବେଗୁନିଆ,୬ା୧୨(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ୍ ବିଭାଗର ସ୍ୱତନ୍ତ୍ର ପରିଚାଳନାରେ ଆୟୋଜିତ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦିବାକର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଶିକ୍ଷକ ଭାବେ ଅନନ୍ତ ନାରାୟଣ ଖଟେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କୌଣସି ମୁହୂର୍ତ୍ତରେ ଯଦି ଶାରିରିକ ସମସ୍ୟା ଏବଂ ଅଘଟଣ ଘଟେ ତେବେ ଭାଙ୍ଗି ନ ପଡି ଧୈର୍ଯ୍ୟର ସହିତ ମୁକାବିଲା କଲେ ବଞ୍ଚିଯିବ ଅନେକ ଜୀବନ। ସେଥିପାଇଁ ଫାଷ୍ଟଏଡ କିଟ୍ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଡାକ୍ତରୀ ଚିକିତ୍ସା ଆରମ୍ଭ ପୂର୍ବରୁ ପ୍ରାଥମିକ ଉପଚାର ହିଁ ସଞ୍ଜିବନି ଭଳି ସହାୟ ହୁଏ ବୋଲି ସଚେତନତା ବାର୍ତ୍ତା ଦିଆଯାଇଛି। ଗ୍ୟାସ ଚୁଲାରୁ ନିର୍ଗତ ନିଆଁକୁ କିପରି ଆୟତ୍ତ କରାଯାଇପାରିବ, ସର୍ପାଘାତ ହେଲେ କ'ଣ କରିବାକୁ ପଡିବ, ପାଣିରେ ବୁଡ଼ି ଯାଉଥିବା ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇପାରିବ, ସଡ଼କ ଦୁର୍ଘଟଣା ବେଳେ ଆହତଙ୍କୁ କିପରି ପ୍ରାଥମିକ ଚିକିତ୍ସା କରାଯାଇ ପାରେ ଆଦି ଅନେକ ପନ୍ଥାକୁ ଡେମୋ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଦାବି ପୂରଣ ନ ହେଲେ ଯୁକ୍ତ ୨ ପରୀକ୍ଷା ବର୍ଜନ

**ଆନ୍ଦୋଳନରେ ରାଜ୍ୟ ଏସ୍‌ଏସ୍‌ବି ଅଧ୍ୟାପିକା ଅଧ୍ୟାପକ**

ଭୁବନେଶ୍ୱର,୬ା୧୨(ସୁଚିସ୍ମିତା ସାହୁ)




୭ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଲେ ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ଅଧ୍ୟାପିକା ଅଧ୍ୟାପକ। ସମାନ କାର୍ଯ୍ୟ ପାଇଁ ସମାନ ଦରମା ଦେବାକୁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରୁଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟ ସରକାରଙ୍କ ଏଭଳି ମନୋଭାବକୁ ନେଇ ଓଡ଼ିଶା ଏସ୍‌ଏସ୍‌ବି ଅଧ୍ୟାପିକାଅଧ୍ୟାପକ ସଂଘ (ଓସଲା) ପକ୍ଷରୁ ଶନିବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଓସଲାର କାର୍ଯ୍ୟକାରୀ ସଭାପତି ମାନସ କୁମାର ସାହୁ କହିଛନ୍ତି, ଏସ୍‌ଏସ୍‌ବି ଅଧ୍ୟାପିକାଅଧ୍ୟାପକମାନେ କଲେଜରେ ଅଧ୍ୟାପନ କରୁଥିଲେ ମଧ୍ୟ ହାଇସ୍କୁଲ ଶିକ୍ଷକଙ୍କ ଭଳି ଦରମା ପାଉଛନ୍ତି। ସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଭଳି ସମାନ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ ପ୍ରାଧ୍ୟାପକର ମାନ୍ୟତା ମିଳୁନାହିଁ କି କାମ ହିସାବରେ ତାଙ୍କୁ ଦରମା ଦିଆଯାଉ ନାହିଁ। ସେମାନଙ୍କୁ ୬ ହଜାର ଗ୍ରେଡ୍ ପେ' ପ୍ରଦାନ କରାଯାଉ। ଏଥିସହିତ ଘରଭଡ଼ା, ଅବସରକାଳୀନ ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସରକାରୀ ସୁବିଧା, ପ୍ରାଧ୍ୟାପକ ମାନ୍ୟତା, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି, ତୁରନ୍ତ ପଦୋନ୍ନତି ଦେବା ଏବଂ ଓଡ଼ିଶା ଶିକ୍ଷା ଅଧିନିୟମର ସଂଶୋଧନ କରିବା ଭଳି ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ଦାବିଗୁଡ଼ିକ ତୁରନ୍ତ ସମାଧାନ କରା ନ ଗଲେ ସେମାନେ ଯୁକ୍ତ୨ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ସଂଘର ସମ୍ପାଦକ ଗୌରବ ଶର୍ମା, ତୁଳସୀ ରାଉତ, ଡ. ଗୟାଧର ମଲ୍ଲିକ ଏବଂ ତଥାଗତ ରାଉତ ପ୍ରମୁଖ ଆନ୍ଦୋଳନ ପରିଚାଳନା କରୁଛନ୍ତି।

# ୫ ପ୍ରକଳ୍ପର ଅନୁମୋଦନ ନେଇ ଆଲୋଚନା କଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୬ା୧୨(ବନ୍ଦନା ସେଠୀ)

**ରାଜ୍ୟ ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ବୈଠକ**

ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ୧୧ତମ ବୈଠକ ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୋଟ ୫ଟି ପ୍ରକଳ୍ପ ଉପସ୍ଥାପିତ କରାଯାଇ ଏହାର ଅନୁମୋଦନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ଭାରତ ସରକାରଙ୍କ ୪ଜି ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟର ଟେଲି ଯୋଗାଯୋଗ ନେଟୱର୍କ ନଥିବା ଗ୍ରାମଗୁଡ଼ିକରେ ମୋବାଇଲ ଟାୱାର ସ୍ଥାପନ ସମ୍ବନ୍ଧୀୟ ୪ଟି ପ୍ରସ୍ତାବ ରହିଛି। ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ଟେଲି ସଂଯୋଗ ଯୋଗାଇ ସେଠାକାର ଅଧିବାସୀଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିବା, ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ବିଭିନ୍ନ ସରକାରୀ ସେବା ପ୍ରଦାନ କରିବା ଏହି ପ୍ରସ୍ତାବଗୁଡିକର ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ରମରେ ରିଲାଏନ୍ସ ଜିଓ ଦ୍ୱାରା ଗଜପତି ଜିଲାରେ ଅବସ୍ଥିତ ବେଲଗାମ ଗ୍ରାମରେ ଏକ ନୂତନ ମୋବାଇଲ ଟାୱାର ସ୍ଥାପନ, ବିଏସ୍‌ଏନ୍‌ଏଲ ଦ୍ୱାରା ନୟାଗଡ ଜିଲାର ଗଣିଆ ତହସିଲ ଅନ୍ତର୍ଗତ ବୁରିଆପାଳୁ, ଜାନକଝଲି ଓ ରେକାଡି ଗ୍ରାମରେ ନୂତନ ମୋବାଇଲ ଟାୱାର ସ୍ଥାପନ ହେବ। ଏଥିସହିତ କମିଟି ସମ୍ମୁଖରେ ଭାରତମାଳା ପରିଯୋଜନା ଅଧୀନରେ ଢେଙ୍କାନାଳ ଜିଲାର ଗୋବିନ୍ଦପୁରରୁ କଟକ ଜିଲାର ଟାଙ୍ଗୀ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ସମ୍ବନ୍ଧୀୟ ପ୍ରସ୍ତାବ ରଖାଯାଇଥିଲା। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ମଧ୍ୟରେ ଅତିକ୍ରମ କରୁଥିବା ୧୬ ନମ୍ବର ଜାତୀୟ ରାଜପଥରେ ଭିଡ କମାଇବା ସହ ଲୋକଙ୍କୁ ଉନ୍ନତ ଯାତାୟତ ସୁବିଧା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ। ଆଲୋଚନା ଏବଂ ପର୍ଯ୍ୟାଲୋଚନା ପରେ ଏହି ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ପରିଷଦ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦନ କରାଯାଇ କେନ୍ଦ୍ରୀୟ ବନ୍ୟପ୍ରାଣୀ ପରିଷଦ ଓ କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ବନ୍ୟପ୍ରାଣୀ ସଂରକ୍ଷଣ ପ୍ରଚେଷ୍ଟା, ମାନବପ୍ରାଣୀ ସଂଘର୍ଷ କମାଇବା ଓ ବାସସ୍ଥାନ ଉନ୍ନତି ସହ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକର ସମୟୋପଯୋଗୀ ସମାଧାନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲ, ଗ୍ୟାରେଜରେ ବନ୍ଧାପଡ଼ିଛି ଶିଶୁଙ୍କ ଭବିଷ୍ୟତ

ଭୁବନେଶ୍ୱର,୬।୧୨ (ତ୍ରିନାଥ ମହାନ୍ତି)

ଶିକ୍ଷିତ ତଥା ସଚେତନ ନାଗରିକଙ୍କ ସହର କୁହାଯାଉଥିବା ରାଜଧାନୀ ଭୁବନେଶ୍ୱରରେ ଶିଶୁ ଶ୍ରମିକ ସଂଖ୍ୟା ବଢ଼ୁଛି। ସହରରେ ଥିବା ବିଭିନ୍ନ ହୋଟେଲ, ଗ୍ୟାରେଜ, ଦୋକାନ ଓ ଘରେ ସେମାନଙ୍କ ଶୈଶବ ଓ ଭବିଷ୍ୟତ ବନ୍ଧା ପଡ଼ିଛି। କମ୍ ଟଙ୍କାରେ ମାଲିକମାନେ ବେଆଇନ ଭାବେ ଶିଶୁଙ୍କୁ ଖଟାଉଛନ୍ତି। କାମ ନ କଲେ ଦେଇ, ମାଡ଼ ଭଳି ବିଭିନ୍ନ ନିର୍ଯାତନା ଘଟଣା ନଜରକୁ ଆସୁଛି। ଏନେଇ ଚାଇଲ୍ଡ ଲାଇନ୍ ଓ ରୁଚିକା ସମାଜ ମଙ୍ଗଳ ପକ୍ଷରୁ ଥାନାରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ସେଟେଟା ଗୁରୁତ୍ୱ ଦେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଉଛି। ତଦନ୍ତ ଓ ଚଢ଼ାଉ କରିବା ଦୂରେ ଥାଉ, ମାମଲା ରୁଜୁ କରିବାକୁ ମଧ୍ୟ ପଛଘୁଞ୍ଚା ଦେଉଛି। ପୋଲିସ ଭଳି ଜିଲା ଶ୍ରମ ଅଧିକାରୀ(ଡିଏଲ୍‌ଓ)ଙ୍କ ବିରୋଧରେ ମଧ୍ୟ ସମାନ ଅଭିଯୋଗ ହେଉଛି।

**ଗୁରୁତ୍ୱ ଦେଉନି ପୋଲିସ**
**୫୫୦ ଅଭିଯୋଗ, ୧୦୦ ମାମଲା**
■ଖବର ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ନେଉଛୁ: ସିପି

ଶିଶୁଙ୍କୁ ଶ୍ରମିକ ଭାବେ ଖଟାଇବା ଏବଂ ନିର୍ଯାତନା ଦେବା ନେଇ ବର୍ଷକରେ ୫୫୦ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାତ୍ର ୧୦୦ଟି ମାମଲା ରୁଜୁ କରିଥିବା ନେଇ ଚାଇଲ୍ଡ ଲାଇନ୍ ପକ୍ଷରୁ ସୂଚନା ମିଳିଛି। ତେବେ ବାକି ମାମଲାକୁ କ୍ଷଣ୍ଟନ ଡାଏରୀ କରି ବସିପଡ଼ିଛି। ଚଳିତ ବର୍ଷ ବିଭିନ୍ନ ସ୍ଥାନରେ କାମ କରୁଥିବା ୬୫୦ ପିଲାଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଏବେବି ପଟିଆ, ଇନ୍‌ଫୋସିଟି, ଆଇଡ଼ି ମାର୍କେଟ, ୟୁନିଟ୍-୪ ମାର୍କେଟ, ଏକ ନମ୍ବର ମାର୍କେଟ, ମାର୍କେଟ ବିଲ୍ଡିଂ, ପାତ୍ରପଡ଼ା ଏବଂ ଖଣ୍ଡଗିରିରେ ଥିବା ଏକାଧିକ ହୋଟେଲ ଏବଂ ଗ୍ୟାରେଜରେ ଶିଶୁ ଶ୍ରମିକ କାମ କରୁଥିବା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ଏହାଠାରୁ ଅଧିକ ପିଲା ବଡ଼ ବଡ଼ଆଙ୍କ ଘରେ କାମ କରୁଛନ୍ତି। ମିଳିଥିବା ସୂଚନାନୁସାରେ, ରାଜଧାନୀରେ କାମ କରୁଥିବା ଶିଶୁମାନେ ମୁଖ୍ୟତଃ ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ କୋରାପୁଟରୁ ଆସୁଛନ୍ତି। ଏହା ପଛରେ ଏକ ର୍‍ୟାକେଟ କାମ କରୁଛି। ସେମାନେ ଶିଶୁଙ୍କ ପରିବାର ଲୋକଙ୍କୁ ବିଭିନ୍ନ ମିଛ ସ୍ୱପ୍ନ ଦେଖାଇ ସହରକୁ ଆଣିବା ପରେ କିଛି ଟଙ୍କା ନେଇ ବ୍ୟବସାୟୀ ଓ ବଡ଼ ଲୋକଙ୍କୁ ଏକପ୍ରକାର ବିକ୍ରି କରିଦେଉଛନ୍ତି। ପରବର୍ତ୍ତୀ ସମୟରେ ଶିଶୁର ଯଦି କିଛି ଅସୁବିଧା ହେଉଛି, ଜୀବନ ପ୍ରତି ବିପଦ ପଡ଼ୁଛି, ସେତେବେଳେ ସମ୍ପୃକ୍ତ ଦଲାଲମାନେ ପରିବାର ଲୋକଙ୍କୁ ଧରାଛୁଆଁ ଦେଉନାହାନ୍ତି।



ଅନ୍ୟପକ୍ଷରେ ଏ କ୍ଷେତ୍ରରେ ଝାଡ଼ଖଣ୍ଡୀ ଗ୍ୟାଙ୍ଗ କାମ କରୁଥିବା ସୂଚନା ମିଳିଛି। ସେମାନେ ଝାଡ଼ଖଣ୍ଡ ଏବଂ ବିହାରରୁ ଶିଶୁଙ୍କୁ ଧରି ରାଜଧାନୀକୁ ଆସୁଛନ୍ତି। ଏଠାରେ ସେମାନଙ୍କୁ ରଖି ପାର୍କ, ମଲ୍ ଏବଂ ଛକରେ ଛାଡୁଛନ୍ତି। ସେମାନେ ବୁଲି ବୁଲି ଟଙ୍କା ଆଦାୟ କରି ସନ୍ଧ୍ୟାରେ ସେମାନଙ୍କ ମାଲିକଙ୍କୁ ଦେଉଛନ୍ତି। ଅନେକ ରୋହିଙ୍ଗିଆ ବାଂଲାଦେଶୀ ମଧ୍ୟ ଏଠାକୁ ଆସି ସେମାନଙ୍କ ପିଲାଙ୍କୁ ଭିକ୍ଷା ବୃତ୍ତିରେ ନିୟୋଜିତ କରିବା ସହ ହୋଟେଲରେ କାମ କରିବାକୁ ଛାଡ଼ି ଦେଉଛନ୍ତି। ଶିଶୁ ଶ୍ରମ ନିରୋଧ ଆଇନ୍-୨୦୧୬ ଅନୁସାରେ, ୧୪ ବର୍ଷରୁ କମ୍ ଶିଶୁଙ୍କୁ କାମରେ ଲଗାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଶୋର ନ୍ୟାୟ ଆଇନ୍ ଅନୁସାରେ ୧୫ ବର୍ଷରୁ ଅଧିକ ବୟସର ପିଲାଙ୍କୁ କାମରେ ଲଗାଇଲେ ଡିଏଲ୍‌ଓଙ୍କ ନିକଟରେ ପଞ୍ଜୀକରଣ କରିବା ବାଧ୍ୟ। ପୁଣି ତାଙ୍କୁ ୬ଘଣ୍ଟାରୁ ଅଧିକ ସମୟ ଖଟାଇବା ମନା। ନିୟମ ଉଲ୍ଲଂଘନ କଲେ ୫ବର୍ଷ ଜେଲଦଣ୍ଡ ସହ ୧ଲକ୍ଷ ଜରିମାନା ଦେବାର ବ୍ୟବସ୍ଥା ରହିଛି।

ଏନେଇ ରୁଚିକା ସମାଜ ମଙ୍ଗଳ ସଂଗଠନର ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି, ପୋଲିସ ନିକଟରେ ଅଭିଯୋଗ ହେଲେ ବି ମାମଲା ରୁଜୁ କରୁନି। କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅପରାଧୀମାନେ ଶିଶୁଙ୍କୁ କାମରେ ଲଗାଉଛନ୍ତି। ଡିଏଲ୍‌ଓ ଏବଂ ପୋଲିସ ନିୟମିତ ଭାବେ ଚଢ଼ାଉ କରିବା କଥା, କିନ୍ତୁ ତାହା କରୁନାହାନ୍ତି।

ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ଶିଶୁ ଶ୍ରମିକ ସମସ୍ୟା ନେଇ ଯେତେବେଳେ କିଛି ଖବର ଆସୁଛି, ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ। ଶିଶୁଙ୍କୁ କାମରେ ଲଗାଇବା ବେଆଇନ। ଆମେ ନିୟମିତ ହୋଟେଲ ଆଦି ଯାଞ୍ଚକରି ଶିଶୁ ଶ୍ରମିକ ଉଦ୍ଧାର କରୁଛୁ।

# ଶ୍ରୀଲିଙ୍ଗରାଜଙ୍କ ବେଶ ମାରା

**୨ ଘଣ୍ଟା ପରେ ସ୍ୱାଭାବିକ ହେଲା ନୀତି**



ପୁରୁଣା ଭୁବନେଶ୍ୱର,୬।୧୨ (ସୁଭାଷ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶନିବାର ଜଣେ ଅଣସେବାୟତ ତଥା ଯାତ୍ରୀ ଅରଗଳି ଦେଇ ପ୍ରବେଶ କରିବାରୁ ଠାକୁରଙ୍କ ବେଶ ମାରା ହୋଇଥିଲା। ପ୍ରାତଃରୁ ବୈଦିକ ନୀତି ଆଳତି, ଅବକାଶ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ବଲ୍ଲଭ ବେଳେ ସମ୍ପୃକ୍ତ ଯାତ୍ରୀ ଜଣଙ୍କ ହଠାତ୍ ଅରଗଳି ଦେଇ ଭିତରକୁ ପଶିଥିଲେ। ଏହା ଦେଖି ଅନ୍ୟ ସେବାୟତମାନେ ତାଙ୍କୁ ଅଟକାଇଥିଲେ। ତେବେ ଠାକୁରଙ୍କ ବେଶ ମାରା ହୋଇଥିବାରୁ ବିଧି ମୁତାବକ ପୁନଃ ମହାସ୍ନାନ କରାଯାଇ ଶୁଦ୍ଧି କରାଯାଇଥିଲା। ପୁନର୍ବାର ଦିହିଁଙ୍କ ବେଶ ହୋଇଥିଲା। ଅପରାହ୍ନ ୨ଟା ୨୦ରେ ପୁଣି ସକାଳ ଧୂପ କରାଯାଇ ପରବର୍ତ୍ତୀ ନୀତି ହୋଇଥିଲା। ଅରଗଳି ନିକଟରେ ତର୍ଜ୍ଜିତ ସେବାୟତ ଏବଂ ଆଡ଼କାଠରୁ ଦ୍ୱାରପାଳ ଯାଏ ଭିତର ଖୁଣ୍ଟିଆ ସେବାୟତ ପର୍ଯ୍ୟବେକ୍ଷଣ ଏବଂ ଶୃଙ୍ଖଳାକୁ ସଚେତନତା କରିବା ଭଳି ସେବା ରହିଥିବାବେଳେ ସମ୍ପୃକ୍ତ ପାଳିଆ ସେବାୟତମାନେ ଅନୁପସ୍ଥିତ ରହୁଥିବାରୁ ଏଭଳି ଘଟଣା ଘଟୁଛି ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏଥିସହ ସେ ମନ୍ଦିର ପ୍ରଶାସନର ଅବହେଳାକୁ ମଧ୍ୟ ଦାୟୀ କରିଛନ୍ତି।

# ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାଲିପାଟଣା,୬।୧୨ (ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମାଳିଗୁଛା, ଲେମ୍ବୁ ଚାମଚ ଦୌଡ଼, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାମନ୍ଦିରର ଅଧ୍ୟକ୍ଷା ସୁଶ୍ରୀ ପବିତ୍ରା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଅଭିମନ୍ୟୁ ନାୟକ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଖେଳକୁଦ କଲେ ସେମାନଙ୍କର ଶାରୀରିକ ବିକାଶ ଘଟିଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଓଲିଭ୍ରନ୍ତ ନିଶାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଶିକ୍ଷୟିତ୍ରୀ ଲିପିକା ପ୍ରଧାନ, ଛବିତା ମହାପାତ୍ର, ରଶ୍ମିରେଖା ସାହୁ, ଉର୍ମିଳା ସେନାପତି, ସବିତା ଲେଙ୍କା, ସବିତା ମୁଖୀ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଗଙ୍ଗାଧର ଓଝା ପରିଚାଳନା କରିଥିଲେ।

# ପ୍ରତି ସୋମବାର ବିଏମ୍‌ସି, ବିଡିଏ, ସ୍ମାର୍ଟସିଟିର ମିଳିତ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୬।୧୨ (ବନ୍ଦନା ସେଠୀ)

ପ୍ରତି ସୋମବାର (କାର୍ଯ୍ୟ ଦିବସ)ରେ ବିଏମ୍‌ସି, ବିଡିଏ ଓ ସ୍ମାର୍ଟସିଟିର ମିଳିତ ଅଭିଯୋଗ ଶୁଣାଣି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ତେଣୁ ଅନ୍‌ଲାଇନ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ କରିଥିବା ବ୍ୟକ୍ତି/ଅନୁଷ୍ଠାନମାନେ ସୋମବାର ପୂର୍ବାହ୍ନ ୧୦ଟାରେ ବିଏମ୍‌ସି କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଦାଖଲ ବା ଶୁଣାଣିରେ ଅଂଶ ଗ୍ରହଣ କରିପାରିବେ। ଏ ସମ୍ପର୍କରେ ବିଏମ୍‌ସି ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

# ରାସ୍ତା କାମ ବିଳମ୍ବ: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ଖୋଳା ଯାଇଥିବା ଗାତକୁ ନେଇ ତେଜିଲା ଅସନ୍ତୋଷ**



ଉତ୍ତ୍ୟକ୍ତ ଲୋକେ ନିଆଁଜାଳି ରାସ୍ତା ଅବରୋଧ କରିବା ସହ ତୁରନ୍ତ କାମ ଶେଷ କରିବାକୁ ଦାବି କରୁଛନ୍ତି।

ବାଲିଅନ୍ତା,୬।୧୨ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ଗ୍ରାମ ଦେଇ କୁରାଙ୍ଗ ପ୍ରଧାନ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗ କରି ଶନିବାର ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ କାର୍ଯ୍ୟ ପାଇଁ କଂକ୍ରିଟ ରାସ୍ତା ପାର୍ଶ୍ୱରେ ପ୍ରାୟ ୧ ମିଟର ଓସାରର ଗାତ ଖୋଳାଯାଇଛି। ଫଳରେ ପ୍ରତିଦିନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ସମେତ ସ୍ଥାନୀୟ ବାସିନ୍ଦା ଯାତାୟାତ କରୁଥିବା ବେଳେ ଖାଲରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏଥିସହିତ ପାନୀୟ ଜଳ ଯୋଗାଣ ପାଇଁ ଯାଇଥିବା ପାଇପ ଲାଇନ ମଧ୍ୟ ଫାଟି ଯାଇଛି। ଯାହାଦ୍ୱାରା ଦୀର୍ଘ ୪ ମାସ ଧରି ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନକୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ସେଥିପାଇଁ ଗ୍ରାମର ବହୁ ପୁରୁଷ ଓ ମହିଳା ଏହାର ପ୍ରତିବାଦ କରିଛନ୍ତି। ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟରେ ବିଳମ୍ବ ଏବଂ ଖୋଳା ଯାଇଥିବା ଗାତକୁ ତୁରନ୍ତ ମରାମତି ଦାବିରେ ସେମାନେ ରାସ୍ତାରୋକୋ କରିଥିଲେ। ଏହି ରାସ୍ତାର ଚୌଧୁରୀ ଗଡ଼, ଥାନପତି ମନ୍ଦିର ନିକଟ ଆଦି ୩ଟି ସ୍ଥାନରେ ଟାୟାର ଜାଳି ପ୍ରାୟ ୨ ଘଣ୍ଟା ରାସ୍ତାରୋକୋ ହୋଇଥିଲା। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେବା ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉକ୍ତ ରାସ୍ତାଟି ବାଲିପାଟଣା, ନିମାପଡ଼ା ଓ ଭୁବନେଶ୍ୱରକୁ ସଂଯୋଗ କରୁଥିବାରୁ ବହୁ ଗାଡ଼ି ମୋଟର ଦୀର୍ଘ ସମୟ ଧରି ଅଟକି ରହିଥିଲା। ଖବର ପାଇ ବାଲିଅନ୍ତା ଥାନା ଇନ୍‌ସପେକ୍ଟର ମାନସ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଏହି ଭିଙ୍ଗାରପୁର-କୁରାଙ୍ଗପ୍ରଧାନ ରାସ୍ତାର ଉନ୍ନତୀକରଣ ପାଇଁ ଗତ ଜୁନ ମାସ ୧୯ ତାରିଖରେ ଆରଡି ବିଭାଗ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

# ମେରା ଦେଶ୍ ମହାନ୍

ଭୁବନେଶ୍ୱର,୬।୧୨ (ସୌମ୍ୟରଞ୍ଜନ ରାଉତ)

ସୁଷମା ସଙ୍ଗୀତ ସଦନ ପକ୍ଷରୁ ସଙ୍ଗୀତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ 'ମେରା ଦେଶ ମହାନ୍' ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଦେବାଶିଷ ମହାପାତ୍ର, ବନ୍ଦୀସି ପାଳିତ, ମିତାଲି ଚିନାରା, ମହାପ୍ରସାଦ କର, ତନୁଶ୍ରୀ ଜେନା, ସୌରଭ ନାୟକ, ସିଦ୍ଧାନ୍ତ ଶତପଥୀ, ଅଶ୍ୱିନୀ ମହାନ୍ତି, ଲକ୍ଷ୍ମୀକାନ୍ତ ପାଳିତ, ବିଦ୍ୟୁତପ୍ରଭା ପାଳିତ, ରଶ୍ମିତା ଦାସ, ରଣଦୀପ ପାଳିତ ଏବଂ ସିଦ୍ଧିଶ୍ରୀ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ସେମାନେ ମେରା ଦିଲ୍ ହେ ଭାରତ, ତେ ଯା ତେରା, ଦେଶ ମେରା, ଶୁନ ଗୌର ସେ ବନ୍ଦେ ମହାରତମ୍, ଜଲୋ ତେରା ଜଲୱା, ଏଭ ଦେଶ ହେଇ ମାଟି, ଏହି ଦେଶ ଆମର ଜନ୍ମ ଭୂମି ଆଦି ସଙ୍ଗୀତ ପରିବେଷଣ କରିଥିଲେ। ଅତିଥିଭାବେ ପଦ୍ମଶ୍ରୀ ଶିଳ୍ପୀ ଗୁରୁ ସୁଦର୍ଶନ ସାହୁ, ଭାପାନେତା ଜଗଦୀଶ ପ୍ରଧାନ, ଚିନ୍ତା ଓ ଚେତନାର ଉପ ସଭାପତି ସୁରେନ୍ଦ୍ର ଦାସ, ସିଆରପିଏଫ୍ ଡିଜି ଭରତ ଭୂଷଣ ସେଠି, ରୋଟାରିୟାନ୍ ସଭାପତି ସଙ୍ଘମିତ୍ରା ରଥ, ରୋଟାରିୟାନ୍ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ସୁସ୍ଥ ସମାଜ ପାଇଁ ସ୍ୱଚ୍ଛ ମୃତ୍ତିକା ଆବଶ୍ୟକ

ଭୁବନେଶ୍ୱର,୬।୧୨ (ସୁସ୍ମିତା ସାହୁ)

ଇଣ୍ଡିଆନ ସୋସାଇଟି ଅଫ ସଏଲ ସାଇନ୍ସ (ଆଇଏସଏସଏସ)ର ଭୁବନେଶ୍ୱର ଚାପ୍ଟର ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ମୃତ୍ତିକା ଶୁକ୍ରବାର ପାଳିତ ହୋଇଯାଇଛି। ଆଇଏସଏସଏସର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦୀନବନ୍ଧୁ ଜେନା ଯୋଗଦେଇ କହିଥିଲେ, ସୁସ୍ଥ ସମାଜ ପାଇଁ ସ୍ୱଚ୍ଛ ମୃତ୍ତିକାର ଆବଶ୍ୟକତା ରହିଛି। ସଠିକ ଭାବେ ମାଟିର ପରିଚାଳନା କଲେ ହିଁ ଫସଲ ଉତ୍ପାଦନ ଭଲ ହେବା ସହ ପରିବେଶ ମଧ୍ୟ ସୁରକ୍ଷିତ ରହିବ। ଅତ୍ୟଧିକ ସାର ବ୍ୟବହାର, ଜଙ୍ଗଲ କ୍ଷୟ, ପୁନରାବୃତ୍ତି ଚାଷ ଓ ପ୍ରଦୂଷଣ ମାଟିକୁ କ୍ରମଶଃ ଦୁର୍ବଳ କରୁଛି। ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ଆବଶ୍ୟକ ମାଟିକୁ ସୁରକ୍ଷା କରିବା, ପୁନର୍ଜୀବନ ଦେବା ଓ ଭବିଷ୍ୟତ ପିଢ଼ି ପାଇଁ ବଞ୍ଚେଇ ରଖିବାକୁ ପରାମର୍ଶ ଦେଇଥିଲେ।



ଏହି ଅବସରରେ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ଯୋଗଦେଇ କହିଛନ୍ତି, ମାଟିର ସୁସ୍ଥତା ଉପରେ ସମଗ୍ର ଜୀବଜଗତ ନିର୍ଭରଶୀଳ। ଏଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ। କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ର ଯୋଗଦେଇ ମାଟିର ବୈଜ୍ଞାନିକ ପରିଚାଳନା ଦ୍ୱାରା ମାଟିର ଉର୍ବରତା, ସ୍ୱଚ୍ଛତା ଓ ସମଗ୍ର ପରିବେଶ ସବୁଜିମାରେ ପରିଣତ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଆଇଏସଏସଏସ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ପ୍ରଫେସର ଆର୍. କେ. ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଏସଏସଏସ ଭୁବନେଶ୍ୱର ଚାପ୍ଟରର ସମ୍ପାଦକ ପ୍ରଫେସର ପି. କେ. ସାମନ୍ତ ଧନ୍ୟବାଦ ଦେଇଥିଲେ।

# ଖବରଦାତାଙ୍କୁ ମିଳିବ ରାଶନ କାର୍ଡ: ଯୋଗାଣ ମନ୍ତ୍ରୀ

**'ବିଶ୍ୱବାଣୀ'ର ୨୦ତମ ବାର୍ଷିକ ଉତ୍ସବ**

ଭୁବନେଶ୍ୱର,୬।୧୨ (ସୌମ୍ୟରଞ୍ଜନ ରାଉତ)

ତ୍ରିଭାଷୀ ଦୈନିକ ଖବରକାଗଜ 'ବିଶ୍ୱବାଣୀ'ର ୨୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଲେ, ଖବରଦାତାମାନେ ସତ୍ ପଥରେ ରହି ଠିକ୍ ଖବର ପରିବେଷଣ କରନ୍ତୁ। ମୁଖ୍ୟବକ୍ତା ଭାବେ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ରାଜ୍ୟର ସମସ୍ତ ଖବରଦାତାଙ୍କୁ ରାଶନ କାର୍ଡ ଯୋଗାଇ ଦେବା ପାଇଁ ମୁଁ ଉଦ୍ୟମ କରୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଲେ, ଛାପା ଗଣମାଧ୍ୟମ ମଣିଷ ସମାଜ ପାଇଁ ଅପରିହାର୍ଯ୍ୟ। ସୂର୍ଯ୍ୟ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଛାପା ଗଣମାଧ୍ୟମ ରହିବ ବୋଲି ସେ କହିଥିଲେ। ସେହିଭଳି ଅନ୍ୟତମ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ବିଜିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଭାଜପା ନେତା ସମୀର ମହାନ୍ତି, ବିଶ୍ୱବାଣୀର ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅର୍ଜୁନ ମୁଦୁଲି ଧନ୍ୟବାଦ ଦେଇଥିଲେ।

# 'ସ୍ନାତକମାନେ ନୈତିକତା, ନିଷ୍ଠା, କରୁଣା ବଜାୟ ରଖନ୍ତୁ'

**ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଷ୍ଟମ ସମାବର୍ତ୍ତନ ଉତ୍ସବ**

ଭୁବନେଶ୍ୱର,୬।୧୨ (ସୁସ୍ମିତା ସାହୁ)

ପ୍ରଯୁକ୍ତିବିଦ୍ୟା ଶିଳ୍ପକୁ ପରିବର୍ତ୍ତନ କରିପାରେ, କିନ୍ତୁ ଏହା ମାନବିକ ଗୁଣଗୁଡ଼ିକୁ ବଦଳାଇପାରିବ ନାହିଁ। ତେଣୁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ପାଦ ଥାପୁଥିବା ସ୍ନାତକମାନେ ନୈତିକତା, ନିଷ୍ଠା ଓ କରୁଣା ବଜାୟ ରଖନ୍ତୁ। ସହାନୁଭୂତି, ସୃଜନଶୀଳତା ଏବଂ ନୈତିକ ମୂଲ୍ୟବୋଧ ଆଗାମୀ ବିଶ୍ୱରେ ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର କରିବ। ବିଫଳତା ହିଁ ନିଜର ଦୃଢ଼ ମନୋବଳ ସହିତ ପୁନର୍ବାର ଉଠିବାକୁ ପ୍ରସ୍ତୁତ କରିଥାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଶନିବାର ଭୁବନେଶ୍ୱର ଗୋଠପାଟଣାସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଯୋଗଦେଇ କହିଲେ, କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ଉପକରଣ, ସ୍ୱୟଂଚାଳିତ ଏବଂ ନିରନ୍ତର ଆହ୍ୱାନ ଦ୍ୱାରା ପରିଚାଳିତ ବିଶ୍ୱସ୍ତରୀୟ ଦୃଶ୍ୟପଟରେ ସ୍ନାତକମାନେ ପ୍ରବେଶ କରୁଛନ୍ତି। ଏହି ଯୁଗରେ ଶିକ୍ଷାକୁ କେବଳ ନିଯୁକ୍ତିର ପ୍ରବେଶପଥ ଭାବେ ନୁହେଁ, ବରଂ ଜୀବନବ୍ୟାପୀ ଶିକ୍ଷା, ନୈତିକ ନେତୃତ୍ୱର ଭିତ୍ତିଭୂମି ଭାବେ ଦେଖାଯିବା ଉଚିତ ବୋଲି କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ମେଧାବୀ ସ୍ନାତକମାନଙ୍କୁ ଡିଗ୍ରୀ ଏବଂ ପଦକ ପ୍ରଦାନ କରିଥିଲେ।




ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥିମାନେ।

ଉତ୍ସବରେ କେପିଏମ୍‌ଜି ଇନ୍ ଇଣ୍ଡିଆର ନ୍ୟାସନାଲ ଲିଡର (ଏଜୁକେସନ ଆଣ୍ଡ ସ୍କିଲ ଡେଭଲପମେଣ୍ଟ, ଗଭର୍ଣ୍ଣମେଣ୍ଟ ଆଣ୍ଡ ପବ୍ଲିକ୍ ସର୍ଭିସେସ୍) ନାରାୟଣନ ରାମସ୍ୱାମୀ ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ ଉପସ୍ଥିତ ଥିଲେ। ୟୁନିଭର୍ସିଟିର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ଡ. ପି. କେ. ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ମାନସିକ ଦାରିଦ୍ର୍ୟରୁ ମୁକ୍ତିହେବାର ପ୍ରକୃଷ୍ଟ ସମୟ ଆସିଛି

**'ଆମେ କେଉଁଠି : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର**

ଭୁବନେଶ୍ୱର,୬।୧୨ (ସୌମ୍ୟରଞ୍ଜନ ରାଉତ)

ଦେଶ ଓ ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶେଷ, ସଂସ୍ଥା କିମ୍ବା ଦଳ ମାନସିକ ଦାରିଦ୍ର୍ୟରୁ ମୁକ୍ତ ନ ହେଲେ ସେମାନଙ୍କ ନେତୃତ୍ୱ ସମାଜକୁ ଠିକ୍ ଦିଗଦର୍ଶନ ଦେଇପାରିବ ନାହିଁ। ବର୍ତ୍ତମାନ ହିଁ ମାନସିକ ଦାରିଦ୍ର୍ୟରୁ ମୁକ୍ତ ହେବାର ପ୍ରକୃଷ୍ଟ ସମୟ ବୋଲି ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି। ଶନିବାର ବୁଦ୍ଧ ମନ୍ଦିରଠାରେ ସାମାଜିକ ନ୍ୟାୟ ସାମୁଖ୍ୟ ଆନୁକୂଲ୍ୟରେ ଅନୁଷ୍ଠିତ 'ଆମେ କେଉଁଠି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାରେ ଯୋଗଦେଇ ବିଧାୟକ ସାହୁ ଏହା କହିଛନ୍ତି। ସାମ୍ପ୍ରତିକ ସ୍ଥିତିର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବିଷୟରେ ତଥ୍ୟ ପ୍ରଦାନ କରି ସେ କହିଲେ, ରାଜନୀତି ଏକ ଉଚ୍ଚ ହୃଦୟବୃତ୍ତି। ରାଜନୀତି ସବୁ ନିୟନ୍ତ୍ରଣ କରେ। କେତେକ ଭାବନ୍ତି, ରାଜନୀତିରୁ ସେମାନେ ଦୂରରେ। ହେଲେ ରାଜନୀତି ପରୋକ୍ଷ ଓ ପ୍ରତ୍ୟକ୍ଷରେ ସମାଜର ସବୁ ଜିନିଷ ନିୟନ୍ତ୍ରଣ କରିଥାଏ। ତେଣୁ ଜନଗଣଙ୍କ ଅଜ୍ଞାନତା ହିଁ ଭ୍ରଷ୍ଟ ରାଜନେତାଙ୍କ ଶକ୍ତି ହୋଇଛି। ବ୍ୟବସ୍ଥା ଏପରି ହୋଇଗଲାଣି ଭଲ ଲୋକ ଆଉ ନିର୍ବାଚନ ଜିତିପାରୁନାହାନ୍ତି। ରାଜନୈତିକ ନେତୃତ୍ୱ ଆଜି ଆତ୍ମ କେନ୍ଦ୍ରିକ ହୋଇଯାଇଛି। ଅର୍ଥନୈତିକ ଦିଗ ଉପରେ ଆଲୋଚନା କରି ସାହୁ କହିଛନ୍ତି, ଆମେ ଓଡ଼ିଶା ବାସୀ ଖୁବ୍ ଗରିବ। କିନ୍ତୁ ସେତେ ମାତ୍ରାରେ ନୁହେଁ। ଆମ ସମ୍ବଳର ସୁବିନିଯୋଗ ହୋଇପାରି ନାହିଁ। ଯୁବ ସମାଜ ନିଶାଗ୍ରସ୍ତ, ଜୁଆ ଖେଳୁଛନ୍ତି।



ଆଲୋଚନାଚକ୍ରରେ ବିଧାୟକ ଅରୁଣ କୁମାର ସାହୁଙ୍କ ସହ ଯୋଗଦେଇଥିବା ବ୍ୟକ୍ତିବିଶେଷ।



ଡ. ଅରୁଣ କୁମାର ସାହୁ

କାରଣ ଯୋଗ୍ୟତାଭିତ୍ତିକ ନିଯୁକ୍ତି ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ଘରୋଇକରଣ ହୋଇଚାଲିଛି ବୋଲି ସେ କହିଥିଲେ। ଛାତ୍ରନେତ୍ରୀ ସଂଘମିତ୍ରା ଜେନା ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅମିତ ଅଭିଜିତ ସାମଲ, ବେଣୁଧର ବିଶ୍ୱାଳ, ସାହିଲ ସାହାଣୀ, ରଜିକ୍, ଆଇନଜୀବୀ ସୁରେଶ ବାରିକ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସାମୁଖ୍ୟର ଆହ୍ୱାୟକ ଦିବାକର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ସଂଗଠକ ରବିନ୍ଦ୍ରନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚଢ଼ିଗଲା ଇଟା ବୋଝେଇ ଟ୍ରାକ୍ଟର: ଶ୍ରମିକ ମୃତ

ନିଶ୍ଚିନ୍ତକୋଇଲି,୬।୧୨(ଅଶୋକ କୁମାର ମହାପାତ୍ର): ଭଦ୍ରେଶ୍ୱର ଥାନା କୁରୁଜଙ୍ଗା ଗ୍ରାମପଞ୍ଚାୟତ ସବଳକଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଇଟା ବୋଝେଇ ଟ୍ରାକ୍ଟର ଚଢି ଯିବାରୁ ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ କରିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ସେ ବାରିପଦା ଅଞ୍ଚଳର ବୋଲି ଜଣାପଡ଼ିଛି।

ସମ୍ପୃକ୍ତ ଯୁବକ ସ୍ଥାନୀୟ ପାରସାଇଲୋ ଇଟା କାରଖାନାରେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟାରେ ଇଟାନେଇ ଟ୍ରାକ୍ଟର (ନଂ. ଓଡି୦୪ଆର୮୦୫୮) ସବଳକଣା ଗ୍ରାମଦେଇ ଯାଉଥିଲା। ଏହି ସମୟରେ ବେପରୁଆ ଭାବେ ଗାଡ଼ି ଚାଳନା ଯୋଗୁ ଟ୍ରାକ୍ଟରରେ ବସିଥିବା ଶ୍ରମିକ ଜଣକ ତଳକୁ ଖସି ପଡିଥିଲେ। ଫଳରେ ଟ୍ରାକ୍ଟରଟି ତାଙ୍କ ମୁଣ୍ଡ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଡ୍ରାଇଭରଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରୁ ମୃତ ଶ୍ରମିକଙ୍କୁ ଛାଡି ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ସ୍ଥାନୀୟ ଲୋକେ ଭଦ୍ରେଶ୍ୱର ପୋଲିସକୁ ସୂଚନା ଦେଇଥିଲେ।

### ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାଚୋଟ

### ଅଭିଯୁକ୍ତଙ୍କୁ ଗିରଫକଲା ପୋଲିସ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି): ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାରେ ଚୋଟ ମାରିବା ଘଟଣାରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଘମାରିର ମହେଶ୍ୱର ସାହୁ। ପୋଲିସ ତାଙ୍କ ନିକଟରୁ ଖଣ୍ଡା, ଲୁହାରଡ଼ ଜବତ କରିଛି।

ସୂଚନାଯୋଗ୍ୟ, ୨୦୨୪ ଏପ୍ରିଲ୨୭ ରାତି ପ୍ରାୟ ୧୦ଟା ସମୟରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଦିନବନ୍ଧୁ ସାମଲ ତାଙ୍କ ପାନ ଦୋକାନରେ ବସିଥିଲେ। ଅଭିଯୁକ୍ତ ମହେଶ୍ୱରଙ୍କ ସହିତ ବିଜେବି ନଗରର ମଇଁଷିଖାଲ ଅଞ୍ଚଳର କେତେଜଣ ଯୁବକ ଦିନବନ୍ଧୁଙ୍କ ଦୋକାନରୁ ସିଗାରେଟ କିଣି ପିଇବା ସହ ଟଙ୍କା ନ ଦେଇ ପଳାଉଥିଲେ। ଏହି ସମୟରେ ଦିନବନ୍ଧୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଦିନବନ୍ଧୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଖଣ୍ଡା ଓ ଲୁହା ରଡ ସାହାଯ୍ୟରେ ଆକ୍ରମଣ କରି ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଘଟଣାସ୍ଥଳକୁ ଅଭିଯୋଗକାରିଣୀ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ଜାତିଭିତ୍ତିକ ଅପମାନକର ମନ୍ତବ୍ୟ କରିଥିଲେ ଏବଂ ତାଙ୍କ ଶାଢ଼ିକୁ ଟାଣି ଉଲଗ୍ନ କରିଥିଲେ। ସେମାନେ ତାଙ୍କ ସ୍ୱାମୀ ଓ ପୁଅଙ୍କୁ ମଧ ଆକ୍ରମଣ କରି ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ମହେଶ୍ୱରଙ୍କୁ ଗିରଫ କରିଛି।

# ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

### ହାତୀପଲଙ୍କ ଉପଦ୍ରବ

ଆଠଗଡ଼,୬।୧୨(ସତ୍ୟ ପ୍ରସାଦ ରଥ):



ଚାଷୀମାନେ ବନାଞ୍ଚଳ ଅଧିକାରୀ ସୁଷମା ସାହୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗ୍ରାମରେ ହାତୀପଲ୍ଲ ଚାଷ ଜମିରେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଏନେଇ ଗ୍ରାମର ଶତାଧିକ ଚାଷୀ କ୍ଷତିପୂରଣ ସହ ୪ ଦଫା ଦାବି ନେଇ ଶନିବାର ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ୨୦ରୁ ଉର୍ଦ୍ଧ୍ୱ ହାତୀ କନ୍ଦରପୁର ଓ ବାଙ୍କୀ ବ୍ଲକ ଫୁଲବାଡି ଗହିରରେ ପଶିଥିଲେ। ଅଞ୍ଚଳର ୨୫ ଏକରରୁ ଉର୍ଦ୍ଧ୍ୱ ଜମିରେ ଲଗାଯାଇଥିବା ଲଙ୍କା, କଲରା, ବିନ, ଝୁଡୁଙ୍ଗ, ବୋଦି, ସୋରିଷ, ବିରି, କୋଳଥ ଚାଷକୁ ହାତୀପଲ୍ଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଏଥିସହ ଚାଷୀମାନଙ୍କ ଦ୍ୱାରା ବିଲରେ ଗଛ ମାଡ଼ିବା ପାଇଁ ପୋତାଯାଇଥିବା ରଞ୍ଜା, ବାଉଁଶ ବାଡ଼ ଆଦି ସବୁ ଭାଙ୍ଗି ଦେଇଛନ୍ତି। ଚାଷୀମାନେ ରାତି ସାରା ଅନିଦ୍ରା ହୋଇ ଚାଷ ଜମିରେ ଜଗିଥିଲେ। ମାତ୍ର ବନ କର୍ମଚାରୀଙ୍କ ଅସହଯୋଗ ପାଇଁ ହାତୀ ପଲ୍ଲଙ୍କୁ ଆୟତ୍ତ କରିବାରେ ଅସଫଳ ହୋଇଥିଲେ। ସକାଳୁ ବିଲର ଏଭଳି ଅବସ୍ଥା ଦେଖି ଚାଷୀମାନେ ହତାଶ ହୋଇ ବନ ବିଭାଗକୁ ଫୋନ୍ ମାଧମରେ ଯୋଗାଯୋଗ କରି ଜଣାଇବା ସତ୍ତ୍ୱେ କୌଣସି ଅଧିକାରୀ କ୍ଷେତ୍ରକୁ ଆସି ନ ଥିଲେ। ଏହି ପରିପ୍ରେକ୍ଷୀରେ ଚାଷୀମାନେ ବାଧ ହୋଇ ବିଭିନ୍ନ ଦାବି ସହ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପ୍ରମୁଖ ଦାବିଗୁଡିକ ମଧରେ ଫସଲ ନଷ୍ଟର ତୁରନ୍ତ କ୍ଷୟକ୍ଷତି ଆକଳନ ଓ ଚାଷୀଙ୍କୁ ତ୍ୱରିତ କ୍ଷତି ପୂରଣ ପ୍ରଦାନ କରିବା, ଚାଷ ଜମିକୁ ହାତୀ ଓ ଜଙ୍ଗଲ ଜନ୍ତୁଠାରୁ ରକ୍ଷା ପାଇଁ ଚାଷ ଜମି ଚାରିପଟେ ସୌର ତାରବାଡ ବ୍ୟବସ୍ଥା କରିବା, ଗ୍ରାମର ମୁଖ୍ୟ ରାସ୍ତା ତଥା ହାତୀ ଚଲାପଥ ନିକଟରେ ସୋଲାର ଲାଇଟ ସହ ସାଇରନ ବ୍ୟବସ୍ଥା, ହାତୀ ଘଉଡ଼ାଇବାକୁ ଚାଷୀଙ୍କୁ ଆବଶ୍ୟକ ଉଚ୍ଚ ମାନର ଟର୍ଚ୍ଚ ଲାଇଟ, ଆତସବାଜି, ଶବ୍ଦ ଯନ୍ତ୍ର ଏବଂ ବନ ବିଭାଗ କର୍ମଚାରୀ ଚାଷୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଆଦି ଦାବି ନେଇ ଚାଷୀମାନେ ଧାରଣାରେ ବସିଥିଲେ। ହେଲେ ଆଠଗଡ଼ ବନଖଣ୍ଡ ଅଧିକାରୀ ଅନୁପସ୍ଥିତ ଥିବା ବେଳେ ତାଙ୍କ ନିର୍ଦ୍ଦେଶରେ ଆଠଗଡ଼ ବନାଞ୍ଚଳ ଅଧିକାରୀ ସୁଷମା ସାହୁ ଓ ଫରେଷ୍ଟର ଧାରଣାରତ ଚାଷୀଙ୍କ ସହ ଆଲୋଚନା କରି ତାଙ୍କ ଯଥାର୍ଥ ଦାବିଗୁଡ଼ିକୁ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନରତ ଚାଷୀମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ରବିବାର ବନ ବିଭାଗ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ କରିବାକୁ ସ୍ଥିର ହୋଇଛି। ଏଥିସହ ସର୍ଭେ କରି ସୋଲାର ତାରବାଡର ପ୍ରସ୍ତାବ ଉପରେ ପଦକ୍ଷେପ ନେବାକୁ ମଧ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନରେ ସାମାଜିକ କର୍ମୀ ପ୍ରିୟବ୍ରତ ଦାସ, ଇନ୍ଦ୍ରମଣି ସୂତାର, ପ୍ରକାଶ ଚନ୍ଦ୍ର ଦଳାଇ, ଚାଷୀ କୃଷ୍ଣ ଚନ୍ଦ୍ର ରାଉତ, ଭୀମସେନ ସାହୁ, ପ୍ରତାପ ସାହୁ, ପରମାନନ୍ଦ ବେହେରା, ଜନ୍ମେଶ୍ୱର ରାଉତ, ତ୍ରିଲୋଚନ ରାଉତ, ସହଦେବ ସାହୁ, ବିରଞ୍ଚି ସାହୁ, ବିଚିତ୍ରାନନ୍ଦ ସାହୁ, ଲକ୍ଷ୍ମୀଧର ନାୟକ, ନଟବର ଦଳାଇଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ଅଭିନେତ୍ରୀ ଆଣିଲେ ଯୌନ ଉତ୍ପୀଡ଼ନ ଅଭିଯୋଗ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି):

### ମେସେଞ୍ଜରଙ୍କୁ ସରକାରୀ ବାବୁ ପଠାଉଛନ୍ତି ଅଶ୍ଳୀଳ ଫଟୋ

ଅଭିନେତ୍ରୀ ମୌସୁମୀ ନାୟକଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଚନ୍ଦକା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବିରଞ୍ଚି ନାରାୟଣ ପତିଙ୍କ ବିରୋଧରେ ପୋଲିସ କେସ୍ ନଂ.୫୬୮/୨୫ ରୁଜୁ କରିବା ସହ ବିଏନ୍‌ଏସ୍ ଧାରା ୨୯୪(୨), ୨୯୬, ୭୫, ୭୮ ଏବଂ ଆଇଟି ଆକ୍ଟ ଲଗାଇଛି।

ଅଭିଯୋଗ ଅନୁସାରେ,୨୦୨୫ ସେପ୍ଟେମ୍ବର ୭ରେ ବିରଞ୍ଚି ତାଙ୍କ ଫେସ୍‌ବୁକ୍ ମୌସୁମୀଙ୍କ ମେସେଞ୍ଜରକୁ ଅଶ୍ଳୀଳ ଫଟୋ ଏବଂ ମେସେଜ ପଠାଇଥିଲେ। ଏପରିକି ତାଙ୍କୁ ଅନ୍‌ଲାଇନ୍‌ରେ ମଧ କଲ୍ କରି ଅଶ୍ଳୀଳ କଥା କହୁଥିଲେ। ଏଭଳି ଘଟଣା ସେ ବାରମ୍ବାର କରୁଥିବାରୁ ସେ ମାନସିକସ୍ତରରେ ଚିନ୍ତାରେ ଥିବାବେଳେ ତାଙ୍କର ସାମାଜିକ ପ୍ରତିଷ୍ଠା ଏବଂ ମର୍ଯ୍ୟାଦାକ୍ଷୁଣ୍ଣ ହୋଇଥିଲା। ବିରଞ୍ଚି ଜାଣିଶୁଣି ଏଭଳି ଅଶ୍ଳୀଳ ଫଟୋ ଏବଂ ମେସେଜ କରୁଥିବା ମୌସୁମୀ କହିଛନ୍ତି। ଅଭିଯୋଗ ସମ୍ପର୍କରେ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର କହିଛନ୍ତି, ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ମୌସୁମୀଙ୍କ ମୋବାଇଲ୍‌କୁ ପଠାଯାଇଥିବା ଫଟୋକୁ ସଂଗ୍ରହ କରାଯାଇଛି। ରବିବାର ଅଭିଯୋଗକାରିଣୀଙ୍କୁ ଥାନାକୁ ଡକାଯାଇଛି। ସେ ଆସିଲେ ତାଙ୍କର ବୟାନ ନିଆଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

# 'ପରିବେଶ ପ୍ରଦୂଷଣ ପ୍ରଭାବରେ ପ୍ରଳୟ ଆସିବ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

ବାଙ୍କୀ,୬।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଶବର ସାହି ପ୍ରାଥମିକ ବିଦ୍ୟାଳୟରେ ଶନିବାର ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶିବପ୍ରସାଦ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରକୃତିବନ୍ଧୁ ପ୍ରସନ୍ନ କୁମାର ସାହୁ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର ପ୍ରଭାବ ଯୋଗୁ ପୃଥିବୀରେ ପ୍ରଳୟ ଆସିବ ବୋଲି ପ୍ରକାଶ କରିଥିଲେ ଏବଂ ଏହା ପ୍ରତି ଛାତ୍ରୀଛାତ୍ରମାନେ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜାନକୀକାନ୍ତ ମହାପାତ୍ର, ବିଦ୍ୟାଧର ବେହେରା, ରାଜୀବ ନାଏକ, ସୁଲୋଚନା ବେହେରା ଓ ଚମ୍ପା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# 'ଉତ୍ତରପିଢ଼ିର ସୁରକ୍ଷା ପାଇଁ ସମ୍ବିଧାନକୁ ବଞ୍ଚାଇବା ଜରୁରୀ'



ଆମ୍ବେଡକରଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆଠଗଡ଼,୬।୧୨(ସତ୍ୟପ୍ରସାଦ ରଥ):

### ଆମ୍ବେଡକରଙ୍କ ତିରୋଧାନ ଦିବସ

ଆଠଗଡ଼ ଦଳିତ, ଆଦିବାସୀ ବହୁଜନ ମଞ୍ଚ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡକରଙ୍କ ତିରୋଧାନ ଦିବସ ଶନିବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ମଞ୍ଚ ପକ୍ଷରୁ ସାପୁଆ ନଦୀ କୂଳଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସମ୍ବିଧାନ ସୁରକ୍ଷା ଓ ଦଳିତ, ଆଦିବାସୀ ଏବଂ ସଂଖ୍ୟାଲଘୁଙ୍କ ଅଧିକାର ସମ୍ବନ୍ଧିତ ନାରା ଦେଇ ସହର ପରିକ୍ରମା କରାଯାଇଥିଲା। ମଞ୍ଚ ସଭାପତି ତଥା ଆଠଗଡ ଏନ୍‌ଏସିର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ଘଡ଼େଇଙ୍କ ଅଧକ୍ଷତାରେ ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କେନ୍ଦ୍ର ସରକାର ଦୀର୍ଘଦିନ ଧରି ଜନଗଣନା ନ କରାଇ ଏସ୍‌ଆଇଆର୍ ମାଧମରେ ଅଗଣତାନ୍ତ୍ରିକ ଭାବେ ଜନ ସାଧାରଣଙ୍କୁ ଭୋଟର ତାଲିକାରୁ ନାଁ କାଟି ସମ୍ବିଧାନ ଦେଇଥିବା ଅଧିକାରରୁ ବଞ୍ଚିତ କରିଛନ୍ତି ବୋଲି କହିଥିଲେ। ସେହିପରି ତ୍ରୁଟିପୂର୍ଣ୍ଣ ଶ୍ରମନୀତିରେ ୧୦ ଘଣ୍ଟିଆ କର୍ମ ନିର୍ଘଣ୍ଟ କରି ପୁଞ୍ଜିପତିମାନଙ୍କୁ ସୁରକ୍ଷା ଦେଇ ଶ୍ରମିକମାନଙ୍କୁ ଛଟେଇ କରିଛନ୍ତି। ଏଣୁ ବାରମ୍ବାର ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଣି ତ୍ରୁଟିପୂର୍ଣ୍ଣ ନୀତି ଅବଲମ୍ବନ କରି ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି। ଫଳରେ ସମ୍ବିଧାନ ସଙ୍କଟରେ ରହିଛି। ଏହି ସନ୍ଧିକ୍ଷଣ ସମୟରେ ନିଜର ଉତ୍ତରପିଢ଼ିର ସୁରକ୍ଷା ପାଇଁ ସମ୍ବିଧାନକୁ ବଞ୍ଚାଇବାର ଆବଶ୍ୟକତା ରହିଛି। ଏଣୁ ସମସ୍ତେ ଏକାଠି ହୋଇ ଲଢେଇ ଜାରି ରଖିବାକୁ ବିଧାୟକ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏଥିପାଇଁ ସଚେତନତା ସୃଷ୍ଟି ପାଇଁ ସମସ୍ତ ମଞ୍ଚ ପକ୍ଷରୁ ବିଦ୍ୟାର୍ଥୀମାନଙ୍କୁ ସଂକ୍ଷିପ୍ତ ସମ୍ବିଧାନ ପୁସ୍ତିକା ଓ ପ୍ରତ୍ୟେକ ବିଦ୍ୟାଳୟମାନଙ୍କୁ ଆମ୍ବେଡକରଙ୍କ ଫଟୋ ଚିତ୍ର ବଣ୍ଟନ କରାଯିବ ବୋଲି କହିଥିଲେ। ଏହି ଅବସରରେ ଆସନ୍ତା ଏପ୍ରିଲ ୧୪ ତାରିଖରେ ଆମ୍ବେଡକରଙ୍କ ପୂର୍ଣ୍ଣୟାବ ମୂର୍ତ୍ତି ସ୍ଥାପନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଶିଷ୍ଟ ସାମାଜିକ କର୍ମୀ ସତୀଶ ମିଶ୍ର, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଚିତ୍ରସେନ ନାଏକ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ସଂଗଠକ ଦେବବ୍ରତ ବେହେରା, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ବଳଭଦ୍ର ବାଘ, ବାସନ୍ତୀ ରାଉଳ, ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଟିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ଉପାଧକ୍ଷ ମାନସ ମଲ୍ଲିକ ଓ କାଶୀନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାରୀ ନେତ୍ରୀ ମିତାଲି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ବରଯାତ୍ରୀ ଶୋଭଯାତ୍ରା ଦେଖୁଥିବାବେଳେ ଅଘଟଣ

### ବାଣ ନିଆଁରେ ମହିଳା ଗୁରୁତର

ନିଶ୍ଚିନ୍ତକୋଇଲି,୬।୧୨(ଅଶୋକ କୁମାର ମହାପାତ୍ର) – ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁର ପଞ୍ଚାୟତ ଛୁଆଳିଆ ଗ୍ରାମରେ ଶୁକ୍ରବାର ରାତିରେ ଅଘଟଣ ଘଟିଛି। ବରଯାତ୍ରୀ ଶୋଭାଯାତ୍ରା ବେଳେ ବାଣ ନିଆଁରେ ଜଣେ ବିଧବା ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ସ୍ୱର୍ଗତ ଗୋକୁଳାନନ୍ଦ ସ୍ୱାଇଁଙ୍କ ସ୍ତ୍ରୀ ପୂର୍ଣ୍ଣିମା ସ୍ୱାଇଁ(୪୭)।

ସାଲେପୁର ଥାନା କାଠାହାର ତେନ୍ତଲ ଗ୍ରାମର ଏକ ବରଯାତ୍ରୀ ଦଳ ଛୁଆଳିଆ ଗ୍ରାମକୁ ଆସିଥିଲା। ଛୁଆଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରୁ ବରଯାତ୍ରୀ ଦଳର ବିବାହ ଶୋଭାଯାତ୍ରା ବାହାରିଥିଲା। ପୂର୍ଣ୍ଣିମା ତାଙ୍କ ଘର ବାହାରେ ଠିଆହୋଇ ବିବାହ ଶୋଭାଯାତ୍ରା ଦେଖୁଥିଲେ। ଏହି ସମୟରେ ଏକ ବାଣର ନିଆଁ ଆସି ତାଙ୍କ ଉପରେ ପଡିଥିଲା। ଫଳରେ ସେ ପନ୍ଧିଥିବା ଶାଢୀରେ ନିଆଁ ଲାଗିଯାଇଥିଲା। ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପୂର୍ଣ୍ଣିମାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ବାଣ ନିଆଁରେ ତାଙ୍କ ଶରୀରର ବହୁ ଅଂଶ ପୋଡିଯାଇଛି। ଏ ସମ୍ପର୍କରେ ତାଙ୍କ ଦେଢ଼ଶୁର ଗୋପାଳ ସ୍ୱାଇଁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ସାଲେପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିନାହିଁ।

# ରତାପାଟ ମହାଲକ୍ଷ୍ମୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ବଡ଼ମ୍ବା, ୬।୧୨(ମାୟାଧର ମଲ୍ଲିକ):

### ବାଦ୍ୟ, ନୃତ୍ୟଗୀତରେ ଝୁମିଲେ ଦର୍ଶକ

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରତାପାଟଠାରେ ଚାଲିଥିବା ରତାପାଟ ମହାଲକ୍ଷ୍ମୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନରସିଂହପୁର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ପ୍ରଫେସର କୁଳମଣି ବାରିକ ଯୋଗଦେଇ ରତାପାଟ ଭଳି ଏକ ବୀର ମାଟିର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ସନାତନ ବେହେରା, ଭ୍ରମରବର ନାୟକ, କାର୍ତ୍ତିକ ପୁହାଣ ପ୍ରମୁଖ ଯୋଗଦେଇ ରତାପାଟର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ମହୋତ୍ସବ କମିଟି ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କୋଷାଧକ୍ଷ ସୁଶାନ୍ତ କୁମାର ନାୟକ, ବଣିକ ସଂଘ ସମ୍ପାଦକ ସୋମନାଥ ଖୁଣ୍ଟିଆ, ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସମୀର କୁମାର ରାଉତଙ୍କ ସଂଯୋଜନାରେ ରତାପାଟ ଉନ୍ନୀତ ମଧଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବରଗଡ଼ର କିଙ୍ଗସ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ବାଦ୍ୟ, ନୃତ୍ୟ ଓ ଗୀତରେ ଦର୍ଶକମାନେ ବେଶ୍ ଝୁମିଥିଲେ।

### ତାଳବସ୍ତ ମେଡିକାଲ ପରିସର ସଫେଇ କାର୍ଯ୍ୟକ୍ରମ

ବାଙ୍କୀ,୬।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ମେଡିକାଲ ପରିସରକୁ ଶ୍ରୀରାମ କମିଟି ଓ ଓମ୍ ସାଇ ରାମ ମହିଳା ସଂଘ ମିଳିତ ଆନୁକୂଲ୍ୟରେ ଶନିବାର ସଫେଇ କରାଯାଇଛି। ମେଡିକାଲ ଯିବା ପାଇଁ ରାସ୍ତା ପରିସରରେ ଥିବା ମଇଳା ଆବର୍ଜନାକୁ ସଫା କରିବା ସହ ସେଗୁଡିକୁ ଗାତଖୋଳି ପୋତି ଦିଆଯାଇଛି। କାର୍ଯ୍ୟକ୍ରମକୁ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଆଦିତ୍ୟ ନାରାୟଣ ସାହୁ, ମୃତ୍ୟୁଞ୍ଜୟ ସ୍ୱାଇଁ, ବୈକୁଣ୍ଠନାଥ ରାୟ, ଶିବାନୀ ନାୟକ, ପୂଜାରାଣୀ ମନ୍ତ୍ରୀ, ରାକେଶ ଲେଙ୍କା, ଜଗବନ୍ଧୁ ସେଠୀ, ଚନ୍ଦନ ବେହେରା, ଚିନ୍ମୟୀ ବାରିକ ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକ୍ରମ ସଫଳ କରିଥିଲେ।

# କବିଙ୍କ ମଧରେ ନିଆରା ସମ୍ପର୍କ ଜାଗ୍ରତକରେ କବିତା ପାଠୋତ୍ସବ

### ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ବାଙ୍କୀ,୬।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):



କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ଓ କବିମାନେ।

ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଗ୍ରାମରେ ଶନିବାର ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଠୋତ୍ସବରେ ଶିକ୍ଷାବିତ୍ ପ୍ରାଧାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ କବି ଇଂ. ସତ୍ୟବ୍ରତ ରଥ, ସମ୍ମାନିତ ଅତିଥିଭାବେ କବି ରବିନାରାୟଣ ମଙ୍ଗରାଜ, କବି ପବନୀ ଜେନା, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, କବି କୌଶିକ ନାୟକ, ସୁଷମାରାଣୀ ପରିଡ଼ା, ସଂଗ୍ରାମ ବିଭୂତି ରାୟ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ଶକୁନ୍ତଳା ମଲିକ ଓ ଗୀତିକାର କାର୍ତ୍ତିକ ଚନ୍ଦ୍ର ମଲିକଙ୍କ ବିବାହର ରୌପ୍ୟଜୟନ୍ତୀ ପାଳନ ଅବସରରେ ଏହି କବିତା ପାଠୋତ୍ସବ ଦ୍ୱାରା କବିମାନଙ୍କ ମଧରେ ଏକ ନିଆରା ସମ୍ପର୍କ ଜାଗ୍ରତ ହେବବୋଲି ପ୍ରକାଶ କରିଥିଲେ। କବିତାଗୁଡିକୁ କବି ମନ୍ମଥ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ଏହି କବିତା ପାଠୋତ୍ସବରେ ଅକ୍ଷୟ କୁମାର ସାମଲ, ବିଶ୍ୱରଞ୍ଜନ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଲଲାଟେନ୍ଦୁ ପଣ୍ଡା, ଚନ୍ଦ୍ରକାନ୍ତି ସିଂହ, ସୁରେଶ ଚନ୍ଦ୍ର ସାହୁ, ଦିଗ୍‌ବିଜୟ ସ୍ୱାଇଁ, ଭଗବାନ ସାମଲ, ବିଦ୍ୟୁଲତା ଭୂୟାଁ, ଭୀମସେନ ନାୟକ, ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଶତାଧିକ କବିକବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। କାର୍ତ୍ତିକ ଚନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଡ଼ି ଡିକି ଭାଙ୍ଗି ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ : ୨ ଗିରଫ

- ଗଞ୍ଜାମ ଜିଲା ଆସ୍କା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଧରିଲା ପୋଲିସ
- ଧରାପଡ଼ିନାହାନ୍ତି ୬ ଅଭିଯୁକ୍ତ
- ୩ଲକ୍ଷ ୩୯ହଜାର ଟଙ୍କା ଜବତ

ସାଲେପୁର,୬।୧୨(ଅରବିନ୍ଦ ଭୂୟାଁ):




ଗିରଫ ୨ ଅଭିଯୁକ୍ତ ଓ ଜବତ ଟଙ୍କା।

ବାଇକ ଓ ସ୍କୁଟି ଡିକି ଭାଙ୍ଗି ଚୋରି କରୁଥିବା ଏକ ଗ୍ୟାଙ୍ଗର ୨ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ସାଲେପୁର ପୋଲିସ ସ୍ପେଶାଲ ଟିମ୍ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳରୁ ସେମାନଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଉଭୟ ଅଭିଯୁକ୍ତ ହେଲେ ଏମ୍.ନାଇଡୁ ଓ ବି.ସୋରେନ। ସେମାନଙ୍କଠାରୁ ୩ ଲକ୍ଷ ୩୯ହଜାର ଟଙ୍କା ଜବତ କରାଯାଇଛି। ତେବେ ଏହି ଗ୍ୟାଙ୍ଗର ଆଉ ୬ ଅଭିଯୁକ୍ତ ଧରାପଡ଼ିନାହାନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀ ଜରିଆରେ ପୋଲିସ ସୂଚନା ଦେଇଛି।

ସାଲେପୁର ଆଦର୍ଶ ଥାନାରେ ଆୟୋଜିତ ଏହି ସମ୍ମିଳନୀରେ ସାଲେପୁର ଉପଖଣ୍ଡ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ଯୋଗଦେଇ କହିଛନ୍ତି ଯେ, ୨୦୨୫ ନଭେମ୍ବର ୨୬ରେ ସାଲେପୁରସ୍ଥିତ ୟୁକୋବ୍ୟାଙ୍କରୁ ସତ୍ୟଭାମାପୁର ଅଞ୍ଚଳର ବସନ୍ତ କୁମାର ସାମଲ ଏକ ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ସେ ତାଙ୍କ ସ୍କୁଟି ଡିକିରେ ରଖି ଘରକୁ ଫେରୁଥିଲେ। ବାଟରେ କିଛି ଔଷଧ ନେବା ପାଇଁ ଦୋକାନକୁ ଯାଇଥିଲେ। ଫେରିବାବେଳକୁ ଗାଡ଼ି ଡିକି ଖୋଲା ଥିବା ଦେଖିଥିଲେ। ଏଥିସହ ଉକ୍ତ ଗାଡ଼ିରେ ଥିବା ଟଙ୍କା ଚୋରି ହୋଇଯାଇଛି ବୋଲି ଜାଣିବା ପରେ ବସନ୍ତ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଥାନାରେ ମାମଲା (ନଂ. ୫୮୫/୨୫) ରୁଜୁ କରିଥିଲା। ସାଲେପୁର ଆଦର୍ଶ ଥାନା ଆଇଆଇସି ଅନୀତା ସାହୁ ଏହି ମାମଲାର ତଦନ୍ତ କରିଥିଲେ। କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏନେଇ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଥିଲା। ଆଦର୍ଶ ଥାନା ଆଇଆଇସି ସାହୁଙ୍କ ନେତୃତ୍ୱରେ ଉକ୍ତ ଟିମ୍‌ରେ ଇନ୍ସପେକ୍ଟର ସୁରେନ୍ଦ୍ର ମିଶ୍ର, ସବ୍‌ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି ସାମିଲ ହୋଇ ଏହି ଚୋରିର ପର୍ଦ୍ଦାଫାଶ କରିବା ପାଇଁ ମିଶନ ଆରମ୍ଭ କରି ସଫଳତା ପାଇଛନ୍ତି। ଅଭିଯୁକ୍ତମାନେ ଗତ ଜୁଲାଇରେ ସାଲେପୁର ଥାନା ଅଞ୍ଚଳରୁ ନଭେମ୍ବରରେ ବୈଦେଶ୍ୱର ଥାନା ଓ ବଡ଼ମ୍ବା ଥାନା ଅଞ୍ଚଳରୁ ସମାନ ଢଙ୍ଗରେ ବ୍ୟାଙ୍କ ଫେରନ୍ତା ବ୍ୟକ୍ତିଙ୍କ ଡିକିରୁ ଟଙ୍କା ଚୋରି କରିଥିବା ଜଣାପଡ଼ିଛି। ଏହି ୪ ମାମଲାରେ ଲୁଟ୍ ହୋଇଥିବା ମୋଟ ୩ଲକ୍ଷ ୩୯ହଜାର ଟଙ୍କା ସାଲେପୁର ପୋଲିସ ଜବତ କରିଛି ବୋଲି ସାଲେପୁର ଉପଖଣ୍ଡ ଥାନା ଅଧିକାରୀ ବିରଞ୍ଚି କହିଛନ୍ତି। ଅନ୍ୟମାନଙ୍କ ମଧରେ ଏହି ଖବରଦାତା ସମ୍ମିଳନୀରେ ଆଦର୍ଶ ଥାନା ଆଇଆଇସି ସାହୁ, ଇନ୍ସପେକ୍ଟର ଶୁଭେନ୍ଦୁ ମିଶ୍ର, ସବ୍‌ଇନ୍ସପେକ୍ଟର ଶ୍ରଦ୍ଧାଞ୍ଜଳୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୧୨।୨୦୨୫

| | |
|---|---|
| ୪,୯୭,୨୭୧ ଟଙ୍କା | |
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୧୦ ଗ୍ରାମ୍ |

## ସଂକ୍ଷେପରେ

### ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଅସ୍ତରଙ୍ଗ,୬।୧୨(ମମତା ଜେନା)

ପୁରୀ ଜିଲା କାକଟପୁର ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଥିବାବେଳେ ୩ଜଣ ଗୁରୁତର ହୋଇ ଭୁବନେଶ୍ୱର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କାକଟପୁର ବସ୍‌ଷ୍ଟାଣ୍ଡ ନିକଟରେ ବଲରାରୁ କାକଟପୁର ଯାଉଥିବା ଏକ ପଲ୍‌ସର ଏବଂ କାକଟପୁରରୁ ବଲରା ଯାଉଥିବା ଗୋଟିଏ ଗ୍ଲାମର ଗାଡ଼ି ମୁହାଁମୁହିଁ ଧକ୍କା ହେବା ଫଳରେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେବା ସହିତ ୪ ଜଣ ବାଇକ ଆରୋହୀ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ କାକଟପୁର ଥାନାକୁ ଖବର ଦେବାପରେ ପୋଲିସ ପହଞ୍ଚି ଯୁବକମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭଣ୍ଡାଘର ଗ୍ରାମର ଜିଲାନି ଖାଁଙ୍କ ପୁଅ ସରାକ ଖାଁ ଓରଫ ସେରୁ (୨୯) ଙ୍କର ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ୩ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ୩ ଜଣ ଯୁବକ କଣ୍ଟାପଡ଼ା ପଞ୍ଚାୟତର ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ କାକଟପୁର ପୋଲିସ କେସ୍ ନମ୍ବର ୩୫୪/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ରୋଗର ଜ୍ୱାଳା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

ଅସ୍ତରଙ୍ଗ, ୬।୧୨(ମମତା ଜେନା)

କାକଟପୁର ଥାନା ଅଧୀନସ୍ଥ କଣ୍ଟାପଡ଼ା ପଞ୍ଚାୟତ କାଣ୍ଡିସାହି ଗ୍ରାମର ସର୍ବେଶ୍ୱର କାଣ୍ଡିଙ୍କ ପତ୍ନୀ କୌଶଲ୍ୟା କାଣ୍ଡି ଶୁକ୍ରବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସର୍ବେଶ୍ୱର ଏବଂ କୌଶଲ୍ୟାଙ୍କ ମଧ୍ୟରେ କୌଣସି ପାରିବାରିକ ବିବାଦ ନ ଥିଲା। ତେବେ କିଛି ଦିନ ହେଲା କୌଶଲ୍ୟା ଟିବି ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱାମୀ ଏବଂ ପୁଅ ବାହାରକୁ ଯାଇଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇ ଫ୍ୟାନରେ ଝୁଲି ପଡ଼ିଥିଲେ। ଖବରପାଇ କାକଟପୁର ଆଇଆଇସି ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ରମେଶ ଚନ୍ଦ୍ର ନିଶଙ୍କ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ସଂକ୍ରାନ୍ତରେ ଥାନା କେସ୍ ନମ୍ବର ୧୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି।

# ଐତିହ୍ୟ, ପରମ୍ପରାର ପ୍ରତୀକ ପଥ ଉତ୍ସବ

## ନୃତ୍ୟ ଓ ସଙ୍ଗୀତରେ ଐତିହ୍ୟସ୍ଥଳ ଦୁଲୁକିଲା

କୋଣାର୍କ,୬।୧୨(ଜ୍ୟୋତିରାଜ ମହାନ୍ତି)



ପଥୋତ୍ସବରେ ଶିଶୁମାନେ ବିଭିନ୍ନ ପ୍ରକାର ବେଶ ହୋଉଛନ୍ତି।

କୋଣାର୍କ ଉତ୍ସବକୁ ଆହୁରି ସରସ ସୁନ୍ଦର କରିବାକୁ ଚଳିତ ବର୍ଷ କରାଯାଇଛି ନୂଆ ପ୍ରୟାସ। ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବିକାଶ, କୋଣାର୍କ ପଥ ଉତ୍ସବ କମିଟି ଓ ୟୁବି ଫୁଡ ସହଯୋଗରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳ କୋଣାର୍କ ସହରର ରାଜରାସ୍ତାରେ ଭିନ୍ନ ଭିନ୍ନ ସଙ୍ଗୀତର ପରିବେଷଣ ସହ ନୃତ୍ୟଶିଳ୍ପୀ ଓ ପର୍ଯ୍ୟଟକମାନେ ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ପଲ୍ଲୀନୃତ୍ୟ ସହ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବ ମେଡିକାଲ ନିକଟ ଅର୍କ ମଣ୍ଡପରୁ ଶୁଭାରମ୍ଭ ହୋଇଥିଲା। ବିକାଶ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ତଥା ପଥ ଉତ୍ସବର ମାର୍ଗଦର୍ଶକ ଅଶୋକ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ପଥ ଉତ୍ସବ କମିଟି ଉପଦେଷ୍ଟା ରାଜକିଶୋର ମହାପାତ୍ର, ପୁରୀ ଜିଲା ଯାଦବ ସଂଘ ସଭାପତି ଗୋପାଳ ଚନ୍ଦ୍ର ବେହେରା, କୋଣାର୍କ ଏନ୍‌ଏସି ଏମ୍‌ପିଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଓ ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ପଥ ଉତ୍ସବ ଲୋଗୋ ଉନ୍ମୋଚିତ କରିବା ସହ ହଳଦିଆ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏହି ଉତ୍ସବ ମେଡ଼ିକାଲ ଛକରୁ ବାହାରି ଟୁରିଷ୍ଟ ଛକ ଓ କୋଣାର୍କ ବଜାର ପରିକ୍ରମା କରି ଅର୍କେଶ୍ୱର ମଣ୍ଡପ ଠାରେ ପହଞ୍ଚି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାସ୍ତାରେ ପ୍ରତିଯୋଗୀମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ, ସଂଗୀତ, ପାଲା ଓ ଚେତନା ଧର୍ମୀ ଐତିହ୍ୟ ଓ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମ ଭ୍ରାମ୍ୟମାଣ ପରିବେଷଣ କରିଥିଲେ। ମହୋତ୍ସବରେ ବିଭିନ୍ନ ବିଭାଗରେ ଭାଗନେଇ ନିଜର କଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ ପୂର୍ବକ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍ ଏ ଶାହା ଅନସାରୀ, ଶିଶୁ ପତ୍ରିକା ବାନରସେନାର ସମ୍ପାଦକ ପ୍ରକାଶ ଖଟୋଇ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ନାୟକ, ପ୍ରତାପ କାଣ୍ଡି, ଜ୍ଞାନ ରଞ୍ଜନ ବିଶାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଗୁରୁପଦ ବଳିଆର ସିଂ, ବାମଦେବ ଆଲୁକ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜିକା ରିତା ମିଶ୍ର, ମନୋରମା ଦାଶ, ପଦ୍ମାଳୟା ଚୌଧୁରୀ, ଜ୍ୟୋତିର୍ମୟୀ ସାହୁ, ପ୍ରତାପ ଗୋଛାୟତ ଓ କାମଦେବ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ମନମୋହୁଛି ହସ୍ତତନ୍ତ ସାମଗ୍ରୀ

କୋଣାର୍କ,୬।୧୨(ଜ୍ୟୋତିରାଜ ମହାନ୍ତି)

- ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ଦିବସ
- ଐତିହ୍ୟ ଓ ପରମ୍ପରାସମ୍ପନ୍ନ ନୃତ୍ୟରେ ଦୁଲୁକିଲା ସାଂସ୍କୃତିକ ମଞ୍ଚ
- ଫୁଡ୍ କୋର୍ଟରେ ଜମୁଛି ବେପାର

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ମାଘସପ୍ତମୀ ମେଳା ପଡ଼ିଆରେ ଗତ ୧ତାରିଖଠାରୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସପ୍ତ ଦିବସୀୟ ସୁଭଦ୍ରା ଶକ୍ତି ମେଳାର ଆଜି ଥିଲା ଷଷ୍ଠ ଦିବସ। ଚଳିତବର୍ଷ ପ୍ରଥମ ଥର ପାଇଁ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସୁଭଦ୍ରା ଶକ୍ତି ମେଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କାରିଗରଙ୍କ ନିମନ୍ତେ ନୂତନ ବଜାର ସୃଷ୍ଟି କରିବା ସହ ସେମାନଙ୍କୁ ଆତ୍ମନିଯୁକ୍ତି ଓ ଆତ୍ମନିର୍ଭରଶୀଳତା ପାଇଁ ଏକ ମାଇଲଖୁଣ୍ଟ ସଦୃଶ। ସେମାନଙ୍କର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବା ପାଇଁ ସୁଭଦ୍ରା ଶକ୍ତି ମେଳା ଏକ ଦିଗ୍‌ଦର୍ଶନ ଓ କର୍ମସଂସ୍ଥାନ ଯୋଗାଇବା ପାଇଁ ମିଶନ ଶକ୍ତି ବିଭାଗର ମାନସ ସନ୍ତାନ ଭାବେ ଅଭିହିତ କରାଯାଇପାରେ। ଷଷ୍ଠ ସନ୍ଧ୍ୟାରେ ମହିଳା ଉଦ୍ୟୋଗୀଙ୍କ କର୍ମନିଯୁକ୍ତି ଓ ସାଂସ୍କୃତିକ ପ୍ରତିଭାର ପ୍ରତିପାଦନ କରିବା ପାଇଁ ଏହା ବିଶେଷ ସହାୟକ ହୋଇପାରିଛି। ସୁଭଦ୍ରା ଶକ୍ତି ମେଳାରେ ବାରିପଦାର ମୁଢ଼ି ମାଂସ ଓ ହସ୍ତତନ୍ତ ସାମଗ୍ରୀ ଷ୍ଟଲ୍ ବିଶେଷ ଭାବେ ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ଆକର୍ଷିତ କରିପାରିଛି। ସୁଭଦ୍ରା ଶକ୍ତି ମେଳାରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ କୋଣାର୍କ ପୋଲିସ ସମେତ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।



ସୁଭଦ୍ରା ଶକ୍ତିମେଳାରେ ଲୋକଙ୍କ ଭିଡ ଜମିଛି।

# ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବା ସ୍ଥାନକୁ ଆମ୍ବେଡକର ଛକ ଘୋଷଣା କରାଗଲା



ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ପିପିଲି,୬।୧୨

(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

## ଆମ୍ବେଡକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାଳିତ

ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ୬୯ତମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସହ ମହାପରିନିର୍ବାଣ ଦିବସ ପିପିଲି ବାଇପାସସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳନ ହୋଇଯାଇଛି। ଅଲ୍ ଇଣ୍ଡିଆ ମୂଳନିବାସୀ ସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀଙ୍କ ନେତୃତ୍ୱରେ ପିପିଲି ମାଇନୋରିଟି ମୋର୍ଚ୍ଚା, ଖ୍ରୀଷ୍ଟିଆନ ମୋର୍ଚ୍ଚା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବର୍ଣ୍ଣାଢ୍ୟ ପରିବେଶରେ ଡ. ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିକୁ କ୍ଷୀର ସ୍ନାନ କରାଇବା ସହ ମାଲ୍ୟାର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଭଜମନ ବେହେରା ଯୋଗଦେଇ ଆମ୍ବେଡକରଙ୍କ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ରୋହିତ କୁମାର ସେଠୀ, ପୂର୍ବତନ ଆର୍‌ଟିଓ ଅମୀୟ ସେଠୀ, ହାଇକୋର୍ଟ ବରିଷ୍ଠ ଆଇନଜୀବୀ କବିରାଜ ପ୍ରଧାନ, ସରକାରୀ ଓକିଲ ସତ୍ୟଜିତ ପଣ୍ଡା, କଂଗ୍ରେସ ମୁଖପାତ୍ର ଅମୀୟ କୁମାର ପଣ୍ଡା, ନେତ୍ରୀ ନିରୁପମା ପାତ୍ର, ଅଲ ଇଣ୍ଡିଆ ମୂଳନିବାସୀ ସଂଘ କନ୍ଧମାଳ ଜିଲା ସଭାପତି ପ୍ରଶାନ୍ତ ପ୍ରଧାନ, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସ୍ଥାନୀୟ ଜିଲାପରିଷଦ ଧରଣୀଧର ସାହୁ, ବିଜେଡି ଯୁବ ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ପୂର୍ବତନ ଆତ୍ମା ଅଧ୍ୟକ୍ଷ ପ୍ରକାଶ ଧଳ, ପିପିଲି ବ୍ୟବସାୟୀ ସଂଘର ପୂର୍ବତନ ସମ୍ପାଦକ ପ୍ରବୀର ହାଲଦାର ପ୍ରମୁଖ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତା ହିଁ ବଳର ସାମର୍ଥ୍ୟ ସହ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାଇପାସସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନା ହୋଇଥିବା ସ୍ଥାନକୁ ଆମ୍ବେଡକର ଛକ ବୋଲି ଅତିଥିମାନେ ଘୋଷଣା କରିଥିଲେ।

## ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର

ସାକ୍ଷୀଗୋପାଳ, ୬।୧୨(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସବିଦ୍ୟାଧର ପଞ୍ଚାୟତର ପକ୍ଷୀମୁଣ୍ଡ ଗ୍ରାମର ଗଡଡ଼ ସାହିରୁ ଏକ ବିରଳ ପକ୍ଷୀ ଉଦ୍ଧାର କରାଯାଇଛି। ପକ୍ଷୀଟି ରାସ୍ତା ଉପରେ ବସିଥିବା ବେଳେ କୁକୁର ଶିକାର ଭାବି ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଖବରପାଇ ସ୍ୱେଚ୍ଛାସେବୀ ପ୍ରମୋଦ ବେହେରାଙ୍କ ସମେତ ସାଥୀମାନେ ପକ୍ଷୀଟିକୁ ସୁରକ୍ଷିତ ଉଦ୍ଧାର କରିଥିଲେ। ବନବିଭାଗର ଗୋଟିଏ ଟିମ ଘଟଣାସ୍ଥଳରେ ପହଞ୍ଚି ପକ୍ଷୀଟିକୁ ଉଦ୍ଧାର କରିଛନ୍ତି। ପକ୍ଷୀଟି ପେଚା ପରି ଦେଖାଯାଉଥିବାରୁ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା।

## ଶିଶୁ ଖାଦ୍ୟ ନିମ୍ନମାନର ଅଭିଯୋଗ ପରେ ପହଞ୍ଚିଲେ ତଦନ୍ତକାରୀ ଦଳ

କଣାସ,୬।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ୨୮ ପଞ୍ଚାୟତର ୨୮୫ଟି ଅଙ୍ଗନୱାଡି କେନ୍ଦ୍ର ଓ ଗର୍ଭବତୀଙ୍କୁ କଣାସ ବ୍ଲକ ସିରେଇ ପଞ୍ଚାୟତର ଦେଓଠିଆପଡ଼ା ଠାରେ ପ୍ରତିଷ୍ଠିତ ଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସମସ୍ତ କେନ୍ଦ୍ରକୁ ଛତୁଆ ଓ ସୁଜି ଯୋଗାଇ ଦିଆଯାଉଛି। କିଛିଦିନ ତଳେ ଛତୁଆ ନିମ୍ନମାନର ଓ ପୋକ ସାଲୁବାଲ ହେଉଥିବା ସିଡିପିଓ, ବିଡିଓ ଓ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଏକ ଦଳ ପୁରୀରୁ ଖାଦ୍ୟ ନିରୀକ୍ଷଣ ପାଇଁ ଦେଓଠିଆପଡା ଠାରେ ପହଞ୍ଚିବାପରେ କଣାସ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ମିତା ମହାନ୍ତି, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ୍, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିବେକ ଅନୁରାଗ ଛତୁଆ ପ୍ରସ୍ତୁତ କରାଯାଉଥିବା ସ୍ଥଳରେ ପହଞ୍ଚି ଛତୁଆ ପ୍ରସ୍ତୁତରେ କେଉଁ କେଉଁ ଜିନିଷ ମିଶ୍ରଣ କରାଯାଉଛି, ଚିକିନିଖି ବୁଝିବା ସହିତ ପ୍ରସ୍ତୁତ ହୋଇ ରହିଥିବା ଛତୁଆର ମାନ ପରୀକ୍ଷା ପାଇଁ କେତେକ ପରିମାଣର ଛତୁଆ ନେଇ ଲାବୋରେଟୋରୀକୁ ପଠାଇଥିବା ଜଣାପଡିଛି।

## ସେଣ୍ଟ୍ ଜାଭିୟର ହାଇସ୍କୁଲ୍‌ର ବାର୍ଷିକୋତ୍ସବ

ପିପିଲି,୬।୧୨(ଦୁର୍ଗା ମାଧବ ମିଶ୍ର)

ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ ଶନିବାର ଅଧ୍ୟକ୍ଷା ସୀମିତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ମୁଖ୍ୟବକ୍ତା ଭାବେ ସୋମନାଥ ଦେବ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବହି ଜ୍ଞାନ ସହିତ ବାହ୍ୟ ଜ୍ଞାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଙ୍କିତା ଶର୍ମା ଏବଂ ଶିକ୍ଷାବିତ୍ ଦେବବ୍ରତ ମିଶ୍ର ଯୋଗଦେଇ ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ଅତିଥିମାନେ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଅଜୟ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷା ଆଭାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ ହୋଇଥିଲା।



ବାର୍ଷିକୋତ୍ସବରେ ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## ୫୧ ସମୀକ୍ଷକଙ୍କ ଏକ ଅଧ୍ୟୟନ କ୍ଷେତ୍ର ପରିଦର୍ଶନ

ସାକ୍ଷୀଗୋପାଳ,୬।୧୨(ଭରତ ରାଉତ)

ନୂତନ ଭାବେ ନିଯୁକ୍ତି ପାଇ ରାଜ୍ୟ ଏମ୍‌ଡିଆର୍‌ଏଏଫ୍‌ଏମ୍‌ରେ ତାଲିମ ନେଉଥିବା ୫୧ ଜଣ ସମୀକ୍ଷକଙ୍କ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଏକ ଅଧ୍ୟୟନ ଓ କ୍ଷେତ୍ର ପରିଦର୍ଶନ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏମ୍‌ଡିଆରଏଏଫ୍‌ଏମ୍‌ର ଉପନିର୍ଦ୍ଦେଶକ ଚନ୍ଦନ ମଲ୍ଲିକ ଓ ପୁରୀ ଜିଲା ଲୋକାଲ୍ ଫଣ୍ଡ ଅଡିଟ କାର୍ଯ୍ୟାଳୟର ସହାୟକ ସମୀକ୍ଷା ଅଧିକାରୀ ବିଜୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ସମୟରେ ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ଉପାଦେୟ ବିବୃତ୍ତି ପ୍ରଦାନ କରିଥିଲେ। ବାଣିଜ୍ୟ ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ମହାବିଦ୍ୟାଳୟରେ ବ୍ୟବହୃତ ହେଉଥିବା ବୁକ୍‌ସ ଅଫ୍ ଆକାଉଣ୍ଟସ ଉପରେ ଏକ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।। କଲେଜର ହିସାବ ରକ୍ଷକ ମହେଶ୍ୱର ମିଶ୍ର, ମହାବିଦ୍ୟାଳୟର ହିସାବ ଖାତା ଓ ଆନୁସଙ୍ଗିକ ଦସ୍ତାବିଜ ପ୍ରଶିକ୍ଷାର୍ଥୀଙ୍କୁ ଦେଖାଇବା ସହିତ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶେଷରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଦର୍ଶନୀ ମ୍ୟାଚ୍‌ରେ ନିମାପଡ଼ାକୁ ହରାଇ କିଶୋର ଏକାଡେମୀ ବିଜୟୀ

ନିମାପଡ଼ା, ୬।୧୨(ବିଚିତ୍ରାନନ୍ଦ ସାହୁ)

## ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ୍ କ୍ରିକେଟ

ନିମାପଡ଼ା ଏସ୍. ପି. ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା କପ୍ ଓ ପଞ୍ଚମ ଟୁବୁଲି ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଶନିବାର ଏକ ଟି-ଟ୍ୱେଣ୍ଟି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ନିମାପଡ଼ା ସ୍ପୋର୍ଟ୍ସ ଏକାଡେମୀକୁ ୬୨ ରନ୍‌ରେ ପରାସ୍ତ କରି ଭୁବନେଶ୍ୱର କିଶୋର ଏକାଡେମୀ ବିଜୟ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର କିଶୋର ଏକାଡେମୀ ନିର୍ଦ୍ଧାରିତ ୨୦ଓଭର ମ୍ୟାଚ୍‌ରେ ୮ ଟି ଉଇକେଟ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କୃଷ୍ଣଚନ୍ଦ୍ର ମହାନ୍ତି ସର୍ବାଧିକ ୩୯ ରନ୍, ସୁମିତ ନନ୍ଦନ ମହାନ୍ତି ୩୦ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷେ ନିମାପଡ଼ା ସ୍ପୋର୍ଟ୍ସ ଏକାଡେମୀର ବୋଲର ସୌମ୍ୟ ଶେଖର ମହାନ୍ତି ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂକରି ନିମାପଡ଼ା ସ୍ପୋର୍ଟ୍ସ ଏକାଡେମୀ ୨୦ଓଭର ମ୍ୟାଚ୍‌ରେ ୭ଟି ଉଇକେଟ ହରାଇ ମାତ୍ର ୧୧୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଅମ୍ପାୟର ଭାବେ ଆନନ୍ଦ କୁମାର ମଲ୍ଲିକ ଓ ଚିନ୍ମୟ ଦାସ ମ୍ୟାଚ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଅତିଥି ଭାବେ ବରିଷ୍ଠ ଭାଜପା ନେତା ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ମନୋରଞ୍ଜନ ରଥ, ସାମାଜିକକର୍ମୀ ଜୟନ୍ତ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ସହ ହାତମିଳାଇ ପରିଚିତ ହୋଇଥିଲେ।



ଅତିଥିଙ୍କ ଗହଣରେ ୨ଦଳର ଖେଳାଳି ବୃନ୍ଦ।

# ପ୍ରଭାବିତ ଲୋକଙ୍କ ଅଭିଯୋଗ ପୁନଃ ବିଚାର କରାଯିବ

ସାକ୍ଷୀଗୋପାଳ,୬।୧୨

(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

## ପୁନର୍ବାସ ଓ ଥଇଥାନ ପ୍ୟାକେଜ୍‌କୁ ପୁନଃ ବିଚାର କରାଯିବାକୁ ଅନୁରୋଧ

ସାକ୍ଷୀଗୋପାଳ ରେଲ୍‌ୱେ ଓଭର ବ୍ରିଜ୍ ନିର୍ମାଣ ପାଇଁ ନଭେମ୍ବରରେ ପୁରୀ ଉପଜିଲାପାଳ ତଥା ଉକ୍ତ ପ୍ରକଳ୍ପର ସ୍ୱତନ୍ତ୍ର ଅଧିକାରୀ ରାଜକିଶୋର ଜେନାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜମି ଅଧିଗ୍ରହଣ ଓ ଥଇଥାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରକାଶିତ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଥିବା ସରକାରୀ ପ୍ୟାକେଜ ଅତି ନିମ୍ନମାନର ବୋଲି ଅଭିଯୋଗ କରିବା ସହ ଏହି ପ୍ୟାକେଜରେ ଧାର୍ଯ୍ୟ ଦରକୁ ପୁନଃବିଚାର କରି ଏହାକୁ ବୃଦ୍ଧି କରିବା ପାଇଁ ଅନେକ ଜମି ମାଲିକ ଓ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି।

ପୁନର୍ବାସ ଏବଂ ଥଇଥାନ ପ୍ୟାକେଜ୍ ଅନୁଯାୟୀ, ପ୍ରକଳ୍ପ ନିମନ୍ତେ ଯେଉଁ ବ୍ୟକ୍ତିଙ୍କର ଜମି କିମ୍ବା ଗୃହ ସମ୍ପୂର୍ଣ୍ଣ ନଚେତ ଆଂଶିକ ଭାବେ ସରକାରଙ୍କ ପକ୍ଷରୁ ଅଧିଗ୍ରହଣ କରିବା ପାଇଁ ସ୍ଥିର କରାଯାଇଛି। ଧାର୍ଯ୍ୟ କରାଯାଇଥିବା ସରକାରୀ ମୂଲ୍ୟ ଏବେକା ଜମିର ମୂଲ୍ୟ ଠାରୁ ବହୁତ କମ ରହିଛି। ବେସରକାରୀ ଭାବେ ଏଠାରେ ରାସ୍ତା ପାର୍ଶ୍ୱ ତଥା ବଜାର ଅଞ୍ଚଳ ଜମି ଅନ୍ୟୁନ ୨୦ ଲକ୍ଷରୁ ଅଧିକ ଟଙ୍କାରେ କିଣାବିକା ହେଉଥିବା ବେଳେ ସରକାରଙ୍କୁ ଟିକସ ଫାଙ୍କିବା ନିମନ୍ତେ ବହୁତ କମ୍ ମୂଲ୍ୟରେ ଜମି ରେଜିଷ୍ଟ୍ରେସନ କରାଯାଉଛି। ଏହାର ପ୍ରତିଫଳନ ପ୍ରଭାବିତ ଲୋକଙ୍କ ଉପରେ ପଡୁଛି ବୋଲି ଅଭିଯୋଗ କରିଥିଲେ। ଉପଜିଲାପାଳ ତଥା ଜମି ଅଧିଗ୍ରହଣ ଅଧିକାରୀଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଏକକାଳୀନ ଥଇଥାନ ରାଶିକୁ ବୃଦ୍ଧି କରାଯିବା ସହ ସମ୍ପୂର୍ଣ୍ଣ ବିସ୍ଥାପିତ ହେଉଥିବା ବ୍ୟକ୍ତିଙ୍କ ଭଳି ଆଂଶିକ ବିସ୍ଥାପିତ ବ୍ୟକ୍ତିଙ୍କୁ ନୂତନ ଗୃହ ନିର୍ମାଣ ନିମନ୍ତେ ଦିଆଯାଉଥିବା ପ୍ୟାକେଜ୍‌ର ପୁନଃ ବିଚାର କରାଯାଇ ଏହାକୁ ବୃଦ୍ଧି କରାଯିବା ପାଇଁ ପ୍ରକଳ୍ପ ଅଧିକାରୀ ରାଜକିଶୋର ଜେନାଙ୍କ ନିକଟରେ ପ୍ରଭାବିତ ବ୍ୟବସାୟୀ ବାଉରୀବନ୍ଧୁ ସ୍ୱାଇଁ ଅଭିଯୋଗ କରିବା ସହ ଅନୁରୋଧ କରିଛନ୍ତି।

ଭଡ଼ାସୂତରେ ଔଷଧ ଦୋକାନ କରିଥିବା ବ୍ୟବସାୟୀ ଅମୀୟ କୁମାର ସ୍ୱାଇଁ କହିଛନ୍ତି, ଋଣ କରି ଏକ ଔଷଧ ଦୋକାନ କରିଛି। ଉକ୍ତ ଦୋକାନ ଦ୍ୱାରା ସେଥିରେ ନିଜ ପରିବାରର ୭ରୁ ୮ ଜଣଙ୍କୁ ଭରଣପୋଷଣ କରୁଥିବା ବେଳେ ଦୋକାନରେ କାର୍ଯ୍ୟ କରୁଥିବା ୬ ଜଣ କର୍ମଚାରୀ ମଧ୍ୟ ସେମାନଙ୍କ ପରିବାର ଲୋକଙ୍କୁ ଭରଣ ପୋଷଣ କରୁଛନ୍ତି। ତେଣୁ ଉକ୍ତ ପ୍ରକଳ୍ପ ନିର୍ମାଣରେ ଦୋକାନ ଭାଙ୍ଗିଗଲେ ମୋର ଯେଉଁ କ୍ଷତି ହେବ ସେଥିରେ ବ୍ୟାଙ୍କ ଋଣ କିଭଳି ପରିଶୋଧ କରିବି। ଏହାଛଡ଼ା ମୋ ପରିବାର ସହିତ ଦୋକାନରେ କାମ କରୁଥିବା କର୍ମଚାରୀଙ୍କ ଅବସ୍ଥା କ'ଣ ହେବ ତାହା ମୋତେ ପ୍ରତ୍ୟେକ ସମୟରେ ବିଚଳିତ କରିଦେଉଛି। ତେବେ ଉକ୍ତ ପ୍ରକଳ୍ପ ଅଧିକାରୀ ତଥା ଉପଜିଲାପାଳ ରାଜକିଶୋର ଜେନା କହିଛନ୍ତି, ଏଭଳି ଅଭିଯୋଗ ଆମର ହସ୍ତଗତ ହୋଇଛି। ଆସିଥିବା ଅଭିଯୋଗଗୁଡ଼ିକ ଉପରେ ଯଥାଶୀଘ୍ର ପୁନଃବିଚାର କରାଯିବ।

# ଅଲ୍ଟ୍ରାସାଉଣ୍ଡ ମେଶିନ, ଗୃହ ସିଲ୍

ଖୋର୍ଦ୍ଧା,୬।୧୨(ପ୍ରଭାତ ପାଣିଗ୍ରାହୀ)


ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

■ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଘରୋଇ ହସ୍ପିଟାଲରେ ଚଢ଼ାଉ
■ ବିନା ଯୋଗ୍ୟତାଧାରୀ କର୍ମଚାରୀ କରୁଥିଲେ ଅଲ୍ଟ୍ରାସାଉଣ୍ଡ

ଖୋର୍ଦ୍ଧା ମେଡିକାଲ ରୋଡ୍‌ରେ ଥିବା ଏକ ଘରୋଇ ହସ୍ପିଟାଲରେ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅଲ୍ଟ୍ରାସାଉଣ୍ଡ ମେଶିନ ଏବଂ ଗୃହ ସିଲ୍ କରାଯାଇଛି। ଏଠାରେ ବେଆଇନ ଭାବେ ଅଲ୍ଟ୍ରାସାଉଣ୍ଡ କରାଯାଉଥିବା ବେଳେ ବିନା ଯୋଗ୍ୟତାଧାରୀ କର୍ମଚାରୀଙ୍କ ଦ୍ୱାରା ଅଲ୍ଟ୍ରାସାଉଣ୍ଡ କରାଯାଉଥିବା ଜଣାପଡ଼ିଛି। ତେବେ ଆଇନ ଅନୁଯାୟୀ ଉକ୍ତ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିପିଏନ୍‌ଡିଟି ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଭିଜିତ୍ କୁଅଁର କହିଛନ୍ତି।

ସୂଚନା ମୁତାବକ, ଏହି ହସ୍ପିଟାଲରେ ବେଆଇନ ଭାବେ ଅଲ୍ଟ୍ରାସାଉଣ୍ଡ କରାଯାଉଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଏକ ଟିମ୍ ଉକ୍ତ ହସ୍ପିଟାଲରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିଲା। ତେବେ ଯାଞ୍ଚ ସମୟରେ ଉକ୍ତ ହସ୍ପିଟାଲ ଅଲ୍ଟ୍ରାସାଉଣ୍ଡ ସଂକ୍ରାନ୍ତ କୌଣସି ଠିକ୍ କାଗଜପତ୍ର ଦେଇପାରି ନ ଥିଲା। ଅଲ୍ଟ୍ରାସାଉଣ୍ଡ କରାଯାଉଥିବା ମହିଳାଙ୍କ ରାଜିନାମାପତ୍ର ନ ରଖିବା ତଥା ନିୟମ ଉଲ୍ଲଂଘନ କରାଯାଉଥିବା ଟିମ୍ ଯାଞ୍ଚ ବେଳେ ଜାଣିବାକୁ ପାଇଥିଲା। ଏପରିକି ଜଣେ ଅବସରପ୍ରାପ୍ତ ଡାକ୍ତର ଅଲ୍ଟ୍ରାସାଉଣ୍ଡ ଦାୟିତ୍ୱରେ ରହିଥିବା ବେଳେ ସେ ଏ ସଂକ୍ରାନ୍ତରେ କିଛି ଜାଣି ନ ଥିବା ଏବଂ ବିନା ଯୋଗ୍ୟତାଧାରୀ କର୍ମଚାରୀଙ୍କ ଦ୍ୱାରା ଅଲ୍ଟ୍ରାସାଉଣ୍ଡ କରାଯାଉଥିବା ଟିମ୍ ଯାଞ୍ଚ ସମୟରେ ଜାଣିବା ପରେ ଉକ୍ତ ମେଶିନ ଏବଂ ଗୃହକୁ ସିଲ୍ କରିଛି। ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପିସିପିଏନ୍‌ଡିଟି ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର କୁଅଁରଙ୍କ ନେତୃତ୍ୱରେ ବିଭାଗର ୪ ସଦସ୍ୟ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡାକ୍ତର ପ୍ରଦୀପ ସାହୁ, ଜିଲା ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ୍ ଭାବେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ନନ୍ଦ ଏବଂ ଅନ୍ୟ ଟିମ୍ ସଦସ୍ୟ, ଆଦର୍ଶ ଥାନା ପୋଲିସ ସାମିଲ ଥିଲେ।

ଏନେଇ ଡା. କୁଅଁର କହିଛନ୍ତି, ପିସିପିଏନ୍‌ଡିଟି ର ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ରହିଛି। ଅଲ୍ଟ୍ରାସାଉଣ୍ଡ କରିବା ପୂର୍ବରୁ ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ଶନ, ପଞ୍ଜୀକରଣ, ଘୋଷଣାପତ୍ର ଦସ୍ତଖତ ଜରୁରୀ। ଏହାକୁ ଅନ୍‌ଲାଇନରେ ବିଭାଗୀୟ ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ତେବେ ଉକ୍ତ ହସ୍ପିଟାଲ ପକ୍ଷରୁ କୌଣସି ଗାଇଡ୍‌ଲାଇନ୍ ପାଳନ କରାଯାଉନାହିଁ। ୨୦୧୨ ମସିହା ପୂର୍ବ ଫର୍ମରେ ଅଲ୍ଟ୍ରାସାଉଣ୍ଡ କରାଯାଉଛି। ଏବେ ୨୦୧୩ ଏହାର ନୂତନ ଫର୍ମାଟ୍ ଆସିଯାଇଛି। ତେବେ ସେହି ପୁରୁଣା ଫର୍ମାଟ୍‌ରେ କରାଯାଉଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ଅଲ୍ଟ୍ରାସାଉଣ୍ଡ କରିବା ପାଇଁ କୌଣସି ପ୍ରମାଣପତ୍ର ନ ଥିବା ବିନା ଯୋଗ୍ୟତାଧାରୀଙ୍କ ଦ୍ୱାରା ଅଲ୍ଟ୍ରାସାଉଣ୍ଡ କରିବା ଦଣ୍ଡନୀୟ ଅପରାଧ ବୋଲି ଡାକ୍ତର କୁଅଁର କହିଛନ୍ତି। ଟିମ୍ ହାତରେ ଯଥେଷ୍ଟ ପ୍ରମାଣ ଲାଗିଛି। ଏହି ହସ୍ପିଟାଲ ଜଣେ ମହିଳା ଓ ପୁରୁଷ ଯୁଗ୍ମ ଭାବେ ଚଳାଉଥିଲେ। ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଗକୁ ଏହି ଅଭିଯାନ ଜୋର୍‌ଦାର କରାଯିବ। ଅଭିଯୋଗ ଆସିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡାକ୍ତର ପ୍ରଦୀପ ସାହୁ କୁହନ୍ତି, ଖୋର୍ଦ୍ଧା ଜିଲାରେ ଭୁବନେଶ୍ୱରକୁ ମିଶାଇ ୪୩୨ଟି ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟର, ହସ୍ପିଟାଲ, କ୍ଲିନିକ୍‌କୁ ଅଲ୍ଟ୍ରାସାଉଣ୍ଡ ପାଇଁ ଅନୁମତି ଦିଆଯାଇଛି। କେବଳ ଭୁବନେଶ୍ୱରରେ ୨ଶହରୁ ଊର୍ଦ୍ଧ୍ୱ ସଂସ୍ଥାକୁ ଅନୁମତି ମିଳିଛି। କୌଣସି ଘରୋଇ ଡାଇଗ୍ନୋଷ୍ଟିକ୍ ସେଣ୍ଟର କ୍ଲିନିକ୍, ହସ୍ପିଟାଲରେ ବେଆଇନ ଭାବେ ଅଲ୍ଟ୍ରାସାଉଣ୍ଡ କରାଯାଉଥିବା ଅଭିଯୋଗ ଆସିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ରଙ୍ଗନାଥ ମନ୍ଦିର କାର୍ଯ୍ୟାଳୟରୁ ଚୋରି ଘଟଣାରେ ୩ ଗିରଫ

ବାଣପୁର,୬।୧୨(ଦିଲୀପ କୁମାର ସ୍ୱାଇଁ)

ରୁପା ଅଳଙ୍କାର, ୧୫୦୦ ଟଙ୍କା ଜବତ



ବାଣପୁର ଅଞ୍ଚଳର ଆରାଧ୍ୟ ରଙ୍ଗନାଥ ଦେବଙ୍କ ମନ୍ଦିର ପରିସର କାର୍ଯ୍ୟାଳୟରୁ ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫକରି ଶନିବାର କୋର୍ଟଚାଲଣ କରିଛି। ଅଭିଯୁକ୍ତମାନେ ହେଲେ ଶ୍ରୀନିବାସପୁର ଗ୍ରାମର ସୁଶାନ୍ତ ସାମଲ, ବଳରାମ ସାସ୍ମଲ ଏବଂ ଅଚ୍ୟୁତରାଜପୁରର ଅମ୍ବିକା ହୋତା। ଏମାନଙ୍କଠାରୁ ରୁପା ଅଳଙ୍କାର ସହ ୧୫୦୦ ଟଙ୍କା ଜବତ ହୋଇଛି। ଅଭିଯୋଗ ମୁତାବକ, ଗୁରୁବାର ବିଳମ୍ବିତ ରାତିରେ ମନ୍ଦିର ପରିସର କାର୍ଯ୍ୟାଳୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଠାକୁରଙ୍କ ସୁନାରୁପା ଅଳଙ୍କାର ସହିତ ଟଙ୍କା ଚୋରିକରି ନେଇଯାଇଥିଲେ। ଏନେଇ ମନ୍ଦିର ପରିଚାଳନା କମିଟି ସଭାପତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଉପରୋକ୍ତ ଅଭିଯୁକ୍ତମାନେ ଗୁରୁବାର ରାତିରେ ମନ୍ଦିର ନିକଟରେ ବୁଲାବୁଲି କରୁଥିବା ସିସିଟିଭି ଫୁଟେଜରୁ ପୋଲିସ ଦେଖିବାକୁ ପାଇଥିଲା। ଶୁକ୍ରବାର ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ସୂଚନା ଆଧାରରେ ପୋଲିସ ଚୋରି ହୋଇଥିବା ରୁପା ଅଣ୍ଟାପାତି, ରୁପା ମାଳି, ମହାଲକ୍ଷ୍ମୀଙ୍କ ଏକ ପିତ୍ତଳ ପ୍ରତିମୂର୍ତ୍ତି ସମେତ ୧୫୦୦ଟଙ୍କା ଜବତ କରିଥିଲା। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ତମାଖୁ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୬।୧୨(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତମାଖୁମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସ ଡାକ୍ତର ରଚିତା ବାଳକ୍ରିଷ୍ଣ, ଆୟୁଷ ଡାକ୍ତର କବିତା ସାହୁ, ବ୍ଲକ ସ୍ୱାସ୍ଥ୍ୟ ପ୍ରଶିକ୍ଷିକା ଝୁମାରାଣୀ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ନିଶା ସେବନର କୁପରିଣାମ ତଥା ଯୁବସମାଜ ପଥଭ୍ରଷ୍ଟ, ପାରିବାରିକ ହିଂସା ବୃଦ୍ଧି, ସମାଜରେ ଅରାଜକତା ବୃଦ୍ଧି ପାଇଚାଲିଛି। ତେଣୁ ତମାଖୁମୁକ୍ତ କରିବା ପାଇଁ ଛାତ୍ରୀମାନେ ପରିବାରରେ ପ୍ରମୁଖ ଭୂମିକା ନେବାକୁ ପରାମର୍ଶ ଦେଇଥିଲେ। ଏପରିକି ନିଶାସେବନ ଦ୍ୱାରା ଜନ୍ମିତ ଶିଶୁ ବିକଳାଙ୍ଗ ହେବାର ସମ୍ଭାବନା ଥାଏ, ତେଣୁ ସମସ୍ତ ମହିଳା ନିଶାଠାରୁ ଦୂରେଇ ରହିବା ସହ ପରିବାରର ପୁରୁଷ ସଦସ୍ୟଙ୍କୁ ବାରଣ କରିବା ପାଇଁ ସଚେତନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# 'ଜୟୀ ରାଜଗୁରୁଙ୍କ ସଂଗ୍ରାମ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ'

ଖୋର୍ଦ୍ଧା,୬।୧୨(ପ୍ରଭାତ ପାଣିଗ୍ରାହୀ)

ଗବେଷଣାତ୍ମକ ଜର୍ଣ୍ଣାଲ ତ୍ରିକଳିଙ୍ଗ ଏବଂ ଖୋର୍ଦ୍ଧା ଐତିହାସିକ ସମାଜର ମିଳିତ ଉଦ୍ୟମରେ ସ୍ଥାନୀୟ ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଶନିବାର ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ସମାରୋହ ପାଳିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରରେ କଳାବିନୋଦ ଚେତନା ପରିଷଦର ଖୋର୍ଦ୍ଧା ଜିଲା ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ଏବଂ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ମୌସୁମୀ ପଟେଲ ଯୋଗଦେଇଥିଲେ। ତ୍ରିକଳିଙ୍ଗ ପ୍ରତିଷ୍ଠାତା ସମ୍ବିତ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଡ.ସୁରେଶ ଛୋଟରାୟ, ଜ୍ଞାନ ରଞ୍ଜନ ଦାସ, କବି ଗୋବିନ୍ଦ ମହାରଣା, ଜୟନ୍ତ ମହାନ୍ତି, ମମତା ସାହୁ, କବୟିତ୍ରୀ କବିତା ପଟ୍ଟନାୟକ, ସମାଜସେବୀ ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଭାରତୀୟ ମୁକ୍ତି ଆନ୍ଦୋଳନର ପ୍ରଥମ ଶହୀଦ ଜୟୀ ରାଜଗୁରୁ ଥିଲେ ଏକ ଜ୍ୱଳନ୍ତ ଆଗ୍ନେୟଗିରି। ସେ ଥିଲେ ସାଲିସ ବିହୀନ କ୍ରାନ୍ତିକାରୀ। ରାଜ୍ୟର ସାର୍ବଭୌମତ୍ୱ, ଶ୍ରୀଜଗନ୍ନାଥଙ୍କ ସମ୍ମାନ ଏବଂ ଓଡ଼ିଆ ଜାତିର ଅସ୍ମିତା ରକ୍ଷା କରିବା ପାଇଁ ଔପନିବେଶିକ ଶକ୍ତି ବିରୋଧରେ ୧୮୦୩ ମସିହାର ତାଙ୍କର ସଶସ୍ତ୍ର ସଂଗ୍ରାମ ୧୮୧୭ ମସିହା ପାଇକ ବିଦ୍ରୋହ ପାଇଁ, ସୃଷ୍ଟି କରିଥିଲା ଏକ ଅଗ୍ନୀ ସ୍ଫୁଲିଙ୍ଗ। ଗଜପତିଙ୍କ ସ୍ୱାର୍ଥ ସମ୍ମାନ ଏବଂ ଭୂଲୁଣ୍ଠିତ ଓଡିଆ ଜାତିର ଆତ୍ମସମ୍ମାନକୁ ସୁରକ୍ଷା ଦେବା ପାଇଁ ସେ ପ୍ରାଣବଳି ଦେଇଥିଲେ ମଧ୍ୟ ଇଂରେଜର ଦମନ ନୀତି ଆଗରେ ମଥାନତ କରି ନ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ନୀଳାଦ୍ରି ଜଗଦେବ ଏବଂ ବିକ୍ରମ ଚମ୍ପତିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଡ.ବୃନ୍ଦାବନ ପଣ୍ଡା, ଚପଳା ପଣ୍ଡା, କୈଳାସ ପୃଷ୍ଟି, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଗାୟତ୍ରୀ ବୋଷ ଧନ୍ୟବାଦ ଦେଇଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ସମାରୋହ


ସମାରୋହରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଜଟଣୀ,୬।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ନିରଞ୍ଜନପୁର ଗ୍ରାମସ୍ଥିତ ରଘୁନାଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହରିଶ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅଲ୍ ଓଡ଼ିଶା ଅଫିସର୍ସ ଆସୋସିଏଶନର ସଙ୍ଗଠନ ସମ୍ପାଦକ ନଗେନ ପ୍ରଧାନ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାଗୀରଥି ବେହେରା, ମୋ ସ୍କୁଲ ସଭାପତି ନାରାୟଣ ବେହେରା, ପରିଚାଳନା କମିଟି ସଦସ୍ୟ ବିରଞ୍ଚି ବେହେରା, ଉଲ୍ଲାସ ପ୍ରଧାନ, ସମିତି ସଭ୍ୟ ଭୀମସେନ ଭୁଜବଳ, କୃଷ୍ଣଚନ୍ଦ୍ର ମତଗଜସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳିକା ସିନିୟରରେ ମୌସୁମୀ ସୁନ୍ଦରାୟ ଚାମ୍ପିୟନ ହୋଇଥିବା ବେଳେ ବାଳିକା ଜୁନିୟରରେ ରାନୀ ବେହେରା ଏବଂ ନିକିତା ସୁବଳ ଚାମ୍ପିୟନ ହୋଇଥିଲେ। ସେହିପରି ବାଳକ ସିନିୟରରେ ରାହୁଲ ବେହେରା ଚାମ୍ପିୟନ ଏବଂ ଜୁନିୟରରେ ସୋମ୍‌ପ୍ରକାଶ ଜେନା ଚାମ୍ପିୟନ ହୋଇଥିଲେ। କିଶୋର ସୁବୁଦ୍ଧି, ଚିତ୍ତରଞ୍ଜନ ସାହୁ, ବିପିନ ଦାସ, ଗଣେଶ ବେହେରା, ସାବିତ୍ରୀ ମିଶ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନରେନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ୧୩ରୁ କେଡିଏସଏ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଖୋର୍ଦ୍ଧା,୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଷ୍ଟାଡିୟମଠାରେ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପୁରୁଷ ମହିଳା, ବାଳକ ଓ ବାଳିକା ବର୍ଗରେ ୨୩, ୨୦, ୧୮,୧୬ ଓ ୧୪ ବର୍ଷରୁ କମବର୍ଗରେ ଖେଳକୁଦ ଆୟୋଜିତ ହେବ। ଏଥିରୁ ଖେଳାଳିଙ୍କ ପ୍ରଦର୍ଶନକୁ ଆଧାର କରି ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକ ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ଲାଗି ଜିଲା ଖେଳାଳି ମନୋନୟନ କରାଯିବ। ବୟସ ପ୍ରମାଣପତ୍ର ଭାବେ ଆଧାରକାର୍ଡ, ସ୍କୁଲ ସାର୍ଟିଫିକେଟ ଓ ଜନ୍ମ ପ୍ରମାଣପତ୍ର ଗ୍ରହଣ କରାଯିବ। ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଆସୋସିଏଶନ ସହ ଏହ ଅନୁବନ୍ଧିତ ଅନୁଷ୍ଠାନ ଓ କ୍ଲବର କ୍ରୀଡ଼ାବିତ୍‌ମାନେ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି।

# 'ରାଧାନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'


ଡ.ରାଧାନାଥ ରଥଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୬।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ପକ୍ଷରୁ ଶନିବାର ସ୍ୱାଧୀନତା ସଂଗ୍ରାମୀ ଡ.ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦର ଉପସଭାପତି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଡ.ରଥଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ କରିଥିବା ବେଳେ ମାନସୀ ଦାସ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ଦୀନବନ୍ଧୁ ଦାଶ, ପୂର୍ବତନ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ବିଜୟ ପ୍ରଧାନ, ଅଶ୍ୱିନୀ ପଟ୍ଟନାୟକ, ଭାଗବତ ମହାପାତ୍ର, ବିଶ୍ୱନାଥ ସାହୁ, କୈଳାସ ଚନ୍ଦ୍ର ସାହୁ, ସବିତା ରାୟ, ରାଜକିଶୋର ସାହୁ, ବିଭୁ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଧାନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡ.ରଥଙ୍କ ରାଜନୀତି, ସମାଜ କଲ୍ୟାଣ ତଥା ସାମ୍ବାଦିକତା କ୍ଷେତ୍ରରେ ରଖିଯାଇଥିବା ଅନନ୍ୟ ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ। ସଂସଦର ସଭ୍ୟ ସରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ : ଘାଟିକିଆ, କାଇପଦର ବିଜୟୀ

ଖୋର୍ଦ୍ଧା,୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅଧୀନ କୁରାଡ଼ମଲ୍ଲ ଠାରେ ମା'ବାଉତୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଘାଟିକିଆ ଭୁବନେଶ୍ୱର ଏବଂ ପଳାସପୁର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଘାଟିକିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୫ଉଇକେଟ ବିନିମୟରେ ୧୪୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବୁଦ୍ଧେଶ୍ୱର ମାଝୀ ୩୪ ଏବଂ ପ୍ରଭାତ ପ୍ରଧାନ ୩୪ରନ କରିଥିଲେ। ଜବାବରେ ପଳାସପୁର ଟିମ୍ ୧୨ଓଭରରେ ୫ଉଇକେଟ ବିନିମୟରେ ୧୩୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ୬୦ ରନ କରିଥିଲେ। ଫଳରେ ୧୧ ରନରେ ଘାଟିକିଆ ଟିମ୍ ବିଜୟୀ ହୋଇଥିଲା। ପ୍ରଭାତ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କାଇପଦର ଏବଂ ଅଠାରଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ଉଇକେଟ ବିନିମୟରେ ୧୫୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଜତ ସାମନ୍ତରାୟ ୬୪ରନ କରିଥିଲେ। ଜବାବରେ ଅଠାରଙ୍ଗ ଟିମ୍ ୫ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ କାଇପଦର ଟିମ୍ ୧୮ ରନରେ ବିଜୟୀ ହୋଇଥିଲା। ରଜତ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ସତ୍ୟପ୍ରିୟ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଲକ୍ଷ୍ମୀ ନାରାୟଣ ଜେନା ସ୍କୋରର ଏବଂ ଶଶୀଭୂଷଣ ସିଂହ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। କମଳ କୁମାର ଜଗଦେବ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଦେଉଳଟାଙ୍ଗୀ ଏବଂ ପାନବରଜ, କୁରାଡ଼ମଲ୍ଲ ଏବଂ ମେଣ୍ଟାଶାଳ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ତିରୁପତି ସାମନ୍ତରାୟ କହିଛନ୍ତି।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ପାଇଁ ବୈଠକ

ଖୋର୍ଦ୍ଧା,୬।୧୨(ପ୍ରଭାତ ପାଣିଗ୍ରାହୀ)


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଜିଲା ପ୍ରଶାସନ ସହ ଆଲୋଚନା କଲେ ଅତିରିକ୍ତ ଶାସନ ସଚିବ

ରାଜ୍ୟର ପ୍ରତି ଜିଲାରେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଆୟୋଜନ କରାଯିବ। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଓସୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଆତ୍ମନିର୍ଭର ସ୍ୱଦେଶୀ ମେଳାର ଅଭିଯାନ ଓ ମେଳା ଆୟୋଜନ ସମ୍ବନ୍ଧରେ ପ୍ରମୁଖ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଜିଲାପାଳ ଏବଂ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱଦେଶୀ ମେଳା ଓଡ଼ିଆ ଅସ୍ମିତା ଉଜ୍ଜୀବିତ କରିବା, ବୟନ, ହସ୍ତତନ୍ତ, ହସ୍ତ ଶିଳ୍ପ, ଅନୁସୂଚିତ ଜନଜାତିଙ୍କ ଟେରାକୋଟା ନିପୁଣ କାରିଗରୀ କୌଶଳକୁ ପ୍ରୋତ୍ସାହନ ଦେବା, ଜିଲାର ପାରମ୍ପରିକ କଳାକୁ ପ୍ରାଧାନ ଦେବା, ପାରମ୍ପରିକ କୃଷି, ମତ୍ସ୍ୟ ଚାଷ, ଗୋପାଳନ, ଉତ୍ପାଦ ଦ୍ରବ୍ୟ ବିପଣନ ବଜାର କାରବାରର ଅପୂର୍ବ ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଶାସନ ସଚିବ ଗର୍ଗ ପ୍ରକାଶ କରିଥିଲେ। ଜିଲାରେ ଏହି ସ୍ୱଦେଶୀ ମେଳା ୫ରୁ ୬ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟରେ ଗ୍ରାମୀଣ ଏବଂ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦେବା, ପ୍ରଦର୍ଶନୀ କରି ବ୍ୟାପକ ପ୍ରଚାର ପ୍ରସାର କରାଯିବ। ସେହିପରି ଓଡ଼ିଶାର ସଂସ୍କୃତି ଓ ପରମ୍ପରା, ପର୍ଯ୍ୟଟନ, ଐତିହ୍ୟର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଗୁଡ଼ିକ ଉତ୍ପାଦ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ, ପାରମ୍ପରିକ ଜୈବିକ କୃଷି ଆଧୁନିକ ପଦ୍ଧତିରେ ଯନ୍ତ୍ରପାତି ବ୍ୟବହାର କରିବା ମତ୍ସ୍ୟ ଓ ପଶୁପାଳନ ଚାଷ, ମେଳାର ସୁରକ୍ଷା ଓ ନିରାପତ୍ତା ଦିଗରେ ଯଥା ଅଗ୍ନିଶମ ସେବା, ପାନୀୟ ଜଳ, ପରିମଳ ସମସ୍ତ ପ୍ରକାର ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଆଦି ସେବା ପ୍ରଦାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । କ୍ରୀଡ଼ାର ପ୍ରଚାର ପ୍ରସାର ନିମନ୍ତେ ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା ସହ ବିଭିନ୍ନ ପ୍ରତିଯୋଗିତା କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା, ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ସାଧାରଣ ପରିଚାଳିକା ଜିଲା ଶିଳ୍ପ କେନ୍ଦ୍ରର ସମୁଚିତା ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଦାବି ପୂରଣ ନ ହେଲେ ଯୁକ୍ତ ୨ ପରୀକ୍ଷା ବର୍ଜନ

## ଆନ୍ଦୋଳନରେ ରାଜ୍ୟ ଏସ୍ଏସ୍ବି ଅଧ୍ୟାପିକା ଅଧ୍ୟାପକ




ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଏସ୍ଏସ୍ବି ଅଧ୍ୟାପିକାଅଧ୍ୟାପକମାନେ ଧାରଣାରେ ବସିଛନ୍ତି।

ଭୁବନେଶ୍ୱର,୬।୧୨(ସୁଚିସ୍ମିତା ସାହୁ)

୭ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଲେ ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍ଏସ୍ବି) ଅଧ୍ୟାପିକା ଅଧ୍ୟାପକ। ସମାନ କାର୍ଯ୍ୟ ପାଇଁ ସମାନ ଦରମା ଦେବାକୁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରୁଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟ ସରକାରଙ୍କ ଏଭଳି ମନୋଭାବକୁ ନେଇ ଓଡ଼ିଶା ଏସ୍ଏସ୍ବି ଅଧ୍ୟାପିକାଅଧ୍ୟାପକ ସଂଘ (ଓସଲା) ପକ୍ଷରୁ ଶନିବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଓସଲାର କାର୍ଯ୍ୟକାରୀ ସଭାପତି ମାନସ କୁମାର ସାହୁ କହିଛନ୍ତି, ଏସ୍ଏସ୍ବି ଅଧ୍ୟାପିକାଅଧ୍ୟାପକମାନେ କଲେଜରେ ଅଧ୍ୟାପନ କରୁଥିଲେ ମଧ୍ୟ ହାଇସ୍କୁଲ ଶିକ୍ଷକଙ୍କ ଭଳି ଦରମା ପାଉଛନ୍ତି। ସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଭଳି ସମାନ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ ପ୍ରାଧ୍ୟାପକର ମାନ୍ୟତା ମିଳୁନାହିଁ କି କାମ ହିସାବରେ ତାଙ୍କୁ ଦରମା ଦିଆଯାଉ ନାହିଁ। ସେମାନଙ୍କୁ ୬ ହଜାର ଗ୍ରେଡ୍ ପେ' ପ୍ରଦାନ କରାଯାଉ। ଏଥିସହିତ ଘରଭଡା, ଅବସରକାଳୀନ ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସରକାରୀ ସୁବିଧା, ପ୍ରାଧ୍ୟାପକ ମାନ୍ୟତା, ଅଧ୍ୟାପିକାଙ୍କୁ ସ୍ୱତନ୍ତ୍ର ଛୁଟି, ତୁରନ୍ତ ପଦୋନ୍ନତି ଦେବା ଏବଂ ଓଡ଼ିଶା ଶିକ୍ଷା ଅଧିନିୟମର ସଂଶୋଧନ କରିବା ଭଳି ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ୧୯୮୯ରେ ନିଯୁକ୍ତ ଏସ୍ଏସ୍ବି ଅଧ୍ୟାପକଙ୍କୁ ସରକାରୀ କଲେଜ ଅଧ୍ୟାପକଙ୍କ ପରି ସମାନ ଦରମା ମିଳିଥିଲା। ହେଲେ ପରେ ସେମାନଙ୍କ ଗ୍ରେଡ ପେ'କୁ କମାଇ ଦିଆଯାଇଛି। ଦାବିଗୁଡିକ ତୁରନ୍ତ ସମାଧାନ କରା ନ ଗଲେ ସେମାନେ ଯୁକ୍ତ୨ ପରୀକ୍ଷା ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ସଂଘର ସମ୍ପାଦକ ଗୌରବ ଶର୍ମା, ଯୁଗ୍ମ ସମ୍ପାଦକ ତୁଳସୀ ରାଉତ, କୋଷାଧ୍ୟକ୍ଷ ଡ. ଗୟାଧର ମଲ୍ଲିକ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ତଥାଗତ ରାଉତ ପ୍ରମୁଖ ଆନ୍ଦୋଳନ ପରିଚାଳନା କରୁଛନ୍ତି।

# ଅଭିନେତ୍ରୀ ଆଣିଲେ ଯୌନ ଉତ୍ପୀଡ଼ନ ଅଭିଯୋଗ

## ମେସେଞ୍ଜରଙ୍କୁ ସରକାରୀ ବାବୁ ପଠାଉଛନ୍ତି ଅଶ୍ଳୀଳ ଫଟୋ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

ଅଭିନେତ୍ରୀ ମୌସୁମୀ ନାୟକଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଚନ୍ଦକା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବିରଞ୍ଚି ନାରାୟଣ ପତିଙ୍କ ବିରୋଧରେ ପୋଲିସ କେସ୍ ନଂ.୫୬୮/୨୫ ରୁଜୁ କରିବା ସହ ବିଏନ୍ଏସ୍ ଧାରା ୨୯୪(୨), ୨୯୬, ୭୫, ୭୮ ଏବଂ ଆଇଟି ଆକ୍ଟ ଲଗାଇଛି।
ଅଭିଯୋଗ ଅନୁସାରେ,୨୦୨୫ ସେପ୍ଟେମ୍ବର ୭ରେ ବିରଞ୍ଚି ତାଙ୍କ ଫେସ୍‌ବୁକ୍ ମୌସୁମୀଙ୍କ ମେସେଞ୍ଜରକୁ ଅଶ୍ଳୀଳ ଫଟୋ ଏବଂ ମେସେଜ ପଠାଇଥିଲେ। ଏପରିକି ତାଙ୍କୁ ଅନ୍‌ଲାଇନ୍‌ରେ ମଧ୍ୟ କଲ୍ କରି ଅଶ୍ଳୀଳ କଥା କହୁଥିଲେ। ଏଭଳି ଘଟଣା ସେ ବାରମ୍ବାର କରୁଥିବାରୁ ସେ ମାନସିକସ୍ତରରେ ଚିନ୍ତାରେ ଥିବାବେଳେ ତାଙ୍କର ସାମାଜିକ ପ୍ରତିଷ୍ଠା ଏବଂ ମର୍ଯ୍ୟାଦାକ୍ଷୁଣ୍ଣ ହୋଇଥିଲା। ବିରଞ୍ଚି ଜାଣିଶୁଣି ଏଭଳି ଅଶ୍ଳୀଳ ଫଟୋ ଏବଂ ମେସେଜ କରୁଥିବା ମୌସୁମୀ କହିଛନ୍ତି। ଅଭିଯୋଗ ସମ୍ପର୍କରେ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର କହିଛନ୍ତି, ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ମୌସୁମୀଙ୍କ ମୋବାଇଲ୍‌କୁ ପଠାଯାଇଥିବା ଫଟୋକୁ ସଂଗ୍ରହ କରାଯାଇଛି। ରବିବାର ଅଭିଯୋଗକାରିଣୀଙ୍କୁ ଥାନାକୁ ଡକାଯାଇଛି। ସେ ଆସିଲେ ତାଙ୍କର ବୟାନ ନିଆଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

# ଅଭିଯୁକ୍ତଙ୍କୁ ୧୫ମାସ ଜେଲଦଣ୍ଡ

## ପ୍ରାତଃଭ୍ରମଣ ସମୟରେ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ଘଟଣା

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

ପ୍ରାତଃଭ୍ରମଣ ସମୟରେ ଜଣେ ମହିଳାଙ୍କୁ ଆକ୍ରମଣ କରିସୁନାଚେନ୍‌ଲୁଟିବା ମାମଲାରେ ଅଭିଯୁକ୍ତ ରଜତ କୁମାର ନନ୍ଦଙ୍କୁ ପ୍ରଥମ ଶ୍ରେଣୀ ବିଚାରପତି(ଚତୁର୍ଥ) ୧୫ ମାସର ଜେଲଦଣ୍ଡ ଶୁଣାଇଛନ୍ତି। ୨୦୨୪ ଜୁଲାଇ ୧ ତାରିଖ ସକାଳ ପ୍ରାୟ ୫.୫୫ ସମୟରେ ବମିଖାଲ ନିବାସୀ କାଜଲ ଜାମୁଆର ପ୍ରାନଃଭ୍ରମଣ କରୁଥିଲେ। କଟକ ରୋଡ଼ର ବମିଖାଲରୁ ଲକ୍ଷ୍ମୀସାଗର ଅଭିମୁଖେ ମୁଖ୍ୟ ରାସ୍ତାରେ ଯାଉଥିବା ସମୟରେ ନାରାୟଣୀ ମୋଟର୍ସ ନିକଟରେ ଦୁଇଜଣ ଅଜଣା ବ୍ୟକ୍ତି ଏକ ମୋଟରସାଇକେଲରେ ପଛରୁ ଆସି ତାଙ୍କ ସୁନାଚେନ ଛଡ଼ାଇ ନେଇଯାଇଥିଲେ। ଏହି ସମୟରେ କାଜଲ ରାସ୍ତାରେ ତଳେ ପଡ଼ି ଓ ତାଙ୍କ ଶରୀରରେ ଆଘାତ ହୋଇଥିଲା। ଲୁଟ୍ କରିବା ପରେ ଅଭିଯୁକ୍ତମାନେ ମୋଟରସାଇକେଲରେ କଳ୍ପନା ଛକ ଆଡ଼କୁ ପଳାଇ ଯାଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

## ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାଚୋଟ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ଖଣ୍ଡାରେ ଚୋଟ ମାରିବା ଘଟଣାରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଘମାରିର ମହେଶ୍ୱର ସାହୁ। ପୋଲିସ ତାଙ୍କ ନିକଟରୁ ଖଣ୍ଡା, ଲୁହାରଡ଼ ଜବତ କରିଛି।
ସୂଚନାଯୋଗ୍ୟ, ୨୦୨୪ ଏପ୍ରିଲ୨୭ ରାତି ପ୍ରାୟ ୧୦ଟା ସମୟରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଦିନବନ୍ଧୁ ସାମଲ ତାଙ୍କ ପାନ ଦୋକାନରେ ବସିଥିଲେ। ଅଭିଯୁକ୍ତ ମହେଶ୍ୱରଙ୍କ ସହିତ ବିଜେବି ନଗରର ମଇଁଷିଖାଲ ଅଞ୍ଚଳର କେତେଜଣ ଯୁବକ ଦିନବନ୍ଧୁଙ୍କ ଦୋକାନରୁ ସିଗାରେଟ କିଣି ପିଇବା ସହ ଟଙ୍କା ନ ଦେଇ ପଳାଉଥିଲେ। ଏହି ସମୟରେ ଦିନବନ୍ଧୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଦିନବନ୍ଧୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଖଣ୍ଡା ଓ ଲୁହା ରଡ ସାହାଯ୍ୟରେ ଆକ୍ରମଣ କରି ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଘଟଣାସ୍ଥଳକୁ ଅଭିଯୋଗକାରିଣୀ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ଜାତିଭିତ୍ତିକ ଅପମାନକର ମନ୍ତବ୍ୟ କରିଥିଲେ ଏବଂ ତାଙ୍କ ଶାଢ଼ିକୁ ଟାଣି ଉଲଗ୍ନ କରିଥିଲେ। ସେମାନେ ତାଙ୍କ ସ୍ୱାମୀ ଓ ପୁଅଙ୍କୁ ମଧ୍ୟ ଆକ୍ରମଣ କରି ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ମହେଶ୍ୱରଙ୍କୁ ଗିରଫ କରିଛି।



ଭୁବନେଶ୍ୱରସ୍ଥିତ ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# କଣ୍ଠଶିଳ୍ପୀ ଡ. ମିତାଲି ପାଇବେ 'ସୁର ତରଙ୍ଗ ଶୀର୍ଷ ସମ୍ମାନ'

ଭୁବନେଶ୍ୱର,୬।୧୨(ସୌମ୍ୟରଞ୍ଜନ ରାଉତ)

ସୁର ତରଙ୍ଗର ୩୨ତମ ବାର୍ଷିକ ଉତ୍ସବ ଆସନ୍ତା ୧୯ ତାରିଖରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ କଣ୍ଠଶିଳ୍ପୀ ଡ. ମିତାଲି ଚିନ୍ନାରାଙ୍କୁ 'ସୁର ତରଙ୍ଗ ଶୀର୍ଷ ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ବାବଦରେ ମାନପତ୍ର, ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରାଯିବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏଥିସହ କଣ୍ଠଶିଳ୍ପୀ ସ୍ୱର୍ଗତ ଶ୍ରୀକାନ୍ତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସ୍ମୃତିରେ ଶ୍ରୀକାନ୍ତ' ପରିବେଷଣ କରାଯିବ। ଏନେଇ ଅନୁଷ୍ଠାନର ସଭାପତି ସମୀର ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ନାୟକ ଓ ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଓଲିଉଡ୍‌ରେ ଯୁବ ଖଳନାୟକ ଭାବେ ପାଦ ଥାପିଲେ ଶୁଭମ୍

ଭୁବନେଶ୍ୱର,୬।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁଆସିବାକୁଯାଉଛି। ଲକ୍ଷେଶ୍ୱର ପ୍ରଡ଼କସନ୍ ବ୍ୟାନରରେ ପ୍ରସ୍ତୁତ ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ନାୟିକା ଭୂମିକାଙ୍କ ସହ ନାୟକ ଶୁଭାଶିଷ ଶର୍ମା ଓରଫ ମଣ୍ଟୁ ନଜର ଆସୁଛନ୍ତି। ଏଥିରେ ବିଶେଷ କଥା ହେଉଛି ଚଳଚ୍ଚିତ୍ରରେ ଖଳନାୟକ ଚରିତ୍ରରେ ଜଣେ ନୂଆ ଚେହେରା ଶୁଭମ ପାଢ଼ୀ ଅଭିନୟ କରିଛନ୍ତି। ବର୍ତ୍ତମାନ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ ଖଳନାୟକ କମ୍ ଦେଖାଯାଉଥିବା ବେଳେ ପ୍ରଥମ କରି ଖଳନାୟକ ଚରିତ୍ରରୁ ଶୁଭମ୍ ତାଙ୍କର ଓଲିଉଡ୍ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ଚକ୍ରାନ୍ତର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର



କାନ୍ଧେଇଛନ୍ତି ପିନୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବାବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ସୁମନ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଂଶୁମୋଚନ ମହାନ୍ତି ଅଭିନୟ କରିଛନ୍ତି।

# ୫ ପ୍ରକଳ୍ପର ଅନୁମୋଦନ ନେଇ ଆଲୋଚନାକଲେ ଜଙ୍ଗଲ ମନ୍ତ୍ରୀ

## ରାଜ୍ୟ ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ବୈଠକ

ଭୁବନେଶ୍ୱର,୬।୧୨(ବନ୍ଦନା ସେଠୀ)

ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟିର ୧୧ତମ ବୈଠକ ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୋଟ ୫ଟି ପ୍ରକଳ୍ପ ଉପସ୍ଥାପିତ କରାଯାଇ ଏହାର ଅନୁମୋଦନ ନିମନ୍ତେ ଆଲୋଚନା ହୋଇଥିଲା। ଏଥିମଧ୍ୟରେ ଭାରତ ସରକାରଙ୍କ ୪ଜି ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟର ଟେଲି ଯୋଗାଯୋଗ ନେଟୱର୍କ ନ ଥିବା ଗ୍ରାମଗୁଡିକରେ ମୋବାଇଲ ଟାୱାର ସ୍ଥାପନ ସମ୍ବନ୍ଧୀୟ ୪ଟି ପ୍ରସ୍ତାବ ରହିଛି। ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ଟେଲି ସଂଯୋଗ ଯୋଗାଇ ସେଠାକାର ଅଧିବାସୀଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିବା, ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ବିଭିନ୍ନ ସରକାରୀ ସେବା ପ୍ରଦାନ କରିବା ଏହି ପ୍ରସ୍ତାବଗୁଡିକର ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ରମରେ ରିଲାଏନ୍ସ ଜିଓ ଦ୍ୱାରା ଗଜପତି ଜିଲାରେ ଅବସ୍ଥିତ ବେଲଗାମ ଗ୍ରାମରେ ଏକ ନୂତନ ମୋବାଇଲ ଟାୱାର ସ୍ଥାପନ, ବିଏସ୍ଏନ୍ଏଲ ଦ୍ୱାରା ନୟାଗଡ ଜିଲାର ଗଣିଆ ତହସିଲ ଅନ୍ତର୍ଗତ ବୁଢ଼ିଆପାଲୁ, ଜାନକଝଲି ଓ ରେକାଡି ଗ୍ରାମରେ ନୂତନ ମୋବାଇଲ ଟାୱାର ସ୍ଥାପନ ହେବ। ଏଥିସହିତ କମିଟି ସମ୍ମୁଖରେ ଭାରତମାଳା ପରିଯୋଜନା ଅଧୀନରେ ଢେଙ୍କାନାଳ ଜିଲାର ଗୋବିନ୍ଦପୁରରୁ କଟକ ଜିଲାର ଟାଙ୍ଗୀ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ସମ୍ବନ୍ଧୀୟ ପ୍ରସ୍ତାବ ରଖାଯାଇଥିଲା। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ମଧ୍ୟରେ ଅତିକ୍ରମ କରୁଥିବା ୧୬ ନମ୍ବର ଜାତୀୟ ରାଜପଥରେ ଭିଡ଼ କମାଇବା ସହ ଲୋକଙ୍କୁ ଉନ୍ନତ ଯାତାୟାତ ସୁବିଧା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ। ଆଲୋଚନା ଏବଂ ପର୍ଯ୍ୟାଲୋଚନା ପରେ ଏହି ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ପରିଷଦ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦନ କରାଯାଇ କେନ୍ଦ୍ରୀୟ ବନ୍ୟପ୍ରାଣୀ ପରିଷଦ ଓ କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ବନ୍ୟପ୍ରାଣୀ ସଂରକ୍ଷଣ ପ୍ରଚେଷ୍ଟା, ମାନବ–ପ୍ରାଣୀ ସଂଘର୍ଷ କମାଇବା ଓ ବାସସ୍ଥାନ ଉନ୍ନତି ସହ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକର ସମୟୋପଯୋଗୀ ସମାଧାନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।

# ୫ବର୍ଷରେ ୧.୬୬ ଲକ୍ଷ କେଜି ଗଞ୍ଜେଇ ଜବତ

## ନିଶା ମାଫିଆଙ୍କ ବିରୋଧରେ ଡ୍ରାଇଭ

## ୫୨ ହଜାର ୨୩୫ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି): ଗଞ୍ଜେଇ ବେପାରୀ ଏବଂ ଚାଷ କରୁଥିବା ମାଫିଆଙ୍କ ବିରୋଧରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଗତ ୫ବର୍ଷରେ ୧ଲକ୍ଷ ୬୬ ହଜାର ୯୪୧ କେଜି ଗଞ୍ଜେଇ ଜବତ କରାଗଲାଣି। ସେହିପରି ୫୨,୨୩୫ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଗଲାଣି। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୨୨ହଜାର ୩୮୦କେଜି ଗଞ୍ଜେଇ ଜବତ ହୋଇଥିବାବେଳେ କନ୍ଧମାଳରେ ୩୬୪୯, ବୌଦ୍ଧରେ ୩୩୭ ଏକର ଜମିରେ ଗଞ୍ଜେଇ ନଷ୍ଟ କରାଯାଇଛି।
ସେହିପରି ୪ବର୍ଷରେ ୧୨୪ କେଜି ୯୯୨ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଗଲାଣି। ୧ ହଜାର ୪୨୬ ମାମଲା ରୁଜୁ କରାଯାଇଥିବା ବେଳେ ୧ହଜାର ୫୨୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ୨୯ କେଜି ବ୍ରାଉନ୍‌ସୁଗାର ଜବତ ହୋଇଥିବାବେଳେ ୩୩୧ଜଣ ଗିରଫ ହେଲେଣି। ନିଶା ସେବନ ରୋକିବାକୁ ସରକାରଙ୍କପ କ୍ଷରୁ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ' ସମେତ ବିଭିନ୍ନ କର୍ମଶାଳା, ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ପ୍ରତିବର୍ଷ ଜୁନ୍ ୨୬ ଅନ୍ତର୍ଜାତୀୟ ଡ୍ରଗ୍ସ ବିରୋଧ ଦିବସରେ ସ୍କୁଲ କଲେଜକୁ ଯାଇ ପିଲାଙ୍କୁ ସଚେତନ କରାଯାଉଛି।



ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦ୍‌କରଙ୍କ ପୁଣ୍ୟ ତିଥି ଅବସରରେ ଭୁବନେଶ୍ୱରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ସିପିଆଇଏମ୍‌ର କର୍ମକର୍ତ୍ତାମାନେ।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୬।୧୨(କାର୍ତ୍ତିକ ସାହୁ)

ଆସନ୍ତା ୧୩ ତାରିଖ ଶନିବାର ଦିନ କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଯଥା ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ ବାଉନ୍ସ, ଦେୱାନି ଓ ଫୌଜଦାରି ଇତ୍ୟାଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରି, ମେଗା ପାନୀୟ ଜଳ କାର୍ଯ୍ୟ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୭।୧୨(ସୁଚିସ୍ମିତା ସାହୁ)



ବୈଠକରେ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସହ ବିଭାଗୀୟ ଅଧିକାରୀମାନେ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ନାଏକ ଏମ୍‌ଜିଏନ୍‌ଆରଇଜିଏ ସ୍କିମ୍‌ର ସମୀକ୍ଷା କରି ଦାଦନ ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱ ଦେବା ସହ ଯୋଜନାରେ କାମ କରୁଥିବା ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରୀ ପ୍ରଦାନ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ଏଥିସହ ଗୁଣାତ୍ମକ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି କରିବା, ଶ୍ରମିକଙ୍କ ପାଇଁ ସ୍ଥାୟୀ ଜୀବିକା ବୃଦ୍ଧି ନିମନ୍ତେ ପ୍ରଥମ ୧୦୦ ଦିନ ପାଇଁ ୯୮ ଟଙ୍କା ଓ ପରବର୍ତ୍ତୀ ୨୦୦ ଦିନ ପାଇଁ ୩୭୧ ଟଙ୍କା ଅତିରିକ୍ତ ରାଜ୍ୟ ସହାୟତା ଜାରି ରଖିବାକୁ କହିଥିଲେ। ଏଥିସହ ସମସ୍ତ ଯୋଗ୍ୟ ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରିବା ସହ ସେମାନଙ୍କୁ ସ୍ୱଚ୍ଛ ଭାବେ ସମସ୍ତ ସୁବିଧା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା। ମାର୍ଚ୍ଚ ୨୦୨୭ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ଲାଗି ଚାଲିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ପିଇଏସ୍‌ଏର କାର୍ଯ୍ୟାନ୍ୱୟନ ସ୍ଥିତି ଏବଂ ବିକଶିତ ଗାଁ ବିକାଶ ଓଡ଼ିଶା କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କହିଲେ, ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ୧.୬୮ ଲକ୍ଷ ଘର ଯୋଗାଇ ଦିଆଯାଇଛି। ସେସବୁର ନିର୍ମାଣ ଗୁଣବତ୍ତା ତଦାରଖ ଉପରେ ଗୁରୁତ୍ୱାରୋପ କରିବା ସହିତ ଅବଶିଷ୍ଟ ହିତାଧିକାରୀଙ୍କୁ ଠିକ ଭାବରେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବିଭାଗରେ ଖାଲି ପଦବୀ ପୂରଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ନୂତନ ପଦବୀ ସୃଷ୍ଟି ନିମନ୍ତେ ପ୍ରସ୍ତାବ ଦେବାକୁ କହିଥିଲେ। ହାଇକୋର୍ଟରେ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ପାଇଁ ନିୟୋଜନକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ.ଏନ. ଗିରିଶ, ନିର୍ଦ୍ଦେଶକ (ପାନୀୟ ଜଳ ଏବଂ ପରିମଳ) ବିନୀତ ଭରଦ୍ୱାଜ, ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିର୍ଦ୍ଦେଶକ (ଏସଆଇଆର୍) ମଧୁମିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)

ମହାପୁରୁଷଙ୍କ ଚରିତ୍ର, ଆଦର୍ଶ ଓ କାର୍ଯ୍ୟାବଳୀ ସମାଜକୁ ସର୍ବଦା ପ୍ରେରଣା ଦେଇ ଚାଲିଥିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଶନିବାର ପ୍ରତାପରାମଚନ୍ଦ୍ରପୁର ସ୍ଥିତ ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠରେ ବ୍ଲକ ପ୍ରଶାସନ ପକ୍ଷରୁ ଉତ୍କଳ ସ୍ୱାଭିମାନ ମଞ୍ଚ ସହଯୋଗରେ ରାଜ୍ୟର ୬ ଜଣ ମହାପୁରୁଷ ମଧୁସୂଦନ ଦାସ, ଜୟୀ ରାଜଗୁରୁ, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ସୁଭାଷ ବୋଷ, ଗୋପବନ୍ଧୁ ଦାସ ଓ ରାଜା ହରିହର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତ ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ପରିଷଦ ସଦସ୍ୟା ମୋନିକା ମିଶ୍ର, ମଞ୍ଚର ସମ୍ପାଦକ ଡ. ପ୍ରଭାକର ତ୍ରିପାଠୀ, ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ଭଗବାନ ଦାସ, ମନୋରଞ୍ଜନ ମିଶ୍ର, ସୁଜାତା ମିଶ୍ର, ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ।

### ସ୍ୱାଗତ ସଚେତନତା କାର୍ଯ୍ୟକ୍ରମ

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)

'ସେବା ହିଁ ଈଶ୍ୱର ଆଶୀର୍ବାଦ ପାଇବାର ମାଧ୍ୟମ', ପ୍ରକୃତି ପରିବେଶ ବୃକ୍ଷଲତାରେ ଭଗବାନ ଅଛନ୍ତି ବୋଲି ପଣସପଦାସ୍ଥିତ ହରିଶ୍ୱରଦେବ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ତରଫରୁ ଆୟୋଜିତ ସ୍ୱାଗତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେବା, ସ୍ୱାସ୍ଥ୍ୟ, ବନ୍ଧୁତାକୁ ନେଇ ଏକ ଆଲୋଚନାଚକ୍ର ତଥା ସଚେତନତା ସଭାରେ ଭାରପ୍ରାପ୍ତ ଅଧକ୍ଷା ଶାନ୍ତିଲତା ବାରିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରେଡ଼କ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ରେଡ଼କ୍ରସ ଶାଖାର ସଂଯୋଜିକା ଅଧ୍ୟାପିକା ପ୍ରିୟଙ୍କା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୈକୁଣ୍ଠନାଥ ପୃଷ୍ଟି, ଅଧ୍ୟାପକ ଉମେଶ ବେହେରା, କାଶୀନାଥ ନାୟକ, ରାଜଲକ୍ଷ୍ମୀ ବେହେରା, ନିକିତା ମେହେର, ଅଧ୍ୟାପକ ଦେବାଶିଷ ପାତ୍ର, କାବେରୀ ବେହେରା ପ୍ରମୁଖ ପିଲାମାନଙ୍କ ପାଇଁ ଉତ୍ସାହଭରା ବକ୍ତବ୍ୟ ରଖି ଯେଉଁଠି ମଧ ଆପଣା ପର କିଛି ବିଚାର ନ କରି ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରଣଜିତ୍ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୟୁଥ୍ ରେଡକ୍ରସ ତରଫରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସଫେଇ ସହିତ ବିଭିନ୍ନ ଔଷଧ ଜାତୀୟ ବୃକ୍ଷ ରୋପଣ କରାଯାଇଥିଲା।

# ବୀରତ୍ୱର ପ୍ରତୀକ ଥିଲେ ଜୟୀ ରାଜଗୁରୁ

**ଶହୀଦ ଜୟୀ ରାଜଗୁରୁଙ୍କ ୨୨୦ତମ ମହାପ୍ରୟାଣ ଦିବସ**

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)


ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।

ବୀରତ୍ୱର ପ୍ରତୀକ ଥିଲେ ଶହୀଦ ଜୟୀ ରାଜଗୁରୁ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଚିର ଅମର ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ୨୨୦ ତମ ମହାପ୍ରୟାଣ ତିଥିରେ ଶହୀଦଙ୍କ ମହାପ୍ରୟାଣ ଦିବସ ଅବସରରେ ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନିକଟସ୍ଥ ପୁଷ୍କରିଣୀରେ ଶହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ବେହେରା ଓ ସଦର ବିଡିଓ ସସ୍ମିତ ଶତପଥୀ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରି ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟୀ ରାଜଗୁରୁ ଜଣେ ଦୃଢ଼ମନା, ଅଦମ୍ୟ ଦେଶପ୍ରେମୀ ଓ ସାହସୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତ ବୋଲି ସେ କହିଥିଲେ। ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଜୟୀ ରାଜଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ଶହୀଦଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ମୃତି ପରିଷଦର ସହଯୋଗରେ ଜୟୀ ରାଜଗୁରୁଙ୍କ ଉପରେ ପୁସ୍ତକ ପ୍ରକାଶିତ ହୋଇଛି ବୋଲି ସୂଚନା ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଜୟୀ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ଉପସଭାପତି ପ୍ରକାଶ ଚନ୍ଦ୍ର ରଥ, ସମିତିସଭ୍ୟ ଅଜୟ କୁମାର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଗ୍ରାମ୍ୟ କମିଟି ସଦସ୍ୟ ହରିଶଙ୍କର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ରାଜେଶ କୁମାର ରଥ, ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ପ୍ରକଳ୍ପ ନିର୍ମାତା ଛାତ୍ର ସମ୍ବର୍ଦ୍ଧିତ

କଣାସ,୬।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ପ୍ରତିଷ୍ଠିତ ସର୍ବପୁରାତନ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ପକ୍ଷରୁ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସେଥିମଧ୍ୟରୁ ଦେଠିଆପଡା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଦ୍ୱାରା ଛାତ୍ର ସତ୍ତ୍ୱପ୍ରକାଶ ନାୟକ ନିର୍ମାଣ କରିଥିବା ପ୍ରକଳ୍ପ ବର୍ଷାଜଳ ସରେସଂକ୍ଷଣ ଓ ବିନିଯୋଗ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନିତ ହୋଇଥିବାରୁ ତାଙ୍କୁ ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ମହାପାତ୍ର ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରିଥିଲେ ଏବଂ ପ୍ରଧାନଶିକ୍ଷକ ତାଙ୍କୁ ଗାଇଡ୍ ଶିକ୍ଷକ ଭାବେ ମଧ ସହାୟତା କରିଥିଲେ।

# ଗୁରୁ ଆମ ଲାଗି ମାର୍ଗଦର୍ଶକ

**ରାମଚଣ୍ଡୀ ପୀଠରେ ୧୨ ବର୍ଷ ପରେ ଏକାଠି ହେଲେ ସହପାଠୀ**

ଗୋପ,୬।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୁରୁ ହେଉଛନ୍ତି ଆମମାନଙ୍କ ଭବିଷ୍ୟତ। ଗୁରୁ ଆମମାନଙ୍କର ମାର୍ଗଦର୍ଶକ ବୋଲି ଚିନ୍ତା କରି ଶୁକ୍ରବାର ମା' ରାମଚଣ୍ଡୀ ପୀଠରେ ଏକ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ମହଲପଡା ପଞ୍ଚାୟତ ଅଧିନ ଓରେଇ ସ୍ଥିତ ଜାଗେଶ୍ୱରୀ ବିଦ୍ୟାପୀଠର ୨୦୧୨ ମସିହାର ଛାତ୍ରୀଛାତ୍ରମାନେ ଏପରି ଏକ କାର୍ଯ୍ୟକ୍ରମ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରାରମ୍ଭରୁ ଜାଗେଶ୍ୱରୀ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ଅବସରପ୍ରାପ୍ତ ଅତିରିକ୍ତ ପ୍ରଧାନଶିକ୍ଷକ ସୁଧିର କୁମାର ସ୍ୱାଇଁ, ସ୍କୁଲ ର କ୍ରିଡା ଶିକ୍ଷକ ଜୟନ୍ତ କୁମାର ରାୟଙ୍କୁ ପୂଜାର୍ଚ୍ଚନା କରିବା ସହିତ ସମ୍ମାନୀତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଦୀର୍ଘ ୧୩ ବର୍ଷ ପରେ ଏକାଠି ହୋଇଥିବାରୁ ନିଜ ନିଜ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସସ୍ମିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ସାହୁ, ବିଚିତ୍ର ଜେନା, ପ୍ରିୟଙ୍କା ସାହୁ, ଶିବ ପ୍ରସାଦ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।



ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ବନ୍ଧୁମାନେ ।


ଗ୍ଲୋବାଲ୍ ଏନର୍ଜି ଲିଡର୍ସ୍ସ ସମିଟ୍ ୨୦୨୫ରେ ଅତିଥିମାନେ ଶକ୍ତି ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ପିପିଲି,୬।୧୨(ଦୁର୍ଗା ମାଧବ ମିଶ୍ର)

ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମନ୍ଦିର କମିଟି ସଭାପତି ଗୋପାଳ ମହାପାତ୍ର, ମୁଖ୍ୟବକ୍ତା ସାମାଜିକ କର୍ମୀ ରାକେଶ ମହାପାତ୍ର, ସମ୍ମାନିତ ଅତିଥି ଭାବେ ମା' ଦୁଲାଦେଇ ଯୁବ କ୍ଲବର ସଭାପତି ପିନାକୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ ଉତ୍ସବରେ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସଭା ଆରମ୍ଭରେ ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ପତି ଅତିଥି ପରିଚୟ ପ୍ରଦାନ କରିବା ସହ ପରିଚାଳନା ସମିତି ଅଧ୍ୟକ୍ଷ ସେକ୍ କଲିମ ଧନ୍ୟବାଦ ଦେଇଥିଲେ।

# ପିସିଆଇ ସଦସ୍ୟଙ୍କୁ ସାମ୍ବାଦିକ ସଂଘର ଶୁଭେଚ୍ଛା

ପିପିଲି,୬।୧୨(ଦୁର୍ଗା ମାଧବ ମିଶ୍ର)

ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ (ପିସିଆଇ)ର ସଦସ୍ୟ ଭାବେ ମନୋନୀତ ସୁଧିର କୁମାର ପଣ୍ଡାଙ୍କୁ କଳିଙ୍ଗ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ (କେୟୁଡବ୍ଲୁଜେ) ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ଅନୁଷ୍ଠାନର ସଭାପତି ମନୋଜ ଦାସ, ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, ଉପସଭାପତି ବିନାୟକ ମିଶ୍ର, ଅରୂପ ଜେନା, ଧୃଶାସନ ନାୟକ, ସୌରଭ ପଟ୍ଟନାୟକ, ସୁବାସ ସ୍ୱାଇଁ, ନିରାକାର ଦଳେଇ, ଜୟସେନ ପରିଡ଼ା, ବାସୁଦେବ ବରାଡ଼, ପ୍ରମୋଦ ସାହୁକାର, ବିଭୂତି ଭୂଷଣ ତ୍ରିପାଠୀ, ଚନ୍ଦ୍ରମାଧବ ମିଶ୍ର, ରାମେଶ୍ୱର ଶତପଥୀ, ସୂର୍ଯ୍ୟ ନାରାୟଣ ପ୍ରଧାନ, ଜୟକାନ୍ତ ରାଉତ, ସତ୍ୟଜିତ୍ ଦାସ, ମନ୍ମଥ ମହାରଣା, କମଳ ଦଳେଇ, ଅଜୟ ନାୟକ, ପରମେଶ୍ୱର ଦାଶ, ଅରୁଣ କୁମାର ଓତା, ବିଶ୍ୱଜିତ ପଟ୍ଟନାୟକ, ଗଙ୍ଗାଧର ଦାଶ, ଭବାନୀ ପାଢ଼ୀ, ରବି ନାରାୟଣ ଗୌଡ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗଣମାଧ୍ୟମର ପ୍ରତିନିଧି ଭାବେ ପୂର୍ବ ଭାରତରୁ ଏକମାତ୍ର ସଦସ୍ୟ ଭାବେ ପଣ୍ଡା ମନୋନୀତ ହେବା ନିଶ୍ଚିତ ଭାବେ ଗର୍ବର କଥା ବୋଲି ସଂଘର ସମ୍ପାଦକ ସ୍ୱାଇଁ କହିଛନ୍ତି। ଭାରତର ରାଜପତ୍ର (ଦି ଗେଜେଟ୍ ଅଫ୍ ଇଣ୍ଡିଆ)ରେ ପ୍ରକାଶିତ ଅଧିସୂଚନା ଅନୁଯାୟୀ, ଭାରତୀୟ ପ୍ରେସ ପରିଷଦକୁ ମନୋନୀତ ହୋଇଥିବା ବ୍ୟକ୍ତି ୩ବର୍ଷ ଏହାର ସଦସ୍ୟ ରହିପାରିବେ। ଶିକ୍ଷା ଓ ବିଜ୍ଞାନ, ସାହିତ୍ୟ, ସଂସ୍କୃତି ସମ୍ବାଦପତ୍ର ସହ ଜଡ଼ିତ ବ୍ୟକ୍ତି ପିସିଆଇ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

# ଜାପାନର ଆକାଇ ଡୋଇ ପାଇବେ ମହୋଦଧି ସମ୍ମାନ

- ଯୋଗଦେବେ ସୁନାମଧନ୍ୟ ଚଳଚ୍ଚିତ୍ର ତାରକା
- ଜାପାନର ଆକାଇ ଡୋଇ ପାଇବେ ମହୋଦଧି ସମ୍ମାନ

ପୁରୀ, ୬।୧୨(ଅଜିତ୍ କୁମାର ମହାନ୍ତି)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

ଚଳିତ ବର୍ଷ ଡିସେମ୍ବର ୧୨ରେ ୫ମ ମହୋଦଧି ଦିବସ ପୁରୀ ଲାଇଟ୍ ହାଉସ ସମ୍ମୁଖ ବେଳାଭୂମି ଠାରେ ଅନୁଷ୍ଠିତ ହେବ। ଏହାସହ ଓଡ଼ିଶାର ୧୫ଟି ଜିଲାରେ ମଧ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଆଗାମୀ ଭବିଷ୍ୟତ ପାଇଁ ସମୁଦ୍ରର ସୁରକ୍ଷା ବିଷୟବସ୍ତୁ ରଖାଯାଇଛି। ଏ ସମ୍ପର୍କରେ ଶନିବାର ଅପରାହ୍ନରେ ହୋଟେଲ ଅତିଥି ହେରିଟେଜ୍ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ତରଫରୁ କୁହାଯାଇଛି। ଚଳିତ ବର୍ଷ କାର୍ଯ୍ୟକ୍ରମର ଅଧିକ ପ୍ରଚାର ପ୍ରସାର ପାଇଁ ବିଶେଷ ଭାବେ ସମୁଦ୍ର ଜଙ୍ଗଲ ଓ ନଦୀ ଥିବା ଅଞ୍ଚଳରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କୁ ପ୍ରୋତ୍ସାହିତ କରାଯିବ। ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ବାରିପଦା, ଅନୁଗୁଳରେ ୧୦ ଓ ୧୧ରେ କାର୍ଯକ୍ରମ ଅନୁଷ୍ଠିତ ହେବ। ଡିସେମ୍ବର ୧୨ ତାରିଖ ଦିନ ପୁରୀ ବେଳାଭୂମି ଲାଇଟ ହାଉସ ସମ୍ମୁଖରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସକାଳ ୯ଟାରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି। ବୋଟ୍ ରେସ ସହିତ ରାଷ୍ଟ୍ରୀୟସ୍ତରୀୟ କଳାକାରଙ୍କୁ ନେଇ ମହୋଦଧି ଆର୍ଟ ପ୍ରଦର୍ଶନୀ ଆୟୋଜିତ ହେବ। ଚିତ୍ରାଙ୍କନ ପ୍ରତିଯୋଗିତା, ଚିତ୍ର ଉତ୍ତୋଳନ ପ୍ରତିଯୋଗିତା, ବାଲୁକା ଚିତ୍ର କାର୍ଯ୍ୟକ୍ରମ ରହିଛି। ବାଲୁକା ଚିତ୍ର ଅଙ୍କନ କରିବେ ବିଶ୍ୱ ପ୍ରସିଦ୍ଧ ଶିଳ୍ପୀ ମାନସ କୁମାର ସାହୁ। ଅପରାହ୍ନ ୩ଟାରେ ରାଜ୍ୟ ସ୍ତରୀୟ କବିତା ଆସର ଆୟୋଜିତ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ ସହିତ କଲିକତାର ଶ୍ରୀଜନ କଳାକେନ୍ଦ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆଗାମୀ ଚଳଚ୍ଚିତ୍ର ଲଢ଼େଇ ଓ ବୁଲେଟର ପ୍ରମୋସନ କରାଯିବ। ଟ୍ରାନ୍ସ ଜେଣ୍ଡର କମ୍ୟୁନିଟି ଦ୍ୱାରା ଫ୍ୟାଶନ ଶୋ ଓ ନୃତ୍ୟ ମୁଖ୍ୟ ଆକର୍ଷଣ ହେବ। ଏହି ଅବସରରେ ରେଡ୍ ଡଟ୍ ସହାୟତାରେ କୃତୀ ଭିନ୍ନକ୍ଷମଙ୍କୁ ଶିଲେଇ ମେଶିନ ଓ ହୁଇଲ ଚେୟାର ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମହୋଦଧି ସମ୍ମାନ ଜାପାନର ଆକାଇ ଡୋଇଙ୍କୁ ପ୍ରଦାନ କରାଯିବ। ସାମୁଦ୍ରିକ କ୍ରୀଡ଼ା ସହିତ ନୃତ୍ୟ, ଗୀତ ଏଂ ଚଳଚ୍ଚିତ୍ର ତାରକାମାନଙ୍କର ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅପରାହ୍ନରେ କବିତା ପାଠ କରିବେ ଓଡ଼ିଶାର ପ୍ରଖ୍ୟାତ କବି ଏଂ କବିୟତ୍ରୀ। କଣ୍ଠ ଶିଳ୍ପୀ ରାଜେନ୍ଦ୍ର ମିଶ୍ର ଏଂ ଦେବାଂଶୀ ଦାଶଙ୍କ ଓଡ଼ିଆ ଗୀତର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ସୁପ୍ରସିଦ୍ଧ ଫିଲ୍ମ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି, ସାଗରିକା ମିଶ୍ର, ମିସ ସାଇନା ପ୍ରମୁଖ ଓଡ଼ିଆ ଏଂ ହିନ୍ଦୀ ସଂଗୀତ ପରିବେଷଣ କରିବେ। ପ୍ରସିଦ୍ଧ ନିର୍ଦ୍ଦେଶକ ଅଶୋକ ପତିଙ୍କ ନୂଆ ସିନେମା 'ଲଢେଇ'ର ତାରକାମାନେ ମଞ୍ଚରେ ନୃତ୍ୟ ଗୀତ ପରିବେଷଣ କରିବେ। ପ୍ରସିଦ୍ଧ କଳାକାର ପୁଷ୍ପା ପଣ୍ଡା, କେ.କେ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିବେ। ଚଳଚ୍ଚିତ୍ର ମୋଟରସାଇକେଲ ପକ୍ଷରୁ ଉପସ୍ଥିତ ରହିବେ କୁନା ତ୍ରିପାଠୀ, ହିରୋ ଜ୍ୟୋତି ନାୟକ, ଅଭିନେତ୍ରୀଙ୍କ ସହିତ ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ଏବଂ ପ୍ରେରଣା ପ୍ରତୀକ୍ଷା। ୨୦୨୬ରେ ମହୋଦଧି ଦିବସ ଆନ୍ତର୍ଜାତିକସ୍ତରରେ ୭ଦିନ ବ୍ୟାପୀ କରାଯିବ ଏବଂ ଦେଶବିଦେଶର ସାମୁଦ୍ରିକ କ୍ରୀଡ଼ାବିତ ଏଂ ଭାରତ ବର୍ଷର ସୁଖ୍ୟାତି ଅର୍ଜନ କରିଥିବା କଳାକାରଙ୍କୁ ମଧ ନିମନ୍ତ୍ରଣ କରାଯିବ ବୋଲି ଆୟୋଜକମାନେ କହିଥିଲେ।

# ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୩ ତାରିଖ (ଶନିବାର) ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସିଭିଲ୍ କୋର୍ଟ ସମେତ ପିପିଲି, ନିମାପଡ଼ା, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ତଥା ଦେୱାନି, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦ୍ ଦେଇ), ଜମି ଅଗ୍ରହଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ୍ ଦେୟଜନିତ ବିବାଦ, ବ୍ୟାଙ୍କରଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ୍ ମୋକଦ୍ଦମାସ୍ତରୀୟ ତଥା ବ୍ୟାଙ୍କରଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ସାଲିସ୍ୟୋଗ୍ୟ ଦେୱାନି, ଫୌଜଦାରି ମୋକଦ୍ଦମାଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମଳଯୋଗ୍ୟ ହୋଇଥାଏ। ସବିଶେଷ ବିବରଣୀ ନିମନ୍ତେ ପୁରୀ ଜିଲା ଆଇନ ସେବା କାର୍ଯ୍ୟାଳୟର ହେଲ୍ପ ଲାଇନ ନମ୍ବର ୦୬୭୫୨–୨୨୧୪୨୨ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ।


ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବ ।



ଗୃହରକ୍ଷୀ ବାହିନୀ ଦିବସ ଅବସରରେ ପୁରୀ ପୋଲିସ ଲାଇନ୍ ପଡିଆରେ ଏସ୍‌ପି ପ୍ରତୀକ୍ ସିଂ ଅଭିବାଦନ ଗ୍ରହଣ କରୁଛନ୍ତି ।

## ବିରିବାଟି ଚାରି ଛକରେ ନିର୍ମାଣ ହେଲା ହମ୍ପ

କଟକ ସଦର,(ସୁଶାନ୍ତ କୁମାର ଜେନା): ତାଳଦଣ୍ଡା କେନାଲ ରାସ୍ତାର ବିରିବାଟି ଚାରି ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଏ ନେଇ ପରମହଂସ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ପାତ୍ର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଶୁକ୍ରବାର ରାତିରେ ହମ୍ପ ନିର୍ମାଣ କରାଯାଇଛି। ଏହାଛଡ଼ା ମହାନ୍ତିସାହି ନିକଟରେ ମଧ ୨ଟି ହମ୍ପ ନିର୍ମାଣ କରାଯାଇଛି। ଫଳରେ ଦ୍ରୁତ ଗାଡ଼ି ଚଳାଚଳ ହ୍ରାସ ପାଇବା ସହ ଦୁର୍ଘଟଣା କମିବ ବୋଲି ଆଶା କରାଯାଉଛି। ୨୦୨୫ ଶିବରାତ୍ରି ଜାଗର ଯାତ୍ରା ପାଇଁ ପରମହଂସ ନାଥ ମନ୍ଦିରକୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ପ୍ରଥମ ଦୁର୍ଘଟଣା ଏହି ସ୍ଥାନରେ ଘଟି ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ହୋମିଓପାଥି ଚିକିତ୍ସା ଶିବିର: ୩୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚୌଦ୍ୱାର,୬।୧୨(ଆଶୁତୋଷ ଦାସ)

ଚୌଦ୍ୱାର ହିଙ୍ଗୁଳାଇ ରୋଡ୍‌ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶନିବାର ଦାତବ୍ୟ ହୋମିଓପାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ୍ କଟକ ଅଭିନବ ଓ ଆର୍‌ସିସି ବିବେକାନନ୍ଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ରୋଟାରିଆନ୍ ଜୀବନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଆର୍‌ସିସି ବିବେକାନନ୍ଦ ସଭାପତି ମାନସ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋମିଓପାଥିକ୍ ଫିଜିସିଆନ୍ କଟକ ଜୋନ୍‌ର ଡା. ସୁଲିପ୍ତ ମହାନ୍ତି, ଡ. ମନୋଜ ମହାନ୍ତି, ଡ. ରଜତ କୁମାର ଷଡ଼ଙ୍ଗୀ, ଡ. ଅଶୋକ କୁମାର ଦାସ ପ୍ରମୁଖ ୩୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଟାରିଆନ୍ ବିଶ୍ୱନାଥ ପଣ୍ଡା, ପ୍ରକାଶ ଚନ୍ଦ୍ର ବଡ଼ଜେନା, ସିଦ୍ଧେଶ୍ୱର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାସ ଚୌଧୁରୀ, ଦୀପ୍ତିରଞ୍ଜନ ସାହୁ, ଅକ୍ଷୟ ନାୟକ, ଦୀପ୍ତିମୟୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍‌ସିସି ପରିଚାଳକ ରାଜେଶ ଓଝା ଧନ୍ୟବାଦ ଅର୍ପଣ କରିଥିଲ।

### ଶିବିରରୁ ୪୪ ୟୁନିଟ୍ ରକ୍ତ ସଂଗ୍ରହ

ମଙ୍ଗୁଳି-ଜଗତପୁର,୬।୧୨(ମାନସ ସାମଲ)

ଟାଙ୍ଗୀସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀ ପକ୍ଷରୁ ସେବା ସପ୍ତାହ ପାଳନ ହୋଇଯାଇଛି। ଡାଲମିଆ ଗ୍ରୁପର ପ୍ରତିଷ୍ଠାତା ଜୟ ଦୟାଲ ଡାଲମିଆଙ୍କ ୧୨୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଗରୁଡ଼ଗାଁ ବିଶ୍ୱାଳୀସ୍ଥିତ ସିମେଣ୍ଟ କମ୍ପାନୀ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କମ୍ପାନୀର ୟୁନିଟ ହେଡ୍ ପଙ୍କଜ ଗୁପ୍ତା ଓ ତାଙ୍କ ପତ୍ନୀ ଅଞ୍ଜଳି ଗୁପ୍ତା ପ୍ରଥମେ ରକ୍ତଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଚ୍‌ଆର୍ ସୁଧୀର ମହାନ୍ତି, ସିଏସ୍‌ଆର୍ ମୁଖ୍ୟ କବିତା ସାହୁ, ଲୋକ ସମ୍ପର୍କ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩ ଫୁଟ ଲମ୍ବର ନାଗ ଉଦ୍ଧାର



ଚୌଦ୍ୱାର,୬।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୧ ନମ୍ବର ୱାର୍ଡ ଅଧୀନ ଓଟିଏମ୍ କଲୋନିରୁ ଏକ ନାଗ ସାପ ଶନିବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। କଲୋନିର ଦିଲ୍ଲୀପ ସାହୁଙ୍କ ଘରେ ଉକ୍ତ ସାପଟି ପଶି ଯିବାରୁ ପରିବାର ଲୋକେ ଭୟଭୀତ ହୋଇ ଚୌଦ୍ୱାର ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ଭଗବାନ ଚରଣ ପଲେଇ ଓ ତ୍ରିଲୋଚନ ବେହେରା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଛନ୍ତି। ୩ ଫୁଟ୍ ଲମ୍ବର ଉଦ୍ଧାର ସାପକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ବାବୁଜୀଙ୍କ ଭଳି ନିରଳସ ସାଧକ ଆଜି ଦୁର୍ଲଭ

କଟକ,୬।୧୨(କାର୍ତ୍ତିକ ସାହୁ)



ଶ୍ରୀରାମ ଚନ୍ଦ୍ର ଭବନରେ ଅନୁଷ୍ଠିତ ରାଧାନାଥ ରଥଙ୍କ ଜୟନ୍ତୀ ଅବସରରେ ସମାଜସେବୀ ପୁଷ୍ପାଞ୍ଜଳି ଜେନାଙ୍କୁ ରାଧାନାଥ ରଥ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

ନିଃସ୍ୱାର୍ଥପର ଜନସେବା, ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ତଥା ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଓ ସମୃଦ୍ଧିରେ ପଦ୍ମ ଭୂଷଣ ଡ. ରାଧାନାଥ ରଥଙ୍କ ନିରଳସ ସାଧନା ଅବିସ୍ମରଣୀୟ। ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ସଭା ସମଗ୍ର ରାଜ୍ୟରେ ପାଳନ କରାଯିବାର ଯଥାର୍ଥତା ରହିଛି ବୋଲି ଓଡିଶା ଆଇନ କମିଶନର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ପ୍ରକାଶ କରିଛନ୍ତି। ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଡ. ରଥଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜଷ୍ଟିସ ରଥ କହିଲେ ବାବୁଜୀ ପ୍ରତ୍ୟେକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରି ଯାଇଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉପଯୁକ୍ତ ଶିଷ୍ୟ ରୂପେ ବାବୁଜୀ ତାଙ୍କ ସ୍ୱପ୍ନର ସଫଳ ରୂପାୟନ କ୍ଷେତ୍ରରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ ବୋଲି ଜଷ୍ଟିସ ରଥ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଲୋକ ସେବକ ମଣ୍ଡଳର

**ଡ. ରାଧାନାଥ ରଥଙ୍କ ଜୟନ୍ତୀ ସମାରୋହ**

ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଯୋଗଦେଇ କହିଲେ ଯେ ମହାନ ଦେଶ ଭକ୍ତ ଲାଲା ଲାଜପତ ରାୟ ଓ ପଣ୍ଡିତ ଗୋପବନ୍ଧୁଙ୍କ ନୀତି ଓ ଆଦର୍ଶରେ ଉଦବୁଦ୍ଧ ହୋଇଥିଲେ ବାବୁଜୀ। ମୁଖ୍ୟବକ୍ତା ରୂପେ ସ୍ତମ୍ଭକାର ତଥା ଗାନ୍ଧୀ ବାଦୀ ପ୍ରହଲ୍ଲାଦ ସିଂହ ଯୋଗଦେଇ କହିଲେ, ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ବାବୁଜୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସମାଜ ସେବିକା ପୁଷ୍ପାଞ୍ଜଳି ଜେନାଙ୍କୁ 'ରାଧାନାଥ ରଥ ସେବା ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ସଭାପତି ଜଷ୍ଟିସ ଏଏସ ନାଇଡୁ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଡ଼. ସତ୍ୟ ରାୟ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ଅତିଥି ପରିଚୟ ଓ ସଙ୍ଗଠନ ସମ୍ପାଦକ ଦୀପାୟନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମୀରା ବେଉରା ମାନପତ୍ର ପାଠ କରିଥିଲେ।

# ଜିଲାରେ ଆଉ ୬୦୬ ନୂତନ ମତଦାନ କେନ୍ଦ୍ର

କଟକ,୬।୧୨(କାର୍ତ୍ତିକ ସାହୁ)

କଟକ ଜିଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଉ ୬୦୬ଟି ନୂତନ ମତଦାନ କେନ୍ଦ୍ର ସ୍ଥାପନ ନିମନ୍ତେ ନିର୍ବାଚନ ଆୟୋଗ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ଜିଲାର ସମୁଦାୟ ମତଦାନ କେନ୍ଦ୍ର ସଂଖ୍ୟା ୨୮୯୭ରେ ପହଞ୍ଚିଛି। ତନ୍ମଧ୍ୟରେ ବଡ଼ମ୍ବା ନିର୍ବାଚନମଣ୍ଡଳୀରେ ୫୯ଟି, ଆଠଗଡ଼ ନିର୍ବାଚନମଣ୍ଡଳୀରେ ୬୩ଟି, ବାଙ୍କୀ ନିର୍ବାଚନ ମଣ୍ଡଳୀରେ ୪୭ଟି, ବାରବାଟୀ କଟକ ଓ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ୬୭ଟି ଲେଖାଏଁ, ନିଆଳି ଓ କଟକ ସଦର ନିର୍ବାଚନମଣ୍ଡଳୀରେ ୬୪ଟି ଲେଖାଏଁ, ସାଲେପୁର ନିର୍ବାଚନ ମଣ୍ଡଳୀରେ ୯୬ଟି ଓ ମାହାଙ୍ଗା ନିର୍ବାଚନମଣ୍ଡଳୀରେ ୭୯ଟି ନୂତନ ମତଦାନ କେନ୍ଦ୍ର ସାମିଲ ହୋଇଛି। ଏଥିସହ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୧ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରିବା ଏବଂ ୧୬ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରିବା ନିମନ୍ତେ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ କଟକ ଜିଲାରେ ମୋଟ ୨୨୯୧ଟି ମତଦାନ କେନ୍ଦ୍ର ରହିଥିଲା। କଟକ ଜିଲାରେ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା, ନାମ ପରିବର୍ତ୍ତନ କରିବା ଓ ସ୍ଥାନ ପରିବର୍ତ୍ତନ କରିବା ନିମନ୍ତେ ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ନିର୍ବାଚନ ଆୟୋଗଙ୍କ ନିକଟରେ ପ୍ରସ୍ତାବ ଦାଖଲ କରାଯାଇଥିଲା।

# ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୬।୧୨(କାର୍ତ୍ତିକ ସାହୁ)

ଆସନ୍ତା ୧୩ ତାରିଖ ଶନିବାର ଦିନ କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଯଥା ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ ବାଉନ୍‌ସ, ଦେୱାନି ଓ ଫୌଜଦାରି ଇତ୍ୟାଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ରାଧାନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ



ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖୁଣ୍ଟୁଣୀ,୬।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ସମାଜର ପୂର୍ବତନ ସମ୍ପାଦକ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶଶୀଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜ ପରିସରରେ ଥିବା ବାବୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱେଚ୍ଛାକୃତ ରକ୍ତଦାନ ତଥା ମାଗଣା ଦନ୍ତ ଚିକିତ୍ସା ଶିବିରକୁ ଉଦ୍‌ଘାଟନ କରିଥିଲେ। ବାବୁଜୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ବିଧାୟକ ସ୍ୱାଇଁ ରାଧାନାଥ ରଥ ଥିଲେ ନିଃସ୍ୱାର୍ଥପର ସେବକ। ତାଙ୍କ ଆଦର୍ଶରେ ଛାତ୍ରୀଛାତ୍ରମାନେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମାଜର ରିଲିଫ କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ, ରାଧାନାଥ ରଥ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜଣେ ପ୍ରକୃତ ପଟ୍ଟ ଶିଷ୍ୟ। ଅନ୍ୟତମ ସମ୍ମାନିତ ଅତିଥି ସମାଜର ସମ୍ପାଦକ ତପନ କୁମାର ମିଶ୍ର ଯୋଗଦେଇ ବାବୁଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଏଥିରେ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ଗୋପୀନାଥ ବାରିକ, ଶିକ୍ଷାବିତ୍ ତୁଳସୀ ଯାଦବ ଯୋଗଦେଇ କହିଲେ ତାଙ୍କ ଉଦ୍ୟମରେ ନନ୍ଦନକାନନ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା। ଖୁଣ୍ଟୁଣୀର ପୂର୍ବତନ ସମିତି ସଭ୍ୟ ବିପିନି ବିହାରୀ ପ୍ରଧାନ, ସାମାଜିକ କର୍ମୀ ଗୌରହରି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରକ୍ତଦାନ ଶିବିରରେ କଟକ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କଟକସ୍ଥିତ ପ୍ରାଇମ ଓରାଲ କେୟାର ଇଣ୍ଡିଆ ଏଲ.ଏଲ.ପି ଅନୁଷ୍ଠାନର ଡା.ସୌଭାଗ୍ୟ ରଞ୍ଜନ କରଙ୍କ ନେତୃତ୍ୱରେ ଡା. ଭାଗ୍ୟଶ୍ରୀ ସାହୁ ଏବଂ ଡା. ପ୍ରିୟଙ୍କା ବ୍ରହ୍ମା ପ୍ରମୁଖ ମାଗଣା ଦନ୍ତ ଚିକିତ୍ସା ଶିବିରରେ ପରୀକ୍ଷା କରାଇ ରୋଗୀଙ୍କୁ ଔଷଧ ପ୍ରଦାନ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ନିରଞ୍ଜନ ପତ୍ରୀ ଧନ୍ୟବାଦ ଦେଇଥିଲେ।

# ପ୍ରେସ୍ କ୍ଲବ୍ ପକ୍ଷରୁ ଡ.ରାଧାନାଥ ରଥ ଜୟନ୍ତୀ ପାଳିତ

ଚୌଦ୍ୱାର,୬।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପ୍ରେସ୍ କ୍ଲବ୍ ପକ୍ଷରୁ ବିଶିଷ୍ଟ ସାମ୍ବାଦିକ, ବରିଷ୍ଠ ରାଜନୀତିଜ୍ଞ ତଥା ଲୋକ ସେବକ ମଣ୍ଡଳର ପୂର୍ବତନ ସଭାପତି ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘ ଆଜୀବନ ସଦସ୍ୟ ତଥା ଖବରଦାତା ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ପ୍ରେସ୍ କ୍ଲବ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ୍‌ର ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ଖବରଦାତା ପ୍ରକାଶ ନାୟକ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ବିମଳ କୁମାର ବେଉରା, ଅଶୋକ କୁମାର ଦାସ, ଭାସ୍କର ପ୍ରଧାନ, ସାଗର ସାହୁ, ସେକ୍ ଗୁଲଫାମ୍ ପ୍ରମୁଖ ଡ. ରଥଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ନିଃସ୍ୱାର୍ଥ ସେବା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ମହତ୍ ଅବଦାନ ତାଙ୍କୁ ଚିର ସ୍ମରଣୀୟ କରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଏସ୍.କେ.ରେହାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଡ. ରାଧାନାଥ ରଥଙ୍କ ଜୟନ୍ତୀ



ଡ. ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

କଟକ,୬।୧୨(କାର୍ତ୍ତିକ ସାହୁ)

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଲୋକ ସେବକ ମଣ୍ଡଳର ପୂର୍ବତନ ସଭାପତି ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୯ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବକ୍ସିବଜାରସ୍ଥିତ ଡ. ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ଉମେଶ ସାହୁ, ଅଜୟ ବେହେରା, ନବଘନ ସାହୁ, ବାଦଲ ସାମଲ ଓ ବିଷ୍ଣୁ ବିଶୋଇ ଯୋଗଦେଇଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ଖୋଲିବ ଶାଖା ଡାକଘର

କଟକ ସଦର,୬।୧୨(ସୁଶାନ୍ତ କୁମାର ଜେନା)

ଗ୍ରାମପଞ୍ଚାୟତ ଅଞ୍ଚଳ ମଧ୍ୟରେ ଥିବା ଶାଖା ଡାକଘରକୁ ଏବେ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏକ ନିର୍ଦ୍ଦେଶନାମା ଜାରିକରି ସମସ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏଥିପାଇଁ ଡାକ ବିଭାଗକୁ କୌଣସି ଭଡ଼ା ଦେବାକୁ ପଡ଼ିବ ନାହିଁ। ଭୁବନେଶ୍ୱରସ୍ଥିତ ମହା ଡାକପାଳଙ୍କ ଅନୁରୋଧ ରକ୍ଷାକରି ରାଜ୍ୟ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପତ୍ର ସଂଖ୍ୟା ୩୪୧୧୫/୩।୧୨।୨୦୨୫ରେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଶାସନ ସଚିବ ସୂର୍ଯ୍ୟ ନାରାୟଣ ଦାସ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡାକ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହେବ। ଏହାଦ୍ୱାରା ସ୍ଥାନୀୟ ଲୋକମାନେ ସୁବିଧାରେ ଡାକ ସେବା ପାଇପାରିବେ। କଟକ ସଦର ବ୍ଲକର ଗଡିରାଉତ ପାଟଣା, ପରମହଂସ, ଫକୀରପଡ଼ା, ଆୟଉପୁର, ବାରଦା, ଧରିଣା, ଅରିଲୋ, ଯଶପଡ଼ା, ବୋଧପୁର, ପ୍ରହରାଜପୁର, ଝାରକଟା, ଦଧିବାମନପୁର, କଳପଡ଼ା, କୂଳସରିଚୁଆଁ, ଝିଙ୍କିରିଆ ଡାକଘର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବ ବୋଲି ଜଣାପଡ଼ିଛି। ଏଥିପାଇଁ ସରପଞ୍ଚମାନେ ଭଡ଼ା ଆଦାୟ କରିପାରିବେ ନାହିଁ ବୋଲି ଉକ୍ତ ଚିଠିରେ ତାଗିଦ କରାଯାଇଛି।

# ଶାନ୍ତି ଶୃଙ୍ଖଳାରେ ପାଳନ ଉପରେ ଗୁରୁତ୍ୱ

କଟକ,୬।୧୨(କାର୍ତ୍ତିକ ସାହୁ)



ବଡ଼ଦିନ ଉପଲକ୍ଷେ ସିଏମ୍‌ସି ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି।

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ବଡ଼ଦିନ ପର୍ବ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌଧୁରୀବଜାର ବିଜୁ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ କଟକ ସହରରେ ଥିବା ୮ଟି ଚର୍ଚ୍ଚରେ ସୁରୁଖୁରୁ ତଥା ଶାନ୍ତିଶୃଙ୍ଖଳାରେ ବଡ଼ଦିନ ପାଳନ ଉପରେ ଆଲୋଚନା ହୋଇଥିଲା। ଏହି ସଭାରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ବଡ଼ଦିନ ସମୟରେ ସମସ୍ତ ଚର୍ଚ୍ଚର ଆଖପାଖ ଅଞ୍ଚଳ, ଖ୍ରୀଷ୍ଟିଆନ ସାହି ବସ୍ତିରେ ଦୁଇ

**ସିଏମ୍‌ସିର ବଡ଼ଦିନ ପ୍ରସ୍ତୁତି ବୈଠକ**

ଓଳା ସଫେଇ, ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଓ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ସିଏମ୍‌ସି କମିଶନର କୀରଣଦୀପ କୌର ସହୋତା, ସିଟି ଇଂଜିନିୟର ଅତନୁ ସାମନ୍ତ, ଅତିରିକ୍ତ ଆୟୁକ୍ତ ସୋନା ଗୁପ୍ତ, ସମସ୍ତ ଉପ ଆୟୁକ୍ତ, ଯନ୍ତ୍ରୀ, ୱାଟକୋ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କ ସମେତ ଜ୍ଞାନେନ୍ଦ୍ର ସାହୁ, ସୁଦୀପ କୁମାର ସାହୁ, ସୁଜିତ ପାଣି, ଚନ୍ଦନ ଦାସ, ରଶ୍ମିରଞ୍ଜନ ଦାସ, ବିଦ୍ୟାନନ୍ଦ ପ୍ରଧାନ, ପ୍ରେମଜୀତ ସାବତ, ସୁଦୀପ କୁମାର ଦାସ, ସନ୍ଦୀପ ନାୟକ, ବିଶ୍ୱରଞ୍ଜନ ମହାନ୍ତି, ଉଦୟ ପୁରୀ, ଜନ ଆଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ବାରବାଟୀରେ ହେବାକୁ ଥିବା ଟି-୨୦ ପାଇଁ ଖେଳାଳିଙ୍କ ସୁରକ୍ଷା ଲାଗି କାରକେଡ୍ ରିହରସାଲ କରାଯାଉଛି।




ଡ୍ରିମ୍‌ସ କୃଷି ବିଦ୍ୟାଳୟ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ‘ପୁସ୍ତକ ମାଧ୍ୟମରେ ଅନାଲୋଚିତ ବରପୁତ୍ରଙ୍କୁ ଲୋକଲୋଚନକୁ ଆଣନ୍ତୁ’

## ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା ଭାରତବର୍ଷର ଅନ୍ୟତମ ପୁରାତନ ଭାଷା। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ହାତୀଗୁମ୍ଫା ଶିଳାଲିପି, ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡର ପ୍ରାଚୀନ ଅଭିଲେଖ, ପୁରୁଣା ପୋଥି, ତାମ୍ରଫଳକ ଓ ତାଳପତ୍ର ପୋଥିରୁ ଆମ ଓଡ଼ିଆ ଭାଷା କେତେ ପ୍ରାଚୀନ ତାହା ପ୍ରମାଣିତ ହୋଇଛି। ଏହି ପ୍ରାଚୀନ ଭାଷା ସାହିତ୍ୟକୁ ବିକାଶ ଓ ବୃଦ୍ଧିମନ୍ତ କରିବା ଦାୟିତ୍ୱ ଆମର



ରାଜ୍ୟ ପୁସ୍ତକ ମହୋତ୍ସବ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ପ୍ରଦର୍ଶିତ ପୁସ୍ତକ ଦେଖୁଛନ୍ତି। (ଫଟୋ- ବିକାଶ ନାୟକ)



ପୁସ୍ତକପ୍ରେମୀମାନେ ମେଳାରେ ବହି କିଣାକିଣି କରୁଛନ୍ତି।

ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଆୟୋଜିତ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବକୁ ଶନିବାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ପୁସ୍ତକ ପଠନ ମାଧ୍ୟମରେ ଆମ ଅବହେଳିତ ତଥା ଅନାଲୋଚିତ ବରପୁତ୍ରଙ୍କ ବିଷୟରେ ଆମେ ଜାଣିପାରିବା। ଲେଖକମାନେ ଏହି ଅନାଲୋଚିତ ବରପୁତ୍ରଙ୍କ ବିଷୟରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରି ପୁସ୍ତକ ମାଧ୍ୟମରେ ସେମାନଙ୍କୁ ଲୋକଲୋଚନକୁ ଆଣନ୍ତୁ।

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଆମେ ପୁସ୍ତକକୁ ଭଗବାନ୍ ସଦୃଶ ବିବେଚନା କରି ପୂଜା କରିଥାଉ। ପୁସ୍ତକ ଆମ ଚେତନାକୁ ସବୁବେଳେ ପ୍ରଭାବିତ କରିଛି। ପିଲାମାନେ ମୋବାଇଲ ବ୍ୟବହାରକୁ କମ୍ କରି ପୁସ୍ତକ ପଠନ କରିବାକୁ ମନ୍ତ୍ରୀ ଉତ୍ସାହିତ କରିଥିଲେ। ଏକାମ୍ର ବିଧାୟକ ବାବୁ ସିଂ କହିଲେ, ପୂର୍ବରୁ ଏହା ପୁସ୍ତକ ମେଳା ଥିଲା। ଏବେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏହା ଏକ ମହୋତ୍ସବରେ ପରିଣତ ହୋଇଛି। ଯୁବଶକ୍ତିଙ୍କୁ ପୁସ୍ତକ ସହ ଯୋଡ଼ି ରଖିବା ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ସେ କହିଥିଲେ। ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡ. ପ୍ରତିଭା ରାୟ କହିଲେ, ମାନବ ଜାତିର ଇତିହାସରେ ଦୁଇଟି ବିସ୍ମୟକର ଘଟଣା ହେଉଛି ଅଗ୍ନି ଏବଂ ଭାଷା। ମଣିଷ ନିଜର ବିବେକ, ଚେତନା ଓ ଜ୍ଞାନ ଦ୍ୱାରା ଭାଷାକୁ ଉଦ୍ଭାବନ କରିଛି। ଆମ ସଂସ୍କୃତି ହେଉଛି ପୋଥିଗତ, ଜ୍ଞାନଗତ ଓ ବିବେକଗତ। ପୋଥି ହେଉଛି ଆମର ସବୁଠାରୁ ବଡ଼ ବନ୍ଧୁ। ଆମ ଭିତରେ ଥିବା ଚେତନାକୁ ଜାଗ୍ରତ କରିଥାଏ ପୁସ୍ତକ। ତେଣୁ ପୁସ୍ତକକୁ ଉପହାର ରୂପେ ଗ୍ରହଣ ଓ ପ୍ରଦାନ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିବା ସହ ଯୁବବର୍ଗଙ୍କୁ ଆଗାମୀ ଭାଲେଣ୍ଟାଇନ ଡେ’କୁ ବୁକ୍ ଡେ ଭାବେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କର୍ଣ୍ଣେଲ ଶରତ ମହାପାତ୍ରଙ୍କ ‘ଅପରେଶନ ସିନ୍ଦୂର’, ଡ. ପଞ୍ଚାନନ ନାୟକଙ୍କ ‘ଦେ’, ବଦ୍ରୀ ମହାପାତ୍ରଙ୍କ ‘ମୂର୍ଚ୍ଛିତ ମୋକ୍ଷ’, ବିମଳା ସିଂଙ୍କ ‘ଝରା ଶ୍ରାବଣ’, ଦାଶ ବେନହୁରଙ୍କ ‘ଓଡ଼ିଆ ଶିଶୁ ସାହିତ୍ୟ କିଛି ପର୍ଯ୍ୟାଲୋଚନା’ ସମେତ ଓଡ଼ିଶା ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ବିଭିନ୍ନ ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଓ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୁସ୍ତକ ମହୋତ୍ସବରେ ୫୫୦ ଷ୍ଟଲ ଖୋଲାଯାଇଛି। ଏଥିସହିତ ବରପୁତ୍ରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଭିଲିଅନ ପ୍ରସ୍ତୁତ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜେଶ



@ ବିକାଶରଞ୍ଜନ



@ ଜିତେନ୍ଦ୍ର



@ ଆହୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଇକଙ୍କ ଭିତରେ ଦେଶପ୍ରେମ ଉଦ୍ରେକ କରିଥିଲେ ଜୟୀ ରାଜଗୁରୁ

ଭୁବନେଶ୍ୱର,୬।୧୨(ସୁଚିସ୍ମିତା ସାହୁ)

## ବିଧାନସଭା ପରିସର, ଏଜି ଛକସ୍ଥିତ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସଂଗ୍ରାମୀ ଜୟୀ ରାଜଗୁରୁ କେବଳ ରାଜ ପୁରୋହିତ ନ ଥିଲେ, ସେ ଜଣେ ଜ୍ଞାନୀ, ଗୁଣୀ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଏବଂ ଶାସ୍ତ୍ର ବିଶାରଦ ଭାବେ ପରିଚିତ ଥିଲେ। ସେ ବୀର ପାଇକ ଜାତି ଭିତରେ ଦେଶପ୍ରେମ ଉଦ୍ରେକ କରି ନିଜ ଅଞ୍ଚଳର ସୁରକ୍ଷା ପାଇଁ ଇଂରେଜଙ୍କ ବିରୋଧରେ ଶସ୍ତ୍ର ଉଠାଇବା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ଆଜି ବି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ଶନିବାର ତାଙ୍କ ଶ୍ରାଦ୍ଧ ଦିବସରେ ଅତିଥିମାନେ କହିଛନ୍ତି।

ବିଧାନସଭା ପରିସରରେ ଶନିବାର ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।



ବିଧାନସଭା ପରିସରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ।

# ବିରଞ୍ଚି, ୨ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- ବିରଞ୍ଚିଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ସାର୍ଟିଫିକେଟ୍ ଦେଇଥିଲେ ପରୀକ୍ଷାର୍ଥୀ
- ପିଲା ଯୋଗାଡ଼ କରିଥିବା ୫ ମଧ୍ୟସ୍ଥ ସିବିଆଇ ସ୍କାନରରେ

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇଥିବା ବିରଞ୍ଚି ନାରାୟଣଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି ସିବିଆଇ(କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା)। ଶନିବାର ବିରଞ୍ଚି ଏବଂ ଅନ୍ୟ ଦୁଇ ଜଣ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା କରିଛି ସିବିଆଇ। ଦୁଇ ପରୀକ୍ଷାର୍ଥୀ ବିରଞ୍ଚିକୁ ୧୦ ଲକ୍ଷ ଟଙ୍କା ଏବଂ ସାର୍ଟିଫିକେଟ ଦେଇଥିଲେ। କିଭଳି ବିରଞ୍ଚି ସହ ପରିଚିତ ହେଲେ, କେତେ ଜଣଙ୍କ ଠାରୁ ସେ ଟଙ୍କା ନେଇଥିଲେ। ଆଦି ଅନେକ ବିଷୟରେ ସିବିଆଇ ପଚରାଉଚରା କରୁଛି। ଦୁଇ ପରୀକ୍ଷାର୍ଥୀଙ୍କ ମାଧ୍ୟମରେ ବିରଞ୍ଚି ୧୫ଜଣ ପିଲାଙ୍କ ସହ ଯୋଗାଯୋଗରେ ଆସିଥିଲେ। ସେମାନଙ୍କ ଠାରୁ ମଧ୍ୟ ବିରଞ୍ଚି ଟଙ୍କା ଏବଂ ସାର୍ଟିଫିକେଟ୍ ନେଇଥିଲେ। ରବିବାର ସିବିଆଇ ଏହି ୧୫ଜଣ ପିଲାଙ୍କୁ ପଚରାଉଚରା କରିବା ପାଇଁ ଡାକିଛି। ସେମାନେ ହାଜର ହେବ ପରେ ବିରଞ୍ଚି ସମ୍ପର୍କରେ ଏକାଧିକ ତଥ୍ୟ ମିଳିବ।

ବିରଞ୍ଚି କେବଳ ଉପକୂଳ ଜିଲାର ପିଲାଙ୍କ କଥା ବୁଝୁଥିଲେ। ତାଙ୍କ ଅଧୀନରେ ଆହୁରି ୧୦ ଜଣ ଦଲାଲ ରହିଥିଲେ। ସେମାନେ ପିଲା ଯୋଗାଡ଼କରି ବିରଞ୍ଚିଙ୍କ ପାଖକୁ ଆଣୁଥିଲେ। ବିରଞ୍ଚି ସେମାନଙ୍କ ଠାରୁ ଟଙ୍କା ଓ ସାର୍ଟିଫିକେଟ୍ ନେଇ ରାକେଟର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ ଦେଉଥିଲେ। ପିଲା ପିଛା ୨୫ଲକ୍ଷ ଟଙ୍କାରେ ଚାକିରି ଫାଇନାଲ ହୋଇଥିବା ବେଳେ ଅଗ୍ରିମ ଆକାରରେ ସେମାନେ ୧୦ଲକ୍ଷ ନେଉଥିଲେ। ଏଥିରୁ ବିରଞ୍ଚି ୪ଲକ୍ଷ ଟଙ୍କା ପାଉଥିଲା। ବାକି ଟଙ୍କା ଶଙ୍କର ପୃଷ୍ଟି ଏବଂ ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକ ସୁରେଶଙ୍କ ପାଖକୁ ଯାଉଥିଲା। ପିଲା ଠିକ୍ ହେବା ପରେ ବିରଞ୍ଚି ସେମାନଙ୍କୁ ବସ୍‌ରେ ଦିଘା ନେଇ ହୋଟେଲରେ ରଖି ଆଗୁଆ ପ୍ରଶ୍ନପତ୍ର ଘୋଷାଉଥିଲେ। ଏହିଭଳି ସେ ୩ଶହ ପିଲାଙ୍କୁ ନେଇ ଆଗୁଆ ପ୍ରଶ୍ନପତ୍ର ଘୋଷାଇଥିଲେ। ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ରାକେଟ ପୂରା ଓଡ଼ିଶା ସାରା କାମ କରୁଥିଲା। ବିଶେଷ କରି କୋଚିଂ ସେଣ୍ଟରରୁ ବିରଞ୍ଚି ପିଲା ଯୋଗାଡ଼ କରୁଥିଲେ। ସିବିଆଇ ପଚରାଉଚରା କରିବା ସମୟରେ ବିରଞ୍ଚି ୩ ଟି କୋଚିଂ ସେଣ୍ଟର ନାମ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ସିବିଆଇ ଏହି କୋଚିଂ ସେଣ୍ଟର ମାଲିକଙ୍କୁ ଉଠାଇ ପଚରାଉଚରା କରିବ ବୋଲି ଜଣାପଡ଼ିଛି।



ବିରଞ୍ଚି

# ହଷ୍ଟେଲ ବାଥ୍‌ରୁମ୍‌ରୁ ହସ୍ପିଟାଲ କର୍ମଚାରୀଙ୍କ ମୃତଦେହ ଜବତ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

ଭରତପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ମେଡିକାଲର କର୍ମଚାରୀଙ୍କ ମୃତଦେହ ବାଥ୍‌ରୁମ୍‌ରୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କ ମୁହଁ ଏବଂ ଛାତିରେ ରକ୍ତ ଲାଗିଥିବାରୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ସିସିଟିଭି ଯାଞ୍ଚ କରି ତଦନ୍ତ କରୁଛି। ମୃତ ଯୁବକ ହେଲେ ଆଠଗଡ଼ ଜେନାପଦାର ରଶ୍ମିରଞ୍ଜନ ଖଟୁଆ। ସେ ୨ବର୍ଷ ହେବ ଉକ୍ତ ହସ୍ପିଟାଲରେ କାମ କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମ୍‌ସ ପଠାଇଛି। ଶୁକ୍ରବାର ଅପରାହ୍ନ ୪ଟାରେ ରଶ୍ମିରଞ୍ଜନ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ହେଲେ ସନ୍ଧ୍ୟା ୫ଟାରୁ ତାଙ୍କ ଫୋନ୍ ଲାଗି ନ ଥିଲା। ଶନିବାର ଦିନ ଗୋଟାଏ ସମୟରେ ସେ ରହୁଥିବା ହଷ୍ଟେଲ ଅନ୍ୟ କର୍ମଚାରୀମାନେ ରଶ୍ମୀରଞ୍ଜନଙ୍କୁ ନ ପାଇ ତାଙ୍କ ପରିବାର ଲୋକଙ୍କୁ ଫୋନ କରିଥିଲେ। ହେଲେ ସେ ଘରକୁ ଯାଇ ନ ଥିବା ଜଣାପଡ଼ିବା ପରେ ପରିବାର ଲୋକେ ତୁରନ୍ତ ଆସି ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ହସ୍ପିଟାଲର ସବୁ ସିସିଟିଭି ଯାଞ୍ଚ କରିବାପରେ ରହୁଥିବା ହଷ୍ଟେଲ ବାଥ୍‌ରୁମ୍‌ରୁ ମୃତଦେହ ମିଳିଥିଲା।

# ନକଲି ଡାକ୍ତର ସାଜିଥିବା କୁଳମଣିଙ୍କ ଜେଲରେ ମୃତ୍ୟୁ

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

- ୧୫ ମହିଳାଙ୍କୁ ମିଛ କହି ବିବାହ କରିଥିଲେ
- ଚାକିରି କରାଇ ଦେବାକୁ କହି ଠକୁଥିଲେ

ନିକଲି ଡାକ୍ତର ସାଜି ଏକାଧିକ ମହିଳାଙ୍କୁ ବିବାହ କରି ଠକୁଥିବା କୁଳମଣି ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି। ସେ କ୍ୟାନ୍‌ସରରେ ପୀଡ଼ିତ ହୋଇ ଏମ୍‌ସରେ ଚିକିତ୍ସିତ ହେଉଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଗତ କିଛି ଦିନ ତଳେ ସେ ଗୁରୁତର ହେବା ପରେ ଝାରପଡ଼ା ଜେଲ କର୍ତ୍ତୃପକ୍ଷ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଏମ୍‌ସରେ ଭର୍ତ୍ତି କରାଯାଇଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଗତ ୨୯ତାରିଖରେ ଦୋଷୀସାବ୍ୟସ୍ତ ହେବାପରେ ଝାରପଡ଼ା ଜେଲକୁ ଆସିଥିଲେ। ୩ବର୍ଷ ତଳେ ଜଣେ ମହିଳାଙ୍କୁ ଡାକ୍ତର କହି ଠକିଥିବାନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ମହିଳା ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା। ସେ ବିଭିନ୍ନ ରାଜ୍ୟରେ ୧୫ଜଣ ମହିଳାଙ୍କୁ ଠକିଥିଲେ। ନିଜକୁ କେନ୍ଦ୍ର ସରକାରଙ୍କ ପଦପଦବୀରେ ଥିବା କହି ନିଜର ହେଉଥିଲେ। ପରେ ତାଙ୍କୁ ମିଛ କଥା କହି ଟଙ୍କା ଲୁଟୁଥିଲେ। ଏପରିକି ଅନେକ ଲୋକଙ୍କୁ ମେଡିକାଲ କଲେଜରେ ଆଡ୍‌ମିଶନ୍ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା କୁଳମଣି ଠକି ନେଇଥିଲେ। କେବଳ ଏତିକି ନୁହେଁ ଲୋକଙ୍କୁ ଫ୍ଲଟ୍ ଏବଂ ଅନ୍ୟାନ୍ୟ ସରକାରୀ ଚାକିରି କରାଇ ଦେବାକୁ କହି ମଧ୍ୟ ଠକିଥିଲେ। ୨୦୦୬ରେ ତାଙ୍କୁ ଠକେଇ ମାମଲାରେ କେରଳ ପୋଲିସ ଗିରଫ କରିଥିଲା। ୭ଟି ରାଜ୍ୟରେ ସେ ଠକେଇ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

# ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟା ଉପଯୋଗ ଜରୁରୀ: ରାଜ୍ୟପାଳ

ଭୁବନେଶ୍ୱର,୬।୧୨(ଅନୁରାଧା ମହାରଣା)

- ୩୯ଜଣଙ୍କୁ ପିଏଚ୍‌ଡି ଓ ୩୦୫୯ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ
- ୨୧ଜଣଙ୍କୁ ଭିଜିଟର୍ସ, ସ୍ମାରକୀ ଓ ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଯୋଗଦେଇ କହିଲେ, ନୂତନତାକୁ ଆପଣେଇବା ଓ ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ପଡ଼ିବ। ଆଜିର ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ଦେଶର ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଦୃଶ୍ୟପଟ୍ଟକୁ ଆକାର ଦେବା ପାଇଁ ସେମାନଙ୍କୁ ନେତୃତ୍ୱ ନେବାକୁ ପଡ଼ିବ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ଗବେଷଣାକୁ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା ସମସ୍ତଙ୍କ ବିକାଶ ଓ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ନିଯୁକ୍ତି ପଛରେ ନ ପଡି, ନିଯୁକ୍ତି ପ୍ରଦାନକାରୀ ହେବାକୁ ଚେଷ୍ଟା କରନ୍ତୁ ବୋଲି ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ କହିଲେ, ଆବିଷ୍କାରମୂଳକ ଶିକ୍ଷା ଓ ଦକ୍ଷତାଭିତ୍ତିକ ତାଲିମ ମାଧ୍ୟମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରଙ୍କ ବିକାଶ ଲକ୍ଷ୍ୟ ରଖିଛି। ଇସ୍ରୋ ସ୍ପେସ୍ କମିଶନ ଅଧ୍ୟକ୍ଷ ତଥା ସ୍ପେସ୍ ମନ୍ତ୍ରଣାଳୟର ସଚିବ ଡ. ଭି ନାରାୟଣ କହିଲେ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ତା’ର ଗୁଣାତ୍ମକ ଶିକ୍ଷାଦାନ ପ୍ରତି ସବୁବେଳେ ପ୍ରତିଶ୍ରୁତିବଦ୍ଧ। ନୂତନତା ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ଏବଂ ପ୍ରଯୁକ୍ତିବିଦ୍ୟା ସଶକ୍ତ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟସେବା, ଉଦ୍ୟୋଗିତା, ସାମାଜିକ ବିକାଶ କିମ୍ବା ସେମାନେ ବାଛିଥିବା ଯେକୌଣସି କ୍ଷେତ୍ରରେ ନିଶ୍ଚିତ ଭାବେ ସାର୍ଥକ ଅବଦାନ ଦେବେ। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ (ଡିଆର୍‌ଡିଓ)ର ମହାନିର୍ଦ୍ଦେଶକ ଡ. ବିକେ ଦାସ କହିଲେ, ଆମ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି। ଏହା ନୂତନତା, ବିକାଶ ଏବଂ ବିଶ୍ୱ ପ୍ରଭାବରେ ଅଗ୍ରଗତି କରୁଛି। ତେଣୁ ଛାତ୍ରୀଛାତ୍ରମାନେ ଆକାଂକ୍ଷା, ମୂଲ୍ୟବୋଧ ଓ ନୈତିକତା ସହିତ ଆଗକୁ ବଢ଼ନ୍ତୁ।

ଏହି ଅବସରରେ ୩୯ଜଣ ପିଏଚ୍‌ଡି ସ୍କଲାର୍ ଏବଂ ପୂର୍ବ ବ୍ୟାଚର ୧୮୩ ଜଣ ଛାତ୍ରଛାତ୍ରୀ ଓ ୨୦୨୫ ଗ୍ରାଜୁଏଟ ବ୍ୟାଚର ୩୦୫୯ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିସହ ବି.ଟେକ ଇଞ୍ଜିନିୟରିଂ (ମେରାଇନ)ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓନିନୟେ ଫ୍ରାନ୍ସିସ୍କା ଅଜାକାଙ୍କୁ ‘ଭିଜିଟର୍ସ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ସେହିପରି ମାଷ୍ଟର ଅଫ୍ ଫାର୍ମାସିରେ ଶ୍ରେଷ୍ଠ ମହିଳା ସ୍ନାତକ ଭାବେ ସଙ୍ଗୀତା ଘୋଷଙ୍କୁ ‘ଧୀରେନ ପଟ୍ଟନାୟକ ସ୍ମାରକୀ ଗୋଲ୍ଡ ମେଡାଲ’, ସ୍କୁଲ ଅଫ ମ୍ୟାନେଜମେଣ୍ଟରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ସାକେତ ରାଜଙ୍କୁ ‘ପିଟର ରେନଭିକ ସ୍ମାରକୀ ଗୋଲ୍ଡ ମେଡାଲ’ ଓ ଆଲାଏଡ୍ ହେଲ୍‌ଥକେୟାର୍ ସାଇନ୍ସେସର ଶ୍ରେଷ୍ଠ ସ୍ନାତକ ଭାବେ ଅର୍ପିତା ମହାପାତ୍ରଙ୍କୁ ‘ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଗୋଲ୍ଡ ମେଡାଲ’ରେ ସମ୍ମାନିତ କରାଯାଇଛି। ଏଥିସହ ୧୭ଜଣ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ ଏବଂ ୩୩ ଜଣଙ୍କୁ ‘ମେରିଟ ଆୱାର୍ଡ’ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରଫେସର ଡି. ଏନ. ରାଓ, କୁଳସଚିବ ପ୍ରଫେସର ଅନିତା ପାତ୍ର ଓ ପ୍ରୋ-ଭାଇସ ଚାନ୍ସେଲର ଡ. ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍ସବରେ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଜଣେ ଛାତ୍ରଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

# କାର୍ ଧକ୍କାରେ ୨ ମୃତ, ୨ ଗୁରୁତର

ଖଜୁରୀପଡ଼ା,୬।୧୨(ବିପ୍ଳବ ବେହେରା)

କନ୍ଧମାଳ ଜିଲା ଖଜୁରୀପଡ଼ା ଥାନା ସଗ୍ୟେପଦରଠାରେ ଏକ ଅଜଣା ଗାଡ଼ି ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ସଗ୍ୟେପଦର ଗ୍ରାମର ବିଦ୍ୟାଧର ସେଠୀ ହୋଇଥିବା ବେଳେ ଅନ୍ୟଜଣ ପ୍ରେମତରି ଗ୍ରାମର ଉପେନ୍ଦ୍ର ଦିଗାଲ ବୋଲି ଜଣାପଡ଼ିଛି। ଫୁଲବାଣୀ ୫୭ ନଂ ଜାତୀୟ ରାଜପଥ ଖଜୁରୀପଡ଼ା ପଟୁ ଏକ କାର ଶନିବାର ସନ୍ଧ୍ୟାରେ ଦ୍ରୁତ ଗତିରେ ଯାଉଥିଲା ବେଳେ ସଗ୍ୟେପଦର ଘାଟ ନିକଟରେ ଉଭୟଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। କାରଟି ଭାରସାମ୍ୟ ହରାଇ ପୁଣି ସଗ୍ୟେପଦର ଶିବ ମନ୍ଦିର ନିକଟରେ ଆଉ ଜଣଙ୍କୁ ଧକ୍କା ଦେଇଥିଲା। ଫଳରେ ଏଥିରେ ବିଦ୍ୟାଧର ଓ ଉପେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ପ୍ରତିବାଦରେ ଲୋକେ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ହସ୍ତକ୍ଷେପ ପରେ ଏହା ପ୍ରତ୍ୟାହୃତ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ମୁଖ୍ୟମନ୍ତ୍ରୀ ରେଶମ...

ସମ୍ପର୍କରେ ଶନିବାର ଗୃହକୁ ଜଣାଇଛନ୍ତି। ରାଜ୍ୟରେ ବୟନ ଶିଳ୍ପର ଅନୁକୂଳ ପରିସ୍ଥିତିକୁ ସୁଦୃଢ଼ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା। ଏଥିପାଇଁ ୪୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା (ଏମ୍‌ବିଏସ୍‌ୱାଇ)କୁ ଅନୁମୋଦନ ମିଳିଛି। ଏହି ଯୋଜନା ଦ୍ୱାରା ନୂତନ ନିବେଶକଙ୍କୁ ଆକର୍ଷିତ କରିବା, ଉତ୍ପାଦକତା ବୃଦ୍ଧି କରିବା, ଗ୍ରାମୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା ଏବଂ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ମୂଲ୍ୟ ଶୃଙ୍ଖଳା ଗଠନ ହେବ। ଓଡ଼ିଶା ପୋଷାକ ଓ ବୈଷୟିକ ବସ୍ତ୍ରନୀତି ୨୦୨୨ ଓ ଶିଳ୍ପନୀତି ସଂକଳ୍ପ ୨୦୨୫ ଅନୁଯାୟୀ ନୂତନ ବସ୍ତ୍ର ଉତ୍ପାଦନ ସମ୍ପତ୍ତିଗୁଡ଼ିକୁ ମିଳୁଥିବା ସୁବିଧା ସହ ଏମ୍‌ବିଏସ୍‌ୱାଇର ବିଶେଷତ୍ୱ ମଧ୍ୟ ସାହାଯ୍ୟ ହେବ। ଏହାଦ୍ୱାରା ଆସନ୍ତା ୫ ବର୍ଷରେ ଏମ୍‌ବିଏସ୍‌ୱାଇ ଦ୍ୱାରା ଅଧିକ ନିବେଶକ ଆକର୍ଷିତ ହେବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିପୁଳ ରୋଜଗାର ସୃଷ୍ଟିହେବ।

କ୍ୟାବିନେଟ୍ ବୈଠକରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗ ଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ଏହାଦ୍ୱାରା ପ୍ରତ୍ୟେକ କ୍ୟାଡର୍ ନିମନ୍ତେ ପୋଷ୍ଟ ଆଧାରିତ ରୋଷ୍ଟର ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ସଂରକ୍ଷଣ ନୀତି ସମସ୍ତ ବିଶ୍ୱବିଦ୍ୟାଳୟରେ ସମରୂପ ଭାବେ ପ୍ରୟୋଗ ହେବ। ନିଯୁକ୍ତି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସହଜ ହେବ। ଏହି ପ୍ରସ୍ତାବ ଫଳରେ ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ଅନ୍ୟାନ୍ୟ ଯୋଗ୍ୟ ବର୍ଗମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ପ୍ରଶାସନୀୟ ପ୍ରଣାଳୀରେ ସରଳତା ଏବଂ ରାଷ୍ଟ୍ରୀୟ ସ୍ତରର ଅନୁରୂପ ନୀତି ସହିତ ସମାନ୍ତରତା ସୁନିଶ୍ଚିତ କରିବ।

ସେହିପରି ଓଡ଼ିଶା ମତ୍ସ୍ୟସେବା(ଓଏଫ୍‌ଏସ୍) କ୍ୟାଡର ପୁନର୍ଗଠନକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୨ରୁ ୪, ମିଳିତ ମତ୍ସ୍ୟ ନିର୍ଦ୍ଦେଶକ ପଦ ୩ରୁ ୧୧ ଏବଂ ଉପ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୩୮ରୁ ୧୧୯କୁ ବୃଦ୍ଧି ପାଇଛି। ସେହିପରି ବରିଷ୍ଠ ମତ୍ସ୍ୟ ଅଧିକାରୀ ବା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ(ଗ୍ରୁପ୍-ଏ)ର ୧୯୫ଟି ନୂତନ ପଦବୀ ସୃଷ୍ଟି କରାଯାଇଛି।

କ୍ୟାବିନେଟ୍ ବୈଠକରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି-୨୦୨୫କୁ ଅନୁମୋଦନ ଲାଭ କରିଛି। ଏହି ନୀତି ଦ୍ୱାରା ଆବଶ୍ୟକ ଶିଳ୍ପ ଭିତ୍ତିଭୂମି ସୁବିଧା ଯୋଗାଇବା ପାଇଁ ଓଡ଼ିଶା ଫାର୍ମା ପାର୍କ ଏବଂ ଓଡ଼ିଶା ମେଡ୍‌ଟେକ୍ ପାର୍କର ପରିକଳ୍ପନା କରାଯାଇଛି। ଏଥିରେ ଓଡ଼ିଶା ଔଷଧ ବିକାଶ ସେଲ୍(ଓଡିସି) ପ୍ରତିଷ୍ଠା ପ୍ରସ୍ତାବ ନିବେଶକଙ୍କୁ ସହାୟତା କରିବ। ଇଭିଡିଟି ଏବଂ ଇଭୋକ୍ ସ୍ୱଚ୍ଛ, ସମୟସାମୟିକ ସୁବିଧା ଏବଂ ଆର୍ଥିକ ପରିଚାଳନାକୁ ସୁଗମ କରିବ।

ସେହିପରି ଓଡ଼ିଶା ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ରୁଲ୍ସ, ୨୦୦୭ର କିଛି ନିୟମାବଳୀରେ ସଂଶୋଧନ ହେବାକୁ ନିଷ୍ପତ୍ତି ହୋଇଛି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଗତ ମେ ୨୦ ତାରିଖରେ ଏନେଇ ଆଦେଶ ଦିଆଯାଇଥିଲା। ଏହି ସଂଶୋଧନରେ ମୁଖ୍ୟତଃ, ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧନ ଜିଲା ଜଜ୍ ନିଯୁକ୍ତିର ଅନୁପାତ, ସିଭିଲ ଜଜ୍(ବରିଷ୍ଠ ବିଭାଗ) ପାଇଁ ପଦୋନ୍ନତି, ସିଭିଲ ଜଜ୍(କନିଷ୍ଠ ବିଭାଗ) ପଦ ପାଇଁ ୩ ବର୍ଷର ଅଭ୍ୟାସ ସହ ଆଡଭୋକେଟ୍ ନିଯୁକ୍ତି ଲାଗି ଉପର ବୟସସୀମାକୁ ୪୨ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହାସହ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଏବଂ ବରିଷ୍ଠତା ପ୍ରକ୍ରିୟାକୁ ସୁଗମ କରାଯାଇଛି।

## ରାତିଅଧରେ ନାବାଳିକାଙ୍କ...

କରୁଛି। ରାଜ୍ୟରେ ଗତ ୬ ମାସ ମଧ୍ୟରେ ଏହା ହେଉଛି ଛାତ୍ରୀଙ୍କ ଷଷ୍ଠ ଆତ୍ମହତ୍ୟା ଉଦ୍ୟମ ଘଟଣା। ସୂଚନା ଅନୁଯାୟୀ, ନାବାଳିକା ଜଣକ କଲେଜ ଯିବାଆସିବା କରିବା ସମୟରେ ନିଲେଶ ତାଙ୍କୁ ପିଛା କରନ୍ତି ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ନିର୍ଯାତନା ଦିଅନ୍ତି। ଏନେଇ ନାବାଳିକା ପରିବାର ଲୋକଙ୍କୁ କିଛି ଜଣାଇ ନ ଥିଲେ। ସୁଦ୍ଧିନ ପରି ଶୁକ୍ରବାର ସେ କଲେଜ ଯିବାବେଳେ ନିଲେଶ ତାଙ୍କୁ ପିଛାକରି ନିର୍ଯାତନା ଦେଇଥିଲେ। ନାବାଳିକା କିଛି ନ କହି ସେଠାରୁ ଚାଲି ଆସିଥିଲେ। ରାତିରେ ପରିବାର ଲୋକଙ୍କ ସହ ଖାଇପିଇ ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ହଠାତ୍ ଦେହରେ ନିଆଁ ଲଗାଇ ଦେଇଥିଲେ। ନିଆଁ ସହି ନ ପାରି ସେ ଚିତ୍କାର କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ଘଟଣା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ରାଜଗାଙ୍ଗପୁର ଥାନାଧିକାରୀ ବିଜୟ ଦାସ, ଲାଥିକଟା ଫାଣ୍ଡି ଅଧିକାରୀ ପ୍ରତିରଞ୍ଜନ ପରିଡ଼ା ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ତଥା ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏଥିସହ ହସ୍ପିଟାଲରେ ଚିକିତ୍ସିତ ନାବାଳିକାଙ୍କୁ ଭେଟି ତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ଏସ୍‌ପି କୌର ଶନିବାର ସନ୍ଧ୍ୟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜୁଲାଇ ୧୪ ବେଳକୁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ପରଠୁ ଏହା ହେଉଛି ଏହି ଧରଣର ଷଷ୍ଠ ଘଟଣା।

## ସିରିଜ ଜିତିଲା...

ଦୁଇ ଓପନର ରୋହିତ ଶର୍ମା ଓ ଜୟସ୍ୱାଲ ୧୫୫ ରନର ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ରୋହିତ ୨୬ତମ ଓଭରରେ ମିଡ୍ ଉଇକେଟ୍ ଉପରେ ଛକା ମାରିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ସେ ୭ ଚୌକା ଓ ୩ ଛକା ସହିତ ୭୫ ରନ କରିଥିଲେ। ଏହାପରେ କୋହଲି ଓ ଜୟସ୍ୱାଲ ଜିତିବା ପାଇଁ ଆବଶ୍ୟକ ରନ ସଂଗ୍ରହ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଜୟସ୍ୱାଲ ୧୨୧ ବଲରେ ୧୧୬ ରନ କରିଥିଲେ। ତାଙ୍କ କ୍ୟାରିୟରର ପ୍ରଥମ ଦିନିକିଆ ଶତକରେ ୧୨ ଚୌକା ଓ ୨ ଛକା ସାମିଲ ଥିଲା। କୋହଲି ୪୫ ବଲରେ ୬ ଚୌକା ଓ ୩ ଛକା ସହିତ ୬୫ ରନ କରି ଅପରାଜିତ ରହିଥିଲେ। ଭାରତ ୩୯.୫ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା:** ୪୭.୫ ଓଭରରେ ୨୭୦/ଅଲଆଉଟ(କ୍ୱିଣ୍ଟନ ଡି କକ୍-୧୦୬, ଟେମ୍ବା ବଭୁମା-୪୮, କୁଲଦୀପ ଯାଦବ-୪/୪୧, ପ୍ରସିଦ୍ଧ କିଷ୍ଣା-୪/୬୬)। **ଭାରତ:** ୩୯.୫ ଓଭରରେ ୨୭୧/୧ (ଯଶସ୍ୱୀ ଜୟସ୍ୱାଲ-୧୧୬*, ରୋହିତ ଶର୍ମା-୭୫, ବିରାଟ କୋହଲି-୬୫*, କେଶବ ମହାରାଜ-୧/୪୪)।

# ଅବକାରୀ: ମାମଲା ଅଧିକ, ଦଣ୍ଡ ନଗଣ୍ୟ

**■ ୨,୦୪,୦୫୬ ମାମଲାରୁ ୩୪ ହୋଇଛି ଦଣ୍ଡବିଧାନ ■ ପ୍ରତି ବର୍ଷ ବଢୁଛି ମଦ ରାଜସ୍ୱ**

ଭୁବନେଶ୍ୱର,୬।୧୨(ସୁମିତ୍ ମିଶ୍ର)

ଓଡ଼ିଶାରେ ବର୍ଷକ ଭିତରେ ଅନେକ ଲକ୍ଷ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ଏଥିରେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ ରହିଛି। ଯାହାକୁ ସଚେତନ ନାଗରିକମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ଅନ୍ୟପଟେ କେବଳ ମଦରୁ ପ୍ରତିବର୍ଷ ରାଜସ୍ୱ ଆଦାୟରେ ସରକାର ରେକର୍ଡ କରିଚାଲିଛନ୍ତି। ଏ ସମ୍ପର୍କିତ ସରକାରୀ ପରିସଂଖ୍ୟାନ ଦେଖିଲେ ଅବକାରୀଜନିତ ମାମଲା ଓ ଏ ସମ୍ବନ୍ଧୀୟ କାର୍ଯ୍ୟାନୁଷ୍ଠାନ ଭିତ୍ତିରେ ଦର୍ଶାଉଛି ଯେଉଁଲେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ବଢ଼ାଇବାକୁ ସରକାର କେବଳ ସମୀକ୍ଷା ବୈଠକ କରୁଥିବା ଖୋଦ୍ ବିଭାଗୀୟ ମନ୍ତ୍ରୀ ଗୃହରେ ସ୍ୱୀକାର କରିଛନ୍ତି।

ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ବିଧାନସଭାରେ ଦେଇଥିବା ସରକାରୀ ତଥ୍ୟ ମୁତାବକ, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟରେ ମୋଟ୍ ୨,୦୪,୦୫୬ଟି ଅବକାରୀ ମାମଲା ରୁଜୁହୋଇ କୋର୍ଟରେ ବିଚାରାଧୀନ ରହିଛି। ସେଥିରୁ ବାଲେଶ୍ୱରରେ ୧୪,୯୨୨, ଅନୁଗୋଳ ୧୫,୧୬୭, ବରଗଡ଼ ୭୪୩୮, ବ୍ରହ୍ମପୁର ୧୫୫୮, ଭଦ୍ରକ ୫୦୨୩, ଭୁବନେଶ୍ୱର ୧୧୦୯୫, ବଲାଙ୍ଗୀର ୪୨୪୦, ବୌଦ୍ଧ ୬୭୮, କଟକ ୧୬୫୬୪, ଦେବଗଡ଼ ୨୭୪୧, ଢେଙ୍କାନାଳ ୭୮୨୦, ଗଜପତି ୨୫୬୯ ମାମଲା ରହିଛି। ସେହିପରି ଗଞ୍ଜାମରେ ୧୭୨୭, ଜଗତ୍‌ସିଂହପୁର ୪୪୦୮, ଯାଜପୁର ୮୩୭୦, ଖାରସୁଗୁଡ଼ା ୪୪୦୧, କଳାହାଣ୍ଡି ୧୧୧୩୩, କନ୍ଧମାଳ ୨୬୬୬, କେନ୍ଦ୍ରାପଡ଼ା ୧୫୬୯, କେନ୍ଦୁଝର ୧୧୧୩୩, ଖୋର୍ଦ୍ଧା ୪୫୧୨, କୋରାପୁଟ ୨୪୨୮, ମାଲକାନଗିରି ୩୧୦୨, ମୟୂରଭଞ୍ଜ ୧୬୭୮୬, ନବରଙ୍ଗପୁର ୪୫୦, ନୟାଗଡ଼ ୮୭୧, ନୂଆପଡ଼ା ୧୮୩୫, ପୁରୀ ୨୦୮୮, ରାୟଗଡ଼ା ୨୬୬୫, ରାଉରକେଲା ୨୨୭୦, ସମ୍ବଲପୁର ୧୦୮୬, ସୁବର୍ଣ୍ଣପୁର ୩୧୦୦, ସୁନ୍ଦରଗଡ଼ରେ ୩୦୨୪ ମାମଲା ହୋଇ କୋର୍ଟକୁ ଯାଇଛି। ସେଥିମଧ୍ୟରୁ ୫୧,୮୩୮ଟି ମାମଲାରେ ସରକାରୀ ରିପୋର୍ଟ ପ୍ରଦାନ କରାଯାଇସାରିଛି। ଏଥିରୁ ୧୫,୯୨୯ଟି ମାମଲା ଫଇସଲା ହୋଇସାରିଥିବା ବେଳେ ୧୫୮୯୫ ଜଣ ଦୋଷମୁକ୍ତ ହୋଇଛନ୍ତି। ଏଥିରୁ ଜଣାପଡ଼େ ମୋଟ୍ ୨,୦୪,୦୫୬ ମାମଲା ମଧ୍ୟରୁ ସରକାରୀ ରିପୋର୍ଟ ପ୍ରଦାନ କରାଯିବା, ଫଇସଲା ହୋଇ ସାରିଥିବା ଏବଂ ଦୋଷମୁକ୍ତ ମାମଲା ମିଶାଇଲେ ଏହାର ସଂଖ୍ୟା ୩୧,୬୪୭ ହେଉଛି। ହେଲେ ଏହିସବୁ ମାମଲା ଭିତରୁ ମାତ୍ର ୩୪ଟିରେ ଦଣ୍ଡବିଧାନ କରାଯାଇଛି। ବାକି ୧ ଲକ୍ଷ ୭୦ ହଜାର ୪୦୯ଟି ମାମଲାର ସ୍ଥିତି କ'ଣ ସେନେଇ କିଛି ତଥ୍ୟ ରଖାଯାଇ ନାହିଁ। ଏହି ମାମଲାର ସ୍ଥିତି ଆରମ୍ଭରୁ ଯେପରି ଥିଲା, ସେମିତି ରହିଥିବା ସରକାରଙ୍କ ତଥ୍ୟରୁ ହିଁ ସ୍ପଷ୍ଟ ହୋଇଯାଉଛି। ଗୋଟିଏ ବର୍ଷର ତଥ୍ୟ ଦେଖିଲେ ଜଣାପଡ଼ୁଛି ବାକି ବର୍ଷଗୁଡ଼ିକରେ ଅବକାରୀଜନିତ ମାମଲାର ସ୍ଥିତି ରାଜ୍ୟରେ କିପରି ରହିଥିବ।

ଅନ୍ୟପଟେ ମନ୍ତ୍ରୀ ହରିଚନ୍ଦନ ତାଙ୍କ ଉତ୍ତରରେ କହିଛନ୍ତି, ଅବକାରୀ ମାମଲାରେ ଦଣ୍ଡବିଧାନ ବ୍ୟବସ୍ଥାକୁ ଠିକ୍ ଭାବେ ତଦାରଖ କରିବା ଲାଗି କ୍ଷେତ୍ର କର୍ମଚାରୀମାନଙ୍କ ନିୟମିତ ଭାବେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଜିଲାସ୍ତରରେ ନ୍ୟାୟାଧୀଶଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ମାସରେ ବରିଷ୍ଠ ଅଧିକାରୀଙ୍କ ମଧ୍ୟ ସମୀକ୍ଷା ବୈଠକ କରୁଛନ୍ତି। ରାଜ୍ୟ ଅବକାରୀ ନିର୍ଦ୍ଦେଶାଳୟରେ ମଧ୍ୟ ପ୍ରତ୍ୟେକ ମାସରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ବୃଦ୍ଧି ଲାଗି ସମୀକ୍ଷା କରୁଥିବା ସେ କହିଛନ୍ତି।

ସରକାରଙ୍କ ବିଧାନସଭା ତଥ୍ୟ ଅନୁଯାୟୀ, ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ଉଭୟ ଦେଶୀ ଏବଂ ବିଦେଶୀ ମଦ ବିକ୍ରିରୁ ପାଉଥିବା ରାଜସ୍ୱ ବଢ଼ିବାରେ ଲାଗିଛି। ହେଲେ ମଦ୍ୟପାନ ଯୋଗୁ ବାର୍ଷିକ କେତେ ଲୋକଙ୍କ ପ୍ରାଣହାନି ଘଟୁଛି ତା'ର ଖବର ରଖିବାର ବ୍ୟବସ୍ଥା ସରକାରଙ୍କ ପାଖରେ ନାହିଁ। ଆର୍ଥିକ ବର୍ଷ ୨୦୨୨-୨୩ରେ ଅବକାରୀ ରାଜସ୍ୱ ବାବଦକୁ ୬୪୫୫.୦୬ କୋଟି ଟଙ୍କା ସରକାର ପାଇଥିଲେ। ୨୦୨୩-୨୪ରେ ୭୨୧୬.୯୯ କୋଟି ପାଇଥିବା ବେଳେ ୨୦୨୪-୨୫ରେ ସରକାରଙ୍କୁ ୮୧୯୫.୫୩ କୋଟି ଟଙ୍କାର ରାଜସ୍ୱ ମିଳିଥିଲା, ଯାହାକି ୨୦୨୩-୨୪ ତୁଳନାରେ ୯୭୯.୫୩ କୋଟି ଏବଂ ୨୦୨୨-୨୩ ତୁଳନାରେ ୧୭୪୦.୪୭ କୋଟି ଟଙ୍କା ଅଧିକ।

ସେହିପରି ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ରାଜ୍ୟରେ ହେରୋଇନ ଜବତ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫକରି ମାମଲା ରୁଜୁ କରିବା ହାର ଗତ ୨ ବର୍ଷ ହେଲା ହ୍ରାସ ପାଇବାରେ ଲାଗିଛି। କାରଣ ସାଧାରଣ ଭାବେ ରାଜ୍ୟର ଏବେ ପ୍ରତ୍ୟେକ ସ୍ଥାନରେ ଛୋଟ ଛୋଟ ଦୋକାନରେ ମଧ୍ୟ ଡ୍ରଗ୍ସ, ହେରୋଇନ ବିକ୍ରିହେଉଥିବା ଘଟଣା ଅନେକ ସମୟରେ ନଜରକୁ ଆସୁଛି। ଏଭଳି ସ୍ଥିତିରେ ୨୦୨୨-୨୩ରୁ ତଥ୍ୟ ଦେଖିଲେ ଏହା ଦେଖାଯାଉଛି ପରେ ସରକାର ଯେଉଁ ତଥ୍ୟ ଦେଉଛନ୍ତି ସେଥିରୁ ବୁଝାପଡୁଛି ହେରୋଇନ ଜବତ କ୍ଷେତ୍ରରେ ବିଭାଗ ସେତେଟା ସକ୍ରିୟ ମନୋଭାବ ପୋଷଣ କରୁ ନ ଥାଇପାରେ। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ୍ ୩୨,୮୨୬ ଗ୍ରାମ୍ ହେରୋଇନ ଜବତ ହୋଇଥିବା ବେଳେ ସେଥିରେ ମୋଟ୍ ୩୫୮ଟି ମାମଲା ରୁଜୁ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ୩୮୨ ଜଣ ବର୍ଷକ ମଧ୍ୟରେ ଗିରଫ ହୋଇଛନ୍ତି। ୨୦୨୩-୨୪ରେ ୩୪,୪୨୫ ଗ୍ରାମ୍ ହେରୋଇନ ଜବତ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ୪୪୮ ଜଣ ଗିରଫ ହେବା ସହ ମୋଟ୍ ୪୨୬ଟି ମାମଲା ରୁଜୁ ହୋଇଛି। ୨୦୨୪-୨୫ରେ ୨୮,୫୭୮୪ ଗ୍ରାମ୍ ହେରୋଇନ ଜବତ ହୋଇଥିବାବେଳେ ମୋଟ୍ ୩୬୧ ଜଣ ଗିରଫ ହେବା ସହ ୩୪୪ଟି ମାମଲା ରୁଜୁ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ନଭେମ୍ବର ସୁଦ୍ଧା ମୋଟ୍ ୨୯,୧୬୭.୩୫ ଗ୍ରାମ୍ ହେରୋଇନ ଜବତ ହୋଇଥିବାବେଳେ ୩୩୧ ଜଣଙ୍କୁ ଗିରଫ କରାଯିବା ସହ ମୋଟ ୨୯୮ ମାମଲା ରୁଜୁ କରାଯାଇଛି।

# ଟ୍ରେଲର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ଲହୁଣୀପଡ଼ା,୬।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥ ଗମଲେଇ ଛକ ନିକଟରେ ଶନିବାର ସକାଳେ ଏକ ଟ୍ରେଲର ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖସକେନ୍ତନ କିଷାନ ଓ ଲକ୍ଷ୍ମୀଧର କିଷାନ। ଏନେଇ ଲହୁଣୀପଡ଼ା ପୋଲିସ ଏକ ମାମଲା ନଂ. ୨୭୧/୨୫ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ବଣାଇ ଥାନା ଅନ୍ତର୍ଗତ ଡିକ୍ରାପୋଷ ନୂଆସାହିର ଖସକେନ୍ତନ ଓ ଗଡ଼ଡ ସାହିର ଲକ୍ଷ୍ମୀଧର ବାଇକ୍ ଯୋଗେ ୧୪୩ ନଂ ଜାତୀୟ ରାଜପଥରେ ଗମଲେଇ ସାପ୍ତାହିକ ହାଟକୁ ଯାଉଥିଲେ। ଗମଲେଇ ଛକରେ ପଛପଟୁ ଆସୁଥିବା ଏକ ଟ୍ରେଲର ତାଙ୍କୁ ଧକ୍କାଦେଇ ଉଭୟଙ୍କ ମୁଣ୍ଡରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: 50-SBP-TRD-OT-2025-26, ତା.28.11.2025ରିଖ

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର TRD ବିଭାଗର ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି(AMC) ।

**ଆନୁମାନିକ ମୂଲ୍ୟ (₹):** 4,29,041.00, EMD (₹): 8,600.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 1,180.00, ଶେଷ ହେବା ଅବଧି : 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.12.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-876/Q/25-26

---

**କେନରା ବୈଂକ Canara Bank** | ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି । ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ପୁରୀ ବଡଦାଣ୍ଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ପୁରୀ ବଡଦାଣ୍ଡ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ,** ପିତା: ୰ ଉଦୟନାଥ ଆଚାର୍ଯ୍ୟ, **୨) ଶ୍ରୀମତୀ ମିତା ଆଚାର୍ଯ୍ୟ,** ସ୍ୱାମୀ: ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ଉଭୟଙ୍କ ଠିକଣା- ସା/ପୋ: ବିରଗୋବିନ୍ଦପୁର, ଭାୟା: ସାକ୍ଷୀଗୋପାଳ, ପୁରୀ-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଜୟନ୍ତୀ ଦାସ,** ସ୍ୱାମୀ: ଅଶୋକ କୁମାର ନାଥଶର୍ମା, ସା: ଜୟପୁର, ପୋ: ସାକ୍ଷୀଗୋପାଳ, ଭାୟା: ସାକ୍ଷୀଗୋପାଳ, ପୁରୀ-୭୫୨୦୧୪ | **ଶ୍ରୀ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ଥାନା: ସତ୍ୟବାଦୀ, ଥାନା ନଂ.: ୧୩୮, ତହସିଲ: ସତ୍ୟବାଦୀ, ତହସିଲ ନଂ.: ୫୦୯, ମୌଜା: ବିରଗୋବିନ୍ଦପୁର, ମ୍ୟୁଟେସନ୍ ଖାତା ନଂ.: ୨୫୪, ପ୍ଲଟ୍ ନଂ.: ୨୭୨୨/୪୬୪୭, କ୍ଷେତ୍ର: ଏକର୦.୦୩ ଡିସିମିଲି, କିସମ: ଘରବାରୀ, ସ୍ୱତଃ: ସ୍ଥିତିବାନ, ଅନୁରୂପ ଖାତା ନଂ.: ୨୩୬(କ) (ଚୂଡ଼ାନ୍ତ ହୋଇନଥିବା ହାଲ୍ ଖାତା) ପ୍ଲଟ୍ ନଂ.: ୧୭୬୮/୧୬୧୫, କ୍ଷେତ୍ର: ଏକର୦.୦୩ ଡିସିମିଲି, ପରବର୍ତ୍ତୀ ଅନୁରୂପ ପୂର୍ବ ଖାତା ନଂ.: ୭୩୨, ପ୍ଲଟ୍ ନଂ.: ୧୭୬୮(ଅଂଶ), ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ପି ଆଚାର୍ଯ୍ୟ, ଦକ୍ଷିଣ: ଗୋବିନ୍ଦ ଆଚାର୍ଯ୍ୟ, **CERSAI ID- 400008206368** / ଖ) ୦୬.୦୯.୨୦୨୫ / ଗ) ୦୧.୧୨.୨୦୨୫ / ଘ) ଟ.୨,୭୨,୫୬୪.୪୭ |

(ଦୁଇ ଲକ୍ଷ ବାସ୍ତରୀ ହଜାର ପାଞ୍ଚ ସହ ଚଉଷଠୀ ଟଙ୍କା ଏବଂ ସତଚାଳିଷି ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

---

## ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କଚେରି ରୋଡ, ପୁରୀ

### ବନ୍ଧକ ସୁନା ଅଳଙ୍କାର ନିଲାମ ଇସ୍ତାହାର

ସଂଖ୍ୟା: 1765 — ତାରିଖ: 06.12.25

ଏତଦ୍ୱାରା ବନ୍ଧକ ଋଣଗ୍ରହୀତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସ୍ୱର୍ଣ୍ଣଅଳଙ୍କାର ଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ ଦ୍ୱାରା ଜଣାଇଥିଲେ ମଧ୍ୟ ସେମାନେ ସେମାନଙ୍କର ଉପରେ ଥିବା ବକେୟାରଣ ପରିଶୋଧ କରୁନାହାନ୍ତି। ଏଣୁ ନିମ୍ନ ଲିଖିତ ଋଣଗ୍ରହୀତାମାନେ ଆସନ୍ତା ତା୨୦।୧୨।୨୦୨୫ରିଖ (ଶନିବାର) ସୁଦ୍ଧା ସେମାନଙ୍କ ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ବ୍ୟାଙ୍କର ନିମ୍ନଲିଖିତ ଶାଖାରେ ବନ୍ଧକ ଥିବା ସ୍ୱର୍ଣ୍ଣଅଳଙ୍କାରକୁ ସମ୍ପୃକ୍ତ ଶାଖା ପରିସରରେ ନିମ୍ନସୂଚୀମତେ ନିର୍ଦ୍ଧାରିତ ତାରିଖ ଓ ସମୟରେ ସର୍ବସାଧାରଣରେ ନିଲାମ କରାଯିବ। ନିଲାମି ଦ୍ୱାରା ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଓ ଆବଶ୍ୟକସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବେ।

ସ୍ଥାନ: ପୁରୀ, ତା: ୦୬।୧୨।୨୦୨୫, ସ୍ୱା: ଶ୍ରୀମତୀ ବନଶ୍ରୀ ମଲ୍ଲିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

ବିଶେଷ ଦ୍ରଷ୍ଟବ୍ୟ: ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି, ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି। ୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମ ତାରିଖରେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଟ.୧୦,୦୦୦/-ଙ୍କା (ଦଶ ହଜାର ଟଙ୍କା ମାତ୍ର) ଅମାନତ ଆକାରରେ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ ଜମା ଦେବାକୁ ପଡ଼ିବ। ୨) ଅମାନତ ରାଶି ଦାଖଲ କରିବା ପରେ ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ। ୩) ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମସ୍ତ ରାଶିକୁ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକିଥିବା ମୂଲ୍ୟର ସମସ୍ତ ରାଶି ଜମାକରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ। ୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ। ୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିବାକୁ ବାଧ ନୁହେଁ ଏବଂ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଜଣାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରି ଦେଇପାରେ। ୬) ଯଦି କୌଣସି ବ୍ୟକ୍ତିଙ୍କ ସର୍ବୋଚ୍ଚ ନିଲାମ ଡାକକୁ ବ୍ୟାଙ୍କ କର୍ତ୍ତୃପକ୍ଷ ରଦ୍ଦ/ନାକଚ କରନ୍ତି ତେବେ ସମ୍ପୃକ୍ତ ବ୍ୟକ୍ତି ଜମାଦେଇଥିବା ସମସ୍ତ ଅମାନତ ରାଶିକୁ ଉକ୍ତ ଜମାକାରୀଙ୍କୁ ବିନାସୁଧରେ ଫେରାଇ ଦିଆଯିବ। ୭) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ମାନ, ଓଜନ ଓ ବିଶୁଦ୍ଧତା ପାଇଁ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପ୍ରକାରର ଦାୟୀ ହେବେ ନାହିଁ। ୮) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କ ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ।

ସ୍ୱାକ୍ଷର ବନଶ୍ରୀ ମଲ୍ଲିକ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

**ଶ୍ରୀକ୍ଷେତ୍ର ଶାଖା, ବଡ଼ଶଙ୍ଖ, ପୁରୀ, ନିଲାମି ତାରିଖ: ତା୨୨।୧୨।୨୦୨୫, ପୂର୍ବାହ୍ନ ଘ୧୧.୩୦ମି.**

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଓଜନ (ଗ୍ରାମ୍‌ରେ) | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| ୧ | ୦୦୮୦୩୫୦୦୦୦୩୪ | ଛବିନି ପଟ୍ଟନାୟକ, ବାସେଳୀ ସାହି, ପୁରୀ - ୭୫୨୦୦୧ | ୧୮ ଗ୍ରା. | ୧୭୭୪୧୮.୦୦ |
| ୨ | ୦୦୮୦୩୫୦୦୦୧୨୧ | ତପନ ପଟ୍ଟନାୟକ, ପି.: ୰ପଦ୍ମ ଚରଣ ପଟ୍ଟନାୟକ, ମକ୍କୁବନ ଲେନ୍ - ୩, ପୁରୀ - ୭୫୨୦୦୨ | ୧୫ ଗ୍ରା. | ୧୧୩୩୧୭.୦୦ |
| ୩ | ୦୦୮୦୩୫୦୦୦୧୨୪ | ପ୍ରତାପ କୁମାର ପରିଡ଼ା, ପି.: ମକ୍କୁବନ ନୂଆସାହି, ନବକଳେବର ରୋଡ, ପୁରୀ - ୭୫୨୦୦୨ | ୧୫ ଗ୍ରା. | ୧୧୨୪୮୨.୦୦ |
| ୪ | ୦୦୮୦୩୫୦୦୦୧୩୪ | ସୁରେନ୍ଦ୍ର ବେହେରା, ବଡ଼ଶଙ୍ଖ ନୂଆସାହି, ପୁରୀ - ୭୫୨୦୦୨ | ୧୪ ଗ୍ରା. | ୫୦୬୩୪.୦୦ |
| ୫ | ୦୦୮୦୩୫୦୦୦୧୩୭ | ରାଜ ମହମ୍ମଦ, ପି.: ନିରଞ୍ଜନ ବିଶୋଇ, କୁମ୍ଭାରପଡ଼ା, ପୁରୀ - ୭୫୨୦୦୨ | ୭.୫ ଗ୍ରା. | ୫୦୦୪୧.୦୦ |

ସ୍ଥାନ: ପୁରୀ, ତା: ୦୬।୧୨।୨୦୨୫

ସ୍ୱା: ଶ୍ରୀମତୀ ବନଶ୍ରୀ ମଲ୍ଲିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

---

No.T-113

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

***********

### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 08/12/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0209/2526

---

## DEPARTMENT OF POSTS, INDIA
## OFFICE OF THE SR. SUPDT. OF POST OFFICES
BHUBANESWAR - 751009

India Post

### WALK-IN-INTERVIEW FOR ENGAGEMENT OF DIRECT AGENTS FOR SALE OF POSTAL LIFE INSURANCE PRODUCTS

1. **Qualification (Essential):** Must have Passed 10th standard or equivalent examination conducted by a Board recognized by Central/State Govt.
2. **Age:** Minimum age of the applicant shall be 18 years on date of Walk-in-Interview.
3. **Venue & Time:** O/o The Sr. Supdt. of Post Offices, Bhubaneswar Division, Bhubaneswar - 751009 at 11.00 A.M. onwards on **Dtd. 15th & 16th December 2025**.

Interested candidates may attend "Walk-in-Interview" along with their bio-data, Proof of age, educational qualification, required certificates and experience, if any.

**For more details please Contact:**
**DO (PLI), Bhubaneswar Division, Mob.: 9658784699.**

**Sr. Supdt. of Post Offices**
**Bhubaneswar Division, Bhubaneswar-751009**

---

## GOPABANDHU ANCHALIKA DEGREE MAHAVIDYALAYA
## KALIMELA, DIST.-MALKANGIRI

### WALK-IN-INTERVIEW

A Walk-in-interview for Lecturers (Contractual) in the Subjects of Economics and English will be conducted on 17th December 2025 (Wednesday). Interested candidates having 55% of marks or above in the P.G Level for Lecturer (Ph.D. Candidates will be more preferable) post may appear in the interview. They have to report in the College Office with their Original certificates along with a set of self-attested photo copy and resume at 10.00 A.M. No TA/DA is admissible.

The authority reserves the right to cancel or reject the walk-in-interview any reason thereof.

**Sd./- Principal-Cum-Secretary,**
**G.A.Degree Mahavidyalaya**
**Kalimela, Dist. - Malkangiri**

---

## कार्यपालक अभियंता का कार्यालय
## लघु सिंचाई प्रमंडल, दुमका

### शुद्धि–पत्र

इस कार्यालय के द्वारा प्रकाशित ई–निविदा संख्या – WRD/MID/DUMKA/B.D./S.L.I.-01/2025-26 एवं पी० आर० नं० – 366293 Minor Irrigation (25-26):D के Date of Publication of Tender on website & Submission of Tender on Portal की तिथि – 26/11/2025 से 10/12/2025 तक के स्थान पर दिनांक – 11/12/2025 से 21/12/2025 तक पढ़ा जाय। निविदा खोलने की तिथि – 11/12/2025 के स्थान पर दिनांक – 22/12/2025 पढ़ा जाय। निविदा की बाकी सभी शर्तें यथावत रहेंगी।

ह0/–
कार्यपालक अभियंता,
लघु सिंचाई प्रमंडल, दुमका

PR 367886 (Minor Irrigation)25-26*D

---

GOVERNMENT OF ODISHA — E-mail: sebalangir@gmail.com

## DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
### "e-Procurement Notice"

No. A-1061

BID Identification No. ACE, BOIC-06/2025-26

Procurement Details

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document-(Online)-(in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Inspection Bunglow (I.B) At: Padampur under Ong Dam Division, Padampur for the financial year 2025-26 | Rs.146.63 Lakh (excluding G.S.T.) | 'A' & 'B' Class | Rs.1,46,700/- | Rs.10,000/- | 12 (Twelve) Calendar Months |
| 2 | Construction of Office cum Rest Shed at Village: Darlipali under Ong Dam Division, Padampur for the financial year 2025-26 | Rs.105.72 Lakh (excluding G.S.T.) | 'A' & 'B' Class | Rs.1,05,800/- | Rs.10,000/- | 12 (Twelve) Calendar Months |
| 3 | Construction of (G+1) Style D-Type Quarter in the Irrigation Colony for use by Staff of Ong Dam Division, Padampur for the financial year 2025-26 | Rs.163.09 Lakh (excluding G.S.T.) | 'A' & 'B' Class | Rs.1,63,100/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender Online for bidding | | Date of seeking tender clarification | Date & time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-06/2025-26 | Dt.11.12.2025 At 10.00 hours | Dt.02.01.2026 upto 5.30 P.M. | Dt.12.12.2025 to Dt.20.12.2025 at Office during office hours (In working days) | Dt.03.01.2026 at 11.00 A.M. | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".

OIPR-32347/11/0009/2526 — Sd./- Additional Chief Engineer, Balangir Irrigation Circle, Balangir

---

No.O-1698

## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE : KEONJHAR
email : se_nerwkjr@rediffmail.com

**eProcurement Notice for Road Works under PM-JANMAN Batch-I**
**Identification No.NCB-36/RWCKJR/2025-26**
**No. 5233 // Date : 04.12.2025//**

1. Name of the work : **Construction of road works under PM-JANMAN Batch-I in the District of Keonjhar**, 2. Package No. : **OR-17-JNM-02**, 3. Estimated Cost : **Rs.182.64 Lakhs (Approximately)**, 4. Class of Contractor (Eligible) : **'B' & 'A' Class of Contractor**, 5. Period of Completion : **09** (Nine) Calendar Months, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-36/ RWCKJR /2025-26 | Dt.09.12.25 at 11.00 A.M. | Dt.23.12.25 up to 5.00 P.M. | Dt.22.12.25 up to 5.00 P.M. | Dt.24.12.25 at 11.00 A.M. | Will be intimated later |

• **Further details can be seen from the website : www.pmgsytenders.gov.in**

**Sd./- Chief Construction Engineer, R.W. Circle, Keonjhar**

OIPR-25177/11/0115/2526

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, SUNABEDA
e-mail : serwsbd2003@yahoo.com

Letter No. : 6475 — Date : 05.12.2025

### 2nd Corrigendum

**No.O-1727** : In continuation to this office Bid Identification No. CCERWCSBD-Online-20/2025-26 invited vide this office Notice No.3539, Dtd.23.09.2025, partial modification of NCB has been made due to GePENIC portal is not allowing to process due to want Administrative Approval which is yet to be accorded by the competent authority in WAMIS portal.

| Sl. No. | Item | Time Schedule as per original NCB | Time Schedule as per 1st Corrigendum | Time Schedule as per 2nd Corrigendum |
|---|---|---|---|---|
| 1 | Availability of Tender online for bidding | 16.10.2025 at 11.00 AM to 14.11.2025 up to 5.00 PM | Extended up to 05.12.2025 5.00 P.M. | Extended up to 30.12.2025 5.00 PM |
| 2 | Date and Time of seeking tender clarification if any | 13.11.2025 up to 2.00 PM | 04.12.2025 up to 2.00 P.M. | 29.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 15.11.2025 at 11.00 AM | 06.12.2025 at 11.00 A.M. | 31.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd./- Chief Construction Engineer, Rural Works Circle, Sunabeda**

OIPR-25182/11/0100/2526

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୭ ଡିସେମ୍ବର, ୨୦୨୫ | Bhubaneswar, Sunday, 7 December, 2025

# ଆଜି ଆସିବେ ଭାରତ, ଦକ୍ଷିଣ ଆଫ୍ରିକା ଖେଳାଳି



ଭୁବନେଶ୍ୱରରେ ହାର୍ଦ୍ଦିକ ପାଣ୍ଡ୍ୟା। (ଫଟୋ: ବିକାଶ ନାୟକ)

### ବାରବାଟୀ ଟି୨୦

ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ ଶନିବାର ଶେଷ ହୋଇଛି। ତେଣୁ କ୍ରିକେଟପ୍ରେମୀଙ୍କ ନଜର ଏବେ ସ୍ୱତଃ କଟକର ବାରବାଟୀ ଷ୍ଟାଡିୟମ ଉପରେ କେନ୍ଦ୍ରୀଭୂତ ହୋଇଛି। କାରଣ ଏଠାରେ ଅନୁଷ୍ଠିତ ହେବ ଭାରତ-ଦକ୍ଷିଣ ଆଫ୍ରିକା ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ। ଆସନ୍ତା ୯ ତାରିଖରେ ଏହି ମ୍ୟାଚ ଅନୁଷ୍ଠିତ ହେବ। କେବଳ ଟି୨୦ ସେଟ୍‌ଅପ୍‌ରେ ଥିବା ଦକ୍ଷିଣ ଆଫ୍ରିକାର ୫ ଖେଳାଳି ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଏହି ଫର୍ମାଟ ଖେଳୁଥିବା ଭାରତର କିଛି ଖେଳାଳି ମଧ୍ୟ ଆଗୁଆ ଆସୁଛନ୍ତି। ଉଭୟ ଦଳର ଅବଶିଷ୍ଟ ଖେଳାଳି ରବିବାର ଅପରାହ୍ନ ୩ଟାରୁ ୩ଟା ୩୦ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାପରେ ବସ୍ ଯୋଗେ ଟିମ୍ ହୋଟେଲକୁ ଯିବେ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୋମବାର ଉଭୟ ଦଳ ବାରବାଟୀ ଷ୍ଟାଡିୟମ ଯାଇ ନେଟ୍ସରେ ଅଭ୍ୟାସ କରିବେ।



## ହାର୍ଦ୍ଦିକ ପାଣ୍ଡ୍ୟା ପହଞ୍ଚିଲେ

ଭାରତୀୟ ଟି୨୦ ଦଳରେ ସାମିଲଥିବା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶନିବାର ସନ୍ଧ୍ୟାରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଆହତ ସମସ୍ୟା ଯୋଗୁ ୨୦୨୫ ଏସିଆ କପ୍ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଖେଳିପାରି ନ ଥିବା ପାଣ୍ଡ୍ୟା ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଫିଟ୍‌ନେସ ପ୍ରମାଣ ଦେବାପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାପରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଟିମ୍ ହୋଟେଲକୁ ନିଆଯାଇଛି। ପ୍ରକାଶ ଯୋଗ୍ୟ ଯେ, ଦକ୍ଷିଣ ଆଫ୍ରିକାର ୫ ଖେଳାଳି କ୍ୱେନା ମାଫକା, ଡୋନୋଭାନ ଫେରେରା, ରିଜା ହେଣ୍ଡ୍ରିକ୍ସ, ଜର୍ଜ ଲିନ୍‌ଡେ ଓ ଡେଭିଡ ମିଲର ଶୁକ୍ରବାରଠାରୁ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଏହି ଦଳର ଅନ୍ୟ ସମସ୍ତ ଖେଳାଳି ଏକସଙ୍ଗେ ଆସିବେ।

## କଟକରେ ଗିଲ୍ ଖେଳିପାରନ୍ତି

ଭୁବନେଶ୍ୱର, ୬।୧୨ (ଅନାଦି କର)

ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌କୁ ଆଉ ମାତ୍ର ୨ ଦିନ ବାକି ଥିବା ବେଳେ ଓଡ଼ିଶାର କ୍ରିକେଟ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରିଠାରୁ ଆରମ୍ଭ କରି ସମସ୍ତ ପ୍ରକାର ପ୍ରସ୍ତୁତି ପ୍ରକ୍ରିୟା ଶେଷ ହୋଇଛି। ଦୁଇ ଦଳର ଖେଳାଳିମାନେ ବି ଆସିବା ଆରମ୍ଭ କଲେଣି। ତେବେ କଟକ ଟି୨୦ ମ୍ୟାଚ୍‌ରେ ଭାରତୀୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ ଖେଳିପାରନ୍ତି। ତାଙ୍କୁ ଏହି ମ୍ୟାଚ୍‌ରେ ଖେଳିବା ଲାଗି ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ ପକ୍ଷରୁ ଅନୁମତି ମିଳିଛି। 'ଶୁବମନ ସିଓଇଠାରେ ସଫଳତାର ସହିତ ରେହାବିଲିଟେଶନ ପ୍ରକ୍ରିୟା ଶେଷ କରିଛନ୍ତି ଏବଂ ସମସ୍ତ ଫର୍ମାଟରେ ଖେଳିବା ପାଇଁ ଆବଶ୍ୟକ ଥିବା କ୍ରାଇଟେରିଆ ସେ ପୂରଣ କରିଛନ୍ତି' ବୋଲି ସିଓଇ ପକ୍ଷରୁ ଟିମ୍ ମ୍ୟାନେଜମେଣ୍ଟକୁ ଜଣାଇ ଦିଆଯାଇଛି। କୋଲକାତା ଟେଷ୍ଟରେ ଦେଖାଦେଇଥିବା ବେକଜନିତ ଆହତ ସମସ୍ୟା ଲାଗି ସେ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ।

## ଓଡ଼ିଶାର କ୍ରମାଗତ ତୃତୀୟ ବିଜୟ

### ସୟଦ ମୁସ୍ତାକ ଅଲୀ ଟି୨୦

ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)

ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ପ୍ରଥମ ୩ ମ୍ୟାଚରେ କେରଳ, ଆନ୍ଧ୍ର ପ୍ରଦେଶ ଓ ବିଦର୍ଭଠାରୁ ହାରିଥିବା ଓଡ଼ିଶା ପରବର୍ତ୍ତୀ ୨ ମ୍ୟାଚରେ ଛତିଶଗଡ଼ ଓ ରେଲୱେ ଏବଂ ଶନିବାର ଆସାମକୁ ୭୩ ରନରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ୬ ମ୍ୟାଚରୁ ୧୨ ପଏଣ୍ଟ ସହ ଓଡ଼ିଶା ଏଲିଟ ଗ୍ରୁପ୍ 'ଏ' ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଓଡ଼ିଶା ୨୦ ଓଭରରେ ୪ ଉଇକେଟ ହରାଇ ୧୭୧ ରନ କରିଥିବାବେଳେ ଆସାମ ୧୬ ଓଭରରେ ମାତ୍ର୯୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଲାଗି ଆଶୀର୍ବାଦ ସ୍ୱାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ରେଫରି ପଙ୍କଜ ଧର୍ମାନୀ ଆଶୀର୍ବାଦଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନିଲ ପରିଡ଼ା ଏହି ମ୍ୟାଚରେ ଟି୨୦ ଡେବ୍ୟୁ କରିଥିଲେ। ଓଡ଼ିଶା ଦଳର ମ୍ୟାନେଜର ଅଜିତ ପାତ୍ର ତାଙ୍କୁ ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଟପ୍ ଅର୍ଡରର ୪ ଖେଳାଳି ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ୭୪ ରନ ମଧ୍ୟରେ ଦଳ ୪ ଉଇକେଟ ହରାଇଥିଲା। ତେବେ ଅଧିନାୟକ ବିପ୍ଳବ ସାମନ୍ତରାୟ ୪୩ (୩୨ ବଲ, ୩ ଚୌକା, ୨ ଛକା) ଓ ଆଶୀର୍ବାଦ ସ୍ୱାଇଁ ୫୧ (୨୮ ବଲ୍, ୨ ଚୌକା, ୨ ଛକା) ରନରେ ଅପରାଜିତ ରହି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇ ଦେଇଥିଲେ। ଘରୋଇ ଟି୨୦ରେ ଆଶୀର୍ବାଦଙ୍କର ଏହାଥିଲା ପ୍ରଥମ ଅର୍ଦ୍ଧଶତକ। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୯୬ ରନର ଭାଗୀଦାରି ଗଢ଼ିଥିଲେ। ଆସାମ ପକ୍ଷରୁ ଅବଦୁଲ ଅଜିଜ କୁରେଶି ୨ଟି ଏବଂ ଆୟୁଷ୍ମାନ ମଲକର ଓ ଅଭିନବ ଚୌଧୁରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୭୨ ରନ ବିଜୟ ଲକ୍ଷ୍ୟ ଥିବାବେଳେ ଆସାମ ବ୍ୟାଟରମାନେ ଓଡ଼ିଶା ବୋଲରଙ୍କୁ ମୁକାବିଲାରେ ସମ୍ପୂର୍ଣ୍ଣ ବିଫଳ ରହିଥିଲେ। ସୁମିତ ଘଦିଗାଓଁକର ସର୍ବାଧିକ ୪୩ ରନ କରିଥିଲେ ହେଁ ୯ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିପ୍ଳବ ୩ଟି ଏବଂ ରାଜେଶ ମହାନ୍ତି, ସୌମ୍ୟ ଲେଙ୍କା, ସର୍ବେଶ୍ୱର ମହାନ୍ତି, ବାଦଲ ବିଶ୍ୱାଳ ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ୮ ତାରିଖରେ ମୁମ୍ବାଇ ବିପକ୍ଷରେ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୭୧/୪ (ଆଶୀର୍ବାଦ ସ୍ୱାଇଁ-୫୧*, ବିପ୍ଳବ ସାମନ୍ତରାୟ-୪୩, ଅବଦୁଲ ଅଜିଜ କୁରେଶି-୨/୨୭, ଆୟୁଷ୍ମାନ ମଲକର-୧/୨୬, ଅଭିନବ ଚୌଧୁରୀ-୧/୧୮)। ଆସାମ ୧୬ ଓଭରରେ ୯୮/ଅଲ୍‌ଆଉଟ (ସୁମିତ ଘଦିଗାଓଁକର-୪୩, ବିପ୍ଳବ ସାମନ୍ତରାୟ-୩/୨, ରାଜେଶ ମହାନ୍ତି-୧/୧୦, ସୌମ୍ୟ ଲେଙ୍କା-୧/୨୪, ସର୍ବେଶ୍ୱର ମହାନ୍ତି-୧/୧୩, ବାଦଲ ବିଶ୍ୱାଳ-୧/୨୮, ପ୍ରୟାସ ସିଂ-୧/୨୧)।




ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ୍ ବିଜୟୀ ଭାରତୀୟ ଦଳ।

## ୨-୩ ବର୍ଷ ହେଲା ଏଭଳି ଖେଳି ନ ଥିଲି

ବିଶାଖାପାଟଣା,୬।୧୨

ଗତ ୨-୩ ବର୍ଷରେ ମୁଁ ଏଭଳି ଖେଳି ନ ଥିଲି। ପ୍ଲେୟର ଅଫ୍ ଦି ସିରିଜ୍ ପୁରସ୍କାର ପାଇବା ପରେ ଭାରତୀୟ ଦଳର ଷ୍ଟାର ବିରାଟ କୋହଲି ଏହା କହିଛନ୍ତି। ସେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦୁଇ ଶତକ ସହ ସର୍ବାଧିକ ୩୦୨ ରନ କରିଥିଲେ।

ସତ କଥା ହେଲା, ଏହି ସିରିଜ୍‌ରେ ମୁଁ ଯେଉଁଭଳି ଖେଳିଛି, ତାହା ମୋ ପାଇଁ ସବୁଠୁ ସନ୍ତୋଷଜନକ ଥିଲା। ମୁଁ ଏବେ ଖୁବ ଭଲ ଅନୁଭବ କରୁଛି। ମୁଁ ଗତ ୨-୩ ବର୍ଷରେ ଏଭଳି ଖେଳି ନ ଥିଲି। ମୋତେ ଜଣା ଅଛି ଯେ, ଯେତେବେଳେ ମୁଁ ଏଭଳି ବ୍ୟାଟିଂ କରେ, ତାହା ଦଳକୁ ସହାୟକ ହୁଏ। ଏହା ଆତ୍ମବିଶ୍ୱାସ ଦିଏ ଯେ, ଯେକୌଣସି ପରିସ୍ଥିତି ହୋଇ ଥାଉ ନା କାହିଁକି, ମୁଁ ତାହାକୁ ନିୟନ୍ତ୍ରଣ କରିପାରିବି ଏବଂ ଦଳ ସପକ୍ଷରେ କରିପାରିବି ବୋଲି କୋହଲି ମ୍ୟାଚ୍ ପରେ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଯଦି ତୁମେ ୧୫ରୁ ୧୬ ବର୍ଷ ଧରି କ୍ରିକେଟ ଖେଳିବ, ତେବେ ଏଭଳି ଅନେକ ପରିସ୍ଥିତି ଆସିବ, ଯେତେବେଳେ ତୁମେ ନିଜ ଦକ୍ଷତା ଉପରେ ସନ୍ଦେହ କରିବ। ମୁଖ୍ୟତଃ ଜଣେ ବ୍ୟାଟର ଭାବେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ। କାରଣ ବ୍ୟାଟରଙ୍କର ଗୋଟିଏ ଭୁଲ ସେମାନଙ୍କୁ ଆଉଟ୍ କରିପାରେ। ଜଣେ ବ୍ୟାଟର ଓ ଜଣେ ବ୍ୟକ୍ତି ଭାବେ ନିଜକୁ ଆହୁରି ଦୃଢ଼ କରିବାର ଏହା ଏକ ଯାତ୍ରା। ଏବେ ବି ଦଳ ପାଇଁ ଯୋଗଦାନ ଦେଇପାରୁଥିବାରୁ ମୁଁ ବହୁତ ଖୁସି। ଯେତେବେଳେ ମୁଁ ବିନା ଚାପରେ ଖେଳେ, ମୁଁ ଜାଣିଛି ମୁଁ ଛକା ମାରିପାରିବି। ସର୍ବଦା ଏଭଳି ସ୍ତର ରହିଥାଏ, ଯାହାକୁ ତୁମେ ସର୍ବଦା ଖୋଲିପାରିବ। ସିରିଜ୍‌ରେ ତାଙ୍କ ପସନ୍ଦୀୟ ଇନିଂସ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ରାଞ୍ଚିଠାରେ ଖେଳିଥିବା ଇନିଂସ ସ୍ୱତନ୍ତ୍ର ଥିଲା। କାରଣ ସେଥିପୂର୍ବରୁ ଓ ଅଷ୍ଟ୍ରେଲିଆ ସିରିଜ୍ ପରେ ମୁଁ ଆଦୌ ଖେଳି ନ ଥିଲି। ଏହି ୩ ମ୍ୟାଚ୍‌ରେ ମୋ ପ୍ରଦର୍ଶନ ଯେଉଁ ଭଳି ଥିଲା, ସେଥି ଲାଗି କୃତଜ୍ଞ। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ଲୋକେଶ ରାହୁଲ କହିଛନ୍ତି ଯେ, ଆମେ ପ୍ରଥମ ଦୁଇ ମ୍ୟାଚ୍‌ରେ କଷ୍ଟକର ପରିସ୍ଥିତିରେ ଖେଳିଥିଲୁ।

### ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ କରାଟେ

## ରିତେଶ, ଦିବ୍ୟଙ୍କୁ ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃକଲେଜ କରାଟେ ଓ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଏକାମ୍ର କଲେଜର ରିତେଶ ମହାନ୍ତି ଓ ଦିବ୍ୟ ପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କରାଟେ ପୁରୁଷ ୫୫ କେଜି ବର୍ଗରେ ରିତେଶ ଓ ୮୪ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ଦିବ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ଦୁଇ କରାଟେକାଙ୍କ ଏହି ସଫଳତା ପାଇଁ ଏକାମ୍ର କଲେଜର ଅଧ୍ୟକ୍ଷା ରାଜଶ୍ରୀ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲରେ ଶନିବାର ଆୟୋଜିତ ହୋଇଥିଲା। ମନୋଜ କୁମାର ମହାପାତ୍ର ଏକାମ୍ର ଦଳର ମ୍ୟାନେଜର ଥିଲେ।

## ସତ୍ୟବ୍ରତ-ତପନ ସ୍ମାରକୀ ଫୁଟ୍‌ବଲରେ ୮ ଦଳ




ଖବରଦାତା ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟ ଆୟୋଜକ ଓ ୮ ଦଳର ପ୍ରତିନିଧି।

ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)

ରାଜ୍ୟର ପ୍ରତିଷ୍ଠିତ କ୍ରୀଡ଼ାନୁଷ୍ଠାନ କ୍ଲବ-୭୩ ଆନୁକୂଲ୍ୟରେ ସତ୍ୟବ୍ରତ-ତପନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୧ରୁ ଆରମ୍ଭ ହେବ। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଏହି ପ୍ରତିଯୋଗିତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ପ୍ରତିଯୋଗିତାରେ ପ୍ରତିଷ୍ଠିତ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ କଟକର ଫାଓ ଇଲେଭେନ, ସନ୍‌ରାଇଜ୍ କ୍ଲବ, ମଙ୍ଗଳା କ୍ଲବ, ଇଣ୍ଡିପେଣ୍ଡେଣ୍ଟ କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଝାରସୁଗୁଡ଼ା, ଭୁବନେଶ୍ୱରର ୟୁନିଟ-୬ ଏବଂ କିଶୋର କ୍ଲବ। ଫାଓ, ମଙ୍ଗଳା ଏବଂ ଝାରସୁଗୁଡ଼ା ଦଳ ଏଥର ପ୍ରଥମଥରପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦିନକୁ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ଅପରାହ୍ନ ୩ଟାରୁ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ ଫ୍ଲଡ୍‌ଲାଇଟରେ ଖେଳାଯିବ।

### ଚାମ୍ପିୟନଙ୍କୁ ୨ ଲକ୍ଷ, ରନରଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର

ପ୍ରତିଯୋଗିତା ଲାଗି ମୋଟ ୪, ୫୫, ୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କ୍ଲବ-୭୩ ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରକାଶ କରିଛନ୍ତି। ଏଥର ପୁରସ୍କାର ରାଶିକୁ ଦ୍ୱିଗୁଣିତ କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୨ ଲକ୍ଷ ଏବଂ ରନରଅପ୍ ଦଳକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥର ପ୍ରଥମଥର ପାଇଁ ଚାମ୍ପିୟନ ଦଳର କୋଚ୍‌ଙ୍କୁ ପୁରସ୍କାର ସ୍ୱରୂପ ୧୦,୦୦୦ ଟଙ୍କା ଦିଆଯିବ। ଏହା ବ୍ୟତୀତ ଶ୍ରେଷ୍ଠ ଗୋଲକିପର, ଡିଫେଣ୍ଡର, ମିଡ୍‌ଫିଲ୍ଡର, ଫରୱାର୍ଡ ଓ ପ୍ଲେୟର ଅଫ୍ ଦି ଫାଇନାଲଙ୍କୁ ୧୦,୦୦୦ ଟଙ୍କା ଲେଖାଏ ଏବଂ ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ୫,୦୦୦ ଟଙ୍କା ଦେଇ ପୁରସ୍କୃତ କରାଯିବ। ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପାଇଁ ୨୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ସେହିପରି ପ୍ଲେୟର ଅଫ୍ ଦି ସେମିଫାଇନାଲଙ୍କୁ ୭,୫୦୦ ଟଙ୍କା ଦିଆଯିବ। ୧୪ ତାରିଖ ଦିନ ଫାଇନାଲ ଅବସରରେ ଦର୍ଶକଙ୍କୁ ପଡ଼ିଆରୁ ଥ୍ରୋ କରାଯାଇ ୫୨ଟି ବଲ୍ ଉପହାର ସ୍ୱରୂପ ପ୍ରଦାନ କରାଯିବ ବୋଲି କ୍ଲବର ସମ୍ପାଦକ ସୁବ୍ରତ ପଟ୍ଟନାୟକ କହିଛନ୍ତି। ଉକ୍ତ ସମ୍ମିଳନୀରେ ପ୍ରାୟୋଜକ ୟୁନିଲାଇଟ୍‌ର ଉପସଭାପତି ସତ୍ୟନାରାୟଣ ନନ୍ଦ, କ୍ଲବ-୭୩ର ଉପସଭାପତି ସିଦ୍ଧାର୍ଥ ପାଢ଼ୀ ଏବଂ ସହକାରୀ ସମ୍ପାଦକ ଦେବଭକ୍ତ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ୮ ଦଳର ପ୍ରତିନିଧି ଉପସ୍ଥିତ ରହି କ୍ଲବ-୭୩ର ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀ ପ୍ରତିଯୋଗିତା ତୃଣମୂଳ ସ୍ତରରୁ ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିବ ବୋଲି ମତବ୍ୟକ୍ତ କରିଥିଲେ।

## ୨୪ ବର୍ଗରେ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)

ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ୍‌ଏସ୍‌ଆଇ)ର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଅଲିମ୍ପିଆନ ଓ କିମ୍ବଦନ୍ତୀ ଖେଳାଳି ଏକତ୍ରିତ ହୋଇଥିବାବେଳେ ମୋଟ ୨୪ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ଏସ୍‌ଏସ୍‌ଆଇ ପ୍ରତିଷ୍ଠାତା ସାର୍ଥକ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ ଏବଂ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଏବଂ ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, କ୍ରୀଡ଼ା ନିର୍ଦ୍ଦେଶକ ଯେଦୁଲା ବିଜୟ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ୟୁଏଇର ଅଲ୍-ଇନ୍‌ଠାରେ ଅନୁଷ୍ଠିତ ୨୦୨୫ ଆଇଏଚ୍‌ଏଫ୍ ମହିଳା ଏସିଆ କପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ମହିଳା ଆଇସ୍ ହକି ଦଳର ୩ ସଦସ୍ୟାଙ୍କ ସହ ଆଇସ୍ ହକି ଆସୋସିଏଶନ ଅଫ୍ ଇଣ୍ଡିଆ ସମ୍ପାଦକ ହରଜିନ୍ଦର ସିଂଙ୍କୁ ଏସ୍‌ଏସ୍‌ଆଇ ପାଇକ ଟିମ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କିମ୍ବଦନ୍ତୀ ଶଟ୍‌ପୁଟ ଖେଳାଳି ଶକ୍ତି ସିଂ, ଟେବୁଲ ଟେନିସ ତାରକା ଅଚନ୍ତ ଶରଥ କମଲ ଏବଂ ଘରୋଇ କ୍ରିକେଟରେ ପ୍ରତିଷ୍ଠିତ ଖେଳାଳି ୱାସିମ ଜାଫରଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହା ବ୍ୟତୀତ ସୁଇମର ସାଜନ ପ୍ରକାଶ, ଜିମ୍ନାଷ୍ଟ ତପନ ମହାନ୍ତି, ଭାରୋତ୍ତୋଳକ ବିକାଶ ଠାକୁର, ୪-ହୁଇଲର ରେସିଂଲାଗି ରୁହାନ ଆଲ୍‌ଭା, ୨-ହୁଇଲର ରେସିଂପାଇଁ ସାର୍ଥକ ଚଭନ, ଶଟ୍‌ପୁଟର ଓମ୍ ପ୍ରକାଶ ସିଂ କରହାନା, ହର୍ଡଲର ଜ୍ୟୋତି ୟାରାଜିଙ୍କୁ କର୍ଣ୍ଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମିଲ୍‌ଖା ସିଂ ସ୍ପ୍ରିଣ୍ଟ ପୁରସ୍କାର ପାଇଥିଲେ ଅନିମେଶ କୁଜୁର, ନିତ୍ୟା ଗାନ୍ଧେ ଦ୍ରୁତତମ ମହିଳା ପୁରସ୍କାର ପାଇଥିବାବେଳେ ଶ୍ରେଷ୍ଠ ଲଙ୍ଗ ଡିଷ୍ଟାନ୍ସ ଆଥଲେଟ୍ ପୁରସ୍କାର ହାସଲ କରିଥିଲେ ଅଙ୍କିତା ଧ୍ୟାନି। ଶକ୍ତି ସିଂ ଇମର୍ଜିଂ ଥ୍ରୋୟର ପୁରସ୍କାର ସମରଦୀପ ସିଂ ଗିଲ୍, ଦିଲୀପ ତିର୍କୀ ଶ୍ରେଷ୍ଠ ହକି ଖେଳାଳି ପୁରସ୍କାର ଦୀପ୍ ଗ୍ରେସ୍ ଏକ୍କା, ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର (ପୁରୁଷ) ଆୟୁଷ ଶେଟ୍ଟି ଓ ମହିଳା ବର୍ଗରେ ଶିକ୍ଷା ଜୈନ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ କୋଚ୍ ପୁରସ୍କାର ହାସଲ କରିଥିଲେ ଅଲିମ୍ପିଆନ ତୀରନ୍ଦାଜ ରାହୁଲ ବାନାର୍ଜୀ। ସେହିପରି ଶ୍ରେଷ୍ଠ ଗ୍ରାସ୍‌ରୁଟ୍ କୋଚ୍ ପୁରସ୍କାର ହାସଲ କରିଥିଲେ ସି. ଅଜିତକୁମାର। ରାଜ୍ୟର ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇଥିଲେ ହରି ପ୍ରସାଦ ପଟ୍ଟନାୟକ। ଟାଟା ଷ୍ଟିଲ୍‌କୁ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ପୁରସ୍କାର, ନୀରଜ ଝାଙ୍କୁ ଶ୍ରେଷ୍ଠ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଏବଂ ଜାତୀୟ ରାଇଫଲ ଆସୋସିଏଶନକୁ ଶ୍ରେଷ୍ଠ ସ୍ପୋର୍ଟ୍ସ ଫେଡେରେଶନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




ଅତିଥିଙ୍କ ଗହଣରେ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ